DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୮/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, September 18/2024 Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 295 | ମୂଲ୍ୟ ₹୭/-




### ମୀନାଙ୍କୁ ଡବଲ ସ୍ୱର୍ଣ୍ଣ ପଦକ

ଫିଜିର ସୁଭାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ମୀନା ସାନ୍ତା।

୧୬

୦୨

### ଏକାଠି ଖୁସି, ଜୁନୈଦ

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ଏକ ଚଳଚ୍ଚିତ୍ରରେ ଅଭିନେତ୍ରୀ ଖୁସି କପୁର ଓ ଅଭିନେତା ଜୁନୈଦ ଖାନଙ୍କୁ ଏକାଠି ଦେଖିବାକୁ ମିଳିବ।



# ମହିଳାଙ୍କ ସାମର୍ଥ୍ୟ ହେବ ବିକାଶର ମୂଳମନ୍ତ୍ର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରି ଜଣେ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଭାଉଚର ପ୍ରଦାନ କରୁଛନ୍ତି। ନିକଟରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଉପସ୍ଥିତ ଅନ୍ୟମାନେ।

## 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

### ୨୫ ଲକ୍ଷ ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ପ୍ରଥମ କିସ୍ତି

ଭୁବନେଶ୍ୱର,୧୭।୯(ଅନିଲ ଦାସ)

ମହିଳାମାନେ ସଶକ୍ତ ହେଲେ ଓଡ଼ିଶାର ବିକାଶ ହେବ। ମହିଳାଙ୍କ ଶକ୍ତି ଓ ସାମର୍ଥ୍ୟ ରାଜ୍ୟ ବିକାଶର ମୂଳମନ୍ତ୍ର। ଏହାକୁ ହୃଦୟଙ୍ଗମ କରି କେନ୍ଦ୍ର ସରକାର ଆଗାମୀ ଦିନରେ ଓଡ଼ିଶାକୁ ସୁନାର ଓଡ଼ିଶାରେ ପରିଣତ କରିବେ ବୋଲି ଜନତା ମଇଦାନରେ ମଙ୍ଗଳବାର ନିଜ ଜନ୍ମଦିନରେ ବହୁ ଆକାଂକ୍ଷିତ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

'ଜୟ ଜଗନ୍ନାଥ' ଧ୍ୱନିରୁ ଅଭିଭାଷଣ ଆରମ୍ଭକରି ପ୍ରଧାନମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନା ମା' ଓ ଭଉଣୀମାନଙ୍କୁ ସଶକ୍ତ କରୁ। ଓଡ଼ିଶାର ବିକାଶରେ ନାରୀ ଶକ୍ତିର ସମାନ ଭାଗୀଦାରି ରହିବ। ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ବିକାଶର ନୂଆ ଶିଖରରେ ପହଞ୍ଚାଇବ। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ପୁଣି ଓଡ଼ିଶା ଆସିବାର ସୌଭାଗ୍ୟ ମିଳିଲା। ମା'ମାନଙ୍କ ପାଇଁ ସୁଭଦ୍ରା ଶୁଭାରମ୍ଭର ସୁଯୋଗ ମିଳିଲା। ଓଡ଼ିଶାର ନୂଆ ସରକାର ଶପଥ ସମାରୋହକୁ ଆସିଥିଲି। ପ୍ରଚାର ବେଳେ ଡବଲ ଇଞ୍ଜିନ ସରକାର ହେଲେ ବିକାଶ ହେବ ବୋଲି କହିଥିଲି। ଯେଉଁ ସବୁ ସ୍ୱପ୍ନ ମହିଳା, ଆଦିବାସୀ, କୃଷକ, ଯୁବବର୍ଗ ଆଦି ଦେଖିଛନ୍ତି ସେସବୁ ସ୍ୱପ୍ନ ପୂରଣ ହେବ। ଆମେ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲୁ, ତାହା ଖୁବ୍ ଶୀଘ୍ର ପୂରଣ କରିବାକୁ ପ୍ରାଣପଣେ ଉଦ୍ୟମ କରୁଛୁ। ଦେଶର ୩୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ଦିଆଯାଇଛି। ସେଥିରୁ ୨୬ ଲକ୍ଷ ଘର ଗାଁରେ ରହୁଥିବା ଲୋକଙ୍କୁ ମିଳିଥିବାବେଳେ ୪ ଲକ୍ଷ ଘର ସହରରେ ରହୁଥିବା ଲୋକଙ୍କୁ ମିଳିଛି। ଓଡ଼ିଶାରେ ଭାଜପା ସରକାର ଗଠନ ହେଲେ ପୁରୀ ଜଗନ୍ନାଥ ମନ୍ଦିରର ୪ ଦ୍ୱାର ଖୋଲା ହେବ ଓ ରତ୍ନ ଭଣ୍ଡାର ଖୋଲାହେବ ବୋଲି ପ୍ରତିଶ୍ରୁତି ଦେଇଥିଲୁ। ସରକାର ଗଠନ ହେବା ପରେ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲା ହୋଇଥିବାବେଳେ ରତ୍ନ ଭଣ୍ଡାର ମଧ୍ୟ ଖୋଲାଯାଇଛି। ଲୋକଙ୍କ ସେବାକୁ ଅଗ୍ରାଧିକାର ଦେବା ସହ ସେମାନଙ୍କ ପାଖକୁ ସରକାର ଯାଉଛି ଏବଂ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିକଶିତ ଓଡ଼ିଶା ପାଇଁ ଏଠାରେ ସବୁ ପ୍ରକାର ସମ୍ପଦ ଭରପୂର ହୋଇ ରହିଛି। ଗତ ୧୦ ବର୍ଷରେ ଓଡ଼ିଶାକୁ ସର୍ବାଧିକ ଅନୁଦାନ ଦିଆଯାଇଛି। ଏବେ ତା' ଠାରୁ ୩ ଗୁଣ ଅଧିକ ଅନୁଦାନ ମିଳୁଛି। ଓଡ଼ିଶାବାସୀ ଏବେ ଆୟୁଷ୍ମାନ ଭାରତ ସୁବିଧା ପାଇବେ। ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ସହାନୁଭୂତି ହ୍ରାସ**

## ଆତିଶୀ ହେବେ ଦିଲ୍ଲୀର ସର୍ବକନିଷ୍ଠ ମହିଳା ମୁଖ୍ୟମନ୍ତ୍ରୀ



ଆପ୍ ନେତ୍ରୀ ଆତିଶୀ ମାର୍ଲେନା ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ସହ ହାତ ମିଳାଉଛନ୍ତି। ନିକଟରେ ଅଛନ୍ତି ଦଳର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ।

### ଇସ୍ତଫା ଦେଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୭।୯(ପି.ଟି.)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର ଅପରାହ୍ନରେ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ଭେଟି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତ୍ରୀ ଆତିଶୀ ମାର୍ଲେନାଙ୍କୁ ଦଳ କେଜ୍‌ରିୱାଲଙ୍କ ଉତ୍ତରାଧିକାରୀ ମନୋନୀତ କରିବା ପରେ ସେ ନୂଆ ସରକାର ଗଢ଼ିବା ପାଇଁ ଉପରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି।

ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ଆପ୍ ବିଧାୟକ ଦଳ ବୈଠକରେ ଆତିଶୀଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କରିବା ପାଇଁ କେଜ୍‌ରିୱାଲ ପ୍ରସ୍ତାବ ରଖିଥିଲେ, ଯାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ୪୩ ବର୍ଷୀୟା ଆତିଶୀଙ୍କ ହାତରେ ଗୁରୁତ୍ୱପୂର୍ଣ୍ଣ ଅର୍ଥ, ଶିକ୍ଷା ଏବଂ ରାଜସ୍ୱ ସମେତ ୧୮ଟି ବିଭାଗର ଦାୟିତ୍ୱ ରହିଛି। କେଜ୍‌ରିୱାଲ ଜେଲରେ ଥିବାବେଳେ ☞ପୃଷ୍ଠା-୪

# ହାଇକୋର୍ଟଙ୍କ ନିର୍ଦ୍ଦେଶରୁ ତାକ୍ତରୀ ମାଇନା

### ଭରତପୁର ଥାନା: ଏଠି ନ୍ୟାୟ ନୁହେଁ, ମାଡ଼ ଅନ୍ୟାୟ

ଭୁବନେଶ୍ୱର,୧୭।୯(ସୁନିତ୍ ମିଶ୍ର)

ଭରତପୁର ଥାନାର ମାଡ଼ ଓ ଅନ୍ୟାୟ କାହାଣୀର ସତ୍ୟତା ଯେତିକି ଯେତିକି ଆଗକୁ ଆସୁଛି ପୋଲିସର ଅସଲ ଚେହେରା ମଧ୍ୟ ଲୋକମାନେ ବୁଝିବା ଆରମ୍ଭ କରିଛନ୍ତି। ଆର୍ମି ମେଜର ଗୁରୁବଂଶ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ସହ ଘଟିଥିବା ଘଟଣାକୁ ଦେଖିବା ପରେ ଲୋକମାନେ ନ୍ୟାୟ ପାଇଁ ପୋଲିସ ଉପରେ ଭରସାକରି ଥାନାକୁ ଯିବାକୁ କେତେ ଆଗ୍ରହ ପ୍ରକାଶ କରିବେ ତାହା ସମୟ ହିଁ କହିବ। ଯଦି ପୋଲିସ ନିଜ କ୍ଷମତାର ଦୁରୁପଯୋଗକରି ଏଭଳି କାଣ୍ଡ ଘଟାଇବା ପରେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଉଛି ତେବେ ସାଧାରଣ ଲୋକଙ୍କ ପୋଲିସ ବ୍ୟବସ୍ଥା ଉପରୁ ବିଶ୍ୱାସ ହଟିଯିବାର

### ତଦନ୍ତ ଆରମ୍ଭ କଲା କ୍ରାଇମବ୍ରାଞ୍ଚ




ଭରତପୁର ଥାନା ଉଦ୍‌ଘାଟନ ଦିନର ଦୃଶ୍ୟ।

ସମ୍ଭାବନା ସୃଷ୍ଟିହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଏଭଳି ସ୍ଥିତିରେ ଭରତପୁର ଥାନାରେ ଆର୍ମି ମେଜର ଓ ତାଙ୍କ ବାନ୍ଧବୀଙ୍କ ସହିତ ଘଟିଥିବା ଘଟଣାର ତଦନ୍ତ କରିବା ଲାଗି ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ମଙ୍ଗଳବାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର କୁମାର ବେହେରା ଏହି ଘଟଣାର ତଦନ୍ତ ଭାର ପାଇଛନ୍ତି। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କ ଦସ୍ତଖତରେ ଏନେଇ ଏକ ଚିଠି ଜାରି କରାଯାଇଛି। ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ମଧ୍ୟ ଭରତପୁର ଥାନାରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ଜୋର୍‌ଦାର କରିଛନ୍ତି। ହେଲେ କେଉଁ ସବୁ ଦିଗକୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି, ସେନେଇ କିଛି ସୂଚନା ମିଳି ନାହିଁ। ଅନ୍ୟପକ୍ଷରେ ପୋଲିସ ନିଜ ଭୁଲକୁ ଲୁଚାଇବା ସକାଶେ କ୍ୟାପିଟାଲ ☞ପୃଷ୍ଠା-୪

### ଖର୍ଚ୍ଚ ହେଲା ସାଢ଼େ ୪ କୋଟି, ୬ ମାସ ପରେ ଲାଗିପାରିଲାନି ସିସିଟିଭି

୨୦୨୪ ମାର୍ଚ୍ଚ ୧୧ରେ ଭରତପୁର ଥାନାର ନୂଆ ବିଲ୍ଡିଂର ଉଦ୍‌ଘାଟନ କରାଯାଇଥିଲା। ଏହି ଥାନା ୧୧ ହଜାର ୪୦୦ ସ୍କୋୟାର ଫୁଟ୍ ଜମିରେ ପ୍ରାୟ ସାଢେ ୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଗୋଟିଏ ଏକର ଜମିରେ ନିର୍ମାଣ କରାଯାଇଥିବା ଏହି ଥାନା ଟ୍ରାଡିସନାଲ ପୋଲିସ ଷ୍ଟେଶନ ହେବ ବୋଲି କୁହାଯାଇଥିଲା। ଏଠାରେ ଲୋକଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ଥାନାକୁ ଅଭିଯୋଗ କରିବା ଲାଗି ଯିବା ମାତ୍ରେ ଉତ୍ତମ ବ୍ୟବହାର ସହ ମହିଳା, ଶିଶୁଙ୍କ ପାଇଁ ଭିନ୍ନ ଡେସ୍କ ବ୍ୟବସ୍ଥା ☞ପୃଷ୍ଠା-୪

# ଚାଇନାକୁ ହରାଇ ଜିତିଲା ଭାରତ

ହୁଲୁନବୁଇର,୧୭।୯(ପି.ଟି.)

ଏସିଆନ ଚାମ୍ପିୟନ୍ସ ଟ୍ରଫି ପୁରୁଷ ହକିର ସବୁଠାରୁ ସଫଳ ଦଳ ଭାରତ ଏଥର ମଧ୍ୟ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଭାରତ ୧-୦ ଗୋଲରେ ଚାଇନାକୁ ହରାଇ ଟାଇଟଲ ବଜାୟ ରଖିଛି। ଏହା ପୂର୍ବରୁ ଭାରତ ୨୦୧୧, ୨୦୧୬, ୨୦୧୮ ଓ ୨୦୨୩ରେ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଭାରତ ୩-୦ରେ ଚାଇନାକୁ ହରାଇ ଥିଲେ ହେଁ ଫାଇନାଲରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା। ପ୍ରଥମ ୩ କ୍ୱାର୍ଟରରେ ଭାରତୀୟ ଦଳ ପ୍ରତିପକ୍ଷ ରକ୍ଷଣଭାଗକୁ ଭେଦ କରିବାରେ ଅସମର୍ଥ ହୋଇଥିଲା। ସୌଭାଗ୍ୟବଶତଃ ମ୍ୟାଚର ଶେଷ ପର୍ଯ୍ୟାୟ ଅର୍ଥାତ୍ ୫୧ତମ ମିନିଟରେ ଯୁଗରାଜ ସିଂଙ୍କ ଫିଲ୍ଡ ଗୋଲ ଭାରତର ସମ୍ମାନ ରଖିଥିଲା। ୫ମ ଥର ପାଇଁ ଟାଇଟଲ ଜିତି ଭାରତ ଏହି ପ୍ରତିଯୋଗିତାରେ ନିଜର ଆଧିପତ୍ୟ ବଜାୟ ରଖିଛି। ପୂରା ଟୁର୍ନାମେଣ୍ଟରେ ଅପରାଜେୟ ରହିଥିଲା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ। ଲିଗ୍ ପର୍ଯ୍ୟାୟରେ ଚାଇନାକୁ ୩-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ଜାପାନକୁ ୫-୧, ମାଲେସିଆକୁ ୮-୧, ଦକ୍ଷିଣ କୋରିଆକୁ ୩-୧ ଓ ପାକିସ୍ତାନକୁ ୨-୧ ଗୋଲରେ ପରାସ୍ତ କରିଥିଲା। ସେମିଫାଇନାଲରେ ☞ପୃଷ୍ଠା-୪







# ଆଜି ୨୧୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

## କଶ୍ମୀରରେ ପ୍ରଥମ ପର୍ଯ୍ୟାୟ ଭୋଟ

ଶ୍ରୀନଗର/ଜମ୍ମୁ,୧୭।୯(ପି.ଟି.)

ଦୀର୍ଘ ୧୦ ବର୍ଷ ପରେ ଜମ୍ମୁ-କଶ୍ମୀରରେ ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ବୁଧବାର ପ୍ରଥମ ପର୍ଯ୍ୟାୟରେ ୭ ଜିଲାର ୨୪ ଆସନରେ ଭୋଟଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ୨୧୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସେମାନଙ୍କ ମଧ୍ୟରୁ ୯୦ ଜଣ ସ୍ୱାଧୀନ ପ୍ରାର୍ଥୀ।

୨୦୧୯ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଏହା ପ୍ରଥମ ବିଧାନସଭା ନିର୍ବାଚନ। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୨୩,୨୭,୫୮୦ ଯୋଗ୍ୟ ଭୋଟର ମତଦାନ କରିବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୧,୭୬,୪୬୨ ଜଣ ପୁରୁଷ, ୧୧,୫୧,୦୫୮ ଜଣ ମହିଳା ଏବଂ ୬୦ ଜଣ ତୃତୀୟଲିଙ୍ଗୀ ଭୋଟର ରହିଛନ୍ତି। ୧.୨୩ ଲକ୍ଷ ଭୋଟରଙ୍କ ବୟସ ୧୮ରୁ ୧୯ ବର୍ଷ ହୋଇଥିବାବେଳେ ୨୮,୩୦୯ ଜଣ ଭିନ୍ନକ୍ଷମ ଏବଂ ୧୫,୭୭୪ ଜଣ ଭୋଟରଙ୍କ ବୟସ ୮୫ ବର୍ଷରୁ ଊର୍ଦ୍ଧ୍ୱ। ମତଦାନ ପାଇଁ ୩,୨୭୬ଟି ଭୋଟକେନ୍ଦ୍ର ସ୍ଥାପନ କରାଯାଇଥିବାବେଳେ ୧୪,୦୦୦ ପୋଲିଂ କର୍ମଚାରୀ ଏଥିରେ ନିୟୋଜିତ ରହିବେ। ସେଥିରୁ ୩୦୨ଟି ବୁଥ୍ ସହରାଞ୍ଚଳରେ ହୋଇଥିବାବେଳେ ୨,୯୭୪ଟି ଗ୍ରାମାଞ୍ଚଳରେ ରହିଛି।



ଜମ୍ମୁ-କଶ୍ମୀରୀର କିସ୍ତଓ୍ୱାର ଜିଲାରେ ପୋଲିଂ ପାର୍ଟି ଇଭିଏମ୍ ଏବଂ ଅନ୍ୟ ଉପକରଣ ଧରି ଭୋଟ କେନ୍ଦ୍ରକୁ ଯାଉଛନ୍ତି।

ପ୍ରଥମ ପର୍ଯ୍ୟାୟ ମତଦାନକୁ ମୁକ୍ତ ଓ ଅବାଧ କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସର୍ବାଧିକ ସଂଖ୍ୟାରେ ଭୋଟର ଯେପରି ବୁଥ୍‌କୁ ଆସି ସେମାନଙ୍କର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିପାରିବେ, ତାହା ଉପରେ ଗୁରୁତ୍ୱ ଦିଆଯାଇଥିବା କଶ୍ମୀର ଜୋନ୍ ପୋଲିସ ଆଇଜି ଭି.କେ. ବିର୍ଦ୍ଦି କହିଛନ୍ତି। ସୁରକ୍ଷା ଦାୟିତ୍ୱରେ କେନ୍ଦ୍ରୀୟ ସଶସ୍ତ୍ର ଅର୍ଦ୍ଧସାମରିକ ବଳ (ସିଏପିଏଫ୍), ଜମ୍ମୁ-କଶ୍ମୀର ସଶସ୍ତ୍ର ପୋଲିସ ଏବଂ ରାଜ୍ୟ ପୋଲିସଙ୍କୁ ନିୟୋଜିତ କରାଯାଇଛି।

ଏହି ପର୍ଯ୍ୟାୟର କଶ୍ମୀରର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ସିପିଆଇ(ଏମ୍)ର ମହମ୍ମଦ ୟୁସୁଫ୍ ତାରିଗାମି, ଏଆଇସିସି ସାଧାରଣ ସମ୍ପାଦକ ଗୁଲାମ ଅହମଦ ମୀର୍, ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)ର ସାକିନା ଇଟୁ, ପିଡିପିର ସର୍ତାଜ ମଦନୀ ଏବଂ ଅବଦୁଲ ରେହମନ ବୀରି। ବିଜ୍‌ବେହରା ଆସନର ପିଡିପି ପ୍ରାର୍ଥୀ ଇଲ୍‌ତିଜା ମୁଫ୍‌ତି ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ବିପକ୍ଷରେ ଏନ୍‌ସିରୁ ବଶିର ଅହମଦ ବୀରି ଏବଂ ଭାଜପାରୁ ସୋଫି ମହମ୍ମଦ ୟୁସୁଫ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସିପିଆଇ(ଏମ୍) ପ୍ରାର୍ଥୀ ମହମ୍ମଦ ୟୁସୁଫ୍ କୁଲ୍‌ଗାମ ଆସନରୁ କ୍ରମାଗତ ପଞ୍ଚମ ଥର ପାଇଁ ଲଢୁଛନ୍ତି। ସେହିପରି କଂଗ୍ରେସ ନେତା ଗୁଲାମ ଅହମଦ ମୀର୍ ଡୁରୁ ଆସନରୁ ତୃତୀୟ ଥର ପାଇଁ ବିଧାନସଭାକୁ ଯିବା ପାଇଁ ଆଶା ରଖିଛନ୍ତି। ଏନ୍‌ସି ପ୍ରାର୍ଥୀ ସାକିନା ଦମହାଲ ହାଜିପୋରା ଆସନରୁ ଦ୍ୱିତୀୟ ଥର ପାଇଁ ବିଧାୟକ ହେବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ପିଡିପିର ସର୍ତାଜ ମଦନୀ ଦେବସାରରୁ ଏବଂ ଅବଦୁଲ ରେହମନ ବୀରି ଶାଙ୍ଗୁସ୍-ଅନନ୍ତନାଗରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ଇଲତିଜା ମୁଫ୍‌ତି ଏବଂ ଓ୍ୱାହିଦ ପାରା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଶ୍ରୀଗୁଫଓ୍ୱାରା ବିଜ୍‌ବେହରା ଏବଂ ପୁଲ୍‌ଓ୍ୱାମା ଆସନ ଉପରେ ସମସ୍ତଙ୍କର ନଜର ରହିଛି। ଇଲ୍‌ତିଜା ମୁଫ୍‌ତି ପରିବାରର ତୃତୀୟ ପିଢ଼ି ରାଜନେତା ହୋଇଥିବାବେଳେ ଓ୍ୱାହିଦ ଆତଙ୍କବାଦୀ ମାମଲାରେ ଅଭିଯୁକ୍ତ ଅଛନ୍ତି। ତାଙ୍କ ବିରୋଧରେ ଦଳର ପୂର୍ବତନ ସହକର୍ମୀ ମହମ୍ମଦ ଖଲିଲ୍ ବନ୍ଦ ଏନ୍‌ସି ଟିକେଟରେ ଲଢୁଛନ୍ତି। ସେହିପରି ଜମ୍ମୁରୁ ଭାଗ୍ୟ ପରୀକ୍ଷା କରୁଥିବା ପ୍ରମୁଖ ପ୍ରାର୍ଥୀ ହେଲେ ପୂର୍ବତନ ମନ୍ତ୍ରୀ ସାଜ୍ଜାଦ କିଚ୍‌ଲୁ (ଏନ୍‌ସି), ଖଲିଦ ନାଜିଦ ସୁହୁହର୍‌ଓ୍ୱାର୍ଡି (ଏନ୍‌ସି), ଭିକାର ରସୁଲ ଓ୍ୱାନି (କଂଗ୍ରେସ), ଅବ୍ଦୁଲ ମଜିଦ ଓ୍ୱାନି( ଡିପିଏପି), ସୁନୀଲ ଶର୍ମା (ଭାଜପା) ଶକ୍ତିରାଜ ପରିହାର ଏବଂ ଗୁଲାମ ମହମ୍ମଦ ସରୁରି। ୩ ଥର ବିଧାୟକ ଥିବା ସରୁରି ଡିପିଏପିରୁ ଟିକେଟ ନ ପାଇବାରୁ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟ ପ୍ରମୁଖ ପ୍ରାର୍ଥୀମାନେ ହେଲେ ପୂର୍ବତନ ବିଧାୟକ ଦଲିପ ସିଂ ପରିହାର(ଭାଜପା), ପୂର୍ବତନ ଏମ୍‌ଏଲ୍‌ସି ଫିର୍‌ଦୋସ୍ ଟାକ୍ ଏବଂ ଇମ୍‌ତିୟାଜ ଶାନ୍(ପିଡିପି), ପୂଜା ଠାକୁର (ଏନ୍‌ସି)। ଭାଜପା ପ୍ରାର୍ଥୀ ଶଗୁନ ପରିହାରଙ୍କ ବାପା ଅଜିତ ପରିହାର ଏବଂ ଦାଦା ଅନିଲ ପରିହାର ୨୦୧୮ ନଭେମ୍ବର ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିଲେ। ଆମ୍ ଆଦ୍‌ମୀ ପାର୍ଟିରୁ ପ୍ରମୁଖ ପ୍ରାର୍ଥୀ ଭାବେ ମେହରାଜ ଡିନ୍ ମଲିକ ନିର୍ବାଚନ ଲଢୁଛନ୍ତି।

କଂଗ୍ରେସ ଏବଂ ଏନ୍‌ସି ମଧ୍ୟରେ ମେଣ୍ଟ ହୋଇଥିଲେ ମଧ୍ୟ ଉଭୟ ଦଳ ବନିହାଲ, ଭଦେରଓ୍ୱା ଏବଂ ଡୋଡା ଆସନରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ପାଇଁ ପ୍ରାର୍ଥୀ ଦେଇଛନ୍ତି। ବିଦ୍ରୋହୀ ଏନ୍‌ସି ନେତା ପ୍ୟାରେଲାଲ ଶର୍ମା ଇନ୍ଦେରଓ୍ୱାଲ ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବାବେଳେ ଭାଜପାର ୨ ଜଣ ବିଦ୍ରୋହୀ ରାକେଶ ଗୋସ୍ୱାମୀ ଏବଂ ସୂରଜ ସିଂ ପରିହାର ଯଥାକ୍ରମେ ରମ୍ବାନ ଏବଂ ପାଦେର-ନାଗସେନି ଆସନରୁ ସ୍ୱାଧୀନ ଭାବେ ଲଢୁଛନ୍ତି।

# ଶିକ୍ଷାବିତ୍‌ରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୧୭।୯

ଆତିଶୀ ମାର୍ଲେନା ସିଂ



ଦିଲ୍ଲୀ ମନ୍ତ୍ରୀ ଆତିଶୀ ମାର୍ଲେନା ସିଂ ମଙ୍ଗଳବାର ସର୍ବସମ୍ମତିକ୍ରମେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ମନୋନୀତ ହୋଇଛନ୍ତି। କଂଗ୍ରେସର ଶିଲା ଦୀକ୍ଷିତ ଏବଂ ଭାଜପାର ସୁଷମା ସ୍ୱରାଜଙ୍କ ପରେ ସେ ଦିଲ୍ଲୀର ତୃତୀୟ ତଥା ସର୍ବକନିଷ୍ଠା ମହିଳା ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ୪୩ ବର୍ଷୀୟା କାଲକାଜୀ ବିଧାୟିକା ଆତିଶୀ ଅର୍ଥ, ଶିକ୍ଷା ସମେତ ୧୪ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଛନ୍ତି।

ଆପ୍‌ରେ ଆତିଶୀଙ୍କ ରାଜନୈତିକ ପ୍ରୋଫାଇଲ ବେଶ୍ ପ୍ରଭାବୀ। ଶିକ୍ଷା ମନ୍ତ୍ରଣାଳୟରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଉପଦେଷ୍ଟା ରହିବା ପରେ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ପଦ ସମ୍ଭାଳିଥିଲେ। ଏବେ ସେ ସରକାରର ମୁଖ୍ୟ ହେବାକୁ ଯାଉଛନ୍ତି।

୧୯୮୧ ଜୁନ୍ ୮ରେ ଜନ୍ମିତ ଆତିଶୀ ଅକ୍ସଫୋର୍ଡ ୟୁନିଭର୍ସିଟିରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପରେ ରୋଡେସ୍ ସ୍କଲାର ଭାବେ ଉକ୍ତ ୟୁନିଭର୍ସିଟିରୁ ଶିକ୍ଷା ଗବେଷଣାରେ ଦ୍ୱିତୀୟ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ରାଜନୀତିରେ ଯୋଗଦେବା ପୂର୍ବରୁ ସେ ତାଙ୍କ ସ୍ୱାମୀ ପ୍ରବୀଣ ସିଂଙ୍କ ସହ ମଧ୍ୟପ୍ରଦେଶର ଏକ ଛୋଟ ଗାଁରେ ୭ ବର୍ଷ ରହି ନିଜକୁ ଜୈବିକ କୃଷି ଏବଂ ଶୈକ୍ଷିକ ଉପକ୍ରମରେ ସାମିଲ କରିଥିଲେ। ତୃଣମୂଳ ସ୍ତରରେ ସେ ବିଭିନ୍ନ ଅଣଲାଭଦାୟକ ସଂସ୍ଥାରେ କାର୍ଯ୍ୟ କରିବା ସମୟରେ ଆପ୍ ନେତାଙ୍କ ସହ ସମ୍ପର୍କରୁ ରାଜନୀତିକୁ ଆସିଥିଲେ। ୨୦୧୩ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆପ୍‌ର ଇସ୍ତାହାର ଚିଠା କମିଟିରେ ଆତିଶୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପରେ ସେ ଆପ୍ ରାଜନୈତିକ ବ୍ୟାପାର କମିଟି ସଦସ୍ୟ ହେବା ସହ କାଲ୍‌କାଜି ଆସନରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ଦଳର ପୂର୍ବ ଦିଲ୍ଲୀ ଶାଖା ଦାୟିତ୍ୱରେ ରହିଥିଲେ। ସିସୋଡିଆଙ୍କ ଉପଦେଷ୍ଟା ଥିବାବେଳେ ଦିଲ୍ଲୀ ସରକାରୀ ସ୍କୁଲଗୁଡ଼ିକରେ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ କେଜ୍‌ରିଓ୍ୱାଲ ଗିରଫ ହେବା ବେଳେ ଆତିଶୀ ଏହାକୁ ବିରୋଧ କରି ବିକ୍ଷୋଭର ନେତୃତ୍ୱ ନେଇଥିଲେ। ୨୦୨୩ ମାର୍ଚ୍ଚରେ ସେ ମନ୍ତ୍ରୀ ହେବା ସହ ସର୍ବାଧିକ ୧୪ଟି ବିଭାଗର ଦାୟିତ୍ୱ ନେଇଥିଲେ। କେଜ୍‌ରିଓ୍ୱାଲ ଜେଲରେ ଥିବାବେଳେ ଆତିଶୀ ନିଜର ଦକ୍ଷତା, ଉତ୍ସର୍ଗୀକୃତ ମନୋଭାବ ଏବଂ ବୁଦ୍ଧିମତ୍ତା ପାଇଁ ରାଜନୀତି ଓ ପ୍ରଶାସନିକ ସଙ୍କଟ ମୁକାବିଲାରେ ସକ୍ରିୟ ଭୂମିକା ନେଇଥିଲେ। ଗତ ଲୋକ ସଭା ନିର୍ବାଚନ ବେଳେ ସେ ଆପ୍ ପ୍ରଚାରର ମଙ୍ଗ ଧରିଥିଲେ।

# ୟାଗି ବାତ୍ୟା: ଦକ୍ଷିଣ-ପୂର୍ବ ଏସିଆରେ ମୃତ୍ୟୁସଂଖ୍ୟା ୫୦୦ ଟପିଲା

ନେପିଡୋ, ୧୭।୯

## ମ୍ୟାନ୍‌ମାରରେ ବନ୍ୟା ଓ ଭୂସ୍ଖଳନରେ ୨୨୬ ମୃତ

'ୟାଗି' ବାତ୍ୟାର ପ୍ରଭାବରେ ମ୍ୟାନ୍‌ମାରରେ ବନ୍ୟା ଏବଂ ଭୂସ୍ଖଳନ ଘଟି ମଙ୍ଗଳବାର ସୁଦ୍ଧା ୨୨୬ ଜଣଙ୍କର ମୃତ୍ୟୁ ଘଟିଛି। ଏହାସହ ଉକ୍ତ ବାତ୍ୟା ପ୍ରଭାବରେ ସମ୍ପୂର୍ଣ୍ଣ ଦକ୍ଷିଣ-ପୂର୍ବ ଏସିଆରେ ମୃତ୍ୟୁ ସଂଖ୍ୟା ୫୦୦ ଟପିଛି। ମ୍ୟାନ୍‌ମାରରେ ବନ୍ୟା ଯୋଗୁ ମଙ୍ଗଳବାର ସୁଦ୍ଧା ୭୭ ଜଣ ନିଖୋଜ ଥିବାନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ସେହିପରି ବନ୍ୟାରେ ମ୍ୟାନ୍‌ମାରର ୬ ଲକ୍ଷ ୩୧ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ନେଇ ମିଳିତ ଜାତିସଂଘ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମ୍ୟାନ୍‌ମାରର ବନ୍ୟା ପ୍ରଭାବିତ ଅଞ୍ଚଳରେ ଠିକ୍ ଭାବେ ଯୋଗାଯୋଗ ସମ୍ଭବ ହୋଇପାରୁ ନ ଥିବାରୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବ ବୋଲି ଜାତିସଂଘ ଆଶଙ୍କା କରିଛି। ଏସିଆନ୍ କୋଅର୍ଡିନେଟିଂ ସେଣ୍ଟର ଫର୍ ହ୍ୟୁମାନିଟାରିୟାନ୍ ଆସିଷ୍ଟାନ୍ସର ତଥ୍ୟ ଅନୁଯାୟୀ ବାତ୍ୟା ୟାଗି ପ୍ରଭାବରେ ଦକ୍ଷିଣ ପୂର୍ବ ଏସିଆ ଥିବା ଭିଏଟ୍‌ନାମରେ ୩୦୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଥାଇଲାଣ୍ଡରେ ୪୨, ଫିଲିପାଇନ୍ସରେ ୨୧ ଏବଂ ଲାଓସ୍‌ରେ ୪ ଜଣଙ୍କର ମୃତ୍ୟୁ ଘଟିଛି।



ମ୍ୟାନ୍‌ମାରର ନେପିଡୋରେ ବନ୍ୟା ମଧ୍ୟରେ ଫସି ରହିଥିବା ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଉଛି।

# ଖୁବ୍‌ଶୀଘ୍ର ଜନଗଣନା ଘୋଷଣା: ଶାହା

ନୂଆଦିଲ୍ଲୀ, ୧୭।୯

ଦେଶରେ ଖୁବ୍‌ଶୀଘ୍ର ଜନଗଣନାକୁ ନେଇ କେନ୍ଦ୍ର ସରକାର ଘୋଷଣା କରିବେ ବୋଲି ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳିର ୧୦୦ତମ ଦିନ ପାଳନ ଅବସରରେ ଶାହା କହିଛନ୍ତି, ୧୮୮୧ରୁ ଭାରତରେ ପ୍ରତି ୧୦ ବର୍ଷକୁ ଥରେ ଜନଗଣନା ହୋଇ ଆସୁଛି। ଚଳିତ ଦଶକର ଜନଗଣନା ୨୦୨୦ ଏପ୍ରିଲରେ ଆରମ୍ଭ ହେବାର ଥିଲା। କିନ୍ତୁ କୋଭିଡ ମହାମାରୀ ଯୋଗୁ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା।

# ସ୍ୱାତୀ ମାଲିଓ୍ୱାଲଙ୍କ ଇସ୍ତଫା ଦାବିକଲା ଆପ୍

ନୂଆଦିଲ୍ଲୀ,୧୭।୯



ଦିଲ୍ଲୀର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ମନୋନୀତ ହୋଇଥିବା ଆତିଶୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିବା ଦଳର ରାଜ୍ୟ ସଭା ସଦସ୍ୟ ସ୍ୱାତୀ ମାଲିଓ୍ୱାଲଙ୍କୁ ଇସ୍ତଫା ଦେବା ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) କହିଛି। ସ୍ୱାତୀଙ୍କୁ ଆପ୍ ରାଜ୍ୟ ସଭାକୁ ପଠାଇଥିବାବେଳେ ସେ ଭାଜପାର ଲେଖାକୁ ପଢୁଛନ୍ତି। ତାଙ୍କର ସାମାନ୍ୟ ଲଜ୍ଜାବୋଧ ଥିଲେ, ସେ ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇ ଭାଜପା ଟିକେଟରେ ନିମ୍ନ ସଦନକୁ ଯିବା ଆବଶ୍ୟକ ବୋଲି ଆପ୍ ନେତା ଦିଲୀପ ପାଣ୍ଡେ କହିଛନ୍ତି। ଆତିଶୀ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯିବା ପରେ ସ୍ୱାତୀ ତାଙ୍କ ବିରୋଧରେ କଡ଼ା ମନ୍ତବ୍ୟ ଦେଇଥିଲେ। ଆତଙ୍କବାଦୀ ଅଫଜଲ ଗୁରୁଙ୍କୁ ଫାଶୀରୁ ବଞ୍ଚାଇବା ପାଇଁ ଆତିଶୀଙ୍କ ମାଆବାପା ଉଦ୍ୟମ କରିଥିଲେ। ଆତିଶୀଙ୍କୁ ମୁଖ୍ୟମନ୍ତ୍ରୀ ମନୋନୀତ କରାଯିବା ଦିଲ୍ଲୀ ପାଇଁ ଦୁଃଖଦ ଦିନ ବୋଲି ସ୍ୱାତୀ କହିଥିଲେ।

# ନିଜ ନେତାଙ୍କୁ ଶୃଙ୍ଖଳିତ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ କହିଲେ ଖାର୍ଗେ

ନୂଆଦିଲ୍ଲୀ,୧୭।୯

## ରାହୁଲଙ୍କ ପ୍ରତି ହିଂସାତ୍ମକ ମନ୍ତବ୍ୟ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ଶାସକ ମେଣ୍ଟର ସଦସ୍ୟମାନେ ଦେଉଥିବା ହିଂସାତ୍ମକ ମନ୍ତବ୍ୟ ଅତ୍ୟନ୍ତ ଆପତ୍ତିଜନକ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଜଣାଇଛନ୍ତି। ମୋଦି ତାଙ୍କ ନେତାମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ଖାର୍ଗେ ନିବେଦନ କରିଛନ୍ତି। ଏଭଳି ମନ୍ତବ୍ୟ ଦେଉଥିବା ନେତାମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଗଲେ, ଭାରତୀୟ ରାଜନୀତିକୁ ପତନରୁ ରକ୍ଷା କରାଯାଇପାରିବ। ରେଳ ରାଷ୍ଟ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ଏବଂ ୟୁପି ମନ୍ତ୍ରୀ ରଘୁରାଜ ସିଂ ଲୋକସଭାର ବିରୋଧୀ ଦଳ ନେତାଙ୍କୁ ନମ୍ବର ଓ୍ୱାନ୍ ଆତଙ୍କବାଦୀ କହିଥିଲେ। ରାହୁଲଙ୍କ ଜିଭ କାଟିଦେଲେ ୧୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଶିବସେନା ବିଧାୟକ ସଞ୍ଜୟ ଗାଏକ୍ୱାଡ୍ ଘୋଷଣା କରିଥିଲେ। ରାହୁଲଙ୍କୁ ତାଙ୍କ ଜେଜେମା'ଙ୍କ ଦଶା ଭୋଗିବାକୁ ପଡ଼ିବ ବୋଲି ଦିଲ୍ଲୀର ଜଣେ ପୂର୍ବତନ ବିଧାୟକ ଧମକ ଦେଇଥିବା ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି।

# ଆର୍. ଜି. କର ପୀଡ଼ିତାଙ୍କ ନାଁ, ଫଟୋ ହଟାଇବାକୁ ଓ୍ୱିକିପିଡିଆକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୭।୯(ପି.ଟି.)

## ମୃତକଙ୍କ ମର୍ଯ୍ୟାଦା ଓ ପ୍ରିଭେସି ବଜାୟ ରହୁ: ସୁପ୍ରିମକୋର୍ଟ

କୋଲକାତାସ୍ଥିତ ଆର୍.ଜି. କର ହସ୍ପିଟାଲରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ମହିଳା ଡାକ୍ତରଙ୍କ ନାମ ଏବଂ ଫଟୋ ତୁରନ୍ତ ହଟାଇବା ପାଇଁ ସୁପ୍ରିମକୋର୍ଟ ମଙ୍ଗଳବାର ଓ୍ୱିକିପିଡିଆକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ମଧ୍ୟ ଉକ୍ତ ଅନ୍‌ଲାଇନ ଏନ୍‌ସାଇକ୍ଲୋପିଡିଆରେ ପୀଡ଼ିତା ଡାକ୍ତରଙ୍କ ନାଁ ଓ ଫଟୋ ରହିଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ଜଣାଇଥିଲେ। ବଳାତ୍କାର ଓ ହତ୍ୟା ମାମଲାରେ ପୀଡ଼ିତାଙ୍କ ପରିଚୟ ପ୍ରଘଟ ନ କରିବାକୁ ଆଇନରେ ଅତ୍ୟନ୍ତ ସ୍ପଷ୍ଟ ବ୍ୟବସ୍ଥା ରହିଥିବା ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଖଣ୍ଡପୀଠ କହିଥିଲେ। ମୃତକଙ୍କ ମର୍ଯ୍ୟାଦା ଏବଂ ପ୍ରିଭେସି ବଜାୟ ରଖିବା ଜରୁରୀ। ତେଣୁ ତାଙ୍କ ପରିଚୟକୁ କଦାପି ପ୍ରକାଶ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଥିଲେ।

ଏହି ବହୁଚର୍ଚ୍ଚିତ ଘଟଣାରେ ମାସାଧିକ କାଳ ଧରି ନ୍ୟାୟ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ଜୁନିୟର ଡାକ୍ତରମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟରେ ଯୋଗଦେବାରେ କୌଣସି ସମସ୍ୟା ନାହିଁ ବୋଲି ଆନ୍ଦୋଳନକାରୀ ଡାକ୍ତରମାନେ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଡାକ୍ତରମାନଙ୍କ ଆଲୋଚନା ସଫଳ ହୋଇଛି। ସେମାନଙ୍କ କେତେକ ଦାବିକୁ ସରକାର ମାନିନେଇ ଆସ୍ଥା ସୃଷ୍ଟି ଦିଗରେ ପଦକ୍ଷେପ ନେଉଛନ୍ତି। ଜୁନିୟର ଡାକ୍ତରମାନଙ୍କ ସାଧାରଣ ପରିଷଦ ବୈଠକ ଖୁବ୍‌ଶୀଘ୍ର ବସି କାର୍ଯ୍ୟରେ ଯୋଗଦେବା ସମ୍ପର୍କରେ ନିଷ୍ପତ୍ତି ନେବ ବୋଲି ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ଅଦାଲତଙ୍କୁ ଜଣାଇଥିଲେ।

## ମନୋଜ ବର୍ମା ହେଲେ କୋଲକାତା ପୋଲିସ କମିଶନର

କୋଲକାତା,୧୭।୯



ଆନ୍ଦୋଳନକାରୀ ଡାକ୍ତରମାନଙ୍କ ଦାବି କ୍ରମେ ପଶ୍ଚିମବଙ୍ଗ ସରକାର ମଙ୍ଗଳବାର କୋଲକାତା ପୋଲିସ କମିଶନର ପଦରୁ ବିନୀତ ଗୋୟଲଙ୍କୁ ହଟାଇ ତାଙ୍କ ସ୍ଥାନରେ ବରିଷ୍ଠ ଆଇପିଏସ୍ ଅଫିସର ମନୋଜ କୁମାର ବର୍ମାଙ୍କୁ ନୂଆ କମିଶନର ନିଯୁକ୍ତ କରିଛନ୍ତି। ଆର୍.ଜି. କର ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲା ପରିଚାଳନାକୁ ନେଇ ଗୋୟଲ ସମାଲୋଚିତ ହୋଇଥିଲେ। ଡାକ୍ତରମାନଙ୍କ ସହ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତା ପୋଲିସ ମୁଖ୍ୟ ପଦରୁ ଗୋୟଲଙ୍କୁ ବିଦା କରାଯିବ ବୋଲି ଘୋଷଣା କରିଥିଲେ।

ଫୁର୍‌ସତ୍

# ପ୍ରଦୂଷଣ ରୋକିବ ବାଉଁଶ



## ଆଜି ବିଶ୍ୱ ବାଉଁଶ ଦିବସ

୨୦୦୯ରୁ ସେପ୍ଟେମ୍ବର ୧୮କୁ 'ବିଶ୍ୱ ବାଉଁଶ ଦିବସ' ଭାବେ ପାଳନ କରାଯାଉଛି। ବ୍ୟାଙ୍କକ୍ ଠାରେ ଆୟୋଜିତ ସମ୍ମିଳନୀରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ବାଉଁଶରୁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ ଏବଂ ଏହାଦ୍ୱାରା ହେବାକୁ ଥିବା ଉପକାର ବିଷୟରେ ଲୋକମାନଙ୍କ ମଧ୍ୟରେ ଏହାର ସଚେତନତା ବୃଦ୍ଧି କରିବା। ଚଳିତ ବର୍ଷ ଏହି ଦିବସର ଥିମ ରହିଛି, ''ଆଗାମୀ ଦିନର ବାଉଁଶ: ନବୀକରଣ, ପରିକଳ୍ପନା ଓ ସମାଧାନ।''

ଘାସ ପ୍ରଜାତି ଅନ୍ତର୍ଗତ ବାଉଁଶର ବହୁଳ ବ୍ୟବହାର ହୋଇଥାଏ। ମଣିଷ ସଭ୍ୟତା ଆରମ୍ଭରୁ ବାଉଁଶର ଯାତ୍ରା ଆରମ୍ଭ ହୋଇଛି। ଯେବେଠୁ ମଣିଷ ସ୍ଥାୟୀ ଭାବେ ଘର କରି ରହିବା ଆରମ୍ଭ କଲା, ସେବେଠାରୁ ବାଉଁଶ ଆବଶ୍ୟକ ସାମଗ୍ରୀ ଭାବେ ପରିଣତ ହୋଇଥିଲା। ଶିକାର କରିବାରେ ବାଉଁଶକୁ ବ୍ୟବହାର କରି ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ହୋଇଥିଲା, ଯାହାକି ମନୁଷ୍ୟର ଖାଦ୍ୟ ଆବଶ୍ୟକତା ମେଣ୍ଟାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭେଳା ତିଆରି କରି ନଦୀ ପାର କରିବାରେ ବାଉଁଶର ବ୍ୟବହାର ମଧ୍ୟ କରାଯାଉଥିଲା। ସେହିପରି ବନ୍ୟାରେ ନଦୀବନ୍ଧରେ ଅତଡ଼ା ଖସିଲେ ବାଉଁଶ ବାଡ଼ରେ ବାଲିବସ୍ତା ପକାଇ ଏହାକୁ ରୋକାଯାଏ। ବାଉଁଶ ଖାଦ୍ୟ, ବାସଗୃହ, ସୁରକ୍ଷା ପ୍ରଦାନ କରିବାର ଏକ ଉପଯୁକ୍ତ ମାଧ୍ୟମରେ ପରିଣତ ହୋଇପାରିଛି।

# ଶୁଆ ବେକରେ ଟ୍ୟୁମର



ଭୋପାଳ

ମଧ୍ୟପ୍ରଦେଶର ସତ୍‌ନାସ୍ଥିତ ମୁକ୍ତିୟାରଗଞ୍ଜ ନିବାସୀ ଚନ୍ଦ୍ରଭାନ ବିଶ୍ୱକର୍ମା ୨୦ ବର୍ଷ ପୂର୍ବେ ଏକ ଶୁଆ ଆଣିଥିଲେ। ଉକ୍ତ ଶୁଆର ପଛବେକରେ ୬ ମାସ ଧରି ମାଂସର ଏକ ଚମଡ଼ା ବଢ଼ିବାକୁ ଲାଗିଥିଲା। ତେଣୁ ଚନ୍ଦ୍ରଭାନ୍ ଶୁଆକୁ ନେଇ ହସ୍ପିଟାଲ ଯାଇଥିଲେ। ସେଠାରେ ଶୁଆର ପରୀକ୍ଷା କରି ଡାକ୍ତର କହିଥିଲେ, ୯୮ ଗ୍ରାମ ଓଜନର ଏହି ଶୁଆ ବେକରେ ୨୦ ଗ୍ରାମ ଓଜନର ଏକ ଟ୍ୟୁମର ରହିଛି। ମଙ୍ଗଳବାର ଶୁଆର ସର୍ଜରି କରାଯାଇ ଟ୍ୟୁମରଟିକୁ ବାହାର କରାଯାଇଛି।

# ଏକାଠି ଖୁସି, ଜୁନୈଦ

ମୁମ୍ବାଇ



ଗତ ୨ ବର୍ଷ ମଧ୍ୟରେ ଅନେକ ବଲିଉଡ ଷ୍ଟାର କିଡ୍ ଅଭିନୟରେ ପାଦ ଥାପିଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଥିବା ବେଳେ ଆଉ କେତେକ ଏହା କରିବାରେ ବିଫଳ ହୋଇଥିଲେ। ଏହି ତାଲିକାରେ ବରିଷ୍ଠ ଫିଲ୍ମ ନିର୍ମାତା ବୋନି କପୁର ଏବଂ ସ୍ୱର୍ଗତା ଅଭିନେତ୍ରୀ ଶ୍ରୀଦେବୀଙ୍କ ସାନ ଝିଅ ଖୁସି କପୁର ଓ ଅଭିନେତା ଆମିର ଖାନଙ୍କ ପୁଅ ଜୁନୈଦ ଖାନ ମଧ୍ୟ ରହିଛନ୍ତି। ତେବେ ଖୁବ୍‌ଶୀଘ୍ର ଖୁସି ଏବଂ ଜୁନୈଦଙ୍କର କେମେଷ୍ଟ୍ରିକୁ ଦେଖିବାକୁ ମିଳିବ। ଏନେଇ ଫାଣ୍ଟୋମ ଷ୍ଟୁଡିଓଜ୍ ଓ ଏଏସ୍‌ଜି ଏଣ୍ଟରଟେନମେଣ୍ଟ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ସୂଚନା ଦିଆଯାଇଛି। ଆସନ୍ତା ବର୍ଷ ଫେବୃଆରୀ ୭ରେ ଭାଲେଣ୍ଟାଇନ ଓ୍ୱିକ୍‌ରେ ଅଦ୍ୱିତ ଚନ୍ଦନଙ୍କ ନିର୍ଦ୍ଦେଶିତ ଉକ୍ତ ଫିଲ୍ମ ରିଲିଜ୍ ହେବ। ତେବେ ନିର୍ମାତାଙ୍କ ପକ୍ଷରୁ ଫିଲ୍ମର ନାମକୁ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇନାହିଁ। ଫିଲ୍ମ ସମ୍ପର୍କରେ ସୂଚନା ପରେ ଉଭୟ ଖୁସି ଓ ଜୁନୈଦଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଖୁସି ପୂର୍ବରୁ ୨୦୨୩ରେ ରିଲିଜ୍ ହୋଇଥିବା ଜୋୟା ଅଖତରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଦି ଆର୍ଚ୍ଚିଜ' ସହ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିଲେ। ପୂର୍ବରୁ ଜୁନୈଦ ମଧ୍ୟ ଚଳିତବର୍ଷ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିବା 'ମହାରାଜ' ଫିଲ୍ମରେ ନଜରକୁ ଆସିଥିଲେ।




# ଓଡ଼ିଶାର ଜମି, ଜଙ୍ଗଲ, ବାଲି, ପାଣି ଉପରେ ଆନ୍ଧ୍ରର ନଜର

**କାଶୀନଗର,୧୭।୯(ଟି. କ୍ରିଷ୍ଣା ରାଓ)**

- ଓଡ଼ିଶା ସରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଦାବି
- ବୁଦୁରା ବାଲିଘାଟକୁ ଆନ୍ଧ୍ର ନିଜର ଦାବି କରି ସର୍ଭେ ବେଳେ ଦେଖାଇ ପାରି ନ ଥିଲା କୌଣସି କାଗଜପତ୍ର

କାଶୀନଗର ଦେଇ ପ୍ରବାହିତ ବଂଶଧାରା, ଗୋଦାବରୀ ଓ ମହାନଦୀ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ନଦୀ ଓଡ଼ିଶାର ରାୟଗଡ଼ା ଜିଲା ଅନ୍ତର୍ଗତ କଲ୍ୟାଣସିଂହପୁର ଓ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ସୀମା ବାଉଁଶବଣରୁ ବାହାରି ଆନ୍ଧ୍ରର କଳିଙ୍ଗପାଟଣାଠାରେ ବଙ୍ଗୋପସାଗରରେ ମିଶିଛି। ଏହାର ଦୈର୍ଘ୍ୟ ୨୫୪ କି.ମି.। ଏହାର ବେସିନ୍ ଏରିଆର ଅଧିକାଂଶ ଭାଗ ଅର୍ଥାତ୍ ୮୦୧୫ ବର୍ଗ କି.ମି. ଓଡ଼ିଶାରେ ଥିବାବେଳେ ମାତ୍ର ୨୮୧୫ ବର୍ଗ କି.ମି. ଆନ୍ଧ୍ରରେ ରହିଛି। ଏହି ନଦୀରୁ ୧୧୫ ହଜାର ମିଲିଅନ କ୍ୟୁବିକ ପାଣିରୁ ଆନ୍ଧ୍ର ଓ ଓଡିଶା ୫୦ : ୫୦ ନେବା ପାଇଁ ପୂର୍ବରୁ ଚୁକ୍ତି ହୋଇଛି। ତେବେ ଗୋଟା ବ୍ୟାରେଜ, ନେରେ ବ୍ୟାରେଜ ଭଳି ପ୍ରକଳ୍ପ ନିର୍ମାଣ କରି ଆନ୍ଧ୍ର ବଂଶଧାରା ପାଣିର ସଦୁପଯୋଗ କରୁଥିବା ବେଳେ ଓଡ଼ିଶା ଏଯାଏ ସେଭଳି କୌଣସି ପ୍ରକଳ୍ପ କରିନାହିଁ। ଓଡ଼ିଶାର ରାୟଗଡା ଜିଲା ପାଣିଡଙ୍ଗରଠାରେ ବଂଶଧାରା ଓ ଏହାର ଉପନଦୀ ସାନନଦୀ ଉପରେ ବ୍ୟାରେଜ ଓ ଡ୍ୟାମ ନିର୍ମାଣ କଚ୍ଛପ ଗତିରେ ଚାଲିଛି। ଓଡ଼ିଶାର ଜମି, ଜଙ୍ଗଲ ଓ ଜଳକୁ କବ୍‌ଜା କରି ସେସବୁର ସଦୁପଯୋଗ ପାଇଁ ଆନ୍ଧ୍ରର ଉଦ୍ୟମ ଜାରି ରହିଛି। ତେବେ ବଂଶଧାରାର ବାଲି ନିର୍ମାଣ କାର୍ଯ୍ୟ ପାଇଁ ଅଧିକ ଉପଯୋଗୀ ହୋଇଥିବାରୁ ଏବେ ଆନ୍ଧ୍ରର ଆଖି ଉକ୍ତ ବାଲି ଉପରେ ପଡ଼ିଛି। ଅଳ୍ପ ଦିନ ତଳେ ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ବୁଦୁରା ବାଲିଘାଟକୁ ଆନ୍ଧ୍ର ନିଜର ବୋଲି ଦାବି କରିବା ପରେ ଠିକ୍ ସୀମା ନିର୍ଦ୍ଧାରଣ ପାଇଁ ଉଭୟ ରାଜ୍ୟର ପ୍ରଶାସନ ପକ୍ଷରୁ ମିଳିତ ସର୍ଭେ କରାଯାଇଥିଲା। ସେ ସମୟରେ ନିଜର ଦାବି ସପକ୍ଷରେ ଆନ୍ଧ୍ର ପ୍ରଶାସନ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲା। ଏହା ସତ୍ତ୍ୱେ ଆନ୍ଧ୍ର ଏଯାଏ ଏହି ଦାବିରୁ ଓହରିନାହିଁ। କାଶୀନଗର ଓ ଗୁଣୁପୁର ଅଞ୍ଚଳରୁ ଆନ୍ଧ୍ରକୁ ଚୋରା ବାଲିଚାଲାଣ କ୍ରମାଗତ ଭାବେ ଲାଗି ରହିଛି। ଚଳିତ ମାସ ୧୩ ତାରିଖରେ କାଶୀନଗର ବ୍ଲକ ଶିଆଳି ଗ୍ରାମ ନିକଟସ୍ଥ ରାଜ୍ୟ ରାଜପଥ ଦେଇ ବେଆଇନ ଭାବେ ଆନ୍ଧ୍ରକୁ ବାଲି ଚାଲାଣ ବେଳେ ଏକ ଟ୍ରକକୁ ଗଜପତି ଜିଲା ଖଣି ଅଧିକାରୀ ଜବତ କରି ଜରିମାନା କରିଥିଲେ। ତେବେ କେବେ କେମିତି ଆନ୍ଧ୍ରକୁ ଚୋରାରେ ବାଲି ନେଉଥିବା ଗୋଟେ ଟ୍ରକକୁ ଜବତ କରି ଜରିମାନା କରି ଦେଲେ ସମସ୍ୟାର ସମାଧାନ ହେବ ନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଓଡ଼ିଶାର ଜମି, ଜଙ୍ଗଲ, ବାଲି, ପାଣି ଉପରେ ନଜର ରଖୁଥିବା ଆନ୍ଧ୍ର ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଓଡ଼ିଶା ସରକାର ନେବାକୁ ଦାବି ହେଉଛି।

# ଧାତୁ ପ୍ଲେଟ୍ ତଳେ ଚାପି ହୋଇ ୨ ମୃତ, ୫ ଆହତ

**ଝାରସୁଗୁଡ଼ା,୧୭।୯(ସଞ୍ଜୟ ମାଲି)**

## ଓଡ଼ିଶା ମେଟାଲିକ୍ସ କାରଖାନାରେ ପୁଣି ଦୁର୍ଘଟଣା


ଘଟଣାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି।

ଝାରସୁଗୁଡା ସଦର ଥାନା ଅଞ୍ଚଳ ବୁଡ଼ିପଦର ଗ୍ରାମସ୍ଥିତ ଓଡ଼ିଶା ମେଟାଲିକ୍ସ କାରଖାନାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ବଡ଼ଧରଣର ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ କାରଖାନାରେ କାର୍ଯ୍ୟରତ ୨ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ଜେନା (୪୦) ଓ ଆଲୋକ ଦେଓ ସାହୁ (୩୫)। ଉଭୟ କାରଖାନାରେ ଠିକା କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ।

ସୂଚନାଯୋଗ୍ୟ, ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଶ୍ରମିକମାନେ ବ୍ଲାଷ୍ଟଫର୍ନେସରେ ସବୁଦିନ ଭଳି କାମ କରୁଥିଲେ। ଏହି ସମୟରେ ହଠାତ୍ ତାଙ୍କ ଉପରେ ଏକ ଲୁହା ଫିଲ୍ଟର ପ୍ଲେଟ୍ ପଡ଼ିଥିଲା ଏବଂ ଏହି ପ୍ଲେଟ୍ ତଳେ କେତେଜଣ ଶ୍ରମିକ ଚାପି ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଚାପି ହୋଇଥିବା ଶ୍ରମିକଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପୂର୍ଣ୍ଣଚନ୍ଦ୍ର ଓ ଆଲୋକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ଏବଂ ଆହତ ୫ଜଣ ଶ୍ରମିକଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷେ ଘଟଣା ନେଇ ଅନ୍ୟଶ୍ରମିକମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ନେଇ ଶ୍ରମିକମାନେ କାରଖାନା ଗେଟ ସମ୍ମୁଖରେ ବିକ୍ଷୋଭ କରିଥିଲେ। କାରଖାନାରେ ନିରାପତ୍ତା ବ୍ୟବସ୍ଥା ଢିଲା ଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି।

ଉଲ୍ଲେଖନୀୟ ଯେ, ଗତ ଅଗଷ୍ଟ ୬ ତାରିଖରେ ଓଡ଼ିଶା ମେଟାଲିକ୍ସ କାରଖାନାର ଗ୍ୟାସପ୍ଲାଣ୍ଟ ଗ୍ୟାସ୍ ଲିକ୍ ହେବା ଦ୍ୱାରା ବ୍ରଜରାଜନଗର ଅଞ୍ଚଳସ୍ଥିତ କେଚବାହାଲ ଗ୍ରାମର ବରୁଣ ପ୍ରଧାନ ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ଏବଂ ୫ଜଣ ଶ୍ରମିକ ଆହତ ହୋଇଥିଲେ। ସଦର ଥାନା ପୋଲିସ ଘଟଣାର ତଦନ୍ତ କରି କାରଖାନାରେ କାର୍ଯ୍ୟରତ ନିରାପତ୍ତା ସୁରକ୍ଷା ଅଧିକାରୀଙ୍କୁ ଗିରଫ କରିଥିଲେ। ଏହିପରି ଅବ୍ୟବସ୍ଥା ଯୋଗୁ ସହରର ଅନେକ କାରଖାନାରେ ବହୁ ସମୟରେ ନିରୀହ ଲୋକଙ୍କ ଜୀବନ ଯାଉଛି ଏବଂ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜି ବସିଛି। ସୁରକ୍ଷା ଦୃଷ୍ଟିରୁ କାରଖାନା ଗେଟରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି ଏବଂ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭସାଣି ବେଳେ ପାଣିରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବେତନଟୀ (ଧରଣୀଧର ମହାନ୍ତି),୧୭।୯**


ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

ମୟୂରଭଞ୍ଜ ଜିଲା ବାରିପଦା ସହର ଆଖପାଖ ଅଞ୍ଚଳରେ ମୂର୍ତ୍ତି ଭସାଣ ବେଳେ ଛାତ୍ର ମୃତ୍ୟୁ ଘଟଣା ବଢ଼ିବାରେ ଲାଗିଛି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଓ ଜିଲା ପ୍ରଶାସନର ଅବହେଳାକୁ ନେଇ ଗତ ୪ ଦିନ ମଧ୍ୟରେ ୪ ଛାତ୍ରଙ୍କ ମୃତ୍ୟୁ ଘଟିଛି। ୧୩ ତାରିଖରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ସୁବର୍ଣ୍ଣରେଖା କେନାଲରେ ଭାସିଯାଇ ବାରିପଦା ଲକ୍ଷ୍ମୀପୋଷିସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରର ୨ ଛାତ୍ରଙ୍କ ଜୀବନ ଯାଇଥିଲା। ମଙ୍ଗଳବାର ବାରିପଦା ସହର ମଞ୍ଚାବନ୍ଧାସ୍ଥିତ ବ୍ରିଲିଆଣ୍ଟ ହାୟର ସେକେଣ୍ଡାରି ସ୍କୁଲରେ ପଢୁଥିବା +୨ ବିଜ୍ଞାନ ଦ୍ୱିତୀୟ ବର୍ଷର ୨ ଛାତ୍ରଙ୍କ ସଳିଳ ସମାଧି ଘଟିଛି। ନାଳରେ ବିଶ୍ୱକର୍ମା ମୂର୍ତ୍ତି ଭସାଇବା ସମୟରେ ଗୋଡ଼ ଖସିଯିବାରୁ ପାଣି ସୁଅରେ ଭାସିଯାଇ ଉଭୟଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅଗ୍ନିଶମ ବିଭାଗ ପହଞ୍ଚି ୨ ମୃତଦେହ ବାହାର କରିଛି। ବେତନଟୀ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆର୍‌ଏମ୍ ହସ୍ପିଟାଲକୁ ପଠାଇଛି। ମୃତ ଛାତ୍ର ଦ୍ୱୟ ହେଲେ ବାଦାମପାହାଡ଼ ଥାନା ଅଧୀନ ଭଣ୍ଡନ ଗ୍ରାମର ଠାକୁର ସୋରେନ ଓ କରଞ୍ଜିଆ ଥାନା ଅଧୀନ ଟାଟୋ ଅଞ୍ଚଳ ବଡ଼ଗାଁ ଗ୍ରାମର ଭାଗ୍ୟପ୍ରକାଶ ପାତ୍ର। ସୂଚନାଯୋଗ୍ୟ, ବାରିପଦା ସହର ମଞ୍ଚାବନ୍ଧାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ଗୋପୀନାଥ ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ) ଓ ବ୍ରିଲିଆଣ୍ଟ ହାୟର ସେକେଣ୍ଡାରି ସ୍କୁଲ ରହିଛି। ଆଇଟିଆଇ କେନ୍ଦ୍ରରେ ବିଶ୍ୱକର୍ମା ପୂଜା ପରେ ମଙ୍ଗଳବାର ବିସର୍ଜନ କରିବାକୁ ବ୍ରିଲିଆଣ୍ଟ ସ୍କୁଲର ୭ଜଣ ଛାତ୍ର ମୂର୍ତ୍ତି ଧରି ଅଳ୍ପ ଦୂରରେ ଥିବା ଏକ ନାଳ ପାଖକୁ ଯାଇଥିଲେ। ଭସାଣି ସମୟରେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ଭାଗ୍ୟପ୍ରକାଶ ପାଣିରେ ବୁଡ଼ିଯାଇଥିଲେ। ସେ ଭାସିଯାଉଥିବା ଦେଖି ସାଙ୍ଗରେ ଥିବା ଠାକୁର ସୋରେନ ପାଣିକୁ ଡେଇଁ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟାକରିଥିଲେ। ତେବେ ନାଳର ସ୍ରୋତରେ ଉଭୟେ ଭାସିଯାଇ ସ୍ଲୁଇସ୍ ଗେଟ୍‌ରେ ଫସି ରହିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ଛାତ୍ର ଦ୍ୱୟଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲା। ମାତ୍ର ଦୀର୍ଘ ୪ ଘଣ୍ଟା ପରେ ଉଭୟଙ୍କ ମୃତଦେହ ମିଳିଥିଲା।

ତେବେ ୪ ଦିନ ତଳେ ୨ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ପହଁରା ଜାଣି ନ ଥିବା ଛାତ୍ରମାନଙ୍କୁ କଲେଜ କର୍ତ୍ତୃପକ୍ଷ ବିସର୍ଜନ ପାଇଁ ପଠାଇବା କେତେଦୂର ଯଥାର୍ଥ ତାହାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ଶିଳ୍ପ ତାଲିମ କେନ୍ଦ୍ରର ଛାତ୍ରମାନେ ମୂର୍ତ୍ତି ବିସର୍ଜନ କରିବାକୁ ନ ଯାଇ ବିଜ୍ଞାନ ଛାତ୍ରଙ୍କୁ ପଠାଇ ମୂର୍ତ୍ତି ବିସର୍ଜନ କରିବା ଘଟଣା ସନ୍ଦେହ ସୃଷ୍ଟି ହୋଇଛି। ଶିକ୍ଷାନୁଷ୍ଠାନରେ କୌଣସି କର୍ମଚାରୀ ଉପସ୍ଥିତ ନ ଥିବାବେଳେ ଘଟଣାକୁ ଚପାଇଦେବା ପାଇଁ କଲେଜ କର୍ତ୍ତୃପକ୍ଷ ଉଦ୍ୟମ ଚଳାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ, ଆଇଆଇସି ସସ୍ମିତା ମହାନ୍ତ ତଦନ୍ତ ଚଳାଇଛନ୍ତି। କଲେଜ ଓ ଆବାସିକ ବିଦ୍ୟାଳୟ ଚଳାଇବା ନିମନ୍ତେ ସରକାରୀ ଅନୁମତି ପ୍ରଦାନ କରାଯାଇଛି କି ନାହିଁ ସେ ସବୁର ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ୍ କହିଛନ୍ତି। ଗୋଟିଏ କ୍ୟାମ୍ପସ ମଧ୍ୟରେ ଆଇଟିଆଇ ଏବଂ କଲେଜ କିପରି ଚାଲୁଛି ତାହାର ମଧ୍ୟ ତଦନ୍ତ କରାଯିବ ବୋଲି ବାରିକ୍ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ବାର୍ଷିକ ପାଠଚକ୍ର ଓ ବିନତାଶ ମଲ୍ଲିକ ସ୍ମାରକୀ ବକ୍ତୃତା, ସ୍ଥାନ: ମିରା ପୟର, ଶ୍ରୀ ଅରବିନ୍ଦ ନଗର, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ରେଭେନ୍ସା ନାମ ପରିବର୍ତ୍ତନ ବିବାଦକୁ ନେଇ ମିଳିତ ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୀତି ଗଙ୍ଗୋତ୍ରୀ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୪ଟା।
- ଇଣ୍ଟରନ୍ୟାଶନାଲ ଥିଏଟରର ୫୦ ବର୍ଷ ପୂର୍ତ୍ତି ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ଭବନ, ମାଷ୍ଟର କ୍ୟାଣ୍ଟିନ,ସମୟ: ଅପରାହ୍ନ ୫ଟା।
- ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ 'ସାୱନ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗଡ଼ଜାତଗାନ୍ଧୀ ସାରଙ୍ଗଧର ଦାସଙ୍କ ୬୭ତମ ସ୍ୱର୍ଗାରୋହଣ ଦିବସ, ସ୍ଥାନ: ସତୀଚଉରାସ୍ଥିତ ସମାଧିସ୍ଥଳ, ସମୟ: ସକାଳ ୮ଟା।
- ସାରଙ୍ଗଧର ଦାସ ସ୍ମୃତି କମିଟି ପକ୍ଷରୁ ବିପ୍ଳବୀ ସାରଙ୍ଗଧର ଦାସଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ସତୀଚଉରାସ୍ଥିତ ସମାଧିପୀଠ, ସମୟ: ସକାଳ ୮ଟା ୩୦।
- କଟକ ଜିଲା ଯୁବଛାତ୍ର ସଙ୍ଗଠନ ପକ୍ଷରୁ ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଆର୍‌ଡିସିଙ୍କ କାର୍ଯ୍ୟାଳୟ, ଚାନ୍ଦିନୀଚୌକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ହିନ୍ଦୁସେନା ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଜଗନ୍ନାଥ ଚେତନା ସେବା ସମିତି ଆନୁକୂଲ୍ୟରେ ଶ୍ରୀପୁରୁଷୋତ୍ତମ ସେବା ସଂଗ୍ରହ ଗ୍ରନ୍ଥର ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ

- ଅଳଗୁମର ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଲେଇଙ୍କ ପ୍ରସିଦ୍ଧ କାଠିଯାତ୍ରା, ସ୍ଥାନ: ଅଳଗୁମ ବାରବାଟୀ କାଠି ଯାତ୍ରା ପଡିଆ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ପୀରହାଟ ଥାନା ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ୮୪ତମ ଜୟନ୍ତୀ ପାଳନ, ସ୍ଥାନ: ଆଗରପଡ଼ା ବଜାର, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଆଦର୍ଶ ବିଦ୍ୟାଳୟରେ ୧୦ମ ପ୍ରତିଷ୍ଠା ଦିବସ, ସ୍ଥାନ: ଶୀର୍ଷା ଆଦର୍ଶ ବିଦ୍ୟାଳୟ ପରିସର, ସାରସକଣା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ଲାଗି ଚିହ୍ନଟ ଶିବିର, ସ୍ଥାନ: ଯଶିପୁର ବ୍ଲକ କାର୍ଯ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ମୁକ୍ତେଶ୍ୱର ମନ୍ଦିର କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଗେଟ ବଜାର,ସମୟ: ପୂର୍ବାହ୍ନ୧୧ଟା।
- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବକ୍ତୃତାମାଳା,ସ୍ଥାନ: ନୋଆମ ଚୋମସ୍କି ବକ୍ତୃତା ଗୃହ, ସମୟ: ଅପରାହ୍ନ ୩ଟା୩୦।

## କନ୍ଧମାଳ

- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ବାଲିଗୁଡ଼ା ବନ୍ଧସାହି, ସମୟ: ସକାଳ ୯ଟା।
- ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା, ସ୍ଥାନ: ଫୁଲବାଣୀ ବନାନୀ କଳା ସଙ୍ଗମ, ସମୟ: ଅପରାହ୍ନ ୧ଟା ୩୦।

## ଗଜପତି

- ଜିଲାସ୍ତରୀୟ ନୂଆଖାଇ ଭେଟଘାଟ, ସ୍ଥାନ: ପାରଳାଖେମୁଣ୍ଡି ନଗର ଭବନ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଗଡ଼ଜାତ ଗାନ୍ଧୀ ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ୬୭ତମ ଶ୍ରାଦ୍ଧ ଦିବସ, ସ୍ଥାନ:ହରେକୃଷ୍ଣପୁର, ସଦର ବ୍ଲକ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ମେରାଇନ ବିଭାଗ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।
- ଭାରତୀୟ ମଜ୍‌ଦୁର ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଶ୍ୱକର୍ମା ପୂଜା ମଣ୍ଡପ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।
- ଟ୍ରକ୍ ମାଲିକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଶ୍ୱକର୍ମା ପୂଜା ମଣ୍ଡପ, ପାରଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ, ସ୍ଥାନ: ହାତିନା, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ବ୍ୟାସନଗର ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ଼ କାଳୀ ମେଲଣ ପଡ଼ିଆ, ସମୟ: ସକାଳ ୮ଟା।
- ଯାଜପୁର ଜିଲା ଆଥେଲେଟିକ ଆସୋସିଏଶନ ପକ୍ଷରୁ ଆନ୍ତଃଜିଲା ଫୁଟବଲ ଟିମ ଚୟନ କାର୍ଯ୍ୟକ୍ରମ, ସ୍ଥାନ : ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମ,ସମୟ : ସକାଳ ୮ଟା।
- ୩୫ ତମ ବାର୍ଷିକ ଚାରଣ ସମ୍ମିଳନୀ, ସ୍ଥାନ: ମାନତୀରା ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ୬ଷ୍ଠ ଜିଲା ପରିଷଦର ୫ମ ସାଧାରଣ ବୈଠକ,ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ,ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ଉଦ୍‌ଯାପନ ଦିବସ, ସ୍ଥାନ:ଗୋଡିପଡ଼ା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ:ପ୍ରାତଃ ୫ଟା।
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ଉଦ୍‌ଯାପନ ଦିବସ, ସ୍ଥାନ:ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ସକାଳ ୭ଟା। ଏଥିସହ ଭଗବାନଙ୍କ ଗୋଲକଧାମ ପ୍ରସ୍ଥାନ, ରାଜା ପରୀକ୍ଷିତଙ୍କ ସ୍ୱର୍ଗାରୋହଣ ଓ ଜନ୍ମେଜୟଙ୍କ ସର୍ପ ଯଜ୍ଞ ଓ ମାର୍କଣ୍ଡେୟ ଚରିତ ପ୍ରବଚନ,ସମୟ: ସନ୍ଧ୍ୟା ୭ଟା।
- ଭାଗବତ ଜନ୍ମ ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ଭାଗବତ ଜନ୍ମ ଉତ୍ସବ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାମାଜିକ ଜନଶୁଣାଣି, ସ୍ଥାନ:ନୟାଗଡ଼ ବ୍ଲକ୍ ନୂଆ କନଫେରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱଚ୍ଛତା ହିଁ ସେବା ପାଳନ ଅବସରରେ ୱକାଥାନ ଓ ଚାରା ରୋପଣ, ସ୍ଥାନ: ଜିଲା ପାଠାଗାରଠାରୁ ଆରମ୍ଭ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶେଷ, ସମୟ: ସକାଳ ୮ଟା।
- ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ୭୯ ତମ ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ, ରାୟଗଡା,
- ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର

- ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା ଦଳର ପଞ୍ଜୀକରଣ, ସ୍ଥାନ: ଉମରକୋଟ ସଦାଶିବ ସୁକୁମାର ସରକାରୀ ନୋଡାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବୈଠକ, ସ୍ଥାନ: ସମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ହାଟପଡା ବୀର ବଜରଙ୍ଗ ସଂଘ ଗଣେଶ ପୂଜା କମିଟି ପକ୍ଷରୁ ନାରୀ ସମ୍ମାନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ହାଟପଡା ଛକରୁ କୁଞ୍ଜେଲପଡା ଛକ, ସମୟ : ଅପରାହ୍ନ ୨ଟା।

## ବଲାଙ୍ଗୀର

- ଲନ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।
- ନକ୍‌ଆଉଟ୍ ଫୁଟବଲ ମ୍ୟାଚ୍, ସ୍ଥାନ: ଖୁଜେପାଲି ଖେଳ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ସୋନପୁର ଧୋବାବାହାଲି ମଡେଲ ଡିଗ୍ରୀ କଲେଜ ଯୁବ ରେଡକ୍ରସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କଲେଜ ସେମିନାର ହଲ, ସମୟ: ସକାଳ ୯ଟା।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ଆଡ଼ିଆ ସାହି, ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ବନ୍ଧୁ ମିଳନ, ସ୍ଥାନ: ବଜରଙ୍ଗ କଲ୍ୟାଣ ମଣ୍ଡପ,ବୀରମହାରାଜପୁର, ସମୟ:ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ:ସନ୍ଧ୍ୟା ୭ଟା।
- ଡୁଙ୍ଗୁରିପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ:ଫଟାମୁଣ୍ଡା ସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ତରଭା ଏନ୍‌ଏସିର ଅନ୍ତର୍ଡାରେ ଭାଗବତ ଜନ୍ମ ପାଳନ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଅନ୍ତର୍ଡା ଭାଗବତ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସ୍ପେଶାଲ ଜଜ୍ (ଭିଜିଲାନ୍ସ) କୋର୍ଟର ଉଦ୍‌ଘାଟନୀ ସମାରୋହ, ସ୍ଥାନ: କୋର୍ଟ ପରିସର, ସମୟ: ପୂର୍ବାହ୍ନ ୯ଟା ୪୫।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ରୁଦ୍ରାଭିଶେକ୍ଷ, ସ୍ଥାନ: ଝାଡେଶ୍ୱର୍ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା
- ସ୍ୱତନ୍ତ୍ର ପୂଜା ସହ ହୋମୋଯଜ୍ଞ, ସ୍ଥାନ: ବେହେରାମାଲ ତାରିଣୀ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା
- ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ବୁଢାପଡ଼ା ଗ୍ରାମ ଦିବ୍ୟାଙ୍ଗ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗଣେଶ ପୂଜା ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ: ୨୧ନଂ. ୱାର୍ଡ ବୁରୋମାଲ ଗ୍ରାମ ଷ୍ଟାରକ୍ଲବ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ଭାଗବତ ଜନ୍ମୋତ୍ସବ, ସ୍ଥାନ: ଉଦିତନଗର ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୬ଟା ୩୦।
- ବେଦବ୍ୟାସ ସଂସ୍କୃତ କଲେଜର ଜାତୀୟ ସେବା ଯୋଜନାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ଅପରାହ୍ନ ୨ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ସାହିତ୍ୟରେ ଭାଷା ସରଳତା ଶୀର୍ଷକ ଆଲୋଚନା, ସ୍ଥାନ: ନୋବୁଲ ଆସୋସିଏଶନ କ୍ଲବ, ସମୟ: ସନ୍ଧ୍ୟା ୭ଟା ୩୦।

## ଦେବଗଡ଼

- ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ଚୟନ ୨୦୨୪-୨୫, ସ୍ଥାନ: ରିଆମାଳ ବ୍ଲକ, ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଲିପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ, ସ୍ଥାନ: ଦେବଗଡ ସହର, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜିଲା ପରିଷଦ ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ବିସର୍ଜନ ଶୋଭାଯାତ୍ରା, ସ୍ଥାନ: ବିଦ୍ୟୁତ୍ ସେକ୍ସନ ନୂଆପଡା, ସମୟ: ସକାଳ ୯ଟା।
- ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ବିସର୍ଜନ, ସ୍ଥାନ: ବିଶ୍ୱକର୍ମା ଟ୍ରଷ୍ଟ ଆମ୍ବେଡକର ଛକ ଖଡିଆଳ, ସମୟ: ଅପରାହ୍ନ ୩ଟା।
- ବିଶ୍ୱକର୍ମା ପୂଜା ଉପଲକ୍ଷେ ନାଟକ ପରିବେଷଣ, ସ୍ଥାନ: ବୋଡେନ ବ୍ଲକ ବିନପୁର ଗାଁ, ସମୟ ରାତ୍ର ୯ଟା।
- ବିଶ୍ୱକର୍ମା ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଆରେଡା ପଞ୍ଚାୟତ ମହୁରା ଗାଁ ସଲମାପଡ଼ା, ସମୟ: ରାତ୍ର ୯ଟା ୩୦।
- ବିଶ୍ୱକର୍ମା ପୂଜା ଉପଲକ୍ଷେ ନାଟକ ପରିବେଷଣ, ସ୍ଥାନ: ବୋଡେନ ବ୍ଲକ ସୁନାପୁର ପଞ୍ଚାୟତ ଆମଗୁଡା ଗାଁ, ସମୟ: ରାତ୍ର ୧୦ଟା।

## ବୌଦ୍ଧ

- ଭାଗବତ ସପ୍ତାହ ପାରାୟଣ ପୂର୍ଣ୍ଣାହୁତି, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣ, ବୁରୁବୁଡା, ହରଭଙ୍ଗା, ସମୟ: ସକାଳ ୮ଟା।

# ପରିସ୍ଥିତିରେ ଉନ୍ନତି ପରେ କ୍ଷୟକ୍ଷତି ଆକଳନକରି ସପ୍ତାହକରେ ରିପୋର୍ଟ ଦେବେ ଜିଲାପାଳ

## ୬ ଜିଲାରେ ବନ୍ୟା ପରିସ୍ଥିତି ନେଇ ମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ସୁନ୍ଦରଗଡ଼ ଜିଲାର ଜିଲାପାଳମାନଙ୍କ ସହ ଲଗାଣ ବର୍ଷା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ସୋମବାରର ଗଭୀର ଅବପାତ ଦୁର୍ବଳହୋଇ ଅବପାତରେ ପରିଣତ ହେବା ସହ ଏହା ଛତିଶଗଡ଼ ଓ ଝାଡ଼ଖଣ୍ଡ ମୁହାଁ ହୋଇଛି। ଏହାର ପ୍ରଭାବରେ ଗତ ୪ ଦିନ ଧରି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ଏବେ ଯାଜପୁର ଓ ଭଦ୍ରକ ଜିଲାରେ ମଧ ଭଲ ବର୍ଷା ହୋଇଛି। ଫଳରେ ବୈତରଣୀ ନଦୀର ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ଏବେ ୧୮ ମିଟରରେ ଜଳ ପ୍ରବାହ ହେଉଛି। ତେବେ ଏହି ଜଳସ୍ତର ହ୍ରାସ ପାଉଛି। ସେହିପରି ବୁଢ଼ାବଳଙ୍ଗ ନଦୀର ଜାତୀୟ ରାଜପଥ ନମ୍ବର ୫, ଗୋବିନ୍ଦପୁରଠାରେ ବିପଦ ସଙ୍କେତ ୮.୧୩ ମିଟର ଥିବାବେଳେ ଏବେ ଜଳସ୍ତର ୭.୫୨ ମିଟରରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବିପଦ ସଙ୍କେତ ୧୦.୩୬ ମିଟର ଥିବାବେଳେ ଏବେ ଜଳସ୍ତର ୧୦.୭୦ ମିଟର ରହିଛି। ଜଳକା ନଦୀର ମଥାନୀଠାରେ ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ଏବେ ଜଳସ୍ତର ୬.୭୬ ମିଟର ରହିଛି। ଏହା ହ୍ରାସ ପାଇବାରେ ଲାଗିଛି। ସେଣ୍ଟ୍ରାଲ ୱାଟର କମିଶନର ପୂର୍ବାନୁମାନ ଅନୁଯାୟୀ ସୁବର୍ଣ୍ଣରେଖା ନଦୀରେ ୧୦.୯୫ ମିଟର ସ୍ତରରେ ଜଳ ପ୍ରବାହିତ ହୋଇପାରେ, ଯାହାକି ସର୍ବୋଚ୍ଚ ଜଳପ୍ରବାହ ସ୍ତର। ଏହାର ପ୍ରଭାବରେ ବାଲେଶ୍ୱର ଜିଲାର ବସ୍ତା, ଭୋଗରାଇ ଓ ବାଲିଆପାଳ ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇପାରେ। ଅନ୍ୟପକ୍ଷରେ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାପାଳଙ୍କ ସୂଚନା ଅନୁଯାୟୀ ଏହିସବୁ ଜିଲାରେ ସେଭଳି କିଛି ବନ୍ୟାର ଆଶଙ୍କା ନାହିଁ। ତଥାପି ଜିଲା ପ୍ରଶାସନଙ୍କୁ ପରବର୍ତ୍ତୀ ୨୪ ଘଣ୍ଟା ସତର୍କ ରହିବା ପାଇଁ ସୂଚାଇ ଦିଆଯାଇଛି। ଭଦ୍ରକ ଜିଲାପାଳଙ୍କ ସୂଚନା ଅନୁଯାୟୀ ଆଖୁଆପଦାଠାରେ ଜଳସ୍ତର ହ୍ରାସ ପାଇଥିବାବେଳେ ଜିଲାରେ ବିଶେଷ ବର୍ଷା ହୋଇନାହିଁ। ତେବେ ଜିଲାରେ ବନ୍ୟା ପରିସ୍ଥିତିର ସମ୍ଭାବନା ନାହିଁ। ପରବର୍ତ୍ତୀ ୨୪ ଘଣ୍ଟା ସତର୍କ ରହିବା ପାଇଁ କୁହାଯାଇଛି। ମୟୂରଭଞ୍ଜ ଜିଲାପାଳଙ୍କ ସୂଚନା ଅନୁଯାୟୀ ଜିଲାରେ ଗତ ୩ ଦିନ ମଧ୍ୟରେ ହାରାହାରି ବୃଷ୍ଟିପାତ ଭଲ ରହିଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ଉଭୟ ନଦୀ ଜିଲା ପାଇଁ ବିପଦ। ଜିଲାରେ ସେଭଳି ବର୍ଷା ନାହିଁ। ବାଲେଶ୍ୱର ଜିଲାପାଳଙ୍କ ସୂଚନା ଅନୁଯାୟୀ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକା ନଦୀ ଜିଲା ମଧ ଦେଇ ପ୍ରବାହିତ ହେଉଥିବାବେଳେ ଏବେ ଏସବୁ ଜିଲା ପାଇଁ ଚିନ୍ତାର ବିଷୟ। ସ୍ୱତନ୍ତ୍ର ରିଲିଫ୍ କମିଶନର ପରିସ୍ଥିତିରେ ଉନ୍ନତି ଘଟିବା ପରେ ଜିଲାପାଳମାନେ କ୍ଷୟକ୍ଷତିର ଆକଳନକରି ସପ୍ତାହକ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ କହିଛନ୍ତି। ଜିଲାପାଳମାନଙ୍କ ଆବଶ୍ୟକତା ଅନୁସାରେ ମୁଖ୍ୟ ଅଗ୍ନିକ, ଅଗ୍ନିଶମ ବାହିନୀର ଅତିରିକ୍ତ ଟିମ୍‌କୁ ତୁରନ୍ତ ମୁତୟନ କରିବା ପାଇଁ କୁହାଯାଇଛି।

## ଆତିଶୀ ହେବେ... ପ୍ରଥମ ପୃଷ୍ଠାରୁ...

ଆତିଶୀ ହିଁ ଦୁର୍ଗ ସମ୍ଭାଳିଥିଲେ। କଂଗ୍ରେସ ନେତ୍ରୀ ଶୀଲା ଦୀକ୍ଷିତ, ଭାଜପାର ସୁଷମା ସ୍ୱରାଜଙ୍କ ପରେ ୪୩ ବର୍ଷୀୟା ଆତିଶୀ ଦିଲ୍ଲୀର ତୃତୀୟ ମହିଳା ତଥା ସର୍ବକନିଷ୍ଠ ମହିଳା ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। କେଜ୍‌ରିୱାଲ ଜାମିନରେ ତିହାର ଜେଲରୁ ବାହାରିବାର ୨ ଦିନ ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ରବିବାର ଘୋଷଣା କରିଥିଲେ। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦଳର କେତେଜଣ ନେତାଙ୍କ ନାଁ ଚର୍ଚ୍ଚାକୁ ଆସିଥିବାବେଳେ ଦୌଡ଼ରେ ଆତିଶୀଙ୍କ ନାଁ ଆଗରେ ରହିଥିଲା। କାରଣ ସେ ଉଭୟ କେଜ୍‌ରିୱାଲ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଘନିଷ୍ଠ ଭାବେ ଜଣାଶୁଣା।

ଉପରାଜ୍ୟପାଳଙ୍କୁ ଭେଟି ନୂଆ ସରକାର ଗଢ଼ିବା ପାଇଁ ଦାବି ଜଣାଇଥିବା ଆତିଶୀ ଖବରଦାତାମାନଙ୍କୁ କହିଛନ୍ତି। ସେ ଦିଲ୍ଲୀ ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶପଥ ଗ୍ରହଣ ଉତ୍ସବ ତାରିଖ ସମ୍ପର୍କରେ ନିଷ୍ପତ୍ତି ଜଣାଇବାକୁ ଦିଲ୍ଲୀ ମନ୍ତ୍ରୀ ଗୋପାଳ ରାୟ ଉପରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ଆପ୍ ଆତିଶୀଙ୍କୁ ମୁଖ୍ୟମନ୍ତ୍ରୀ ମନୋନୀତ କରିବା ପରେ ସେ ପ୍ରଥମ ପ୍ରତିକ୍ରିୟାରେ କହିଥିଲେ, ଦଳ ସୁପ୍ରିମୋ କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଉଥିବାରୁ ସେ ଦୁଃଖିତ। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦକୁ ଫେରାଇ ଆଣିବା ପାଇଁ ସେ କାର୍ଯ୍ୟ କରିବେ ବୋଲି ଆତିଶୀ କହିଛନ୍ତି। କେଜ୍‌ରିୱାଲଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି କେନ୍ଦ୍ର ସରକାରଙ୍କ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତାଙ୍କୁ ଟାର୍ଗେଟ କରିଥିଲେ। ସୁପ୍ରିମକୋର୍ଟ କେବଳ କେଜ୍‌ରିୱାଲଙ୍କୁ ଜାମିନ ଦେଇ ନାହାନ୍ତି, କେନ୍ଦ୍ର ସରକାର ଏବଂ ଏହାର ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଭର୍ତ୍ସନା କରିଛନ୍ତି। ତଦନ୍ତକାରୀ ସଂସ୍ଥାକୁ ପିଞ୍ଜରାବଦ୍ଧ ଶୁଆ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଅନ୍ୟ କୌଣସି ନେତା ହୋଇଥିଲେ, ସେ ମୁଖ୍ୟମନ୍ତ୍ରୀ ଆସନ ଛାଡ଼ି ନ ଥାନ୍ତେ। କିନ୍ତୁ କେଜ୍‌ରିୱାଲ ଲୋକଙ୍କ ଅଦାଲତକୁ ଯିବା ପାଇଁ ନିଷ୍ପତ୍ତି ନେଇ ଇସ୍ତଫା ଦେଇଛନ୍ତି। ଏହା ତାଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ ମୁହୂର୍ତ୍ତ ବୋଲି ଆତିଶୀ କହିଛନ୍ତି।

## ହାଇକୋର୍ଟଙ୍କ ନିର୍ଦ୍ଦେଶରୁ...

ହସ୍ପିଟାଲରୁ ଯେଉଁ ଡାକ୍ତରୀ ମାଇନା ରିପୋର୍ଟ ଦେଇଥିଲା ତାକୁ ଅଙ୍କିତାଙ୍କ ପରିବାର ଲୋକେ ଏବଂ ଓଡ଼ିଶା ଷ୍ଟେଟ୍ ଏକ୍ସ ସର୍ଭିସ୍ ଆସୋସିଏଶନ ଅଧକ୍ଷ ବ୍ରିଗେଡିୟର ଅନ୍ତର୍ଯାମୀ ପ୍ରଧାନ ବିରୋଧ କରିଥିଲେ। ଡାକ୍ତରୀ ମାଇନା ଠିକ୍ ଭାବେ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏନେଇ ଅନୁମତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏମ୍‌ସ ହସ୍ପିଟାଲରେ ଡାକ୍ତରୀ ମାଇନା କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଅଙ୍କିତାଙ୍କୁ ଏମ୍‌ସ ନିଆଯାଇ ଡାକ୍ତରୀମାଇନା କରାଯାଇଛି। ଏଥିସହିତ ଏହି ଘଟଣାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ(ଆଇଓ)ଙ୍କୁ ବୁଧବାର ସକାଳ ସାଢ଼େ ୧୦ଟାରେ ଡାକ୍ତରୀମାଇନା ରିପୋର୍ଟ ଏବଂ ତଦନ୍ତ ରିପୋର୍ଟ ସହ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ତର୍ଯାମୀ ପ୍ରଧାନଙ୍କ ସୂଚନା ମୁତାବକ, ଆର୍ମି ସିନିୟର ଅଫିସରମାନେ ଦିଲ୍ଲୀ(ହାଇୟର ହେଡ୍‌କ୍ୱାର୍ଟର୍ସ)ରୁ ଆସିଥିଲେ। ସେମାନେ ଜେଲ ଯାଇ ଅଙ୍କିତାଙ୍କ ସହ ଦେଖା କରିଥିଲେ। ସେଠାରେ ଦେଖିବାକୁ ପାଇଲେ ଅଙ୍କିତା ଚାଲିପାରୁ ନାହିଁ, ଦେହରେ କ୍ଷତଚିହ୍ନ ରହିଛି ଏବଂ ମାଡ଼ର ଦାଗ ମଧ ଅଛି। ଜେଲ ଡାକ୍ତର ତାଙ୍କୁ ତରଳ ଖାଦ୍ୟ ଖାଇବା ଲାଗି କହିଛନ୍ତି। ଏମ୍‌ସ ହସ୍ପିଟାଲକୁ ଡାକ୍ତରୀ ମାଇନା ଲାଗି ପଠାଇବାକୁ ହାଇକୋର୍ଟରେ ଆବେଦନ କରିଥିଲେ। ଏହାକୁ କୋର୍ଟ ଗ୍ରହଣକରି ଏନେଇ ଅନୁମତି ଦେଇଛନ୍ତି। ଏଫ୍‌ଆଇଆର୍ କପି ଡିସିପି ଅଫିସରୁ ଗ୍ରହଣ କରାଯାଇଛି। ଏବେ ଯେତେବେଳେ ସବୁଆଡ଼ୁ ଚାପ ପଡ଼ିଲା ପୋଲିସ ଡିଜି କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏକ ସ୍ୱାଧୀନ ତଦନ୍ତକାରୀ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯିବା କଥା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏନେଇ ଅଭିଯୋଗ କରାଯିବ। ଜବଲ୍‌ପୁରରୁ ଆସିଥିବା ଜେନେରାଲ ଅଫିସର କମାଣ୍ଡିଂ ମୁଖ୍ୟଶାସନ ସଚିବଙ୍କୁ ଭେଟି ଘଟଣାକୁ ଗୁରୁତର ସହ ବିଚାର କରିବାକୁ ଅନୁରୋଧ କରିଥିବା ଅନ୍ତର୍ଯାମୀ କହିଛନ୍ତି। ଅପରପକ୍ଷରେ କ୍ରାଇମବ୍ରାଞ୍ଚ କେଉଁସବୁ ଦିଗକୁ ନେଇ ତଦନ୍ତ କରୁଛି ବୋଲି ନରେନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଘଟଣାର ତଦନ୍ତ ଏଡିଜି ଅରୁଣ ବୋଥ୍ରା ନିଜେ କରୁଛନ୍ତି। ସେ କେବଳ ସହଯୋଗ କରୁଛନ୍ତି। ଏନେଇ ଏବେ କିଛି କହିହେବ ନାହିଁ ବୋଲି ସେ କହିଛନ୍ତି।

ତେବେ କ୍ରାଇମବ୍ରାଞ୍ଚ ହାତରେ ନ୍ୟସ୍ତ କରାଯାଇଥିବା ଏହି ତଦନ୍ତ ଦାୟିତ୍ୱ କେଉଁ ଦିଗକୁ ଯାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ପୋଲିସ ଯେଉଁଭଳି ଭାବେ ଏହି ଘଟଣାକୁ ଦିଗହରା କରାଇବା ଲାଗି ପ୍ରୟାସ କଲା କ୍ରାଇମବ୍ରାଞ୍ଚ ତାକୁ ସଫଳ କରିବାକୁ ଚେଷ୍ଟା କରିବ ନା ବାସ୍ତବ ଘଟଣାକୁ ସାମ୍ନାକୁ ଆଣିବ ତାହା ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଛି। ରାଜ୍ୟରେ ନୂଆ ସରକାରର ଭାବମୂର୍ତ୍ତି ରକ୍ଷା କରିବା ଏବଂ ଲୋକଙ୍କୁ ଥାନାରେ ଯେ ଉଚିତ ନ୍ୟାୟ ମିଳୁଛି ସେହି ବାର୍ତ୍ତା ଦେବାକୁ କ୍ରାଇମବ୍ରାଞ୍ଚ କେତେଦୂର ପ୍ରଚେଷ୍ଟା କରୁଛି ତାହା ଖୁବ୍‌ଶୀଘ୍ର ଜଣାପଡ଼ିଯିବ ବୋଲି ଜଣେ ଏସିପି ପାହ୍ୟାର ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି।

## ଖର୍ଚ୍ଚ ହେଲା ସାଢ଼େ ୪ କୋଟି...

ରହିଥିବା କୁହାଯାଇଥିଲା। ଏପରିକି ମହିଳା ଓ ଶିଶୁଙ୍କୁ ସେମାନଙ୍କ ସୁବିଧା ଓ ସୁରକ୍ଷା ପ୍ରାଥମିକତା ବୋଲି ମଧ ଉଦ୍‌ଘାଟନୀ ଅବସରରେ କୁହାଯାଇଥିଲା। ହେଲେ ଅତି ଉଚ୍ଚକୋଟିର ନିର୍ମାଣାଧୀନ ଏହି ଥାନାରେ ଅଙ୍କିତାଙ୍କ ପ୍ରତି କରାଯାଇଥିବା ଅନ୍ୟାୟ ଉଦ୍‌ଘାଟନୀ ଉତ୍ସବର ସେ ସମସ୍ତ କଥାକୁ ଭୁଲ୍ ପ୍ରମାଣ କରିଦେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏତେ କୋଟି ଟଙ୍କାରେ ନିର୍ମିତ ଏହି ଅତ୍ୟାଧୁନିକ ଥାନାରେ ସିସିଟିଭି ନ ଲଗାଯିବା କଥା ସମସ୍ତଙ୍କୁ ଚକିତ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ, ଥାନାରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ଥିବାବେଳେ କାହିଁକି ଲାଗିନାହିଁ ବୋଲି ଡିସିପି ପ୍ରତୀକ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଭରତପୁର ଥାନା ନୂଆ ତିଆରି ହୋଇଥିଲା। ସିସିଟିଭି ଲଗାଇବା ପାଇଁ ଚିଠି ଲେଖିଥିଲୁ। ଥାର୍ଡ ପାର୍ଟି ଏହାକୁ ଲଗାଇଥାଆନ୍ତି। ହେଲେ ଏଯାବତ୍ ଲାଗିପାରି ନ ଥିବା ସେ କହିଛନ୍ତି।

## ଚାଇନାକୁ ହରାଇ...

ଦକ୍ଷିଣ କୋରିଆକୁ ୪-୧ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା ଭାରତ। ମ୍ୟାଚ ଶେଷ ହେବା ପାଇଁ ୪ ମିନିଟ ଥିବାବେଳେ ଚାଇନା ଗୋଲକିପରଙ୍କୁ ପ୍ରତ୍ୟାହାର କରି ପୂରା ୧୧ଜଣ ଖେଳାଳିଙ୍କ ସହ ଆକ୍ରମଣାତ୍ମକ ଖେଳିଥିଲା। ମାତ୍ର ଭାରତୀୟ ରକ୍ଷଣଭାଗ ଗୋଲ ପରିଶୋଧ ହେବାକୁ ଦେଇ ନ ଥିଲା। ରନରଅପ୍ ହୋଇ ପ୍ରତିଯୋଗିତା ଶେଷ କରିବା ହେଉଛି ଚାଇନାର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏହା ପୂର୍ବରୁ ଦଳ କେବଳ ୨୦୧୨ ଓ ୨୦୧୩ରେ ସର୍ବାଧିକ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ଏହାକୁ ମିଶାଇ ଚାଇନା ଦ୍ୱିତୀୟ ଥର ପାଇଁ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟର ଫାଇନାଲ ଖେଳିଥିଲା। ପୂର୍ବରୁ ୨୦୦୬ ଏସିଆନ ଗେମ୍ସ ଫାଇନାଲ ଖେଳି କୋରିଆଠାରୁ ୧-୩ ଗୋଲରେ ପରାଜିତ ହୋଇଥିଲା। ଏଠାରେ ଫାଇନାଲ ପୂର୍ବରୁ ଅନୁଷ୍ଠିତ ପ୍ଲେ-ଅଫ୍ ମ୍ୟାଚରେ ଦକ୍ଷିଣ କୋରିଆକୁ ୫-୨ ଗୋଲରେ ହରାଇ ପାକିସ୍ତାନ ତୃତୀୟ ସ୍ଥାନ ହାସଲ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ହିତୈଷୀଙ୍କ ପରାମର୍ଶରେ ନୂତନ କାମ କରିବା ସକାଶେ ମନ ବଳାଇବେ। ବିଶେଷ ଅସୁବିଧା ନ ହେଲେ ମଧ ଦୈହିକ ଦୁର୍ବଳତା ସଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ, ବିବ୍ରତ କରାଇପାରେ। ତଥାପି ଆପଣଙ୍କର ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ସଞ୍ଚିତ ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ** — କର୍ମକ୍ଷେତ୍ରରେ ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। ଦୀର୍ଘଦିନରୁ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବିଶେଷ ଲାଭ ନ ହେଲେ ମଧ ଶିଳ୍ପ, ବାଣିଜ୍ୟ ଭଲରେ ଚାଲିବ। ପ୍ରିୟବନ୍ଧୁଙ୍କ ମାଧମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ** — ଭୁଲ୍ ବୁଝାମଣା କାରଣରୁ ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ସଂଗଠନ, ରାଜନୀତି, ଆନୁଷ୍ଠାନିକ କାମ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ନୂତନ ବ୍ୟବସାୟ ଯୋଡ଼ିବା ପାଇଁ ଚିନ୍ତା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** — ଆଜି ମନ ଅସ୍ଥିର ରହିବ। ଇଚ୍ଛା ନ ଥାଇ ମଧ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। କେହି ଜଣେ ବନ୍ଧୁ ସମସ୍ୟା ସମାଧାନରେ ସହାୟ ହେବେ। ରାଜନୀତି, ବିତର୍କ ଓ ଆନୁଷ୍ଠାନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବାଣିଜ୍ୟ, ପରିବହନ, କ୍ରୀଡ଼ା ଓ ପ୍ରଶାସନିକ କ୍ଷେତ୍ରରେ ସାଧାରଣ ଫଳ ମିଳିପାରେ। ପିଲାଙ୍କ ପଢ଼ାକୁ ନେଇ ଚିନ୍ତିତ ରହିବେ।

**ସିଂହ** — ପୂର୍ବବିବାଦୀୟ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଆର୍ଥିକ ଦିଗରୁ ଉପକୃତ ହେବେ କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ସରସ ସୁନ୍ଦର କରିପାରେ। ଆଲୋଚନା ପରିସରରେ ସତକଥା କହି ବନ୍ଧୁଙ୍କ ଅପ୍ରିୟ ହୋଇପାରନ୍ତି।

**କନ୍ୟା** — ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା କୌଣସି ଗୁଜବ ମନକୁ ଚହଲାଇ ଦେବ। ଆତ୍ମୀୟଙ୍କ ନିକଟରୁ ଅସହଯୋଗ, ଅସମ୍ମାନ ପାଇ ଦୁଃଖିତ ହେବେ। କୌଣସି ସମ୍ପର୍କୀୟଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** — ସନ୍ତାନଙ୍କ ବୈବାହିକ ସମ୍ପର୍କକୁ ନେଇ ନୂତନ ବନ୍ଧୁତ୍ୱ ସକାଶେ ଆଲୋଚନା କରିପାରନ୍ତି। ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ଆନୁଷ୍ଠାନ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପଡ଼ୋଶୀଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରି ମନେ ମନେ ବିରକ୍ତି ପ୍ରକାଶ କରିପାରନ୍ତି।

**ବିଛା** — ଦୀର୍ଘଦିନରୁ ଯାହା ମନରେ ଆଶାବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ଭଲ। କଳା, ସାହିତ୍ୟ, ସାମ୍ବାଦିକତା, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହ ପ୍ରକାଶ କରିପାରନ୍ତି।

**ଧନୁ** — ଦୀର୍ଘଦିନରୁ ପରିକଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପରିଜନଙ୍କ ସହିତ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** — କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ପରିବାର ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ ଏଣୁ ସତର୍କତା ଅବଲମ୍ବନ କରିବା ଭଲ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାର ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ** — ପରିବାରର ଆବଶ୍ୟକତା ଅନୁଭବ କରି କୌଣସି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। କର୍ମ କ୍ଷେତ୍ରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଦୀର୍ଘ ଦିନରୁ ଲାଗି ରହିଥିବା ପୁରାତନ ରୋଗପୀଡ଼ାରୁ ବିଶେଷ କଷ୍ଟ ପାଇବେ।

**ମୀନ** — ଆଜି ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡି ଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି।

ଆଜି ସେପ୍ଟେମ୍ବର ୧୮ ତାରିଖ, ଦିବା ଘ.୦୮.୦୪ମି. ପର୍ଯ୍ୟନ୍ତ ପୂର୍ଣ୍ଣିମା ବୁଧବାର, ଭାଗବତ ଜନ୍ମ, ତତ୍ପରେ ଆଶ୍ୱିନ କୃଷ୍ଣ ପ୍ରତିପଦା, ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ରହାତୀ ପ୍ରସ୍ତାବ, ଶ୍ରୀଦୁର୍ଗା ପାର୍ଶ୍ୱପରିବର୍ତ୍ତନ, ବୁଧିବାମନ ଓଷା ଶେଷପାଳି, ଜହ୍ନିଓଷା ଆରମ୍ଭ, ଅପରପକ୍ଷ ଓ ପିତୃତର୍ପଣ ଆରମ୍ଭ, ରାଶିନକ୍ଷତ୍ର-ପୂର୍ବଭାଦ୍ର/ମୀନ, ଦିବା ଘ.୧୧.୦୦ମି. ଗତେ, ଉତ୍ତର ଭାଦ୍ରବ ନକ୍ଷତ୍ର, ପ୍ରତିପଦାର ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ, ସକାଳ ଘ.୦୫.୩୮ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୮ମି. ଗତେ ଘ.୧୧.୪୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୦ମି. ଗତେ ଘ.୦୧.୧୧ମି. ମଧ୍ୟେ ରାହୁକାଳ।

# ‘ବୁଲ୍‌ଡୋଜର ନ୍ୟାୟ’ ଉପରେ ସୁପ୍ରିମକୋର୍ଟଙ୍କ ରୋକ

**ଅକ୍ଟୋବର ୧ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସମେତ କୌଣସି ବ୍ୟକ୍ତିଙ୍କ ଘର ଭଙ୍ଗା ଯାଇପାରିବନାହିଁ**




ନୂଆଦିଲ୍ଲୀ,୧୭।୯(ପି.ଟି.)

ତଥାକଥିତ ‘ବୁଲ୍‌ଡୋଜର ନ୍ୟାୟ’ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ରୋକ୍ ଲଗାଇଛନ୍ତି। ଏପରିକି ବେଆଇନ ନିର୍ମାଣକୁ ଭାଙ୍ଗିବା ମଧ୍ୟ ସାମ୍ବିଧାନିକ ଲୋକାଚାରର ବିରୋଧୀ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ଅକ୍ଟୋବର ୧ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସମେତ କୌଣସି ବ୍ୟକ୍ତିଙ୍କ ଘର ବିନା ଅନୁମତିରେ ନ ଭାଙ୍ଗିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସର୍ବସାଧାରଣ ରାସ୍ତା ଏବଂ ଫୁଟ୍‌ପାଥ ଇତ୍ୟାଦିରେ ବେଆଇନ ଭାବେ ନିର୍ମିତ ଢାଞ୍ଚା ପାଇଁ ଏହି ନିର୍ଦ୍ଦେଶ ଲାଗୁ ହେବନାହିଁ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ଅକ୍ଟୋବର ୧ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ଥିବାରୁ ସେ ପର୍ଯ୍ୟନ୍ତ କୋର୍ଟଙ୍କ ବିନା ଅନୁମତିରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ନ ନେବାକୁ କୁହାଯାଇଛି।

ବିଭିନ୍ନ ରାଜ୍ୟରେ ଅଭିଯୁକ୍ତମାନଙ୍କ ଘରକୁ ବେଆଇନ ଭାବେ ଭାଙ୍ଗିଦିଆଯାଉଥିବାରୁ ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଏକ ନିର୍ଦ୍ଦିଷ୍ଟ ଧର୍ମର ଲୋକଙ୍କୁ ଟାର୍ଗେଟ କରାଯାଇ ସେମାନଙ୍କ ଘର ଭଙ୍ଗାଯାଉଥିବା ଏକ ପିଟିଶନରେ ଅଭିଯୋଗ ହୋଇଥିଲା। କ୍ଷତିଗ୍ରସ୍ତ ଲୋକେ ନୋଟିସ୍ ପାଇଥିବା ଏବଂ ସେମାନଙ୍କ ଗୃହ ନିର୍ମାଣ ବେଆଇନ ହୋଇଥିବାରୁ ସେମାନେ ଅଦାଲତକୁ ଆସୁନାହାନ୍ତି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ଜଣେ ବ୍ୟକ୍ତି ଅଭିଯୁକ୍ତ ହେବା ପରେ ତାଙ୍କ ଘରକୁ କିପରି ଭଙ୍ଗାଯିବ ବୋଲି ଗତ ୨ ତାରିଖରେ ସୁପ୍ରିମକୋର୍ଟ ପ୍ରଶ୍ନ କରିବା ସହ ଏହା ଉପରେ ଏକ ଗାଇଡ୍‌ଲାଇନ ଆଣିବାକୁ କହିଥିଲେ। ଏପରିକି ଜଣେ ଦୋଷୀସାବ୍ୟସ୍ତ ହେଲେ ମଧ୍ୟ ଆଇନଗତ ଅନୁମତି ବିନା ତାଙ୍କ ଘରକୁ ପ୍ରଶାସନ ଭାଙ୍ଗିପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଥିଲେ।

## ବିଶ୍ୱଭୂଷଣଙ୍କୁ ହସ୍ପିଟାଲରେ ଭେଟି ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧୭।୯ (ଅନିଲ ଦାସ)

ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥତାବଶତଃ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ତାଙ୍କୁ ହସ୍ପିଟାଲରେ ସାକ୍ଷାତ କରି ଆଶୁ ଆରୋଗ୍ୟ କାମନା କରିଛନ୍ତି। ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହିତ ହରିଚନ୍ଦନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିବା ସହ ସେ ଯେପରି ଶୀଘ୍ର ଆରୋଗ୍ୟ ଲାଭ କରିବେ ସେଥିପାଇଁ ଧ୍ୟାନ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସାକ୍ଷାତ ସମୟରେ ହରିଚନ୍ଦନଙ୍କ ପୁତ୍ର ତଥା ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ।

## ଆଜି ରତ୍ନଭଣ୍ଡାର ନିରୀକ୍ଷଣ କରିବ ଏଏସ୍‌ଆଇ

**ଖୋଲିପାରେ ଗୁପ୍ତ ସୁଡ଼ଙ୍ଗ, କୋଠରି ରହସ୍ୟ**

ପୁରୀ,୧୭।୯ (ଅଜିତ୍ କୁମାର ମହାନ୍ତି)

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ବୁଧବାର ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ କରାଯିବ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଏଏସ୍‌ଆଇର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏହି ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ ହେବ। ଏଥିଲାଗି ଉଭୟ ଶ୍ରୀମନ୍ଦିର ପ୍ରଶାସନ ଏବଂ ଏଏସ୍‌ଆଇ ପକ୍ଷରୁ ସମସ୍ତ ପ୍ରସ୍ତୁତି ଓ ପ୍ରକ୍ରିୟା ସରିଛି। ପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା (ଏସ୍‌ଓପି) ଅନୁସାରେ ବାହାର ଓ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର ହୋଇସାରିଛି। ସେହିପରି ଖାଲି ଆଲମିରା ଓ ସିନ୍ଦୁକଗୁଡ଼ିକୁ ସ୍ଥାନାନ୍ତର କରାଯାଇସାରିଛି। ଏହାପରେ ଏଏସ୍‌ଆଇକୁ ସଂରକ୍ଷଣ ଓ ମରାମତି କାର୍ଯ୍ୟ ହାତକୁ ନେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଥିଲା। ତେବେ ମରାମତି ପୂର୍ବରୁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ସର୍ଭେ କରାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହାଦ୍ୱାରା ଯେପରି ଶ୍ରୀମନ୍ଦିର ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପଡ଼ିବ ସେଥିପ୍ରତି ଧ୍ୟାନ ଦେବାକୁ ଏଏସ୍‌ଆଇକୁ ମଧ୍ୟ କୁହାଯାଇଥିଲା। ପୂର୍ଣ୍ଣାଙ୍ଗ ଅତ୍ୟାଧୁନିକ ତଥା ବୈଷୟିକ ଯାଞ୍ଚ ପରେ ଏଏସ୍‌ଆଇ ରତ୍ନଭଣ୍ଡାରର ସଂରକ୍ଷଣ ଓ ମରାମତି କାର୍ଯ୍ୟ ଅବିଳମ୍ବେ ସାରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଅନୁରୋଧ କରିଛନ୍ତି। ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ନେଇ ଚର୍ଚ୍ଚା ଉଠିଥିବାବେଳେ ଏହି ଯାଞ୍ଚ ଦ୍ୱାରା ଗୁପ୍ତ ସୁଡ଼ଙ୍ଗ ଅଛି କି ନାହିଁ ତାହା ସ୍ପଷ୍ଟ ହେବ। ସେହିପରି ରତ୍ନଭଣ୍ଡାର ତଳେ ଗୁପ୍ତ କୋଠରୀ ରହିଛି କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇପାରିବ।

## ଗୀତିନାଟ୍ୟ ନିର୍ଦ୍ଦେଶକ ନାରାୟଣ ସିଂଙ୍କ ପରଲୋକ

କଟକ,୧୭।୯ (କାର୍ତ୍ତିକ ସାହୁ)



ବିଶିଷ୍ଟ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ତଥା ହାଇକୋର୍ଟର ଅବସରପ୍ରାପ୍ତ କର୍ମଚାରୀ ନାରାୟଣ ସିଂ(୭୮)ଙ୍କର ମଙ୍ଗଳବାର ପ୍ରତ୍ୟୁଷରୁ ପରଲୋକ ହୋଇଯାଇଛି। ସେ କିଛିଦିନ ଧରି କର୍କଟ ରୋଗରେ ପୀଡ଼ିତ ଥାଇ ଚିକିତ୍ସାଧୀନ ଥିଲେ। ଚୌଧୁରୀ ଭାରତୀକୃଷ୍ଣ, ଅଭିନେତ୍ରୀ ନମ୍ରତା ଦାସ, ସତ୍ୟ ନାରାୟଣ ଦାସ, ଅଶୋକ ଚୌଧୁରୀ, ନିମାନନ୍ଦ ପାତ୍ର, ଡା. ରବିରଞ୍ଜନ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କଟକ କାଳୀଗଳି ବୁଢ଼ୀ ଠାକୁରାଣୀ ଲେନ୍‌ସ୍ଥିତ ତାଙ୍କ ବାସଭବନରେ ଶେଷଦର୍ଶନ କରିଛନ୍ତି। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ରବିଶଙ୍କର ସିଂ ମୁଖାଗ୍ନି ଦେଇଛନ୍ତି। ନାରାୟଣ ଜଣେ ସଫଳ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ଭାବେ ସୁପରିଚିତ ଥିଲେ। ସେ ଶତାଧିକ ମଞ୍ଚ, ବେତାର, ଟେଲିଭିଜନରେ ଅଭିନୟ କରିଥିଲେ। ସେ ପାରମ୍ପରିକ ଗୀତିନାଟ୍ୟର ପ୍ରଚାର ଓ ପ୍ରସାର ପାଇଁ ନିରବଚ୍ଛିନ୍ନ ଭାବେ ନିର୍ଦ୍ଦେଶକ, ସଙ୍ଗଠକ, ଅଭିନେତା ଭାବେ ଅବିରତ କାର୍ଯ୍ୟ କରିଥିଲେ। ଲୁପ୍ତପ୍ରାୟ ଲୋକକଳାକୁ ବଞ୍ଚାଇ ରଖିବା ଓ ତାର ପ୍ରଚାର ପ୍ରସାର ପାଇଁ ଅନବରତ ଉଦ୍ୟମ ଜାରି ରଖିଥିଲେ। ଗୀତିନାଟ୍ୟ ଅନୁଷ୍ଠାନ ସଂସ୍କୃତି ବିହାରର ଯୁଗ୍ମ ସମ୍ପାଦକ ଭାବେ ସେ କାର୍ଯ୍ୟରତ ଥିଲେ। ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ଦେବଦାସୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିପଦସଙ୍କୁଳ ଅବସ୍ଥାରେ ନାଳ ପାର

- **ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ**
- **ଅଭିଯୋଗ ପରେ ବି ନିର୍ମାଣ ହେଉନି ପୋଲ**

ଚମ୍ପୁଆ,୧୭।୯(ମହେଶ୍ୱର ଦାସ)



କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅଧୀନ ଚନ୍ଦ୍ରଶେଖରପୁର ପଞ୍ଚାୟତର କାଞ୍ଜିଆଶୁଳା ପଞ୍ଚୁସାହିକୁ ନିତିଦିନିଆ ରାସ୍ତା ନ ଥିବାରୁ ବିପଦସଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ର ନାଳ ପାରହୋଇ ବିଦ୍ୟାଳୟ ଯାଉଥିବା ଦେଖିବାକୁ ମିଳିଛି। ୩ ଥର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ପରେ ମଧ୍ୟ ମୁଖ୍ୟ ରାସ୍ତାରୁ ନାଳ ପାରହେବା ପାଇଁ ପୋଲଟିଏ ନିର୍ମାଣ ହୋଇପାରିନାହିଁ। ଫଳରେ ଛାତ୍ରୀଛାତ୍ରୀଙ୍କ ସମେତ ସାହିର ଲୋକେ ବର୍ଷାଦିନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁଯାୟୀ, ପଞ୍ଚୁସାହି କାଞ୍ଜିଆଶୁଳା ଗ୍ରାମର ଏକ ଅଂଶ । ଏହି ସାହିରେ ରହୁଥିବା ଅଧିବାସୀମାନେ ମୁଖ୍ୟ ରାସ୍ତାକୁ ଆସିବାକୁ ହେଲେ ଏକ ନାଳ ପାରିହୋଇ ଆସିବାକୁ ପଡୁଛି। ବର୍ଷାଦିନେ ଏହି ନାଳରେ ଜଳସ୍ତର ବଢୁଥିବା ବେଳେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭକରି ଗ୍ରାମବାସୀ ବିପଦସଙ୍କୁଳ ଅବସ୍ଥାରେ ପାରିହେଉଛନ୍ତି। ବର୍ଷା ହେଲେ ଅଭିଭାବକମାନେ ନିଜ ପିଲାମାନଙ୍କୁ କାନ୍ଧରେ ବସାଇ ନାଳ ପାରକରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଜୟମଣୀ ନାଏକଙ୍କୁ ପଚାରିବାରୁ ଏହି ସମସ୍ୟା ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛୁ। କିଛିଦିନ ତଳେ ଚମ୍ପୁଆ ବିଡିଓ ଘଟଣାସ୍ଥଳକୁ ଆସିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା କୌଣସି ସମାଧାନ ହୋଇପାରିନାହିଁ ବୋଲି କହିଛନ୍ତି। ସେହିପରି ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମୁଣ୍ଡା କୁହନ୍ତି, ଅଭିଯୋଗ ଦିଆଯାଉଛି ସତ, ମାତ୍ର କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଆସନ୍ତା ପଞ୍ଚାୟତ ସମିତି ବୈଠକରେ ପୁଣି ପ୍ରସ୍ତାବ ଦିଆଯିବ।

## ଲୋକଙ୍କ ଖାଦ୍ୟ ପାଇଁ ମରାଯିବ ୨୦୦ ହାତୀ

**ଜିମ୍ବାୱେରେ ଉତ୍କଟ ମରୁଡ଼ି**

ହରାରେ, ୧୭।୯



ଏଲ୍‌ନିନୋ ପ୍ରଭାବରେ ଜିମ୍ବାୱେ ଓ ଅନ୍ୟ ଦକ୍ଷିଣ ଆଫ୍ରିକୀୟ ଦେଶଗୁଡ଼ିକରେ ୪ ଦଶନ୍ଧି ମଧ୍ୟରେ ସବୁଠୁ ଉତ୍କଟ ମରୁଡ଼ି ସ୍ଥିତି ଦେଖାଦେଇଛି। ଏହାର ପ୍ରଭାବରେ ବହୁ ଫସଲ ନଷ୍ଟ ହେବା ସହ ୬.୮ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଜିମ୍ବାୱେରେ ମରୁଡ଼ି ଯୋଗୁ ଖାଦ୍ୟ ଅଭାବ ଦେଖାଦେଇଛି। ତେଣୁ ଲୋକଙ୍କ ଭୋକ ମେଣ୍ଟାଇବା ପାଇଁ ଜିମ୍ବାୱେ ସରକାର ୨୦୦ ହାତୀଙ୍କୁ ମାରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଜିମ୍ବାୱେ ବନ୍ୟପ୍ରାଣୀ ପ୍ରାଧିକରଣ ମୁଖପାତ୍ର ତିନଶେ ଫରାୱ୍ ଏନେଇ ସୂଚନା ଦେଇ କହିଛନ୍ତି, ମରୁଡ଼ି ଯୋଗୁ ଦେଶରେ ସମ୍ବଳର ମାତ୍ରା କମିଛି। ତେଣୁ କେତେକ ଅଞ୍ଚଳରେ ଲୋକେ ୨ ଓଳି ମଧ୍ୟ ଖାଇବାକୁ ପାଉନାହାନ୍ତି। ତେଣୁ ସରକାର ଦେଶବ୍ୟାପୀ ୨୦୦ ହାତୀ ମାରିବାକୁ ଯୋଜନା କରିଛନ୍ତି। ମରୁଡ଼ି କ୍ଷତିଗ୍ରସ୍ତ ଅଞ୍ଚଳରେ ଲୋକମାନଙ୍କ ଭୋକ ମେଣ୍ଟାଇବାକୁ ହାତୀ ମାଂସ ପ୍ରଦାନ କରାଯିବ। ତେବେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ କିପରି ପୂରଣ କରାଯିବ, ସେନେଇ ଆଲୋଚନା ଚାଲିଛି ବୋଲି ଫରାୱ୍ କହିଛନ୍ତି। ଜିମ୍ବାୱେରେ ଥିବା ବିଭିନ୍ନ ବନ୍ୟପ୍ରାଣୀ ସଂରକ୍ଷଣ ଓ ଜାତୀୟ ଉଦ୍ୟାନଗୁଡ଼ିକରେ ବହୁ ସଂଖ୍ୟାରେ ହାତୀ ରହୁଛନ୍ତି। ମରୁଡ଼ି ଯୋଗୁ ଦେଶର ସମ୍ବଳରେ ଅଭାବ ଦେଖାଦେଇଥିବାରୁ ମାନବ-ବନ୍ୟଜନ୍ତୁ ସଂଘର୍ଷ ବୃଦ୍ଧି ପାଇଥିବା ନେଇ ଫରାୱ୍ ସ୍ୱୀକାର କରିଛନ୍ତି। ଗତ ମାସରେ ପଡ଼ୋଶୀ ନାମିବ୍ୟାରେ ମଧ୍ୟ ମରୁଡ଼ି ପ୍ରଭାବିତ ଲୋକଙ୍କର କ୍ଷୁଧା ମେଣ୍ଟାଇବା ପାଇଁ ୮୩ଟି ହାତୀଙ୍କୁ ହତ୍ୟା କରାଯାଇଥିଲା। ଅନୁରୂପ ଭାବେ ଜିମ୍ବାୱେରେ ୨୦୦ ହାତୀଙ୍କୁ ହତ୍ୟା କରାଯିବ ବୋଲି ସେ କହିଛନ୍ତି। ଜିମ୍ବାୱେରେ ମୋଟ ୮୪ ହଜାର ହାତୀ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୨୦୦ ହାତୀଙ୍କୁ ମରାଯିବ। ଏହା ସମୁଦ୍ରକୁ ଶଙ୍ଖେ ପରି। ତେଣୁ ଏତେ କମ୍ ସଂଖ୍ୟକ ହାତୀମୃତ୍ୟୁରେ ଖାଦ୍ୟ ଶୃଙ୍ଖଳ ପ୍ରଭାବିତ ହେବ ନାହିଁ ବୋଲି ଫରାୱ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଜିମ୍ବାୱେର ପରିବେଶ ଓ ଜଳବାୟୁ ମନ୍ତ୍ରୀ ନକୋବିଜିଆ ମଙ୍ଗାଲିସୋ ଏଣ୍ଡଲୋବୁ ଗତ ସପ୍ତାହରେ କହିଥିଲେ, ଦେଶରେ ହାତୀସଂଖ୍ୟା ଆବଶ୍ୟକତାଠାରୁ ଅଧିକ ରହିଛି। ଜିମ୍ବାୱେରେ ଥିବା ସମସ୍ତ ବନ୍ୟପ୍ରାଣୀ ସଂରକ୍ଷଣ ଓ ଜାତୀୟ ଉଦ୍ୟାନଗୁଡ଼ିକରେ ୫୫ ହଜାର ହାତୀ ରହିବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ସମ୍ପ୍ରତି ଏଠାରେ ୮୪ ହଜାର ହାତୀ ବସବାସ କରୁଛନ୍ତି। ଭୟଙ୍କର ମରୁଡ଼ି ଯୋଗୁ ଫସଲ ନଷ୍ଟ ହୋଇଛି ଏବଂ ଦେଶର ସଂଶାଧନ କମିଛି। ତେଣୁ ଜିମ୍ବାୱେରେ ହାତୀମାନଙ୍କୁ ବଞ୍ଚିବା ପାଇଁ ଦରକାରଠାରୁ କମ୍ ଆହାର ମିଳୁଥିବା ସେ କହିଥିଲେ। ସୂଚନାଯୋଗ୍ୟ, ୫ ଦକ୍ଷିଣ ଆଫ୍ରିକୀୟ ଦେଶ ଜିମ୍ବାୱେ, ନାମିବ୍ୟା, ବୋଟ୍‌ସ୍ୱାନା, ଜାମ୍ବିଆ ଏବଂ ଆଙ୍ଗୋଲାର ବନ୍ୟଜନ୍ତୁ ସଂରକ୍ଷଣ ଅଞ୍ଚଳଗୁଡ଼ିକରେ ୨ ଲକ୍ଷରୁ ଅଧିକ ହାତୀ ବସବାସ କରୁଛନ୍ତି। ଉକ୍ତ ଅଞ୍ଚଳ ସମଗ୍ର ବିଶ୍ୱରେ ସର୍ବାଧିକ ହାତୀ ରହୁଥିବା ଅଞ୍ଚଳ ଭାବେ ପରିଗଣିତ ହୋଇଛି। ବିଶ୍ୱର ସର୍ବାଧିକ ହାତୀ ବୋଟ୍‌ସ୍ୱାନାରେ ଥିବାବେଳେ ଏହି ତାଲିକାରେ ଜିମ୍ବାୱେ ଦ୍ୱିତୀୟ ସ୍ଥାନରେ ରହିଛି। ଜିମ୍ବାୱେ ନିଜର ବନ୍ୟପ୍ରାଣୀ ସଂରକ୍ଷଣ ପ୍ରୟାସ ଏବଂ ହାତୀଙ୍କର ବଢୁଥିବା ଜନସଂଖ୍ୟା ଯୋଗୁ ମିଳିତ ଜାତିସଂଘ ପକ୍ଷରୁ ବହୁବାର ପ୍ରଶଂସିତ ହୋଇଛି।

## ଶିକ୍ଷକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଲେ ରୋଷେୟା

**ବୁଡୁବାଲି ଆଶ୍ରମ ବିଦ୍ୟାଳୟ**

ରାୟଗଡ଼ା,୧୭।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ବୁଡୁବାଲି ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଛନ୍ତି ସେହି ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା ରୋଷେୟା। ଏ ନେଇ ମହିଳା ଜଣକ ଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ କିଛି ମାସ ହେଲା ତାଙ୍କୁ ଯୌନ ନିର୍ଯାତନା ଦେଉଥିଲେ। ଗତ ଜୁଲାଇରେ ବଳପୂର୍ବକ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ବଦନାମ କରିଦେବେ ବୋଲି ଧମକ ଦେଉଥିଲେ। ଲୋକଲଜ୍ଜା ଭୟରେ ସେ ଅଭିଯୋଗ କରୁ ନ ଥିଲେ। ଶିକ୍ଷକ ଜଣକ ବାରମ୍ବାର ନିର୍ଯାତନା ଦେବାରୁ ଏଥିରେ ଅତିଷ୍ଠ ହୋଇ ସ୍ଥାନୀୟ ଲୋକଙ୍କୁ ଶିକ୍ଷକଙ୍କ କାର୍ଯ୍ୟକଳାପ ବିଷୟରେ ଜଣାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ସୋମବାର ଚନ୍ଦ୍ରପୁର ଥାନାକୁ ଯାଇ ଶିକ୍ଷକଙ୍କ ବିରୋଧରେ ଲିଖିତ ଭାବରେ ଅଭିଯୋଗ କରିଥିବା ସେ କହିଛନ୍ତି। ଏ ନେଇ ସହକାରୀ ଶିକ୍ଷକ ପାଢ଼ୀଙ୍କୁ ପଚାରିବାରୁ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ରୋଷେୟାଙ୍କୁ ନିଜ କାର୍ଯ୍ୟରେ ଅବହେଳା କରୁଥିବା ନେଇ ମୁ ତାଗିଦ କରୁଥିବାରୁ ସେ ପ୍ରତିଶୋଧ ପରାୟଣ ହୋଇ ମୋ ବିରୋଧରେ ଏଭଳି ଅଭିଯୋଗ କରିଥିବା କହିଛନ୍ତି। ଚନ୍ଦ୍ରପୁର ପୋଲିସ ଏ ନେଇ କେସ୍ ନଂ. ୭୪/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଆଇଆଇସି ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି। ଶିକ୍ଷକ ପାଢ଼ୀ ବର୍ତ୍ତମାନ ଫେରାର ଥିବା ସେ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ମହାରାଜ ସବୁ ପ୍ରକାର ନିରାମିଷ ବ୍ୟଞ୍ଜନ ରାନ୍ଧିପାରୁଥିବା (ବୟସ ୩୦ ପର୍ଯ୍ୟନ୍ତ) ଏବଂ ସବୁ ଘରଚାକର ଘରର ସବୁ କାମ କରିବାବାଲା ତୁରନ୍ତ ଆବଶ୍ୟକ । ଦରମା ମୋବାଇଲରେ ସ୍ଥିର କରାଯିବ ।
ଯୋଗାଯୋଗ: ୭୦୪୫୫୭୭୫୩୩

WANTED
For Gas Plant Male /Female
Eligibility :- 10th to Graduate+Diploma Holder Technical Staff, Computer Operator, Store Incharge, Accountant, Fitter, Welder, Electrician, Plumber, Wireman Salary (22500/- to 42500/-) Food+Room+Cab (Send CV on this Email Id: recruitmentongc2023@gmail.com)
CONTACT : (W) 09654051305

REQUIRED UNISEX SPA
1. RECEPTIONIST (7 Nos) good Qualification
2. ମହିଳା ଥେରାପିଷ୍ଟ ଆବଶ୍ୟକ
Salary: 12000-15000+Bonous
Call: 7847834544

URGENTLY REQUIRED
Experienced Guest House incharge- 1 no., Housekeeper - 2 nos., Cook - 2 nos., Waiter - 2 nos. for Guest House, Bhubaneswar.
Contact : 7656915989

PUBLIC NOTICE
Notice is hereby given that my Client Sampada Bhave, Wife of Late Arun Bhave and Daughter of Late Sohan Lal Sahu, R/o.- Luv Kush Vihar, Raipur, Dist. – Raipur (C.G.) intend to sell her landed property situated in Mouza – Khariar Road Town, Unit No. 4, Bazarpada, Thana- Jonk, No. –57/88, Dist.- Nuapada (Odisha) vide Khata No. 412/340, Plot Nos. – 53,61,183, 184, 185, 186, 187, 200, 205, 335 and 710, measuring Area (In Acre) -0.040, 0.035, 0.088, 0.100, 0.094, 0.126. 0.138, 0.070, 0.034, 0.085, 0.090 respectively.
Any person or persons having any right, title or interest or claim/objection over the aforesaid landed property should send their claims/objections in writing to the undersigned along with documentary evidence in support of their claims within 15 days of publication of this Notice, failing which it shall be assumed that no person(s) have any claim or objection over the sale transaction which will be made by said Sampada Bhave.
VIKASH KUMAR SONI (ADVOCATE)
At/Po-KHARIAR ROAD,DIST-NUAPADA (ODISHA)
Mob- 9937634263/ 9040972734

WE ARE HIRING !!! at VLCC Bhubaneswar
Applications invited from experienced Dermatology Doctors (full time). Salary negotiable as per experience.
Please apply within 7 days to :
khirodsamal1986@gmail.com
Contact : 9776681678

BADRIPRASAD Group of Institutions
B.Sc Nursing 4 Years Course
PB BSc Nursing 2 Years Course
GNM 3 Years Course
ANM 2 Years Course
ADMISSION GOING ON
SCHOLARSHIP FOR SC/ST STUDENT
In Campus Hostel Facility Available
Practical Training at Govt. Hospital, D.H.H., Bargarh, Sambalpur, VIMSAR, Burla. (Transportation included)
BADRIPRASAD College of Nursing BARGARH
Mob-7504241329, 7978356289, 9668822600
At- Ambapali, Ward No.17, PO./PS./, Dist:- Bargarh, Pin-768028

ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ ଲିଃ
(ଭାରତ ସରକାର ଏବଂ ଦିଲ୍ଲୀ ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ସାଙ୍କେତିକ ବିଜ୍ଞାପନ
ବିଜ୍ଞାପନ ନଂ. ଡିଏମ୍‌ଆର୍‌ସି/ପିଇଆର୍‌ଏସ୍/୨୨/ଏଚ୍‌ଆର୍/୨୦୨୪ (୧୭୯) ତାରିଖ: ୧୧।୦୯।୨୦୨୪
ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ ଲିମିଟେଡ୍ (ଡିଏମ୍‌ଆର୍‌ସି) ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ବିଭିନ୍ନ ବିଭାଗରେ ସ୍ଥାୟୀ ମିଆଦ ଚୁକ୍ତିମୂଳକ ନିଯୋଜନ ଭିତ୍ତିରେ କାର୍ଯ୍ୟନିର୍ବାହୀ ଏବଂ ଅଣ-କାର୍ଯ୍ୟନିର୍ବାହୀ ପଦବୀଗୁଡ଼ିକ ନିମନ୍ତେ ଅଭିଜ୍ଞ କର୍ମଚାରୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି। ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୨୬।୦୯।୨୦୨୪ରିଖ।
ଏହା ଏକ ସାଙ୍କେତିକ ବିଜ୍ଞାପନ ଅଟେ । ସବିଶେଷ ଖାଲିପଦବୀ ଅଧିସୂଚନା ଏବଂ ଯୋଗ୍ୟତା ମାନଦଣ୍ଡ, ଯୋଗ୍ୟତା, ଅଭିଜ୍ଞତା, ବୟସ ସୀମା, ମନୋନୟନ ପଦ୍ଧତି ଇତ୍ୟାଦି ସମ୍ବନ୍ଧୀୟ ବିବରଣୀ ଡିଏମ୍‌ଆର୍‌ସି ୱେବ୍‌ସାଇଟ୍: www.delhimetrorail.com ର କ୍ୟାରିୟର୍ ସେକ୍ସନରେ ଉପଲବ୍ଧ।
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍‌ଆର୍)
ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ ଲିଃ
ମେଟ୍ରୋ ଭବନ, ଫାୟାର୍ ବ୍ରିଗେଡ୍ ଲେନ୍, ବାରାଖମ୍ବା ରୋଡ୍, ନୂଆଦିଲ୍ଲୀ
ବିଜ୍ଞାପନ ନଂ. : DMRC/949/2024

GIET UNIVERSITY, GUNUPUR
Established by Govt. Of Odisha Act 23/2018, Approved by UGC, AICTE & AIU, New Delhi
High quality education, famous for 97% Campus Placement in
B.Tech in CSE (AI & ML).
B.Sc. Agriculture, ICAR Accredited
B.TECH B.Sc. NURSING MBA MCA HOTEL MGT. Ph.D.
811 8053 001 to 009 deanadmission@giet.edu

OrissaPOST English daily
WANTED
Visual Graphic Designers
- Candidate should be able to create visual packages & attractive news / stories for digital audiences.
- Develop graphics and visuals for product illustrations.
- Responsible for creating on screen text, video graphics, developing company creatives, assist with custom graphics & packages and building marketing material.

Layout Designers
- Minimum 3 years+ experience in print media.
- Proficiency in QuarkXPress, Photoshop cs3, CorelDRAW is a must.

Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.

# ସହାନୁଭୂତି ହ୍ରାସ

୨୦୨୧ରେ ତାଲିବାନ୍ ଦ୍ୱିତୀୟ ଥର ଆଫଗାନିସ୍ତାନରେ କ୍ଷମତା ଦଖଲକରିବା ପରେ ମହିଳାଙ୍କ ଅଧିକାର ଛଡ଼ାଇନେବା ସହ ଏବେ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ବନ୍ଦ କରିଦେଇଛି। ଏହି ନିଷ୍ପତ୍ତିର କାରଣ ସମ୍ପର୍କରେ ତାଲିବାନ୍ କିଛି ଦର୍ଶାଇ ନ ଥିବା ଜାତିସଂଘ ତରଫରୁ ସେପ୍ଟେମ୍ବର ୧୬ରେ କୁହାଯାଇଛି। ଘରକୁ ଘର ଯାଇ ଟିକା ଦେବା ବଦଳରେ ମସ୍‌ଜିଦ୍‌ରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ଆଲୋଚନା ହୋଇଥିଲାବେଳେ ଏହାକୁ ବନ୍ଦ କରାଯାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ସୂତ୍ରରୁ ପ୍ରକାଶ । ଏହା ସେହି ଦେଶର ଭବିଷ୍ୟତ ପିଢ଼ି ପାଇଁ ନିଶ୍ଚିତ ଭାବେ କ୍ଷତିକାରକ ହେବ। ଏହା ପଛରେ କଠୋର ଇସ୍‌ଲାମୀୟ ଚିନ୍ତାଧାରା ଥାଇପାରେ ବୋଲି କୁହାଯାଉଛି। ଉଲ୍ଲେଖନୀୟ ଯେ, ଏକ ପୋଲିଓମୁକ୍ତ ବିଶ୍ୱ ପାଇଁ ୧୯୮୮ରୁ ସମାବେଶୀ ପ୍ରୟାସ ଜାରି ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ୟୁନିସେଫ୍, ଆମେରିକାର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନ୍‌ଶନ(ସିଡିଇ) ଏବଂ ରୋଟାରି ଇଣ୍ଟରନ୍ୟାଶନାଲ ଭଳି ସଂସ୍ଥାଗୁଡ଼ିକର ସହଯୋଗରେ ବୈଶ୍ୱିକ ପୋଲିଓ ନିରାକରଣ ଅଭିଯାନ ଏଯାବତ୍ ସକ୍ରିୟ ଅଛି। କୋଭିଡ୍-୧୯ ମହାମାରୀ ସମୟରେ ସାରା ପୃଥିବୀର ଶିଶୁମାନେ ଏହି ଟିକାରୁ ବଞ୍ଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହି ପଦକ୍ଷେପକୁ ତ୍ୱରାନ୍ୱିତ କରାଯାଇଛି। ୧୨୫ଟିରୁ ଅଧିକ ସଂକ୍ରମଣପ୍ରବଣ ଦେଶରୁ ଏହାକୁ ଦୂରକରାଯାଇଥିବାବେଳେ ୨୦୧୪ରୁ ଭାରତକୁ ଏହି ସଂକ୍ରମଣରୁ ମୁକ୍ତ ବୋଲି ସରକାର ଦାବି କରିଥିଲେ। ଏବେ ସୁଦ୍ଧା ଆଫଗାନିସ୍ତାନ, ପାକିସ୍ତାନରେ ୱାଇଲ୍ଡ ପୋଲିଓ ଭାଇରସ୍‌ର ଉପସ୍ଥିତି ସମସ୍ତଙ୍କୁ ଚିନ୍ତାରେ ପକାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା କରାଯାଇଥିବା ସର୍ଭେର ତଥ୍ୟ ଅନୁଯାୟୀ ୨୦୨୩ରେ ଆଫଗାନିସ୍ତାନରେ ପୋଲିଓ ରୋଗୀ ସଂଖ୍ୟା ୬ ଥିବାବେଳେ ଏହା ୨୦୨୪ ଜୁନ୍ ସୁଦ୍ଧା ୧୮ରେ ପହଞ୍ଚିଛି। ପାକିସ୍ତାନରେ ଏହି ସଂଖ୍ୟା ୧୪ରେ ସୀମିତ । ପାକିସ୍ତାନରେ ବିଭିନ୍ନ ସମୟରେ ହିଂସାତ୍ମକ ଘଟଣା ଟିକାକରଣରେ ବାଧା ସୃଷ୍ଟି କରୁଥିବା ସମୟରେ ଆଫଗାନିସ୍ତାନରେ ତାଲିବାନୀ କଟକଣା ବୈଶ୍ୱିକ ପୋଲିଓ ନିରାକରଣ ଅଭିଯାନ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ପୋଲିଓ ଟିକାକରଣ ବନ୍ଦ ହେଲେ ଆଫଗାନିସ୍ତାନରେ ଏହି ସଂକ୍ରମଣ ବଢ଼ିବାର ସମ୍ଭାବନା ଅଛି । ଏହା ନିଶ୍ଚିତ ଯେ, ଆଫଗାନିସ୍ତାନରେ ପୋଲିଓ ସଂକ୍ରମଣ ବଢ଼ିଲେ ତାହା କେବଳ ସେହି ଦେଶର ସୀମା ଭିତରେ ସୀମିତ ରହିବ ବୋଲି କହିହେବ ନାହିଁ, ବରଂ ଏହା ପୁନର୍ବାର ସାରା ପୃଥିବୀ ପ୍ରତି ବିପଦ ସୃଷ୍ଟିକରିବ। ଡବ୍ଲ୍ୟୁଏଚ୍‌ଓ ସତର୍କ କରିଦେଇଛି ଯେ, କୌଣସି ଦେଶରେ ଗୋଟିଏ ପୋଲିଓ ସଂକ୍ରମିତ ଶିଶୁ ରହିଲେ ପୋଲିଓ ନିରାକରଣ ଅଭିଯାନ ସମ୍ପୂର୍ଣ୍ଣ ସଫଳ ହେବ ନାହିଁ ଏବଂ ପୁନର୍ବାର ବୈଶ୍ୱିକ ସଂକ୍ରମଣ ପ୍ରକାଶ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଏ ଦୃଷ୍ଟିରୁ ବିଚାରକଲେ ତାଲିବାନ୍‌ର ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ବନ୍ଦ କରିବା ନିଷ୍ପତ୍ତି ନିଜର କ୍ଷତି କରିବା ସହ ସମଗ୍ର ପୃଥିବୀ ପାଇଁ ହାନିକାରକ।

> ଇସ୍‌ଲାମୀୟ ଧର୍ମଗ୍ରନ୍ଥରେ ସମ୍ଭବତଃ କୌଣସି ସ୍ଥାନରେ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବାର କେବେହେଲେ ଉଲ୍ଲେଖ ଥିବ ବୋଲି ବିଶ୍ୱାସ କରିହେଉନାହିଁ। ଆଜି ପୃଥିବୀବ୍ୟାପୀ ସବୁ ଜାଗାରେ ଇସ୍‌ଲାମୀୟ ଚିନ୍ତାଧାରାକୁ ବିରୋଧ ଏବଂ ଭୟ ସୃଷ୍ଟିହେବା ପଛରେ ଏହିଭଳି ଘୋଷଣା ଓ କାର୍ଯ୍ୟକଳାପ ମୁଖ୍ୟତଃ ଦାୟୀ।

ଉଲ୍ଲେଖନୀୟ ଯେ, ଆଫଗାନିସ୍ତାନରେ ତାଲିବାନ୍ ଶାସନର ଦ୍ୱିତୀୟ ପାଳିର ଆରମ୍ଭରୁ ମହିଳାଙ୍କ ଶିକ୍ଷା, ବୃତ୍ତିଗତ ଅଧିକାରକୁ କ୍ଷୁଣ୍ଣ କରାଯାଇଛି। ଏହାସହ ଚଳିତ ବର୍ଷ ଅଗଷ୍ଟ ମାସରେ 'ଭାଇସ୍ ଆଣ୍ଡ୍ ଭର୍ଚ୍ୟୁ' ନାମରେ ଏକ କଠୋର ଆଇନ ଆଣି ମହିଳାଙ୍କ ବାକ୍ ସ୍ୱାଧୀନତା ଉପରେ କଟକଣା ଲଗାଇଛି। ଏସବୁ କଟକଣା ଦେଶର ବିକାଶରେ ବାଧା ଆଣିଥିବାବେଳେ ଏବେ ତାଲିବାନ୍ ପୋଲିଓ ଟିକାକରଣ ବନ୍ଦକରି ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟିକରିବାକୁ ଚେଷ୍ଟା କରିଛି। ୧୯୯୬ରେ ତାଲିବାନ୍ ପ୍ରଥମ ଥର କ୍ଷମତାକୁ ଆସିବା ପରେ ଇସ୍‌ଲାମୀୟ ଚିନ୍ତାଧାରାରେ ଯେତିକି କଠୋର ନ ଥିଲା ଏବେ ତାହା ଅନେକ ଗୁଣ ବଢ଼ିଯାଇଛି। ଏହିଭଳି ଚିନ୍ତାଧାରାକୁ ବିଧିବଦ୍ଧ ଭାବେ କୌଣସି ଦେଶର ଶାସକମାନେ କାର୍ଯ୍ୟକାରୀ କରାଇଲେ ତାହା ସମଗ୍ର ପୃଥିବୀ ପ୍ରତି ବିପଦ ଟାଣି ଆଣୁଛି। ଇସ୍‌ଲାମୀୟ ଧର୍ମଗ୍ରନ୍ଥରେ ସମ୍ଭବତଃ କୌଣସି ସ୍ଥାନରେ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବାର କେବେହେଲେ ଉଲ୍ଲେଖ ଥିବ ବୋଲି ବିଶ୍ୱାସ କରିହେଉନାହିଁ। ଆଜି ପୃଥିବୀବ୍ୟାପୀ ସବୁ ଜାଗାରେ ଇସ୍‌ଲାମୀୟ ଚିନ୍ତାଧାରାକୁ ବିରୋଧ ଏବଂ ଭୟ ସୃଷ୍ଟିହେବା ପଛରେ ଏହିଭଳି ଘୋଷଣା ଓ କାର୍ଯ୍ୟକଳାପ ମୁଖ୍ୟତଃ ଦାୟୀ।

କେବଳ ଇସ୍‌ଲାମୀୟ ଦେଶ ଆଫଗାନିସ୍ତାନରେ ବୋଲି ନୁହେଁ, ଅଶାନ୍ତ ମଧ୍ୟପ୍ରାଚ୍ୟରୁ ଅନେକ ଲକ୍ଷ ଶରଣାର୍ଥୀ ଜୀବନ ବଞ୍ଚାଇବା ପାଇଁ ୟୁରୋପରେ ପ୍ରବେଶ କରୁଛନ୍ତି। ଥରେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଥଇଥାନ ହୋଇଗଲା ପରେ ସେମାନେ ନିଜର ପୁରାତନ ଚିନ୍ତାଧାରାକୁ ନୂତନ ଦେଶରେ କାର୍ଯ୍ୟକାରୀ କରାଇବା ପାଇଁ ଲାଗିପଡୁଛନ୍ତି। ଏହି ଶରଣାର୍ଥୀମାନେ ପରବର୍ତ୍ତୀ ସମୟରେ ଆକ୍ରମଣାତ୍ମକ ଚରିତ୍ର ଦର୍ଶାଇବା ଫଳରେ ଏବେ ସେମାନଙ୍କ ପାଇଁ ସହାନୁଭୂତି ହ୍ରାସ ପାଉଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | 9 | | |
| | 6 | | 3 | | 1 | | | |
| | | 1 | | | | | 5 | |
| | 9 | | 6 | | | | | 7 |
| | | | | 5 | | | | |
| 4 | | | | | 9 | | | |
| | 7 | 3 | | | 2 | | | 4 |
| 2 | | 6 | | | 5 | | 8 | |
| | 5 | | 1 | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 2 | 4 | 6 | 8 | 3 | 7 |
| 8 | 7 | 6 | 9 | 3 | 5 | 2 | 1 | 4 |
| 2 | 3 | 4 | 1 | 8 | 7 | 5 | 9 | 6 |
| 7 | 5 | 1 | 3 | 9 | 8 | 6 | 4 | 2 |
| 4 | 6 | 8 | 5 | 2 | 1 | 3 | 7 | 9 |
| 3 | 2 | 9 | 7 | 6 | 4 | 1 | 5 | 8 |
| 6 | 4 | 3 | 8 | 1 | 9 | 7 | 2 | 5 |
| 5 | 8 | 2 | 4 | 7 | 3 | 9 | 6 | 1 |
| 9 | 1 | 7 | 6 | 5 | 2 | 4 | 8 | 3 |

ଗତକାଲିର ଉତ୍ତର

# ସମବାୟରେ ଅର୍ଥନୈତିକ ସମାନତା



ପ୍ରତାପ ଚନ୍ଦ୍ର ସାମଲ

କୌଣସି ଦେଶ ସ୍ୱାଧୀନ ହେବା ପରେ ଯେଉଁ ଅର୍ଥନୈତିକ ବିକାଶ ଘଟେ ତାହା ଦେଶର ରାଜନୈତିକ ସ୍ଥିତି ଅନୁସାରେ ପରିଗଣିତ ହୁଏ। କିଏ ପୁଞ୍ଜିବାଦ ଚାହେଁ ତ କିଏ ସମାଜବାଦ, ନ ହେଲେ ସାମ୍ୟବାଦ। ଭାରତ ସ୍ୱାଧୀନ ହେଲାପରେ ଯେଉଁ ଗଣତାନ୍ତ୍ରିକ ସମାଜବାଦ ଆପଣାଇଲା ସେଥିରେ ଦେଶର ବିକାଶ ନିମନ୍ତେ ମିଶ୍ର ଅର୍ଥନୀତି ଗ୍ରହଣ କରାଗଲା। ଏଥିରେ ରାଷ୍ଟ୍ର ତଥା ଘରୋଇ ଉନ୍ନୟନକୁ ପ୍ରାଧାନ୍ୟ ଦିଆଗଲା। କେତେକ ସ୍ଥଳେ ରାଷ୍ଟ୍ର ଉନ୍ନୟନକୁ ଗୁରୁତ୍ୱ ଦେଲେ ଆଉ କେତେକ କ୍ଷେତ୍ରରେ ଘରୋଇ ସଂସ୍ଥା ଉନ୍ନୟନକୁ ଆଗେଇ ନେଲେ। ଆବଶ୍ୟକ ହେଲେ ରାଷ୍ଟ୍ର ଓ ଘରୋଇ ମିଶି ଉଦ୍ୟୋଗ କରିବେ ବୋଲି ସ୍ଥିର ହେଲା। ୧୯୫୫ ମସିହାରେ ଶିଳ୍ପୋଦ୍ୟୋଗୀ ସଂଘକୁ ସୂଚନା ଦେଇ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ କହିଥିଲେ ଯେ, ଦେଶର ଆଶୁ ବିକାଶ ପାଇଁ ଉଭୟ ଯୋଗଦାନ ଅବଶ୍ୟମ୍ଭାବୀ, ଏଥିପାଇଁ ଏକ ଯୋଜନା ଆବଶ୍ୟକ। ତଦନୁସାରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ ଯୋଜନା ବୋର୍ଡ ଗଠିତ ହୋଇ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଦେଶର ଅର୍ଥନୈତିକ ବିକାଶ ଆରମ୍ଭ କରାଯାଇଥିଲା। ସମ୍ବିଧାନର ଏହି ନୀତି ବ୍ୟବସ୍ଥା କଲାବେଳେ ସମବାୟ ମାଧ୍ୟମରେ ଅର୍ଥନୈତିକ ବିକାଶ ଘଟାଯାଇ ପାରିବ ବୋଲି ଚିନ୍ତା କରାଯାଇ ସମବାୟକୁ ଏହି ମିଶ୍ର ଅର୍ଥନୀତିରେ ସ୍ଥାନ ଦିଆଗଲା।

ତଦନୁସାରେ ଭାରି, ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ଏମାନଙ୍କ ମଧ୍ୟରେ ଉନ୍ନୟନ ଦାୟିତ୍ୱ ବଣ୍ଟାଯାଇ ସରକାରଙ୍କ ନିୟନ୍ତ୍ରଣରେ ରଖାଗଲା। ଯୋଜନାବଦ୍ଧ ଅର୍ଥନୀତିରେ ଦେଶର ପ୍ରାକୃତିକ ସମ୍ପଦ ଓ ମାନବ ସମ୍ବଳ ସହିତ ଉତ୍ପାଦନ ଓ ବଣ୍ଟନର ସଦ୍ ବିନିଯୋଗ ହୋଇଥାଏ; ଯାହା ସମସ୍ତଙ୍କୁ ସୁଫଳ ଦେଇ ସମାନ ଅର୍ଥନୈତିକ ବିକାଶ ଘଟାଇଥାଏ ବୋଲି ପ୍ରଫେସର 'ମଲାନବିଶ୍' କହନ୍ତି। ଡରବିନ୍‌ଙ୍କ ମତରେ ଯୋଜନା ଦ୍ୱାରା କେବଳ ପୁଞ୍ଜିବାଦର କୁଫଳକୁ ରୋକାଯାଇପାରିବ। ଆଉ ପାଦେ ଆଗକୁ ଯାଇ ପ୍ରଫେସର ଡାଲ୍‌ଟନ୍ କହିଛନ୍ତି ଯେ, ଯୋଜନାର ଠିକ୍ ରୂପାୟନ ପାଇଁ ସତର୍କତା ଅବଲମ୍ବନ ବିଧେୟ। ବିଭିନ୍ନ ଉନ୍ନୟନ ପାଇଁ ପୁଞ୍ଜି ଯୋଗାଡ଼ ସହିତ ଅଧିକ ଉତ୍ପାଦନ, ସେବା ଓ ବଜାର ସୃଷ୍ଟିହେବା ଉଚିତ। କୃଷି, ଶିଳ୍ପ, ଗମନାଗମନ, ଜଳ, ଶକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ସାଙ୍ଗକୁ ସଞ୍ଚାର ଓ ପ୍ରସାର ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ଜରିଆରେ ବିକଶିତ ହେବାକୁ ଲାଗିଲାବେଳେ ରାଜନୀତି, ହିଂସା, ଅସ୍ୱଚ୍ଛ କାର୍ଯ୍ୟକଳାପ ଓ ପ୍ରାକୃତିକ ଦୁର୍ବିପାକ ଯୋଗୁ ସପ୍ତମ ପଞ୍ଚବାର୍ଷିକ ଯୋଜନା ପର୍ଯ୍ୟନ୍ତ ଦେଶର ଉନ୍ନୟନ ଗତି ମନ୍ଥର ରହିଲା। ବିଶ୍ୱ ଅର୍ଥନୀତି ସହ ଯୋଡ଼ିହୋଇ



ବିକାଶକୁ ଆହୁରି ବ୍ୟାପକ କରିବାକୁ ଆମ ଦେଶରେ ଅଷ୍ଟମ ପଞ୍ଚବାର୍ଷିକ ଯୋଜନାଠାରୁ ଅର୍ଥନୈତିକ ସଂସ୍କାର ଆରମ୍ଭ କରାଗଲା। ଏଥିରେ ରାଷ୍ଟ୍ରର ଗୁରୁତ୍ୱକୁ ସଙ୍କୁଚିତ କରାଯାଇ ଘରୋଇ ଓ ସମବାୟ ସଂସ୍ଥାକୁ ବିକେନ୍ଦ୍ରିତ ଜନଶାସନକୁ ବିକାଶ କ୍ଷେତ୍ରରେ ଦାୟିତ୍ୱ ଦିଆଗଲା। ଲାଇସେନ୍ସ କଟକଣା ଉଠାଇ ଦିଆଗଲା। ଦେଶଜ ଉନ୍ନୟନ ଓ ବହିର୍ବ୍ୟାପାର ନିମନ୍ତେ ଶୁଳ୍କ ଟିକସ କୋହଳ କରିଦିଆଗଲା। ଅଧିକ ପୁଞ୍ଜି ଉଭୟ ସରକାରୀ, ଘରୋଇ ତଥା ସମବାୟ କ୍ଷେତ୍ରରେ ବିନିଯୋଗ ହୋଇ ଉତ୍ପାଦନ ଓ ମୁକ୍ତ ବଜାରଭିତ୍ତିକ ବଣ୍ଟନ ସୁବିଧା ଦିଆଗଲା।

ଏହି ପରିପ୍ରେକ୍ଷୀରେ ଅର୍ଥନୀତିବିତ୍ ଜି.ଆର୍. ପଞ୍ଚମୁଖୀ କହନ୍ତି, ବିକାଶମୁଖୀ ଦେଶଗୁଡ଼ିକ ମଧ୍ୟରେ ଉତ୍ପାଦନ ବାଣିଜ୍ୟକୁ ସୁଦୃଢ଼ ଓ ଦକ୍ଷତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବିଶ୍ୱ ଅର୍ଥନୈତିକ ପ୍ରଗତି ସହ ସମ୍ପର୍କ ରଖିବା ଅର୍ଥନୈତିକ ସଂସ୍କାରର ମୁଖ୍ୟ ଉଦ୍ଦେଶ୍ୟ। ଅଷ୍ଟମରୁ ଏକାଦଶ ଯୋଜନା ମଧ୍ୟରେ ମୁକ୍ତ ଅର୍ଥନୀତି ଘଟି ବିକାଶ ତ୍ୱରାନ୍ୱିତ କରାଗଲା ବେଳେ ଦେଖାଗଲା ଯେ ଉତ୍ପାଦନ ତଥା ବାଣିଜ୍ୟ ପ୍ରତି ଧ୍ୟାନ ନ ଦେଇ ଘରୋଇ ଉଦ୍ୟୋଗ ଶତାଂଶ କିମ୍ବା ଅର୍ଦ୍ଧାଧିକ ଅଂଶ ଓ ଭିତ୍ତିଭୂମି ଇତ୍ୟାଦିରେ ଦଖଲ ତଥା ରିହାତି ସୁବିଧା ଏବଂ ସର୍ବୋପରି ନିଜ ନିଜର ସ୍ୱାର୍ଥ ହାସଲରେ ଲାଗିପଡ଼ିଲେ। ଏପରି କି ସରକାରୀ ପୁଞ୍ଜି ତଥା ଗ୍ୟାରେଣ୍ଟି ଘରୋଇ ଉଦ୍ୟୋଗରେ ବିନିଯୋଗ ହେବା ଫଳରେ ଏସବୁ ଯୋଗୁ ଘରୋଇ ଅର୍ଥନୀତି ଦୁର୍ବଳ ହୋଇଗଲା। ସେବା କ୍ଷେତ୍ରରେ ଅବହେଳା କରାଗଲା। ଗ୍ରାମାଞ୍ଚଳକୁ ପୁଞ୍ଜି, ଶ୍ରମ, ଜ୍ଞାନ ଓ କୌଶଳ ବାଟମାରଣା ହେଲା। ସରକାର ତାଙ୍କର କୋହଳ ନୀତିରେ ନିୟନ୍ତ୍ରଣ ରଖିଲେ ନାହିଁ। ବର୍ତ୍ତମାନ କୃତ୍ରିମ ପୁଞ୍ଜି ଓ ଦ୍ରବ୍ୟ ଅଭାବ ସାଧାରଣରେ ଦେଖାଦେଇଛି। ଏଣୁ ଯୋଜନାର ପ୍ରକୃତ ଅର୍ଥ ଋଣ ଓ ସ୍ୱପାଣ୍ଠିରୁ ବିନିଯୁକ୍ତ ହେଲେ ମଧ୍ୟ ଯୋଗାଣ ଓ ଚାହିଦାର ଅଭାବ ଦୃଷ୍ଟିରୁ ଅର୍ଥନୈତିକ ବିଷମତା ଆମ ସମାଜରେ ଦେଖାଦେଇଛି। ଦରଦାମ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ଘଟୁଛି। ଉତ୍ପାଦନ ଅଭାବ ଓ ଦ୍ରବ୍ୟ ହଡ଼ପ ଯୋଗୁ ବହୁ ଜିନିଷ ଆମଦାନୀ କରିବାକୁ ପଡୁଛି। ରପ୍ତାନି କମିଯାଉଛି। ଏଣେ ବିକେନ୍ଦ୍ରିତ ଶାସନ ସହ ବିକେନ୍ଦ୍ରିତ ଉନ୍ନୟନ କ୍ଷେତ୍ରରେ ରାଜନୀତି ଓ ଦଲାଲମାନଙ୍କ ପ୍ରାଦୁର୍ଭାବ ଯୋଗୁ ଗ୍ରାମ୍ୟ ଅର୍ଥନୀତି ବିକଶିତ ହେଉନାହିଁ। ଆଦର୍ଶ ଓ ଆଭିମୁଖ୍ୟରେ ଅର୍ଥାତ୍ ନ୍ୟାୟଯୁକ୍ତ ବିକାଶ କୁହାଯାଉଥିଲେ ମଧ୍ୟ ଅର୍ଥନୈତିକ ସଂସ୍କାର ତାହା କରିବାରେ ସକ୍ଷମ ହୋଇପାରୁ ନାହିଁ।

ଦ୍ୱିତୀୟ ଧାଡ଼ି ହିସାବରେ ସ୍ୱୟଂ ସହାୟକ ଗୋଷ୍ଠୀ, ସମବାୟ, ମଧ୍ୟବର୍ତ୍ତୀ ବିକାଶପନ୍ଥୀ, ଶ୍ରମିକ ଗୋଷ୍ଠୀ ଓ ନିମ୍ନ ଜନପ୍ରତିନିଧି ସଂସ୍ଥା ଥିଲେ ମଧ୍ୟ ଏମାନେ ଅର୍ଥନୈତିକ, ସାମାଜିକ ବିକାଶ ଘଟାଇବା ନିମନ୍ତେ ଉଚିତ ବ୍ୟବସ୍ଥା ପାଉନାହାନ୍ତି। ମାଇକ୍ରୋ ବିକାଶ କାର୍ଯ୍ୟକ୍ରମ ବୃହତ୍ ଗୋଷ୍ଠୀ ବା ସରକାର ଗ୍ରହଣ କଲାବେଳେ ମାଇକ୍ରୋ ବିକାଶ ଉପରେ ସୂଚିତ ଦ୍ୱିତୀୟ ଧାଡ଼ିଙ୍କ ହାତରେ ଦିଆଗଲା ଓ ସବୁଥିରେ ସରକାରୀ ନିୟନ୍ତ୍ରଣ ରଖାଗଲା। ଖାଲି ଅର୍ଥନୈତିକ ସ୍ୱାଧୀନତା ଘରୋଇ ସର୍ବସ୍ୱ କରିଦେଲେ ଅର୍ଥନୈତିକ ସମାନତା ବିପନ୍ନ ହେବ। ଅର୍ଥନୀତି କ୍ଷେତ୍ରରେ ଅରାଜକତା, ସ୍ୱେଚ୍ଛାଚାର ଓ ଭ୍ରଷ୍ଟାଚାର ଲାଗିରହୁଛି। ଆଗରୁ ରାଜନୀତି ଓ ସମାଜ କ୍ଷେତ୍ରରେ ଏହା ରହିଛି। ପୁଣି ଅର୍ଥନୀତିରେ ଏହା ଦେଖାଯିବାରୁ ଖୁବ୍‌ଶୀଘ୍ର ଦେଶ, ବିଦେଶୀ ଓ ଘରୋଇ ନିକଟରେ ବନ୍ଧା ପଡ଼ିବ। ଲୋକେ ହନ୍ତସନ୍ତ ହେବେ।

ଆଜିର ଏ ସନ୍ଧିକ୍ଷଣରେ ସମବାୟ ଅନୁଷ୍ଠାନଗୁଡ଼ିକ ଅଣ୍ଟାଭିଡ଼ିବା ଉଚିତ। ଏହାଦ୍ୱାରା ଉତ୍ପାଦନ ଓ ବଣ୍ଟନ ଜରିଆରେ ଅର୍ଥନୈତିକ ସମାନତା ସମାଜରେ ଆଣିବାରେ ସହାୟକ ହେବ। ଏବେ କେତେକ ରାଜ୍ୟରେ ଯୋଗାଣ ଦାୟିତ୍ୱ ସମବାୟକୁ ଦିଆଯାଇଛି। ଉଚିତ ମୂଲ୍ୟ ତଥା ପର୍ଯ୍ୟାପ୍ତ ଯୋଗାଣ ଆବଶ୍ୟକ ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଅନେକ ଦାୟିତ୍ୱ ନେଲେଣି। କେତେକ ବିଦେଶୀ ରାଷ୍ଟ୍ର ସମବାୟ ହାତରେ ଅର୍ଥନୈତିକ ବିକାଶ ଦାୟିତ୍ୱ ଦେଇ ଭାରସାମ୍ୟ ରକ୍ଷା କଲେଣି। ଏଣୁ ସମବାୟ ପୁଞ୍ଜି ଓ ଦ୍ରବ୍ୟ ସଂଗ୍ରହ ଲଗାଣ ସହ ଯୋଜନାରେ ସକ୍ରିୟ ଅଂଶ ଗ୍ରହଣ କଲେ ଦେଶ ଅର୍ଥନୈତିକ ସ୍ୱାଧୀନତା ପରିବର୍ତ୍ତେ ସମାନତା ଆଣି ଅର୍ଥନୈତିକ ବୈଷମ୍ୟ ଦୂରକରି ସମାଜରେ ଶାନ୍ତି ଆଣିବାରେ ସହାୟକ ହୋଇପାରିବ। ଯୋଜନା କାର୍ଯ୍ୟକାରିତାରେ ଜନସମ୍ପର୍କ ରଖିବାକୁ ପଡ଼ିବ। ଏହା ଆଜିର ଆବଶ୍ୟକତା। ଏ ଦିଗରେ ମଧ୍ୟ ସରକାର ସୁଚିନ୍ତିତ ପଦକ୍ଷେପ ନେବା ପାଇଁ ଅର୍ଥ ବିଶାରଦ ଓ ତଳ ସ୍ତରରେ ଥିବା କାର୍ଯ୍ୟକାରିତାରେ ଯୋଗଦାନ କରିଥିବା ଲୋକମାନଙ୍କ ମତାମତକୁ ଯଥେଷ୍ଟ ସମ୍ମାନ ଦେବା ଆବଶ୍ୟକ। ଏହାର ସଫଳତା ପାଇଁ ଅର୍ଥନୈତିକ ସମାନତା ନିତାନ୍ତ ଆବଶ୍ୟକ।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଗଡ଼ଜାତ ଗାନ୍ଧୀ ସାରଙ୍ଗଧର



ନବୀନ ନନ୍ଦ

ଢେଙ୍କାନାଳ-ପଶ୍ଚିମ କଟକ ଯୁଗ୍ମ ଲୋକ ସଭା ନିର୍ବାଚନମଣ୍ଡଳୀର ପ୍ରଥମ ସାଂସଦ ତଥା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଆଜି ୫୭ତମ ପୁଣ୍ୟତିଥି। ଭାରତବର୍ଷର ପ୍ରଥମ ସାମ୍ବିଧାନିକ ନିର୍ବାଚନ ୧୯୫୧ ମସିହାରେ ଅନୁଷ୍ଠିତ ହୁଏ। ଓଡ଼ିଶାର ସେତେବେଳର ୧୬ଟି ଲୋକ ସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଢେଙ୍କାନାଳ-ପଶ୍ଚିମ କଟକ ଲୋକ ସଭାରୁ ସୋସିଆଲିଷ୍ଟ ପାର୍ଟି ଟିକେଟରେ ନିର୍ବାଚିତ ହୁଅନ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସ। ୧୮୮୬ ମସିହାରେ ଢେଙ୍କାନାଳ ସଦର ବ୍ଲକର ଏକ ନିପଟ ମଫସଲ ଗ୍ରାମ ହରେକୃଷ୍ଣପୁରରେ ସେ ଜନ୍ମଗ୍ରହଣ କରନ୍ତି। ସେତେବେଳକୁ ଓଡ଼ିଶାର ଗଡଜାତ ଅଞ୍ଚଳ ଶିକ୍ଷା ଓ ସମୃଦ୍ଧି କ୍ଷେତ୍ରରେ ବହୁ ଅନୁନ୍ନତ ଥିଲା। ରାଜତନ୍ତ୍ରର ସ୍ୱେଚ୍ଛାଚାରରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିଲା। ଏହିଭଳି ପ୍ରତିକୂଳ ପରିସ୍ଥିତିରେ ପିଲାଦିନରୁ ଅତ୍ୟନ୍ତ ମେଧାବୀ ଥିବା ସାରଙ୍ଗଧର ରେଭେନ୍‌ଶା ମହାବିଦ୍ୟାଳୟରୁ ଶିକ୍ଷା ଶେଷ କରି ସୁଦୂର ଜାପାନର ଟୋକିଓ ଓ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଉଚ୍ଚ ବୈଷୟିକ ଶିକ୍ଷାଲାଭ କରି ଚିନି ଶିଳ୍ପ ଉପରେ ଗବେଷଣା କରିଥିଲେ। କାଲିଫର୍ନିଆରେ ୧୧ ବର୍ଷ ରହଣି ଭିତରେ ଉଚ୍ଚ ବେତନରେ ଚାକିରି ମଧ୍ୟ କରିଥିଲେ। ସେ ବିଦେଶରେ ଥିବାବେଳେ ଜଣେ ବିଦେଶିନୀ ମହିଳା ଫ୍ରୀଡାଙ୍କୁ ବିବାହ କରିଥିଲେ।

ତାଙ୍କର ଲକ୍ଷ୍ୟ ଥିଲା ଓଡ଼ିଶା ମାଟିକୁ ଆସି ଏକ ଚିନି ଶିଳ୍ପ ସ୍ଥାପନ କରି ଓଡ଼ିଶାର କୃଷକ ସମାଜକୁ ସ୍ୱାବଲମ୍ବୀ କରିବା, କିନ୍ତୁ ତାଙ୍କର ଲକ୍ଷ୍ୟ ପୂରଣ ହେବାରେ ଢେଙ୍କାନାଳର ରାଜତନ୍ତ୍ର ବିରାଟ ପ୍ରତିବନ୍ଧକ ସାଜିଥିଲା। ଢେଙ୍କାନାଳ ଭୁବନ ଅଞ୍ଚଳର ଡମଶାଳ ଅଞ୍ଚଳରେ ଜମି ଲିଜ୍ ନେଇ ସେ ପ୍ରଥମେ ଆଖୁଚାଷ ଆରମ୍ଭ କରିଥିଲେ। ସେହି ଅଞ୍ଚଳରେ ଏକ ଚିନି ଶିଳ୍ପ ପାଇଁ ଯୋଜନା କରି ଜାପାନରୁ ଆବଶ୍ୟକ ଯନ୍ତ୍ରପାତି ମଧ୍ୟ ଆମଦାନୀ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଢେଙ୍କାନାଳ ରାଜ ପରିବାରର ରୋଷର ଶିକାର ହେବା ପରେ ଚିନି ଶିଳ୍ପର ପରିକଳ୍ପନା ସାକାର ହୋଇପାରିଲା ନାହିଁ। ଆଖୁଚାଷ ପାଇଁ ଯେଉଁ ଜାଗା ଲିଜ୍ ସୂତ୍ରରେ ମିଳିଥିଲା ତାହା ତତ୍କାଳୀନ ରାଜାଙ୍କ ଦ୍ୱାରା ବାତିଲ କରିଦିଆଗଲା। ବିଦେଶରେ ଚାକିରି କରୁଥିବା ବେଳେ ସାରଙ୍ଗଧର ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ମନ ସ୍ଥିର କରିଥିଲେ।

ସମ୍ଭବତଃ ସେହି କାରଣରୁ ସାରଙ୍ଗଧର ଢେଙ୍କାନାଳ ରାଜ ପରିବାରର ରୋଷର ଶିକାର ହୋଇଥିଲେ। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଇଂରେଜ ଶାସନ ହଟାଇବାକୁ ଚାଲିଥିବା ବେଳେ ଓଡ଼ିଶାରେ ୨୬ଟି ଗଡ଼ଜାତ ଅଞ୍ଚଳରୁ ସ୍ୱେଚ୍ଛାଚାରୀ ରାଜତନ୍ତ୍ରକୁ ହଟାଇବା ପାଇଁ ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରଚେଷ୍ଟା ସାରଙ୍ଗଧରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା। ସର୍ବଭାରତୀୟ ଗଡ଼ଜାତ ଆନ୍ଦୋଳନରେ ଜବାହରଲାଲ ନେହରୁଙ୍କ ନିର୍ଦ୍ଦେଶରେ ଭାରତବର୍ଷର ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପାଇଁ ହୋଇଥିବା କମିଟିର ସଭାପତି ଭାବେ ସିତାଭି ପଟ୍ଟାଭିରାମୟ୍ୟା ଓ ସମ୍ପାଦକ ଭାବେ ସାରଙ୍ଗଧର ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଭାରତବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ଘଟି ଏକ ବୃହତ୍ତର ଓଡ଼ିଶାର ଉଦୟରେ ସାରଙ୍ଗଧରଙ୍କ ମୁଖ୍ୟ ଭୂମିକା ଥିଲା।

ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ

**ପୁଣ୍ୟତିଥି ଉପଲକ୍ଷେ**



ସାରଙ୍ଗଧରଙ୍କ ପାରିବାରିକ ଜୀବନ ଅତ୍ୟନ୍ତ ଦୁର୍ବିଷହ ହୋଇ ପଡ଼ିଥିଲା। ରାଜତନ୍ତ୍ରର ପ୍ରରୋଚନାରେ ସାରଙ୍ଗଧରଙ୍କ ବିଦେଶୀ ପତ୍ନୀଙ୍କ ପାଇଁ ସେ ସାମାଜିକ ବାସନ୍ଦର ଶିକାର ହୋଇଥିଲେ। ପରେ ବିଦେଶୀ ପତ୍ନୀ ଫ୍ରୀଡା ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କର କୌଣସି ସନ୍ତାନସନ୍ତତି ନ ଥିଲେ। ରାଜ ରୋଷର ଶିକାର ହୋଇ ସାରଙ୍ଗଧରଙ୍କ ଆଖୁ କ୍ଷେତ ଓ ଚିନି କାରଖାନା ସବୁ ଉଜୁଡ଼ି ଯାଇଥିଲା। ଶେଷରେ ସେ ନିଜର ଘରଦ୍ୱାର, ଜମିବାଡ଼ି ସର୍ବସ୍ୱ ହରାଇ ଥିଲେ। କୋଟ୍, ପ୍ୟାଣ୍ଟ, ଟାଇ ଓ ବୁଟ୍ ପିନ୍ଧା ମଣିଷଟି ମୋଟା ଖଦଡ଼ ଲୁଗା ଓ ଗେରୁଆ ଗାମୁଛାକୁ ଆଦରି ନେଇଥିଲେ। ଭାରତବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ସମ୍ବିଧାନ ପ୍ରଣୟନ ସଭାର ସଭ୍ୟ ରୂପେ ସେ ମନୋନୀତ ହୋଇଥିଲେ। ୧୯୫୧ରେ ସୋସିଆଲିଷ୍ଟ ପାର୍ଟି ଟିକେଟରେ ଢେଙ୍କାନାଳ-ପଶ୍ଚିମ କଟକ ଲୋକ ସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ନିର୍ବାଚନରେ ବିଜୟ ଲାଭ କରି ଢେଙ୍କାନାଳର ପ୍ରଥମ ସାଂସଦ ରୂପେ ନିର୍ବାଚିତ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ସେ ସାଂସଦ ରୂପେ ଲୋକ ସଭାରେ ଚିନି ଶିଳ୍ପ ଉପରେ ଦେଇଥିବା ଅଭିଭାଷଣ ଆଜି ମଧ୍ୟ ଅନାଲୋଚିତ ହୋଇରହିଛି। ୧୯୫୭ରେ ସାରଙ୍ଗଧର ଅସୁସ୍ଥ ହୋଇ ପଡ଼ିଥିଲେ। ସେହି ସମୟରେ ତାଙ୍କର ବିଦେଶୀ ପତ୍ନୀ ଫ୍ରୀଡା ତାଙ୍କୁ ଦେଖିବାକୁ ଆସିଥିଲେ। ସାରଙ୍ଗଧରଙ୍କ ମୃତ୍ୟୁ ପୂର୍ବରୁ ତାଙ୍କର ସମସ୍ତ ସମ୍ପତ୍ତି ୧୩୬ ଏକର ଜମିକୁ ଦୁଇଟି ଟ୍ରଷ୍ଟ ଗଠନ କରି ଦାନକରି ଦେଇଥିଲେ। ଢେଙ୍କାନାଳ ଜିଲାପାଳଙ୍କୁ ସେଥିରେ ଟ୍ରଷ୍ଟି ରୂପେ ମନୋନୀତ କରି ଯାଇଥିଲେ। ଏହି ଜମିରୁ ଆୟକୁ ଶିଶୁ ଏବଂ ମହିଳାମାନଙ୍କ ବିକାଶ ଓ ଶିକ୍ଷାର ଉନ୍ନତି ପାଇଁ ଖର୍ଚ୍ଚ କରିବା ଲାଗି ଏକ ଉଇଲକରି ଯାଇଛନ୍ତି।

ସାରଙ୍ଗଧରଙ୍କ ପତ୍ନୀ ଫ୍ରୀଡା ବିଦେଶରେ ଥିବା ବେଳେ ସାରଙ୍ଗଧରଙ୍କୁ ନେଇ ଦୁଇଟି ଉପନ୍ୟାସ ଇଂରାଜୀ ଭାଷାରେ ରଚନା କରିଥିଲେ। ସେଥିରୁ ଗୋଟିଏ ହେଲା "My marriage to India" ଆଉ ଗୋଟିଏ ହେଲା "My Hindu Husband"। ତା' ମଧ୍ୟରୁ ପ୍ରଥମ ପୁସ୍ତକଟି ଶରତ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦ ହୋଇ 'ପରିଣୟ' ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି। ସେ ପୁସ୍ତକରେ ଅତି ଆବେଗମୟ ଭାଷାରେ ଫ୍ରୀଡା ଲେଖିଛନ୍ତି। ଏହି ପୁସ୍ତକଟି ମୋର ବିଧାୟକ କାର୍ଯ୍ୟକାଳ ଭିତରେ ୨୦୦୩ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାରଙ୍ଗଧରଙ୍କ ଜୀବନୀ ଉପରେ ଆଉ ଏକ ପୁସ୍ତକ 'ଗଡ଼ଜାତ ଗାନ୍ଧୀ ସାରଙ୍ଗଧର' ଢେଙ୍କାନାଳ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଦ୍ୱାରା ୨୦୧୪ରେ ପ୍ରକାଶିତ ହୋଇଛି।

ଏଠି ଦୁଃଖର ସହ କହିବାକୁ ପଡୁଛି ଯେ ଏହି ମହାନ୍ ପୁରୁଷଙ୍କ ପ୍ରତିଭା ଆଜି ବି ଲୁକ୍କାୟିତ ହୋଇ ରହିଛି। ସାରଙ୍ଗଧରଙ୍କ ପ୍ରତିଭାକୁ ଆଗାମୀ ପିଢ଼ିର ଲୋକଲୋଚନକୁ ଆଣିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଧର୍ମେନ୍ଦ୍ର ବାବୁଙ୍କ ଉଦ୍ୟମରେ ଏକ ସ୍ମାରକୀ ଡାକ ଟିକେଟ ମଧ୍ୟ ପ୍ରକାଶିତ ହୋଇଛି। ଆହୁରି ଅନେକ କାମ ବାକି ଅଛି। ଆଜି ମଧ୍ୟ ସାରଙ୍ଗଧରଙ୍କ ଜନ୍ମ ସ୍ଥାନ ହରେକୃଷ୍ଣପୁରରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାରଙ୍ଗଧର ସେବା ପରିଷଦ' ଦ୍ୱାରା ତାଙ୍କ ଶ୍ରାଦ୍ଧ ଦିବସ ପାଳନ ହେବା ବ୍ୟତୀତ ରାଜ୍ୟ କିମ୍ବା ଜିଲା ସ୍ତରରେ ପାଳନ ହୁଏ ନାହିଁ। ସାରଙ୍ଗଧରଙ୍କ ଭଳି ଏକ ଯୋଗଜନ୍ମା ପୁରୁଷଙ୍କ ପ୍ରତିଭାର ପ୍ରଚାର ଓ ପ୍ରସାର ଅତ୍ୟନ୍ତ ଜରୁରୀ। ଆଶା କରିବି ଓଡ଼ିଶାର ନୂଆ ସରକାର ଏ ଦିଗରେ ବିହିତ ପଦକ୍ଷେପ ନେବେ।

**ପୂର୍ବତନ ବିଧାୟକ, ଗନ୍ଦିଆ ଓ ଢେଙ୍କାନାଳ**

## ଏଇ ଭାରତରେ

କ୍ଷତିକାରକ ପ୍ଲାଷ୍ଟିକ୍ ପ୍ୟାକେଜିଂ ଦ୍ରବ୍ୟର ବ୍ୟବହାର ରୋକିବା ପାଇଁ ମୁମ୍ବାଇର ନେହା ଜୈନ ଏକ ଅଭିନବ ଉପାୟ ଆପଣାଇଛନ୍ତି। ସେ ଗୁଗଲରୁ ଚାକିରି ଛାଡ଼ି ସାମୁଦ୍ରିକ ଶୈବାଳରୁ ପ୍ୟାକେଜିଂ ପାଇଁ ବିଘଟନ ଓ ଦ୍ରବଣୀୟ ଯୋଗ୍ୟ ଦ୍ରବ୍ୟ ଉତ୍ପାଦନ କରୁଛନ୍ତି। ଏହାକୁ ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ ବ୍ୟବହାର କରାଯାଉଛି। ଏହା ଶସ୍ତା ହେଉଛି। ଏଥିରୁ ମଧ୍ୟ ହ୍ୟାଣ୍ଡବ୍ୟାଗ୍, ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ଏହା ବ୍ୟତୀତ ଖାଦ୍ୟ ପ୍ୟାକ୍ କରିବା ଲାଗି ଫିଲ୍ମ ବା ସୂକ୍ଷ୍ମ ଆବରଣ ତିଆରି କରାଯାଉଛି ଓ ଦିନକୁ ୧ଟନ୍ ଫିଲ୍ମ ଉତ୍ପାଦନ କରିବାକୁ ନେହା ଯୋଜନା କରିଛନ୍ତି । ଏହିସବୁ ଦ୍ରବ୍ୟ ମାଟିରେ ସହଜରେ ବିଘଟନ ହୋଇ ଖତ ପାଲଟିଯାଉଛି। ସେ 'ଜିରୋସର୍କଲ' ଷ୍ଟାର୍ଟଅପ୍ ମାଧ୍ୟମରେ ଉକ୍ତ କାର୍ଯ୍ୟ କରୁଛନ୍ତି। ବେଙ୍ଗାଲୁରୁର କ୍ରାଏଷ୍ଟ କଲେଜରୁ ସାମ୍ବାଦିକତାରେ ଡିଗ୍ରୀ ହାସଲ କରି ଗୁଗଲରେ ନେହା ୫ ବର୍ଷ କାର୍ଯ୍ୟ କରିବା ପରେ ୨୦୧୮ରେ ଚାକିରି ଛାଡ଼ି ଉକ୍ତ ପରିବେଶ ସହନୀୟ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି। ଦ୍ରବ୍ୟ ଉତ୍ପାଦନ ଲାଗି ଗୁଜରାଟ ଏବଂ ତାମିଲନାଡୁର ୨ଟି ଫାର୍ମ ସାହାଯ୍ୟରେ ୧୨,୦୦୦ ପ୍ରଜାତିର ସାମୁଦ୍ରିକ ଶୈବାଳ ଚାଷ କରାଯାଉଛି। ପରିବେଶ ଉପଯୋଗୀ ଦ୍ରବ୍ୟ ତିଆରି କରି ଆଗାମୀ ୩ ବର୍ଷ ମଧ୍ୟରେ ୨୫୦୦ରୁ ୩୦୦୦ ଟନ୍ ପ୍ଲାଷ୍ଟିକ ବ୍ୟବହାର କମ୍ କରିବାକୁ ନେହା ଲକ୍ଷ୍ୟ ରଖିଛନ୍ତି। ନେହାଙ୍କର ଏହି ପରିବେଶ ସୁରକ୍ଷା ଉପଯୋଗୀ ପଦକ୍ଷେପ ଭବିଷ୍ୟତରେ ଅନେକ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ।

## ଚିରନ୍ତନୀ

ବକୁଳ ଫୁଲର ଗନ୍ଧେ ଉଡ଼େ ପାଟ ପତନୀ,
କିମ୍ବା ଆସି ଧୀରପଦେ ଉଭା ହେଲ ସଜନୀ !
ଛନ୍ଦିଦେଲ ପ୍ରାଣ ମୋର କି ସ୍ୱପନ ଛନ୍ଦେ ଗୋ।
ଅବଶ ଏ ହିଆ ତବ ହାସ-ମକରନ୍ଦେ ମୋ।
ହଜିଗଲା ବୁଦ୍ଧି ମୋର ଛନ୍ଦର କବଳେ,
ବୁଡ଼ିଗଲା ଚେତନା ମୁଁ ପଡ଼ିଗଲି ଭୂତଳେ।
ନ ବିଚାରି କିଛି ତୁମେ ଆସ ମଧୁ ବଦନୀ,
କହି ଯାଅ କିମ୍ବା ଏଥି ଉଭା ହେଲ ସଜନୀ !
–(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସୁଭଦ୍ରା ହିତାଧିକାରୀ ହନ୍ତସନ୍ତ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ(ସାକ୍ଷୀଗୋପାଳ) ବ୍ଲକ୍‌ର ୨୪ଟି ପଞ୍ଚାୟତ କାର୍ଯ୍ୟାଳୟରେ ଖୋଲିଥିବା ଜନସେବା କେନ୍ଦ୍ରକୁ ଆସି ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶିକ୍ଷାଗତ ଯୋଗ୍ୟତାର ଅଭାବ ସବୁ ପଞ୍ଚାୟତ ଅଫିସରେ ଦେଖବାକୁ ମିଳିଥିଲା । ଅଙ୍ଗନୱାଡି କର୍ମୀଙ୍କ ପରାମର୍ଶ ଅନୁସାରେ ମହିଳାମାନେ ଫର୍ମପୂରଣ୍‌କରି ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ଲିଙ୍କ୍ ନ ଖୋଲିବାରୁ ହତାଶ ହୋଇପଡ଼ିଛନ୍ତି । ଆରମ୍ଭ ଦିନଠାରୁ ଦୌଡ଼ି ଦୌଡ଼ି ଶାସନ ଶ୍ରୀରାମଚନ୍ଦ୍ରପୁରର ହିତାଧିକାରୀ ନାକରେ କାନ୍ଦିଲେଣି । ଦିନ ଗଡ଼ିବା ସାଙ୍ଗକୁ ଆଉ ପୋର୍ଟାଲ ଖୋଲି ନ ଥିଲା । ରାତ୍ରି ୧୨ଟା ପରେ ବାୟୋମେଟ୍ରିକ ଛପା ଦେବା ପାଇଁ ମହିଳାମାନଙ୍କ ସ୍ୱାମୀମାନେ ଜନସେବା କେନ୍ଦ୍ରରେ ଭିଡ଼ ଜମାଉଥିବାର ଦୃଶ୍ୟ ସମଗ୍ର ସତ୍ୟବାଦୀରେ ଚର୍ଚ୍ଚା ହୋଇପଡ଼ିଛି । ମହିଳାମାନଙ୍କ ଆଧାର କାର୍ଡରେ ମୋବାଇଲ ନମ୍ବର ଥିବା ମହିଳାଙ୍କୁ ପଞ୍ଜୀକୃତ କରିବା ପାଇଁ କେତେକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି । ପୁରୀ ଜିଲାପାଳ, ସ୍ଥାନୀୟ ବିଧାୟକ ଓ ପୁରୀ ସାଂସଦ ଅଭିଯୋଗ ପ୍ରତି ଦୃଷ୍ଟି ଆକର୍ଷଣକରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

**–ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭୁବନେଶ୍ୱର ଜନତା ମଇଦାନରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ମହିଳା ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଶୁଭାରମ୍ଭର ପ୍ରତୀକାତ୍ମକ ଚାବି ହସ୍ତାନ୍ତର କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଏବଂ ଅନ୍ୟମାନେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଉଛନ୍ତି।



ଓଡ଼ିଶାର ଭାଜପା ମହିଳା ଏମ୍‌ପିମାନେ ପ୍ରଧାନମନ୍ତ୍ରୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଦେଉଛନ୍ତି।



ଗାଡ଼କଣଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାମାନଙ୍କ ସହିତ ଆଲୋଚନା କରୁଛନ୍ତି।



ଗାଡ଼କଣଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମହିଳାମାନେ ସ୍ୱାଗତ କରୁଛନ୍ତି।

# ଅନ୍ତର୍ଯ୍ୟାମୀଙ୍କ ଘରେ ଖିରି ଖାଇଲେ ପ୍ରଧାନମନ୍ତ୍ରୀ



**ବାରଙ୍ଗ, ୧୭।୯ (ଲିଙ୍ଗରାଜ ରାଉତ)**

ଭୁବନେଶ୍ୱର ଗାଡ଼କଣରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା -୨.୦ର ଶୁଭ ଉଦ୍‌ଘାଟନ ମଙ୍ଗଳବାର ହୋଇଯାଇଛି। ଏଥିରେ ୨୬ ଲକ୍ଷ ଲୋକଙ୍କୁ ଘରର ଚାବି ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀରୁ ସିଧାସଳଖ ଆସି ପହଞ୍ଚିବା ପରେ ଏହି ଯୋଜନାର ଶୁଭ ଉଦ୍‌ଘାଟନ କରିଥିଲେ। ଏହା ସହ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଥିଲେ। ପ୍ରଥମେ ସେ ହିତାଧିକାରୀ ଅନ୍ତର୍ଯ୍ୟାମୀ ନାୟକଙ୍କ ଗୃହକୁ ଉଦ୍‌ଘାଟନ କରିବା ସହ ତାଙ୍କ ଗୃହକୁ ପ୍ରବେଶ କରିଥିଲେ। ଅନ୍ତର୍ଯ୍ୟାମୀଙ୍କ ଘରେ ଥିବା ଠାକୁରଙ୍କୁ ପୂଜା କରିଥିଲେ। ଏଥିସହ ତାଙ୍କ ଘରେ ପ୍ରଧାନମନ୍ତ୍ରୀ ମୋଦି ଖିରି ଖାଇଥିଲେ। ପରେ ସେଠାରେ ଉପସ୍ଥିତ ଅନ୍ତର୍ଯ୍ୟାମୀଙ୍କ ପରିବାର ସମେତ ହିତାଧିକାରୀଙ୍କ ପରିବାରକୁ ଭେଟି ପାଖାପାଖି ଅଧଘଣ୍ଟା ଆଲୋଚନା କରିଥିଲେ। ଏହି ସମୟରେ ସେଠାରେ ଥିବା ଏକ କୁନି ଝିଅ ସହ ମଜାଳିଆ କଥା ମଧ୍ୟ ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହାପରେ ଜନତା ମଇଦାନ ଅଭିମୁଖେ ବାହାରିଥିଲେ।

# ମୋଦିଙ୍କୁ ପାଖରେ ପାଇ ଆତ୍ମବିଭୋର

## ବାସ୍ତବ ରୂପ ନେଇଛି ସ୍ୱପ୍ନ

**ଭୁବନେଶ୍ୱର, ୧୭।୯ (ବନ୍ଦନା ସେଠୀ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିବା ପରେ ବିମାନବନ୍ଦରରୁ ସିଧାସଳଖ ଗାଡ଼କଣ ଗାଁକୁ ଯାଇଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୨୦ଜଣ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଥିଲେ। ମୋଦିଙ୍କୁ ସ୍ୱାଗତ ଜଣାଇବାକୁ ଲୋକେ ଘରକୁ ସଜାଇଥିବାବେଳେ ଘରଦୁଆର ମୁହଁରେ କଳସ ବସାଇଥିଲେ। ପ୍ରଧାନମନ୍ତ୍ରୀଙ୍କୁ ନିଜ ପାଖରେ ପାଇ ଗାଡ଼କଣବାସୀ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ। ଯାହା କେବେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲୁ ତାହା ଆଜି ବାସ୍ତବ ରୂପ ନେଇଛି ବୋଲି ଗାଡ଼କଣବାସୀ ମତ ପ୍ରକାଶ କରିଛନ୍ତି।

## କାଲି ରାତିରୁ ଆଖିରେ ନିଦ ନାହିଁ



ପ୍ରଧାନମନ୍ତ୍ରୀ ଆମ ହାତକୁ ଘର ଚାବି ଦେଲେ, ଆମ ସହ କଥାହେଲେ। ତାଙ୍କୁ ଆମ ପାଖରେ ପାଇବୁ ବୋଲି କେବେ ସ୍ୱପ୍ନରେ ବି ଭାବି ନ ଥିଲୁ। ଆମକୁ କେତେ ଖୁସି ଲାଗୁଛି ତାହା ଭାଷାରେ ମୁଁ ବ୍ୟକ୍ତ କରିପାରୁନାହିଁ। କାଲି ରାତିରୁ ଆମ ଆଖିରେ ନିଦ ନାହିଁ। ସବୁକିଛି ସ୍ୱପ୍ନ ଭଳି ଲାଗୁଛି।

**-ଟୁନା ଦେଉରୀ, ଗାଡ଼କଣ ବାସିନ୍ଦା**

## ମୋତେ ଯୋଗ କରିବାକୁ କହିଲେ



ମୋଦିଙ୍କୁ ଦେଖି ଭାରି ଖୁସି ଲାଗିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନ ଅବସରରେ ମୋ ପରିବାର ତରଫରୁ ତାଙ୍କୁ ଶ୍ରୀଜଗନ୍ନାଥଙ୍କର ଏକ ଫଟୋ ଭେଟି ଦେଲି। ମୋଦି ତାକୁ ଖୁସିରେ ଗ୍ରହଣ କଲେ। ମୋ ସ୍ୱାସ୍ଥ୍ୟକୁ ଦେଖି ମତେ ଯୋଗ କରିବା ପାଇଁ କହିଲେ। ଭଲମନ୍ଦ ପଚାରି ବୁଝିଲେ।

**-ଝୁନା ଦେଉରୀ, ଗାଡ଼କଣ ବାସିନ୍ଦା**

## ମୋଦିଙ୍କ ପାଇଁ ଭାଗ୍ୟ ବଦଳିଲା



ବହୁଦିନ ଧରି ଆମେ ଚାଳଘରେ ଦିନ କାଟିଥିଲୁ। ଏବେ ମୋଦିଙ୍କ ପାଇଁ ଆମ ଭାଗ୍ୟ ପରିବର୍ତ୍ତନ ହେଲା। ନୂଆ ସରକାର ଆସିବା ପରେ ଆମକୁ ନିଜର ପକ୍କା ଘର ମିଳିଲା। ମୁଁ ଏପର୍ଯ୍ୟନ୍ତ ବିଶ୍ୱାସ କରିପାରୁନି ଯେ, କେବଳ ଟିଭିରେ ଦେଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜ ଆଖିରେ ଅତି ପାଖରୁ ଦେଖିବାର ସୁଯୋଗ ପାଇଲି।

**-ମାଧବୀ ଦେଉରୀ, ଗାଡ଼କଣ ବାସିନ୍ଦା**

# 'ମୋତେ ନିଜର ପୁଅ ବୋଲି ଭାବ'

'ମୋତେ ନିଜର ପୁଅ ବୋଲି ଭାବ, ଯାହା ସମସ୍ୟା ଅଛି ମନଖୋଲି କୁହ'। ଏତେ ଦୂରରେ କାହିଁକି ବସିଛ, ମା'ମାନେ ପାଖକୁ ଆସନ୍ତୁ ବୋଲି ମହିଳାମାନଙ୍କୁ କହିଥିଲେ ପ୍ରଧାନମନ୍ତ୍ରୀ। ଗାଡ଼କଣରେ ହିତାଧିକାରୀମାନଙ୍କ ସହିତ ଅଧଘଣ୍ଟା ସମୟ ବିତାଇବା ବେଳେ ପ୍ରଧାନମନ୍ତ୍ରୀ ସେଠାକାର ମହିଳା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ମହିଳାଙ୍କ ସହିତ ଚା' ପିଇବା ସହ ବିସ୍କୁଟ ମଧ୍ୟ ଖାଇଥିଲେ। ପରେ 'ଆପଣଙ୍କ ଗାଁର ଚା' ବହୁତ ଭଲ' ବୋଲି ମଧ୍ୟ କହିଥିଲେ। କେତେଜଣ ହିତାଧିକାରୀ ପିଏମ୍ ଆବାସ ଯୋଜନାରେ ଘର ପାଇଛନ୍ତି ସେ ନେଇ ପଚାରି ବୁଝିଥିଲେ। ଏଥିସହ ଉଜ୍ଜ୍ୱଳା ଯୋଜନା ଲାଭ ପାଇଛନ୍ତି କି ନାହିଁ, ଜୀବନଜ୍ୟୋତି ବୀମାରେ ଉପକୃତ ହୋଇଛନ୍ତି କି ନାହିଁ ଆଦି ସମ୍ପର୍କରେ ମଧ୍ୟ ପଚାରିଥିଲେ। ସୁଭଦ୍ରା ଯୋଜନାରେ ସବୁ ମହିଳା ହିତାଧିକାରୀଙ୍କୁ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଟଙ୍କା ପାଇବା ପରେ କ'ଣ କରିବ? କାନ ଝୁମ୍‌କା ନା ଶାଢ଼ି କିଣିବ ବୋଲି ପଚାରିଥିଲେ। ଏହାର ଉତ୍ତରରେ ମହିଳାମାନେ 'ଠିକ୍ କାମରେ ଟଙ୍କା ଲଗାଇବୁ' ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ମିଷ୍ଟାନ୍ନ ବଣ୍ଟନ କରାଯାଉଛି।

# ହସ ଫୁଟାଇଲା 'ସୁଭଦ୍ରା' ଟଙ୍କା

## ପିଲାଙ୍କୁ ପାଠ ପଢ଼ାଇବି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେବେ ଅତି ନିକଟରୁ ଦେଖିବି ବୋଲି ଭାବି ନ ଥିଲି। ଆଗରୁ କେବେ ଭୁବନେଶ୍ୱର ଆସି ନଥିଲି। ଆଜି ପ୍ରଥମ ଥର ପାଇଁ ଭୁବନେଶ୍ୱର ଆସିଛି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କଠାରୁ 'ସୁଭଦ୍ରା' ଅର୍ଥରାଶି ଗ୍ରହଣ କରିବା ପରେ ମୋତେ ବହୁତ ଖୁସି ଲାଗୁଛି। ଜଙ୍ଗଲରୁ ଆମ୍ବ ସଂଗ୍ରହ କରି ଓ ତାହାକୁ ବିକ୍ରି କରିସେଥିରେ ପରିବାର ଗୁଜରାଣ ମେଣ୍ଟାଉଛୁ। ଅର୍ଥାଭାବରୁ ପିଲାଙ୍କୁ ପଢ଼ାଇ ପାରୁ ନ ଥିଲି। ହେଲେ ଏବେ ସୁଭଦ୍ରା ଯୋଜନାରେ ମିଳୁଥିବା ଟଙ୍କାରେ ପିଲାଙ୍କୁ ପାଠ ପଢାଇବି।

**-ହୁଦାଡ଼ି ୱାଡାକା, ସୁଭଦ୍ରା ହିତାଧିକାରୀ, କଳାହାଣ୍ଡି**

## ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି



ସ୍ୱାମୀ ଗାଁରେ ଥିବା ଏକ ଦୋକାନରେ କାମ କରୁଛନ୍ତି। ଯେତିକି ଟଙ୍କା ମିଳୁଛି, ସେତିକିରେ ଚଳିବା କଷ୍ଟକର ହୋଇ ପଡୁଛି। 'ସୁଭଦ୍ରା' ଯୋଜନାରେ ଆଜି ମୋତେ ଟଙ୍କା ମିଳିବା ପରେ ଭାରି ଖୁସି ଅଛି। ଏହି ଟଙ୍କାରେ ଏକ ଛୋଟ ଦୋକାନ କରିବାକୁ ଯୋଜନା କରିଛୁ। ପ୍ରଧାନମନ୍ତ୍ରୀଙ୍କ ପାଇଁ ଏ ସବୁ ହୋଇଥିବାରୁ ତାଙ୍କୁ ଅନ୍ତରରୁ ଧନ୍ୟବାଦ ଜଣାଉଛି।

**-ସୁଚିତ୍ରା ବେହେରା, ସୁଭଦ୍ରା ହିତାଧିକାରୀ, ଗଞ୍ଜାମ**

## ଟଙ୍କା ପାଇବା ପରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି



ମୋର ଏବେ କଲେଜପଢା ସରିଛି। ତେଣୁ କିଛି ଗୋଟିଏ କାମ କରି ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଛି, ମାତ୍ର ଅର୍ଥାଭାବରୁ ସମସ୍ୟା ଦେଖାଦେଉଥିଲା। ଏବେ 'ସୁଭଦ୍ରା'ରେ ଟଙ୍କା ପାଇବା ପରେ ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି। ଏହି ଯୋଜନା ମୋ' ଭଳି ଅନେକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସହାୟକ ହେବ।

**-ରୋଜି ପ୍ରିୟଦର୍ଶିନୀ, ସୁଭଦ୍ରା ହିତାଧିକାରୀ, ଭୁବନେଶ୍ୱର**

## ଝିଅର ପାଠପଢ଼ାରେ ଖର୍ଚ୍ଚ କରିବି



ପ୍ରଧାନମନ୍ତ୍ରୀଙ୍କ ପାଇଁ ମୁଁ ବି ସୁଭଦ୍ରା ଯୋଜନାରେ ୫ହଜାର ଟଙ୍କା ପାଇଛି। ପୂର୍ବରୁ ମୋ ଆକାଉଣ୍ଟକୁ ୧ଟଙ୍କା ଆସିଥିଲା। ମଙ୍ଗଳବାର ବାକି ୪ହଜାର ୯୯୯ ଟଙ୍କା ଆକାଉଣ୍ଟକୁ ଆସିଛି। ଏଥିପାଇଁ ମୁଁ ବହୁତ ଖୁସି। ଏହି ଟଙ୍କା ମୋ' ଝିଅର ପାଠପଢ଼ା ପାଇଁ ଖର୍ଚ୍ଚ କରିବି।

**-ରୀନା ସେଠୀ, ସୁଭଦ୍ରା ହିତାଧିକାରୀ, ଗଞ୍ଜାମ**





ଜନତା ମଇଦାନଠାରେ ଆୟୋଜିତ 'ସୁଭଦ୍ରା' ଯୋଜନା ଶୁଭାରମ୍ଭ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ହିତାଧିକାରୀ ଏବଂ ଅନ୍ୟମାନେ ।

## ସଂକ୍ଷେପରେ

## ଲୁଟ୍ ଉଦ୍ୟମ, ଛୁରାମାଡ଼ ଅଭିଯୋଗରେ ଜଣେ କୋର୍ଟ ଚାଲାଣ



ଦେଓଗାଁ,୧୭।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦୁଇଟି ସ୍ଥାନରେ ଲୁଟ ଅଭିଯୋଗରେ ପୋଲିସ ଡୁମେରଯୋର ଗାଁର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁସାରେ କେସ ନଂ. ୬୬/୨୪ ଆଇପିଏସ ଧାରା ୩୯୪ ଏବଂ କେସ ନଂ. ୧୮୩/୨୪ ଆଇପିସି ୩୦୯(୬) ବିଏନଏସରେ ଡୁମେରଯୋର ଗାଁର ସୁରେନ୍ଦ୍ର କୁଅଁର (୨୪)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ହରୀବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସମ୍ପୃକ୍ତ ଯୁବକ ଡୁମେରଯୋର ଗାଁ ନିକଟରେ ଗୋଟିଏ ବସ୍‌କୁ ଅଟକାଇ ଲୁଟ କରିଥିବା ଅଭିଯୋଗ ହୋଇଥିବାବେଳେ କିଛି ମାସ ତଳେ ମୁରସିଂ ନିକଟରେ ଜନୈକ ଫ୍ଲିପକାର୍ଡ ଡେଲିଭରି ବୟଙ୍କୁ ଅଟକାଇ ଲୁଟ ଉଦ୍ୟମ କରିବା ସହ ଛୁରାମାଡ କରିଥିବା ନେଇ ଦେଓଗାଁ ଥାନାରେ ଅଭିଯୋଗ ହୋଇଥିଲା।

## ପୋଲିସକୁ ବି ଛାଡିଲେନି, ଦେଲେ ଏକ୍ସପାଏରି ବିସ୍କୁଟ୍

ବଲାଙ୍ଗୀର,୧୭।୯(ବୀରେନ୍ଦ୍ର କୁମାର ଝାଙ୍କର)

ଲୋକେ ଉଚିତ୍ ମୂଲ୍ୟ ଦେଇ ବିଭିନ୍ନ ଜିନିଷପତ୍ର କିଣୁଥିଲେ ମଧ୍ୟ ବିଭିନ୍ନ ସମୟରେ ଦୋକାନୀ ଓ ବେପାରୀମାନେ ଲୋକଙ୍କୁ ନିମ୍ନମାନର ଜିନିଷପତ୍ର ଦେଉଛନ୍ତି। ଏନେଇ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଚେତୁ ନାହିଁ। ଏବେ ଖୋଦ୍ ପୋଲିସ ଏଭଳି ଏକ ଠକାମୀର ଶିକାର ହୋଇ ଅପଦସ୍ତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପୁଇଁତଲା ଥାନାରେ ପୋଲିସ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଏଥିରେ ଖବରଦାତାମାନେ ଯୋଗ ଦେଇଥିଲେ। ଖବରଦାତା ସମ୍ମିଳନୀ ପରେ ପୋଲିସ ପକ୍ଷରୁ ସୌଜନ୍ୟତା ଦୃଷ୍ଟିରୁ ଖବରଦାତାଙ୍କୁ ଚା ଓ ବିସ୍କୁଟ୍ ପ୍ୟାକେଟ୍ ଦିଆଯାଇଥିଲା। ତେବେ ଦିଆଯାଇଥିବା ବିସ୍କୁଟ ପ୍ୟାକେଟ୍‌ରେ ଉଲ୍ଲେଖ ଥିବା ଏକ୍ସପାଏରୀ ତାରିଖ ପ୍ରାୟ ଦୁଇ ମାସ ତଳୁ ସରିଯାଇଥିବା ଜଣାପଡିଥିଲା। ଉକ୍ତ ବିସ୍କୁଟ୍ ପେକେଟ୍ ଗୁଡିକରେ ପ୍ୟାକିଂ ତାରିଖ ୭ ଜାନୁଆରୀ ୨୦୨୪ ଉଲ୍ଲେଖ ରହିଥିଲାବେଳେ ୬ ଜୁଲାଇ ୨୦୨୪ ପୂର୍ବରୁ ଏହାକୁ ବ୍ୟବହାର କରିବାକୁ ନିର୍ଦ୍ଦେଶ ରହିଥିଲା। ଜୁଲାଇ, ଅଗଷ୍ଟ ଯାଇ ଏବେ ସେପ୍ଟେମ୍ବର ମାସ ଚାଲିଛି। ଏହି ଏକ୍ସପାଏରୀ ବିସ୍କୁଟ କେଉଁ ଦୋକାନରୁ ଅଣାଯାଇଛି ସେନେଇ ରିପୋର୍ଟ କରିବାକୁ ପୋଲିସ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ବାଲାଙ୍କୁ କେଉଁ ଦୋକାନୀ ଏକ୍ସପାଏରୀ ବିସ୍କୁଟ୍ ପ୍ୟାକେଟ୍ ଦେବାର ସାହସ କଲେ ଓ କିଭଳି ପୋଲିସ କର୍ମଚାରୀମାନେ ଏହା ନ ଦେଖି ଆଣିଥିଲେ ତାହା ଚର୍ଚ୍ଚାର ବିଷୟ ହୋଇଥିଲା।

# ସୁଭଦ୍ରା ଯୋଜନା ଶୁଭାରମ୍ଭ ସମାରୋହ

ବଲାଙ୍ଗୀର,୧୭।୯(ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟ ସରକାରଙ୍କ ବହୁଚର୍ଚ୍ଚିତ ମହିଳା ସଶକ୍ତିକରଣ ଯୋଜନା ସୁଭଦ୍ରାର ଶୁଭାରମ୍ଭ ମଙ୍ଗଳବାର ହୋଇଥିଲା। ଭୁବନେଶ୍ୱର ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ରାଜ୍ୟର ୨୫ ଲକ୍ଷ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରାର ପ୍ରଥମ କିସ୍ତି ପଠାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନେଇ ମହିଳାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ରାଜ୍ୟସ୍ତରୀୟ ସୁଭଦ୍ରା ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ବଲାଙ୍ଗୀର ଜିଲାର ସମସ୍ତ ବ୍ଲକ୍‌ର ମହିଳାମାନେ ଦେଖିଥିଲେ। ବଲାଙ୍ଗୀର ସଦର ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଲର୍କିପାଲିସ୍ଥିତ ସରକାରୀ ଆଇଟିଆଇ ପଡିଆରେ ଅନୁଷ୍ଠିତ ହୋଇଥିଲା। ପୁଇଁତଲା ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ବ୍ଲକ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଦୁଇ ସ୍ଥାନରେ ସହସ୍ରାଧିକ ମହିଳାଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା। ପୁଇଁତଲା ବ୍ଲକ୍ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାପାଳ ଗୌରବ ଶିଓ୍ୱାଜୀ ଇସଲଓ୍ୱାର, ଏସ୍‌ପି ଋଷିକେଶ ଡି. ଖିଲାରୀ, ବ୍ଲକ୍ ଅଧ୍ୟକ୍ଷ ସରୋଜ ପ୍ରଧାନ, ବିଡିଓ ଅମରେନ୍ଦ୍ର ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲାପାଳ ଇସଲଓ୍ୱାର ସୁଭଦ୍ରା ଯୋଜନାର ସଫଳତା ଓ ମହିଳା ସଶକ୍ତିକରଣ ଉପରେ ବକ୍ତବ୍ୟ ରଖିଥିଲେ। ବଲାଙ୍ଗୀର ଜିଲାର ସମସ୍ତ ବ୍ଲକ ମୁଖ୍ୟାଳୟରେ ସୁଭଦ୍ରା ଯୋଜନା ଶୁଭାରମ୍ଭ ସମାରୋହ ଏବଂ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ସ୍ଥାନୀୟ ଲୋକ ପ୍ରତିନିଧି, ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଉପସ୍ଥିତ ରହି ଆଭାସୀ ମଧ୍ୟମରେ ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଲର୍କିପାଲି ସରକାରୀ ଆଇଟିଆଇ ସଦର ବ୍ଲକ ଏବଂ ପୌର ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପବିତ୍ର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ, ସାଂସଦଙ୍କ ପ୍ରତିନିଧି ପୁରୁଷୋତ୍ତମ ସାହୁ, ବଲାଙ୍ଗୀର ପୌର ପରିଷଦ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଉପସ୍ଥିତ ଥିଲେ। ବିଡିଓ ଗଣ୍ଡ ସ୍ୱାଗତ ଭାଷଣ ଦେଇଥିଲେ। ମାଧିଆପାଲିର ଅହଲ୍ୟା ବାରିକ ଓ କାଲସାଲପାଲିର ଅହଲ୍ୟା କାଲସାଏ ସୁଭଦ୍ରା ଯୋଜନା ଉପରେ ସୁନ୍ଦର ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ହିତାଧିକାରୀମାନେ ନିଜ ଅନୁଭୂତି ଏବଂ ଯୋଜନା ଉପରେ ମତ ରଖିଥିଲେ। ସୁଭଦ୍ରା ହିତାଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ।



ପୁଇଁତଲା ବ୍ଲକଠାରେ ଜିଲାପାଳ ଗୌରବ ଶିଓ୍ୱାଜୀ ଇସଲଓ୍ୱାର କୃତୀ ସୁଭଦ୍ରା ହିତାଧିକାରୀଙ୍କୁ ପୁରସ୍କାର ବଣ୍ଟନ କରୁଛନ୍ତି।

- ଆଭାସୀ ମାଧମରେ ମହିଳା ଦେଖିଲେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ
- ଜିଲାକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ କଲେ ଶପଥ ପାଠ

## ଜନତା ମଇଦାନରେ ସୁଭଦ୍ରା ଯୋଜନାର ମାନପତ୍ର ପାଇଲେ ପାଟଣାଗଡ଼ର ଅହଲ୍ୟା

ପାଟଣାଗଡ଼,୧୭।୯(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣଗଡ଼ ବ୍ଲକ ବାଲିପଟା ପଞ୍ଚାୟତ ଫୁଡକୁପରାର ଅହଲ୍ୟା ବନଛୋର ଭୁବନେଶ୍ୱର ଜନତା ମଇଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ଦୁଇ ଉପମୁଖ୍ୟ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ ସୁଭଦ୍ରା ଯୋଜନାର ମାନପତ୍ର ଗ୍ରହଣ କରିଛନ୍ତି। ସୂଚନା ଅନୁସାରେ ଭୁବନେଶ୍ୱରସ୍ଥିତ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟରୁ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ନିର୍ଦ୍ଦେଶ ଅନୁଯାୟୀ ପାଟଣାଗଡ଼ ଓ ଖପ୍ରାଖୋଲ ବ୍ଲକରୁ ଚାରିଜଣ ଲେଖାଏଁ ସୁଭଦ୍ରା ଯୋଜନା ଆବେଦନ କରିଥିବା ମହିଳାଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟକୁ ନେବାକୁ ନିର୍ଦ୍ଦେଶ ଆସିଥିଲା। ଏହା ପରେ ସମନ୍ୱିତ ଶିଶୁବିକାଶ କାର୍ଯ୍ୟାଳୟ ପାଟଣାଗଡ ତରଫରୁ ପାଟଣାଗଡ ବ୍ଲକ ବାଲିପଟା ପଞ୍ଚାୟତ ଫୁଡକୁପରାର ଅହଲ୍ୟା ବନଛୋର ଓ ଖପ୍ରାଖୋଲ ପଞ୍ଚାୟତ କଲ୍ଲାଖୁଟୁନା ଗାଁର ବେଲମତି ଗୁଆଲଙ୍କୁ କାର୍ଯ୍ୟାଳୟ ତରଫରୁ ଚିହ୍ନଟ କରାଯାଇ ଆଇସିଡିଏସ କାର୍ଯ୍ୟାଳୟରେ କାର୍ଯ୍ୟରତ ମିଶନଶକ୍ତି କୋଡିନେଟର ବିଭୁତି ଭୁଷଣ ମିଶ୍ର ସେମାନଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟକୁ ଗତ ୧୫ ତାରିଖ ନେଇକି ଯାଇଥିଲେ। ସୁଭଦ୍ରା ଯୋଜନାରେ ଆବେଦନ କରିଥିବା ପ୍ରତ୍ୟେକ ଜିଲାର ଦୁଇଜଣ ମହିଳାଙ୍କୁ ସମ୍ପୃକ୍ତ ଅଧିକାରୀମାନେ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ନେଇକି ଯାଇଥିଲେ। ସେଠାରେ ବଲାଙ୍ଗୀର, ମୟୂରଭଞ୍ଜ, କଟକ, ରାୟଗଡ଼ା ଓ କେଉଁଝରର ପାଞ୍ଚ ଜଣ ମହିଳାଙ୍କୁ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ସେଥି ମଧ୍ୟରୁ ବଲାଙ୍ଗୀର ଜିଲା ପାଟଣଗଡ ବ୍ଲକ ବାଲିପଟା ପଞ୍ଚାୟତ ଫୁଡକୁପରାର ଅହଲ୍ୟା ବନଛୋର ସେଠାରେ ମାନପତ୍ର ହୋଇଥିଲେ।




ଅହଲ୍ୟା ବନଛୋର ସୁଭଦ୍ରା ଯୋଜନାର ମାନପତ୍ର ଗ୍ରହଣ କରୁଛନ୍ତି।

## ଲୋଇସିଂହା, ଆଗଲପୁର ବ୍ଲକରେ ସୁଭଦ୍ରା ଯୋଜନା ଶୁଭାରମ୍ଭ ଉତ୍ସବ



ଲୋଇସିଂହା କଲେଜ ପଡିଆରେ ଆୟୋଜିତ ଉତ୍ସବରେ ଅତିଥିଗଣ।

ଲୋଇସିଂହା,୧୭।୯(ସୁଶାନ୍ତ ବାରିକ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଓଡିଶା ସରକାର ସୁଭଦ୍ରା ଯୋଜନା ମଙ୍ଗଳବାର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକସ୍ତରରେ ଏହି ଉତ୍ସବ ପାଳିତ ହୋଇଯାଇଛି । ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ପଡିଆରେ ଆୟୋଜିତ ଉତ୍ସବରେ ବିଡିଓ ଅକ୍ଷପାଣି ଉଦୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର ମୁଖ୍ୟ ଅତିଥି, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଏମପି ଏବଂ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଉପସ୍ଥିତ ଥିଲେ। ଏହା ଛଡା ଏହି କାର୍ଯ୍ୟକ୍ରମରେ ବ୍ଲକର ୨୦ଟି ଯାକ ପଞ୍ଚାୟତରୁ ଏମବିକେ, ସିଆରପି, ସ୍ୱୟଂସହାୟିକା ମହିଳା ଉତ୍ସବରେ ସାମିଲ ହୋଇଥିଲେ । ଏହି ଅବସରରେ କେତେକ ସଫଳ ମହିଳା ତାଙ୍କ ସଫଳତା କଥା କହିବା ସହ ସୁଭଦ୍ରା ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ବ୍ଲକ କୃତୀଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଆଗଲପୁର ବ୍ଲକ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦାଶ ମୁଖ୍ୟଅତିଥି ,ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଏବଂ ଏମପି ଏବଂ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ଗଛରେ ପିଟିଲା ବାଇକ୍, ଜଣେ ମୃତ, ୧ ଗୁରୁତର

ପାଟଣାଗଡ଼,୧୭।୯(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ଲରମ୍ଭା ଥାନା କୁଡୁରଲ୍ଲା ରାସ୍ତା ତଥା ଲରମ୍ଭା ହାଇସ୍କୁଲର ଅନିତ ଦୂରରେ ଥିବା ଏକ ଗଛରେ ବାଇକ ଭାରସାମ୍ୟ ହରାଇ ପିଟି ହେବା ଯୋଗୁଁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ହୋଇ ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଲରମ୍ଭା ଥାନା ଅଧିକାରୀ ମନୋଜ ପ୍ରଧାନଙ୍କ ଠାରୁ ସୂଚନା ମିଳିଛି। ମୃତକ ଜଣକ ହେଲେ ଉକ୍ତ ଥାନା କନ୍ହେଇଟାଲ ଗାଁର ରାହୁଲ ଗୁରୁ ଓ ଗୁରୁତର ଆହତ ଜଣକ ହେଲେ ଉକ୍ତ ଗାଁର ବୁଲୁ ସେଠ ବୋଲି ଜଣାପଡିଛି। ସୂଚନା ଅନୁସାରେ ରାହୁଲ ଓ ବୁଲୁ ଘରୁ ବାହାରି କୌଣସି ଏକ କାମରେ ବାଗଡୁଙ୍ଗୁରି ଗାଁକୁ ଯାଇଥିଲେ। କାମ ସାରି ପାଖାପାଖି ରାତି ୮ଟାରେ ଘରକୁ ଫେରୁଥିବାବେଳେ କୁଡୁଲ୍ଲା ରାସ୍ତା ବୁଲାଣିରେ ସେମାନଙ୍କର ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ଜୋରରେ ପିଟି ହେବା ଫଳରେ ସେମାନେ ରାସ୍ତା କଡକୁ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ଥିବା ବୁଲୁର ଚିତ୍କାର ଶୁଣି ସେହି ରାସ୍ତାଦେଇ ଯାଉଥିବା ପଥିକମାନେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଥାନା ଅଧିକାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ରାହୁଲଙ୍କୁ ମୃତ ଘୋଷଣା କରିଥିବାବେଳେ ବୁଲୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ରାହୁଲଙ୍କ ମୃତଦେହ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବାବେଳେ ବୁଧବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

## ହତ୍ୟା ମାମଲାରେ ଶିକ୍ଷକ ନିର୍ଦ୍ଦୋଷରେ ଖଲାସ

ଟିଟିଲାଗଡ଼,୧୭।୯(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳରେ ଏକ ହତ୍ୟା ମାମଲାରେ ସ୍କୁଲ ଶିକ୍ଷକ ଦେବରାଜ ଭାଟି ମଙ୍ଗଳବାର ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଘଟଣାଟି ଘଟିଥିଲା ୨୨।୭।୨୦୦୮ରେ ଲୁଥୁର୍ବନ୍ଧ ରେଳ ଧାରଣ ନିକଟରେ। ବିନୋଦ ପ୍ରସାଦ ନାୟକଙ୍କ କ୍ଷତବିକ୍ଷତ ଶରୀର ଟିଟିଲାଗଡ଼ ଜିଆରପି ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଏବଂ ଅନ୍ୟାନ୍ୟ ବିଷୟକୁ ଅନୁଧ୍ୟାନ କରି ୩ଜଣଙ୍କୁ ଜିଆରପି ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି କେସ୍‌ରେ ସରକାରଙ୍କ ତରଫରୁ ୨୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସବୁ ତଥ୍ୟ ଅନୁଧ୍ୟାନ କରି ଅତିରିକ୍ତ ଜିଲା ଦୌରାଜଜ ସନ୍ଦୀପ ପଟ୍ଟନାୟକ ଅଭିଯୁକ୍ତ ଦେବରାଜ ଭାଟିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ ଥାଉକି ଏହି ମାମଲାରେ ଦୁଇ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଯାଇଛି। ତୃତୀୟ ଅଭିଯୁକ୍ତ ମଙ୍ଗଳବାର ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

## ଓଡ଼ିଆ ବିଭାଗ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୧୭।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଭାଗ ମୁଖ୍ୟ ଜଗମୋହନ ଦର୍ଜି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁ କଲେଜର ନିତିନିୟମ ସମ୍ପର୍କରେ କହିବା ସହ ଛାତ୍ର ଜୀବନରେ ଶୃଙ୍ଖଳା ରଖିପାରିଲେ ସଫଳତା ସୁନିଶ୍ଚିତ। ଏଣୁ ଏ ଦିଗରେ ନବାଗତ ଛାତ୍ରୀଛାତ୍ର ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଭାବେ ଅଧ୍ୟାପକ ହିମାଂଶୁ ମହାକୁର, ଡ.ଜଳଧର ମାଝୀ, ଅଧ୍ୟାପିକା ତୋଷାଳି ଆଶା ଦର୍ଜି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଉତ୍ସବ ପ୍ରାରମ୍ଭରେ ସୁଷମା ପାତ୍ର, ପ୍ରିୟଙ୍କା ମିଶ୍ର ଓ ନିବେଦିତା ପଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସେବତୀ ନାୟକ, ଅମିତ ଭୂଏ ଓ ସୁଶ୍ରୀତା ସେଠ ଉତ୍ସବକୁ ସଂଯୋଜନା କରିଥିଲେ । ସୁନୀତି କରଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍ତମ ଚରିତ୍ର ଗଠନ ସହ ଭଲ ମଣିଷ ହେବାକୁ ଆହ୍ୱାନ

ଖପ୍ରାଖୋଲ, ୧୭।୯(ଅଭୟ ତ୍ରିପାଠୀ)

ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷା ସରିତା ନାଏକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝି, ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ସିଆରପି ଏଫ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ସଞ୍ଜୟ କୁମାର ଚୌରାଶିଆ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ଶିକ୍ଷାର ବିକାଶ ସହ ଗ୍ରାମୀଣ ସ୍ତରରେ ମଧ୍ୟ ଇଂରାଜୀ ମାଧ୍ୟମରେ ଉଚ୍ଚ କୋଟିର ଶିକ୍ଷା ପ୍ରଦାନ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭୂମିକା ଉପରେ ଆଲୋକପାତ କରିଥିଲେ। ସେହିପରି ଛାତ୍ରୀଛାତ୍ରମାନେ ଅଧ୍ୟୟନ କରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିବାରେ ସମର୍ଥ ହେଉଥିବା ବେଳେ କଠିନ ପରିଶ୍ରମ ଅଧ୍ୟୟନ କରିବା ସହ ଉତ୍ତମ ଚରିତ୍ର ଗଠନ କରିବାକୁ ଅତିଥିମାନେ ଛାତ୍ରୀଛାତ୍ର ଙ୍କୁ ଦିଗଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରୀ ଛାତ୍ରଙ୍କ ଦ୍ୱାରା ନାଚ ଗୀତ ପରିବେଷିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀ ଓ ପ୍ରତିଭାଙ୍କୁ ଅତିଥିମାନେ ଟ୍ରଫି ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମଧୁସ୍ମିତା ଦାସ ଓ ଧର୍ମରାଜ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଭିଏମଡିସି ସଦସ୍ୟ, ଛାତ୍ରୀଛାତ୍ର, ଅଭିଭାବକ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷୟିତ୍ରୀ ଦମୟନ୍ତୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ବେଡ଼କର ଯୁବକ ସଂଘ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

କଣ୍ଟାବାଞ୍ଜି,୧୭।୯(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ବେହେରେନସିଲେଟ ଆମ୍ବେଡ଼କର ଯୁବକ ସଂଘ ଓ ସାଗର ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ, ରାୟପୁର ମିଳିତ ଆନୁକୂଲ୍ୟରେ ବେହେରେନସିଲେଟ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଆୟୋଜନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ରାୟପୁରରୁ ବିଶେଷଜ୍ଞ ଡ଼ାକ୍ତର ରାଜେଶ ଶର୍ମା, ଭକ୍ତବନ୍ଧୁ କୁମାର, ରତ୍ନ ନାଗ, ନର୍ସ ଯୁଲେଶ୍ୱରୀ, ଅହଲିୟା, ମମତା ଉପସ୍ଥିତ ରହି ସମସ୍ତଙ୍କୁ ମାଗଣାରେ ଚିକିତ୍ସା କରିବା ସହ ବିଭିନ୍ନ ରୋଗର ପରୀକ୍ଷା ଏବଂ ଔଷଧ ବଣ୍ଟନ କରିଥିଲେ। ଏହି ଶିବିରରେ ୨୦୦ ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ହୋଇଥିଲେ। ଏହି ଶିବିରକୁ ଆମ୍ବେଦକର ଯୁବକ ସଂଘ ସଭାପତି ରୋହନ କୁମାର ମହତ ପରିଚାଳନା କରିଥିଲେ। ପରାମର୍ଶଦାତା ତୁଳସୀ ରାମ ଜଗତ, ସମ୍ପାଦକ ମୋହନ ସୁନା, ସହ ସମ୍ପାଦକ ରାଜେଶ ମହାନନ୍ଦ, କୋଷାଧ୍ୟକ୍ଷ ସୁମନ ମହତ, ସଦସ୍ୟ ମିଳନ ସୁନା, ଦୁର୍ଗେ ତାଣ୍ଡି, ଅଭି ଜାଲ ଉପସ୍ଥିତ ଥିବାବେଳେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ବିଶେଷ ସହଯୋଗ କରିଥିଲେ।

## ମହିଳା ସ୍ନାତକ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା

କଣ୍ଟାବାଞ୍ଜି, ୧୭।୯(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ 'ଘରେ ଘରେ ସୁଭଦ୍ରା ଯୋଜନା' ଅନ୍ତର୍ଗତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୃନ୍ଦାବନ ନାଗ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାକୁ ସମୀକ୍ଷା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ସଭାପତିତ୍ୱରେ ଯଥାକ୍ରମେ ପ୍ରବନ୍ଧ, ଚିତ୍ରାଙ୍କନ, ରଙ୍ଗୋଲି, ବକ୍ତୃତା ଓ ଫଟୋ ଉତ୍ତୋଳନ ଏପରି ପାଞ୍ଚୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏହି ପ୍ରତିଯୋଗିତାକୁ ସାଂସ୍କୃତିକ ଦାୟିତ୍ୱ ତୁଲାଇଥିବା ଜିତେନ୍ଦ୍ର ସୁନା ପରିଚାଳନା କରିଥିବାବେଳେ ଯୁଧିଷ୍ଠିର ବେହେରା, ସୁନନ୍ଦା ରଥ, ରାଜୀବ ମେହେର, ଲିପନିତା ପଧାନ, ନିରବତି ପଧାନ, ଡକ୍ଟର ନେପାଳ ସେଠି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଡକ୍ଟର ନେପାଳ ସେଠି ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

# ପରିକ୍ରମା କଲା କୋଶଲୀ ଅସ୍ମିତା ରଥ

ବଲାଙ୍ଗୀର,୧୭।୯(ବୀରେନ୍ଦ୍ର କୁମାର ଝାଙ୍କର)

କୋଶଲୀ ଭାଷାକୁ ସାମ୍ବିଧାନିକ ମାନ୍ୟତା, ପଶ୍ଚିମ ଓଡିଶାର ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କୁ କୋଶଲୀ ଭାଷାରେ ପାଠ ପଢ଼ାଯିବା, କୋଶଲୀ ଭାଷାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷା ଭାବେ ଗ୍ରହଣ କରାଯାଇଛି। ବରୁଆ ତତ୍ତ୍ୱ ବିଶିଷ୍ଟ ଯାନିଯାତ୍ରାର ସୁରକ୍ଷା ଏବଂ ସମୃଦ୍ଧି କରାଯିବା ଦାବି ନେଇ କୋଶଲୀ ଅସ୍ମିତା ରଥ ମଙ୍ଗଳବାର ଠାରୁ ପରିକ୍ରମା ଆରମ୍ଭ କରିଛି। ପାଟଣାଗଡର କୋଶଳେଶ୍ୱରୀ ମନ୍ଦିରରୁ ଆରମ୍ଭ ହୋଇଥିବା ଏହି କୋଶଲୀ ଅସ୍ମିତା ରଥ ପୂର୍ବାହ୍ନ ପ୍ରାୟ ୧୧ଟାରେ ବଲାଙ୍ଗୀର ପହଞ୍ଚିଥିଲା। ବଲାଙ୍ଗୀର ସହର ପରିକ୍ରମା କରିବା ପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କୋଶଳ ଅସ୍ମିତା ସଭା କରିଥିଲେ।

କୋଶଳ ସାହିତ୍ୟ, ସଂସ୍କୃତ ଏକାଡେମୀର ସାଧାରଣ ସମ୍ପାଦକ ଗୋରଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ କୋଶଲବାଦୀ ନେତା ମନୋରଞ୍ଜନ ସାହୁ, ଭାରତୀୟ ବୟନ ଶିଳ୍ପ କର୍ମଚାରୀ ସଂଘ ସଭାପତି ପ୍ରଫୁଲ୍ଲ ମହାପାତ୍ର, ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ଗୋବିନ୍ଦ ଚନ୍ଦ୍ର ଶତପଥି, ସରୋଜ କୁମାର ଭୁୟାଁ ମଞ୍ଚାସୀନ ଥିଲେ। ଯୁଗ୍ମ ସମ୍ପାଦକ ସାକେତ ଶ୍ରୀଭୂଷଣ ସାହୁ ସଭା ସଂଯୋଜନା କରିଥିଲେ। ଅତିଥିମାନେ ପଶ୍ଚିମ ଓଡିଶା ପ୍ରତି ସରକାରଙ୍କ କ୍ରମାଗତ ଅବହେଳା ଏବଂ ଶୋଷଣ ମାନସିକତା ଉପରେ ତୀବ୍ର ପ୍ରତିକ୍ରିୟା ପରିବେଷଣ କରିଥିଲେ। ଆଗାମୀ ଜନଗଣନା ସମୟରେ ପଶ୍ଚିମ ଓଡ଼ିଶାର ଜନସାଧାରଣ ନିଜ ମାତୃଭାଷା କୋଶଲୀ ବୋଲି ଉଲ୍ଲେଖ କରିବାକୁ ନିବେଦନ କରିଥିଲେ। ପଶ୍ଚିମ ଓଡିଶାର ଅସ୍ମିତା ରକ୍ଷା ଏହି ରଥ ପରିକ୍ରମାର ଉଦ୍ଦେଶ୍ୟ ବୋଲି ବକ୍ତାମାନେ କହିଥିଲେ। ସଭା ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରକୁ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କୁ ହସ୍ତାନ୍ତର କରିଥିଲେ । ବଲାଙ୍ଗୀର ସଭା ପରେ ଏହି ରଥ ଟିଟିଲାଗଡ ଅଭିମୁଖେ ଯାତ୍ରା କରିଥିଲା। କୋଶଲୀ ଅସ୍ମିତା ରଥ ପଶ୍ଚିମ ଓଡିଶାର ୧୦ଟି ଜିଲା ପରିକ୍ରମା କରିବ।




ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କୋଶଲୀ ଅସ୍ମିତା ରଥ ସମ୍ପର୍କିତ ସଚେତନତା ସଭାରେ ମଞ୍ଚାସୀନ ଅତିଥି।

**କୋଶଲୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର**

## ସଂକ୍ଷେପରେ

### ଅଞ୍ଚଳ ମହାବିଦ୍ୟାଳୟରେ ୨ ଦିନିଆ ଜାତୀୟ ସମ୍ମାନ

**ପଦ୍ମପୁର,୧୭।୯(ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ସେପ୍ଟେମ୍ବର ୨୦ ଏବଂ ୨୧ରେ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଦ୍ୱାରା ପ୍ରାୟୋଜିତ ଜାତୀୟ ସଂପାନ୍ନ ଶୀର୍ଷକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ: ଭିଜନ, ଅପରର୍ଚ୍ଚୁନିଟ ଆଣ୍ଡ ଚ୍ୟାଲେଞ୍ଜେସ ଅନୁଷ୍ଠିତ ହେବ। ଏନେଇ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା, ସଂଯୋଜକ ଡ. ତୁଷାରକାନ୍ତ ସାହୁ, ସହ ସଂଯୋଜକ ଡ. ଭେଙ୍କଟେଶର ମେହେର, ଆଇକ୍ୟୁଏସି କୋର୍ଡିନେଟର ନବକୃଷ୍ଣ ମିଶ୍ର ଓ ପ୍ରାଧାପକ ଡ.ବିରଞ୍ଚି ସାହୁ ସୂଚନା ଦେଇଛନ୍ତି। ଏହା ମହାବିଦ୍ୟାଳୟର ଶିକ୍ଷା ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଆୟୋଜନ ହେବ। ପ୍ରଥମ ଦିବସରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସିର୍ଦ୍ଧାଥ ଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିବେ। ଉଦ୍‌ଯାପନୀ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେବେ। ଉକ୍ତ ଜାତୀୟ ସଂପାନ୍ନକୁ ହିମାଚଳ ପ୍ରଦେଶ, ଇନ୍ଦୋର, ନୂଆଦିଲ୍ଲୀ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ମୁମ୍ବାଇ, ଝାଡ଼ଖଣ୍ଡ, ଗୁଜରାଟ, ଆସାମ, ମହାରାଷ୍ଟ୍ର, ଛତିଶଗଡ ଓ ଭୁବନେଶ୍ୱରରୁ ସମ୍ବଳ ବିଶେଷଜ୍ଞମାନେ ଯୋଗଦେବେ। ଏଥିସହ ଆଖପାଖର ସମସ୍ତ ଡିଗ୍ରୀ କଲେଜର ଅଧ୍ୟକ୍ଷ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ସଂପାନ୍ନର ସେକ୍ରେଟାରୀ ସୁଶ୍ରୀ ସସ୍ମିତା ମେହେର କହିଛନ୍ତି।

### ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

**ବରଗଡ଼,୧୭।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜିଲା ଅଗ୍ନିଶମ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଅଗ୍ନିଶମ ଓ ବିପର୍ଯ୍ୟୟ ପ୍ରଶମନ ଅଧିକାରୀ ସୁଦୀପ୍ତ ସ୍ୱାଇଁ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀମାନଙ୍କୁ ଅଗ୍ନି ନିରାପତ୍ତା ଏବଂ ବିପର୍ଯ୍ୟୟ ମୁକାବିଲା ପାଇଁ ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏ ନେଇ ବିଦ୍ୟାଳୟରେ ମକ୍‌ଡ୍ରିଲ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ବିବେକାନନ୍ଦ ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ।

### ୪୩ ଚୋରି ମୋବାଇଲ ଉଦ୍ଧାର

**ବରଗଡ଼,୧୭।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟାଉନ ଥାନା ପୋଲିସ ୪୩ଟି ଚୋରି ମୋବାଇଲ ଉଦ୍ଧାର କରିଛି। ଏହାସହିତ ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ବାନ୍ଧୁଟିକ୍ରା ସୁନାରୀଗଳିର ରାଜା ଓରଫ ସୁଶାନ୍ତ ପାଣିଗ୍ରାହୀ(୩୦), ବରଗଡ଼ ମଙ୍ଗଳାପଡ଼ାର ମହେଶ ନାଗ(୨୪), ମିଳନ ଓରଫ ଅଖିଳ ଆଡ଼ଜୁଆଡ଼(୨୩), ଅର୍ଜୁନ ନାଗ(୨୦) ଏବଂ ଶକ୍ତି ବାଗ(୧୯)। ସେମାନଙ୍କ ପାଖରୁ ଗୋଟିଏ ହୋଣ୍ଡା ଏସ୍‌ପି ବାଇକ୍ (ନଂ.ଓଡ଼ି୧୭ଏଲ/୫୪୨୦), ଗୋଟିଏ ପଲସର ବାଇକ୍ (ନଂ. ଓଡ଼ି୧୭ଏବି/୧୫୪୩), ଗୋଟିଏ ସ୍କୁଟି (ନଂ.ଓଡ଼ି୧୭ଏସି/୭୭୦୪) ଜବତ ହୋଇଛି। ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୨୨୫/୨୪) ରୁଜୁ ହୋଇଛି।

### ନାଳରେ ଭାସି ଯାଉଥିବା ଯୁବତୀ ଉଦ୍ଧାର

**ବରଗଡ଼,୧୭।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ରୁଚିଦା ଗ୍ରାମ ଉପକଣ୍ଠରେ ବହିଯାଇଥିବା କାଙ୍କରାଡ଼ି ନାଳରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ୩୦ମିନିଟ୍‌ରେ ଭାସିଯାଉଥିବା ବେଳେ ଜଣେ ଯୁବତୀଙ୍କୁ ସ୍ଥାନୀୟ ଯୁବକମାନେ ଉଦ୍ଧାର କରିଛନ୍ତି। ଯୁବତୀ ଜଣକ ହେଲେ ଅମ୍ବାଭୋନା ବ୍ଲକ ଉତ୍ତମ ପଞ୍ଚାୟତ ଲେଲେହର ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ଛତିଶଗଡ଼ ରାଜ୍ୟ ସରିଆରେ ରହୁଥିବା କ୍ଷୀରୋଦ ଭୁଏଙ୍କ ଝିଅ ପୁଷ୍ପାଞ୍ଜଳି(୧୯)। ଅମ୍ବାଭୋନା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, କ୍ଷୀରୋଦଙ୍କ ପରିବାର ଲୋକେ ଆର୍ଥିକ ଅନଟନରେ ଅଛନ୍ତି। ଗତ କିଛିବର୍ଷ ହେଲା ସେ ନିଜ ଗ୍ରାମ ଛାଡ଼ି ସପରିବାର ସରିଆସ୍ଥିତ ଶ୍ୱଶୁର ଘରେ ରହୁଛନ୍ତି। ମଙ୍ଗଳବାର ଅପରାହ୍ନରେ ପୁଷ୍ପାଞ୍ଜଳି କାଙ୍କରାଡ଼ି ନାଳ ବ୍ରିଜ ଉପରୁ ପାଣି ଭିତରକୁ ଡ଼େଇଁ ପଡିଥିଲେ। ସେ ପାଣିରେ ଭାସିଯାଉଥିବା ଦେଖି ସେଠାରେ ଉପସ୍ଥିତ ୨ ଯୁବକ ତାଙ୍କୁ ଉଦ୍ଧାର କରିଥିଲେ।

# ମା'ମାନଙ୍କୁ ସଶକ୍ତ, ସ୍ୱାବଲମ୍ବୀ କରିବ ସୁଭଦ୍ରା ଯୋଜନା



ଝାରବନ୍ଧରେ ସୁଭଦ୍ରା ଯୋଜନା ଶୁଭାରମ୍ଭ ଅବସରରେ ଉପସ୍ଥିତ ମହିଳା।



ସରଣ୍ଡାରେ ଅତିଥିମାନଙ୍କ ଗହଣରେ ହିତାଧିକାରୀଗଣ।



ସୋହେଲା କାର୍ଯ୍ୟକ୍ରମରେ ମହିଳାମାନେ ଶପଥ ପାଠ କରୁଛନ୍ତି।

**ବରଗଡ଼,୧୭।୯(ପ୍ରେମାନନ୍ଦ ଖମାରୀ)**

ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥାକୁ ମଜଭୁତ କରିବା ସହିତ ସେମାନଙ୍କ ସୁରକ୍ଷା, କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଜନ୍ମଦିନ ଅବସରରେ ସରକାରଙ୍କ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୧୨୫୦ କୋଟି ଟଙ୍କା ପଠାଯାଇଛି। ଏହି ଅବସରରେ ଜିଲାର ସମସ୍ତ ବ୍ଲକ ମୁଖ୍ୟାଳୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ସମାରୋହ ଏବଂ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସ୍ଥାନୀୟ ଲୋକ ପ୍ରତିନିଧି, ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ରହି ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରତି ବ୍ଲକରୁ ୫ଜଣ ସୁଭଦ୍ରା ହିତାଧିକାରୀଙ୍କୁ ସମ୍ମାନିତ କରିବା ସହିତ ୫ଜଣ ଲେଖାଏ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଗୃହ ହିତାଧିକାରୀଙ୍କୁ ନିର୍ମାଣ ଆଦେଶପତ୍ର ବଣ୍ଟନ କରାଯାଇଥିଲା। ଏହାସହିତ ସ୍ୱଚ୍ଛ ଓ ସୁନ୍ଦର ବରଗଡ଼ ପାଇଁ ସମସ୍ତେ ଶପଥ ପାଠ କରିଥିଲେ।

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ସଦର ବ୍ଲକ ଏବଂ ପୌର ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଆଜିର ଦିନଟି ସମଗ୍ର ଓଡ଼ିଶା ପାଇଁ ଏକ ସ୍ମରଣୀୟ ଦିନ ଅଟେ। ଓଡ଼ିଶାର ମା'ମାନଙ୍କୁ ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତ ଏବଂ ସ୍ୱାବଲମ୍ବୀ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ କରକମଳରେ ଯୋଜନାର ଶୁଭାରମ୍ଭ ହେବା ଆମ ପାଇଁ ସୌଭାଗ୍ୟର ବିଷୟ। ଆଜିଠାରୁ ରାଜ୍ୟରେ ମହିଳା ସଶକ୍ତୀକରଣର ନୂଆ ଧାରା ଆରମ୍ଭ ହେଲା ବୋଲି ବିଧାୟକ ଷଡ଼ଙ୍ଗୀ କହିଥିଲେ। ସେହିପରି ଜିଲାପାଳ ଆଦିତ୍ୟ ଗୋୟଲ କହିଥିଲେ, ଏହି ଯୁଗାନ୍ତକାରୀ ଯୋଜନାରେ ଓଡ଼ିଶାର ମା'ମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ଜରିଆରେ ସିଧାସଳଖ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଯାହାକୁ ସେମାନେ ନିଜର ଆବଶ୍ୟକତା ଅନୁଯାୟୀ କ୍ଷୁଦ୍ର ବ୍ୟବସାୟ, ଘରୋଇ ଉଦ୍ୟୋଗ କ୍ଷେତ୍ରରେ ବିନିଯୋଗ କରିପାରିବେ। ଜିଲା ପ୍ରଶାସନ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗିତା ମାଧ୍ୟମରେ ମହିଳାଙ୍କୁ ସଚେତନ କରିବା ସହିତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବିନାମୂଲ୍ୟରେ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସଂକଳ୍ପବଦ୍ଧ ବୋଲି ଜିଲାପାଳ ଗୋୟଲ କହିଥିଲେ। ବରଗଡ଼ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେସିୟସ ଡୁଙ୍ଗଡୁଙ୍ଗଙ୍କ ମିଳିତ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ବିଧାୟକ, ଜିଲାପାଳ ଯୋଗ୍ୟ ହିତାଧିକାରୀଙ୍କୁ ସମ୍ମାନିତ କରୁଛନ୍ତି।

**ସୋହେଲା (ଅଶ୍ୱିନୀ କୁମାର ପାତ୍ର)**

ସୋହେଲା କଲେଜ ଖେଳ ପଡିଆରେ ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଡିଓ ସୁରେନ୍ଦ୍ର ମେହେର ସଂଯୋଜନା କରିଥିଲେ। ଏହି ଅବସରରେ ସ୍ୱଚ୍ଛତା ସପ୍ତାହ ପାଳନ ପାଇଁ ସମସ୍ତଙ୍କୁ ଶପଥପାଠ କରାଯାଇଥିଲା। ଅତିରିକ୍ତ ବିଡିଓ ବିଲଚୁସ ଲାକ୍ରା, ଜଳ ଯୋଗାଣ ପରିମଳ ବିଭାଗର ଯନ୍ତ୍ରୀ ସୁରେନ୍ଦ୍ର ବେହେରା, ଆସିଷ୍ଟାଣ୍ଟ ଇଞ୍ଜିନିୟର ଦୀପ୍ତି ମେମ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

**ସରଣ୍ଡା,(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବାଳକ ହାଇସ୍କୁଲ ପଡିଆରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏଥିରେ ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁଭଦ୍ରା ଯୋଜନା ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ସହଯୋଗ କରିବ ବୋଲି କହିଥିଲେ। ଏବିଡିଓ ଗରିନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତାବିରା ବିଡିଓ ସୂର୍ଯ୍ୟ କୁମାର ନାୟକ, ତହସିଲଦାର ବ୍ରଜକିଶୋର ସାହୁ, ସିଡିପିଓ ଉର୍ମିଳା ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର ଅନୁସୟା ମିର୍ଦ୍ଧା, ସୁଜାତା ମିର୍ଦ୍ଧା, ହରିପ୍ରିୟା ମିର୍ଦ୍ଧା, ସୀମା ଭୁଏ, ସମୀରା ଟପନ, ସୁବାଷିନୀ ଖଡିଆଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଗୁଡିକୁ ବିଧାୟକ ନିହାର ରଞ୍ଜନ ମହାନନ୍ଦ ବଣ୍ଟନ କରିଥିଲେ।

**ଝାରବନ୍ଧ(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ପଡିଆଠାରେ ବ୍ଲକ ପ୍ରଶାସନ ତରଫରୁ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା ସଭାପତିତ୍ୱ କରିଥିବା ବେଳେ ଜିଲାପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ଏମପି ପ୍ରତିନିଧି ଦୁର୍ଗା ପ୍ରସାଦ ଅଗ୍ରୱାଲ ଯୋଗଦେଇଥିଲେ। ଏହି ଅବସରରେ ୧୭ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକର ୪ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

**ବରପାଲି( ଚିତ୍ତରଞ୍ଜନ ସାହୁ)**

ବରପାଲି ହାଇସ୍କୁଲ ଖେଳ ପଡିଆଠାରେ ଭର୍ଚୁଆଲ ମାଧ୍ୟମରେ ସୁଭଦ୍ରା ସହ ବିଭିନ୍ନ ଯୋଜନାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେପୁର ବିଧାୟକ ସନତ ଗଡତିଆ,ଏନଏସି ଅଧ୍ୟକ୍ଷ ଦିନେଶ ଗହିର ସମେତ ବରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ୍ତ କୁମ୍ଭାର, ତହସିଲଦାର ରୁକ୍ମଣ ମେହେର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ସିଡିପିଓ ସଂଯୁକ୍ତା ଲେଙ୍କା ପ୍ରମୁଖ ପ୍ରଶାସନ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଗାଇସିଲେଟ୍ (ଦୁର୍ଗାପ୍ରସାଦ ତ୍ରିବେଦୀ)**

ଗାଇସିଲେଟ ବ୍ଲକରେ ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ଲକ୍ଷ୍ମଣ ମାଝୀ, ତହସିଲଦାର ଟିକସ ମହାନନ୍ଦ, ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗ୍ରାମର ୬ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

## ନୂଆଁଖାଇ ସମ୍ମାନ ସମାରୋହ ଉଦ୍‌ଯାପିତ

**ବରଗଡ଼, ୧୭।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ନୂଆଁଖାଇ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଯୁଗୋପଯୋଗୀ ଶିଶୁ ସାହିତ୍ୟ ପତ୍ରିକା ସୁବର୍ଣ୍ଣଦୀପ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ସମାରୋହରେ ବରଗଡ଼ ସମେତ ବିଭିନ୍ନ ଜିଲାର ୩୦ରୁ ଉର୍ଦ୍ଧ୍ୱ ଲେଖିକା, ଲେଖକ ଯୋଗଦାନ କରିଥିଲେ। ସେମାନଙ୍କୁ ସୁବର୍ଣ୍ଣଦୀପ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସୁବର୍ଣ୍ଣଦୀପର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ନିରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି, ସାହିତ୍ୟିକ ମନୋରଞ୍ଜନ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ଲେଖିକା, ଲେଖକମାନଙ୍କୁ ସମ୍ମାନିତ କରିଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ସାହୁ, କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ ମିଶ୍ର, ଯାଦବ ସମାଜର ସଭାପତି ପ୍ରଦୀପ ଥପା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସହ ସମ୍ପାଦକ ନବକୃଷ୍ଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସୁବର୍ଣ୍ଣଦୀପର ନୂଆଁଖାଇ ସଂଖ୍ୟାକୁ ଅତିଥିବୃନ୍ଦ ଲୋକାର୍ପିତ କରିଥିଲେ। ରୋଶନ ମେହେରଙ୍କ ସମେତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ଖଜୁରଟିକ୍ରା ସ୍କୁଲର ପ୍ରଜ୍ଞା ପରିମିତା ମାଝୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା ପ୍ରମୁଖ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅରବିନ୍ଦ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ସମ୍ମାନ ସମାରୋହରେ ଲେଖିକା, ଲେଖକ ଏବଂ ଛାତ୍ରୀଛାତ୍ର।

## ବ୍ରିଜ୍ ବିପଦସଙ୍କୁଳ, ଦୁର୍ଘଟଣା ଆଶଙ୍କା

**ଅତାବିରା,୧୭।୯(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା–ବୁଗବୁଗା ଗ୍ରାମ ରାସ୍ତାର ବାବେବିରା ସ୍କୁଲ ଛକ ନିକଟରେ ଥିବା ଏକ କେନାଲ ବ୍ରିଜ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ ଛକର ବୁଲାଣି ରାସ୍ତାରେ ରହିଥିବା ଏହି ବ୍ରିଜ ଭାଙ୍ଗି ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତାୟାତ ସମସ୍ୟା ଦେଖାଯାଇଛି। କେବଳ ସେତିକି ନୁହେଁ, ବ୍ରିଜ୍‌ଟି ବିପଦଶଙ୍କୁଳ ଅବସ୍ଥାରେ ରହିଥିବାରୁ ଏହାର ତୁରନ୍ତ ମରାମତି କରା ନ ଗଲେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ୩ ସପ୍ତାହ ହେଲା ବ୍ରିଜ୍‌ଟି ଏଭଳି ବିପଦପୂର୍ଣ୍ଣ ଭାବେ ରହିଥିବା ସତ୍ତ୍ୱେ ଏହାର ମରାମତି କରାଯାଉ ନ ଥିବା ଯୋଗୁ ଜନ ଅସନ୍ତୋଷ ଦେଖାଯାଇଛି। ଉକ୍ତ ରାସ୍ତା ଉପରେ ପଲସାପାଲି, କର୍ମୀଟିକ୍ରା, ବୁଗବୁଗା, ପାଲିବୁଗବୁଗା, କ୍ଷୀରାପାଲି, ଝିଲିମିଣ୍ଡା, ସୋର୍ଣ୍ଣା, ଭୁତଟିକ୍ରା ଆଦି ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ବିପଦଶଙ୍କୁଳ ବ୍ରିଜ୍‌ର ତୁରନ୍ତ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବ୍ରିଜ୍।

## ଚିତାଖାଇରେ ମନୋହରଙ୍କ ଶହୀଦ ଦିବସ

**ସୋହେଲା,୧୭।୯(ଅଶ୍ୱିନ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ବ୍ଲକ ବାଉସେନମୁରା ପଞ୍ଚାୟତ ଚିତାଖାଇ ଗ୍ରାମରେ ଭେଡେନ ଜମିଦାର ମନୋହର ସିଂଙ୍କ ଶହୀଦ ଦିବସ ପାଳିତ ହୋଇଯାଇଛି। ଗ୍ରାମବାସୀ ଓ କୋଶଲ ଯୁବ ସମନ୍ୱୟ ସମିତି ପକ୍ଷରୁ ୪ର୍ଥ ବର୍ଷ ପାଇଁ ଏହି କାର୍ଯ୍ୟକ୍ରମ ହୋଇଥିଲା। ସର୍ବ ପ୍ରଥମେ ଗ୍ରାମବାସୀ ଓ ସମନ୍ୱୟ ସମିତିର କର୍ମକର୍ତ୍ତାମାନେ ସୋହେଲା ଦୁର୍ଗା ମନ୍ଦିରକୁ ଆସି ପୂଜାର୍ଚ୍ଚନା କଲା ପରେ ଏକ ମଶାଲ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ସୋହେଲା ବସ୍ତି ପରିକ୍ରମା କରିବା ପରେ ସୋହେଲା ମୁଖ୍ୟ ଛକରେ ଥିବା ସତ୍ୟାଗ୍ରହୀ ସ୍ମାରକୀ ପୀଠକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲା। ଏହାପରେ ଗାଁ କୁ ମଶାଲ ଶୋଭାଯାତ୍ରା ଯାଇଥିଲା। ଗ୍ରାମବାସୀଙ୍କ ତରଫରୁ ଶୋଭାଯାତ୍ରାକୁ ଭବ୍ୟ ସ୍ୱାଗତ କରାଯାଇ ଗାଁ ପରିକ୍ରମା କଲା ପରେ ଶହୀଦ ମନୋହର ଓ ତାଙ୍କ ସାଥୀଙ୍କୁ ହତ୍ୟା କରାଯାଇଥିବା ସ୍ଥଳରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମର ବରିଷ୍ଠ ନାଗରିକ ଘନଶ୍ୟାମ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। ଶହୀଦ ମନୋହରଙ୍କ ଦାୟାଦ ଅଶୋକ ସିଂ ଓ ତାଙ୍କ ସ୍ତ୍ରୀ ଜ୍ୟୋସ୍ନାମୟୀ ସିଂ, କୋଶଲ ସେନାର ସୁଶାନ୍ତ ମିଶ୍ର, ବରଗଡ ଜିଲା ଆଦିବାସୀ ସମାଜର ସଭାପତି କୁଞ୍ଜ ବିହାରୀ ଭୋଇ, ସୋହେଲା ବ୍ଲକ ଆଦିବାସୀ ସମାଜର ସଭାପତି ନିତ୍ୟାନନ୍ଦ ବିଶ୍ୱାଳ, ଆକାଶ ପଣ୍ଡା, ଅଧ୍ୟାପକ ହରିହର ସାହୁ, ସନ୍ତୋଷ ପଶାୟତ ପ୍ରମୁଖ ଶହୀଦ ମନୋହର ସିଂଙ୍କ ସ୍ୱାଧୀନତା ସଂଗ୍ରାମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦାୟାଦ ଦମ୍ପତିଙ୍କୁ ଗ୍ରାମବାସୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଭୁବନ ନାୟକ।



ଶହୀଦ ଦିବସରେ ବାହାରିଥିବା ଶୋଭାଯାତ୍ରା।

## ନବାକାଂକ୍ଷା-କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

**ବରଗଡ଼,୧୭।୯(ପ୍ରେମାନନ୍ଦ ଖମାରୀ)**

ମୁରଲୀ କ୍ରୀଷ୍ଣା ଫାଉଣ୍ଡେଶନ ଏବଂ କ୍ରୀଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବରଗଡ଼ର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିକାଶ ଆବାସିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପଦ୍ମପୁର କଳିଙ୍ଗ ରିସର୍ଟରେ ନବାକାଂକ୍ଷା–କ୍ୟାରିୟର କାଉନସେଲିଂ ତଥା ଦଶମ, ଦ୍ୱାଦଶ ଶ୍ରେଣୀରେ ପଢୁଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସିବିଏସ୍‌ଇ ଏବଂ ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ଅଧ୍ୟକ୍ଷ, ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନଙ୍କୁ ସ୍କୁଲ ଲିଡର ପୁରସ୍କାରରେ ସମ୍ମାନିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏନ୍‌ଟିଏ ଆୟୋଜିତ ସର୍ବଭାରତୀୟ ନିଟ୍ ୟୁଜି ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ ୭୨୦ମାର୍କରୁ ୭୦୦ମାର୍କ ରଖିଥିବା କ୍ରୀଷ୍ଣା ବିକାଶ ସୁପର–୪୦ର ଛାତ୍ର ତଥା ପଦ୍ମପୁର ବ୍ଲକ ଭେଉଁରିଆ ଗ୍ରାମର ଦିଗାମ୍ବର ସାହୁ ଏବଂ ୬୯୧ମାର୍କ ରଖିଥିବା ସନତ କୁମାର ମିଶ୍ର ଏବଂ ତାଙ୍କ ମା' ବାପାଙ୍କୁ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମପୁର ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଏବଂ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ୨ଟି ଅଧିବେଶନରେ ହୋଇଥିଲା। ପ୍ରଥମ ଅଧିବେଶନରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳଙ୍କ ଅଧ୍ୟକ୍ଷତାରେ କୁଇଜ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ଦ୍ୱିତୀୟ ଅଧିବେଶନ ହୋଇଥିଲା। ଏଥିରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ କ୍ରୀଷ୍ଣା କ୍ୟାରିୟର କାଉନସେଲିଂ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ବିକାଶ ଆବାସିକ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଡେମିକ୍ସ, କୋ କରିକୁଲାର ଆକ୍ଟିଭିଟିଜରେ ଗତ ୩ବର୍ଷର ଉଚ୍ଚମାନର ଫଳାଫଳ ବିବରଣୀ ପ୍ରଦାନ କରି ସବୁ ଛାତ୍ରୀଛାତ୍ରଙ୍କୁ ପଶ୍ଚିମ ଓଡ଼ିଶାରେ କ୍ୟାରିୟର ଗଢ଼ିବାରେ ଏକ ଉତ୍ତମ ବାତାବରଣ ମହଜୁଦ ଅଛି ବୋଲି ମତପ୍ରକାଶ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଯୋଗଦାନ କରିଥିବା ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୁଇଜ ପ୍ରତିଯୋଗିତାରେ ବାନ୍ଧୁପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରଥମ, ପଦ୍ମପୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ନୃତ୍ୟ ପରିବେଷଣରେ ବାନ୍ଧୁପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଦ୍ମପୁରର ଜେନିଥ୍ ପବ୍ଲିକ ସ୍କୁଲ, ପଦ୍ମପୁର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତି ଶିକ୍ଷାନୁଷ୍ଠାନର ଦଶମ, ଦ୍ୱାଦଶ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ସମସ୍ତ ସିବିଏସ୍‌ଇ ସ୍କୁଲର ଅଧ୍ୟକ୍ଷ, ଓଡ଼ିଆ ମାଧ୍ୟମିକ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନଙ୍କୁ ଉପଢ଼ୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସ୍କୁଲ ଲିଡର ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ମୁରଲୀ କ୍ରିଷ୍ଣା ଫାଉଣ୍ଡେଶନ ଏବଂ କ୍ରିଷ୍ଣା ବିକାଶ ଗ୍ରୁପ୍ ପକ୍ଷରୁ କାଉନସେଲିଂ କାର୍ଯ୍ୟକ୍ରମ ଚାଲିଛି ।

## ସଂକ୍ଷେପରେ

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ ପାଳିତ

**ଟେନସା,୧୭।୯(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା ଟେନସା ସତସଙ୍ଗ ବିହାରଠାରେ ଏକ ମାସ ଧରି ଚାଲିଥିବା ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ସକାଳ ୪ଟା ୫୦ମିନିଟରେ ଉଷା କୀର୍ତ୍ତନ, ୫ଟା ୩୯ ମିନିଟରେ ବିନୀତ ପ୍ରାର୍ଥନା, ୭ ଟା ୫ ମିନିଟରେ ଜନ୍ମ ଲଗ୍ନ ଘୋଷଣା ଓ ପୂର୍ବାହ୍ନ ୧୧ଟା ୩୦ମିନିଟରେ ସତସଙ୍ଗ ଓ ସଦାଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ସତସଙ୍ଗକୁ ଟେନସା ସତସଙ୍ଗ ବିହାରର ସମ୍ପାଦକ ରମଣ ରଶ୍ମୀ ନାୟକ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତାଭାବେ ବସନ୍ତ କୁମାର ସାହୁ ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ଉପଲକ୍ଷେ ମହିଳାଙ୍କ ମଧ୍ୟରେ ହୁଳହୁଳି, ଶଙ୍ଖ ଧ୍ୱନୀ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ୮ଜଣ ଭକ୍ତ ଠାକୁରଙ୍କ ସହ ମନ୍ତ୍ରରେ ମନ୍ତ୍ରିତ ହୋଇଥିଲେ ।

### ଡିଭାଇଡର ଉପରେ ଚଢ଼ିଗଲା ବୋଲେରୋ



**ସୁନ୍ଦରଗଡ,୧୭।୯(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ସହରର ପୁରୁଣା ଘରୋଇ ବସଷ୍ଟାଣ୍ଡ ସମ୍ମୁଖ ମୁଖ୍ୟ ରାସ୍ତାରେ ମଙ୍ଗଳବାର ରାତିରେ ଏକ ବୋଲେରୋ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଗାଡିଟି ରାସ୍ତା ମଝିରେ ଥିବା ଡିଭାଇଡର ଉପରେ ଚଢିଯାଇଛି। ଏଥିସହ ଏକ ବିଦ୍ୟୁତ୍ ଖମ୍ବକୁ ମଧ୍ୟ ଧକ୍କା ଦେଇଛି। ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ଟାଉନଥାନା ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ରୋଗୀଙ୍କୁ ଫଳ ବଣ୍ଟନ

**ସୁନ୍ଦରଗଡ,୧୭।୯(ଜୟ ନାରାୟଣ ମେଣ୍ଡୁଲି):** ଭାଜପା ସୁନ୍ଦରଗଡ ସାଂଗଠାନିକ ଜିଲା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଜିଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ପୌରଅଧ୍ୟକ୍ଷା ତନୟା ମିଶ୍ର, ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ବରିଷ୍ଠ ନେତା ସନ୍ତୋଷ ଅମାତଙ୍କ ସମେତ ଜିଲାର ନେତୃ ମଣ୍ଡଳୀ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । ରୋଗୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ବୁଝି ପଚାରିବା ସହିତ ଶୀଘ୍ର ସୁସ୍ଥ ହେବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

### ମୁକ୍ତ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

**ରାଉରକେଲା,୧୭।୯(ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସ୍‌ପି ପକ୍ଷରୁ ମୁକ୍ତ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୪ ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରେ ଆରମ୍ଭ ହୋଇଛି। ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗ ସିଜିଏମ୍ ଇନଚାର୍ଜ ପି. କେ. ସ୍ୱାଇଁ, ସହର ସେବା ବିଭାଗର ଜିଏମ୍ ଇନଚାର୍ଜ ଟି. ଜି କାନେକରଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ, କ୍ରୀଡାବିତ୍ ଏବଂ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ। ଉଦଘାଟକ ମିଶ୍ର ତାଙ୍କ ଭାଷଣରେ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା କ୍ରୀଡାବିତ୍‌ମାନଙ୍କୁ ତାଙ୍କ ଅନ୍ତର୍ନିହିତ କ୍ରୀଡ଼ା ପ୍ରତିଭାକୁ ଉଜାଗର କରିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ଏହାସହିତ ଫୁଟବଲ କେବଳ ଶାରୀରିକ ସୁସ୍ଥତା ପ୍ରଦାନ କରେ ନାହିଁ ବରଂ ଶୃଙ୍ଖଳ ନେତୃତ୍ୱ ଓ ସ୍ଥିରତା ଭଳି ଗୁରୁତ୍ୱପୂର୍ଣ୍ଣ ଗୁଣରାଶିକୁ ବିକଶିତ କରେ ବୋଲି ସେ କହିଥିଲେ। କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ସିଲିକନ ଷ୍ଟିଲ ମିଲ ବିଭାଗର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରକାଶଥାଉକି ମୁକ୍ତ ବିଦ୍ୟାଳୟ ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ ଆଧାରରେ ଖେଳା ଯାଉଛି। ଏଥିରେ ମୋଟ ୨୯ଟି ଦଳ ଅଂଶଗ୍ରହଣ କରିଛନ୍ତି।

# ମହିଳାଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ ସୁଭଦ୍ରା



ସବ୍‌ଡେଗାରେ ସୁଭଦ୍ରା ଯୋଜନା ଶୁଭାରମ୍ଭ ଅବସରରେ ସାମିଲ ହୋଇଥିବା ମହିଳା।



ଲହୁଣୀପଡ଼ା କାର୍ଯ୍ୟକ୍ରମରେ ମହିଳା।



କୁତ୍ରା କାର୍ଯ୍ୟକ୍ରମରେ ସମବେତ ମହିଳା।



କୁଆଁରମୁଣ୍ଡା କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ।

**ସୁନ୍ଦରଗଡ଼,୧୭।୯(ଜୟ ନାରାୟଣ ମେଣ୍ଡୁଳ)**

ସୁନ୍ଦରଗଡ଼ ଜିଲାର ସମସ୍ତ ବ୍ଲକ, ରାଉରକେଲା ମହାନଗର ନିଗମ ଏବଂ ସମସ୍ତ ପୌରାଞ୍ଚଳରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ଏଲଇଡି ମାଧ୍ୟମରେ ସିଧା ପ୍ରସାରଣ ହୋଇଥିଲା। ସମ୍ମାନୀତ ଅତିଥି ଏବଂ ଅଧିକାରୀମାନେ ସୁଭଦ୍ରା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଦର ବ୍ଲକର କିରେଇଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ମହାଜନ ଯୋଗଦେଇ ସୁଭଦ୍ରା ଯୋଜନା ଦ୍ୱାରା ମହିଳାମାନେ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକା କ୍ଷେତ୍ରରେ ସୁବିନିଯୋଗ କରିପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସଦର ବ୍ଲକର ସମସ୍ତ ଅଧିକାରୀ, ଅଙ୍ଗନୱାଡି କେନ୍ଦ୍ର, ବ୍ଲକ ସ୍ତରୀୟ ଫେଡେରେଶନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

**ବଡ଼ଗାଁ,(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସୁମତି ପଣ୍ଡା ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ମହିଳାଙ୍କୁ ବୁଝାଇଥିଲେ। ସଭାକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତି ଗରଡିଆ ଓ ଶିକ୍ଷକ ଠଣଶିଳ କିଷାନ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଉପାଧ୍ୟକ୍ଷା ରଶ୍ମିତା ପଟେଲ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ବିଧାୟକ ପ୍ରତିନିଧି ବାବୁଲି କରସେଲ, ଏମ୍‌ପି ପ୍ରତିନିଧି ଶିଶିର ରାଉତରାୟ, ତହସିଲଦାର ଝରଣା ପ୍ରଧାନ, ସିଡିପିଓ ସୁଜାତା ବେଗ, ଆଇଆଇସି ଆଶିଷ କୁମାର ଜେନା, ବ୍ଲକ ମଙ୍ଗଳ ଅଧିକାରୀ ଦିଲୀପ ମାଝୀ,ଏପିଓ ତପନ ପୂଜାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଭାଗ୍ୟଲକ୍ଷ୍ମୀ ପଣ୍ଡା ସୁଭଦ୍ରା ଯୋଜନା ବିଷୟରେ ଆଲୋଚନା କରିଥିଲେ।

**ସବ୍‌ଡେଗା,(ଅନନ୍ତ ପଟେଲ )**

ସବ୍‌ଡେଗା ବ୍ଲକ ଉପେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମକୁ ତଳସରା ବିଧାୟକ ତଥା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅଙ୍ଗନୱାଡି କର୍ମୀ, ସିଆର୍‌ପି, ଏମ୍‌ବିକେ, କୃଷିମିତ୍ର ଓ ଅନେକ ମିଶନ ଶକ୍ତି ଗ୍ରୁପର ମହିଳାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଡିଓ ସାଗର ମୁର୍ମୁ ଓ ସିଡିପିଓ ସନ୍ଧ୍ୟାରାଣୀ ନାଏକ ପରିଚାଳନା କରିଥିଲେ। ଜିପିଓ ଅରବିନ୍ଦ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ବ୍ଲକର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।





ସୁନ୍ଦରଗଡ଼ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବଣାଇ,(ପ୍ରଦୀପ ତ୍ରିପାଠୀ)**

ବଣାଇଁ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ସୁଫଳ ଓ ଉଦ୍ଦେଶ୍ୟ ପ୍ରସଙ୍ଗରେ ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥିଭାବେ ବଣାଇଁ ଉପଜିଲାପାଳ ଅକ୍ଷୟ ପିଲ୍ଲେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ଅଶୋକ ଗଡତିଆ, ବଣାଇଁ ସିଡିପିଓଙ୍କ ସମେତ ଅନେକ ଅଧିକାରୀ ଉପସ୍ଥିତ ଥିଲେ।

**କୁତ୍ରା,(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଶେଷ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶାଳ, ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକଡା, ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ଡିଏସଡବ୍ଲ୍ୟୁ ସୁନ୍ଦରଗଡ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଧିକାରୀ ସୁଶୀଳା ରଥ ତଥା ପାନପୋଷ ସବ୍‌ଡିଭିଜନ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଧିକାରୀ କବିତା ଦାସ, କୁତ୍ରା ସରପଞ୍ଚ ଭୁବନ କୁଜୁର, ତୁନମୁରା ସରପଞ୍ଚ ତରଣୀସେନ ବରିହା, ଏମପି ପ୍ରତିନିଧି ମହାରାଜ ମାଝୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମିଶନ ଶକ୍ତି ପକ୍ଷରୁ ବ୍ଲକ ସଭାପତି ତରୁଣୀଲତା ସନାନୀ, ମନ୍ଦାକିନୀ ପଟେଲ, ଜିଲା ଅଙ୍ଗନୱାଡି ୱାର୍କସ ଆସୋସିଏଶନର ସମ୍ପାଦିକା ବିମଳା ଲାକଡା ପ୍ରମୁଖଙ୍କ ସମେତ ପ୍ରାଣୀ ମିତ୍ର, କୃଷି ମିତ୍ର ମାନେ ସୁଭଦ୍ରା ଯୋଜନା ନେଇ ମତପ୍ରକାଶ କରିଥିଲେ।

**କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ଏକଲବ୍ୟ ଆବାସିକ ବିଦ୍ୟାଳୟ ପରିସରରେ ସୁଭଦ୍ରା ଯୋଜନା ଶୁଭାରମ୍ଭର ଭିଡିଓ କନଫରେନ୍ସ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଗଙ୍ଗାରାମ ବୁଡେକ, ଏବିଡିଓ ପ୍ରଶାନ୍ତ ଜେନା, ଏଇଇ ଚୈତନ୍ୟ ହେମ୍ବ୍ରମ, ଓଏଲଏମ ବ୍ଲକ ସଂଯୋଜିକା ରଶ୍ମିତା ବେହେରା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବୀରମିତ୍ରପୁରର ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ଶଙ୍କର ଓରାମ, ଧିରେନ ସେନାପତି, ବରିଷ୍ଠ ନେତା ସଞ୍ଜୀବ ପ୍ରତାପ ସିଂହଦେଓ, ଶଙ୍କର ପୁଝାରୀ, ମୋତିଲାଲ ବଡାଇକ, ମନୋଜ ବାର୍ଲା, ଜୀବନ ଦାସ, ବୁଲୁ ଚାନ୍ଦ ପ୍ରମୁଖଙ୍କ ସହ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର,ନେଭିଲ କେରକେଟା,ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି କେରକେଟା ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ପଟ୍ଟନାୟକ ଅଂଶ ଗ୍ରହଣ କରିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମନ୍ୱିତ ଶିଶୁ ବିକାଶ ଅଧିକାରୀ ତପସିନୀ ବେସନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

**ଲହୁଣୀପଡ଼ା,(ଦାଶରଥି ପଣ୍ଡା)**

ଲହୁଣୀପଡ଼ା ବ୍ଲକ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶୁକମତି ମୁଣ୍ଡା, ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ସମନ୍ୱିତ ଆଦିବାସୀ ପ୍ରକଳ୍ପ ଅଧିକାରୀ ବିଶଦର୍ଶୀ ସାହୁ, ବିଡିଓ ଅନୁରାଗ ମିଶ୍ର, ସିଡିପିଓ ପୁଷ୍ପାଲତା ନାୟକ,ଏମପି ପ୍ରତିନିଧି ନମିତା ମାହାନ୍ତ ପ୍ରମୁଖ ମଞ୍ଚସିନ ଥିବାବେଳେ ଏପିଓ ବିଷ୍ଣୁ ମୋହନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଲହୁଣୀପଡ଼ା ବ୍ଲକର୧୭ ଟି ପଞ୍ଚାୟତରୁ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଏସଏଚଜି,ବିଏଲଏଫ,ସିଆରପି,ଏମବିକେ,ଅଙ୍ଗନୱାଡି କର୍ମୀ ଓ ହିତାଧିକାରୀ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ ବ୍ରଜବନ୍ଧୁ ବେହେରା, କନିଷ୍ଠ ଯନ୍ତ୍ରୀ ଅରୁଣ ସ୍ୱାଇଁ, ବ୍ଲକ କୋଷାଧ୍ୟକ୍ଷ ଦେବରାଜ ମାହାନ୍ତ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଭଗବତ ଟୁଡୁ, ଅଙ୍ଗନୱାଡି ସୁପରଭାଇଜର ଓ ବ୍ଲକ କର୍ମଚାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ତୁଡ଼ାଲଗାରୁ ପଞ୍ଚରା ରାସ୍ତା ଖାଲ: ମରାମତି ଦାବି

ବଡ଼ଗାଁ,୧୭।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ତୁଡାଲଗା ବସ୍‌ଷ୍ଟାଣ୍ଡରୁ ପଞ୍ଚରା ଗ୍ରାମକୁ ଯାଇଥିବା ଆର୍‌ଡି ବିଭାଗର ପିଚୁ ରାସ୍ତା ଖାଲଖମାରେ ଭର୍ତ୍ତି। ସାମାନ୍ୟ ବର୍ଷା ହେଲେ ପାଣି ଜମି ଯା' ଆସରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ସୁନ୍ଦରୀ ଛକ ନିକଟରେ ଥିବା ପୋଲ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଭାରିଯାନ ଗଲେ କୌଣସି ସମୟରେ ଭୁଶୁଡି ପଡିବ ତାହା କହିହେବ ନାହିଁ। ସେହିପରି ଠଲୋପଡା ଓ କୁସୁମଡେଗି ଗ୍ରାମକୁ ଯାଇଥିବା ରାସ୍ତାରୁ ପିଚୁ ଉଠି ଯାଇଛି। ୨ ବର୍ଷ ହେଲା ରାସ୍ତାରେ ବଡ଼ ବଡ଼ ଖାଲ ଓ ପିଚୁ ଉଠି ଯାଇଥିଲେ ମଧ୍ୟ ମରାମତି ହେଉନାହିଁ। ଫଳରେ ଯା' ଆସରେ ସମସ୍ୟା ସୃଷ୍ଟି ହେଉଛି। ମରାମତିର ବର୍ଷେ ମଧ୍ୟରେ ରାସ୍ତାର ଠାଏ ଠାଏ ପିଚୁ ଉଠି ଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଆରଡି ରାସ୍ତା ଉପରେ ପଞ୍ଚରା, କଟଙ୍ଗଝରିଆ, ଟିମନା, ଏକମା, ପଞ୍ଚର ନିକଟ ରାଏଡିହି, ନୂଆଗାଁ, ଜଉରାମୁଣ୍ଡା, ତରକେରାର ୧୨ଟି ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ଏ ସମ୍ପର୍କରେ ସେମାନେ ଉଚ୍ଚ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି।



ତୁଡାଲଗାରୁ ପଞ୍ଚରା ରାସ୍ତାର ପିଚୁ ଉଠି ଖାଲ ସୃଷ୍ଟି ହୋଇଛି।

## ବଡ଼ଗାଁ ଦେବ ମଣ୍ଡପରେ ଇନ୍ଦ୍ରପୂଜା

**ବଡ଼ଗାଁ,୧୭।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଦେବ ମଣ୍ଡପରେ ଅଞ୍ଚଳ ବାସୀଙ୍କ ପକ୍ଷରୁ ପାରମ୍ପରିକ ରୀତିନୀତିରେ ପ୍ରତିବର୍ଷ ହୋଇ ଆସୁଥିବା ଇନ୍ଦ୍ରୋତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପୂଜକ ଦିବ୍ୟ ଲୋଚନ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରଣବ ପାଣିଗ୍ରାହୀ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଗ୍ରାମର ବରିଷ୍ଠ ଅଚ୍ୟୁତ ସାହୁ, ଅର୍ଜୁନ ନାୟକ, ସୁଧୀର ବିଶି, ଉପାଧ୍ୟାୟ ପାଣିଗ୍ରାହୀ, ପ୍ରତାପ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଗ୍ରାମବାସୀ ବିଭୂତି ନାୟକ, ଫକୀର ପାଣିଗ୍ରାହୀ, ରେଣୁମାଧବ ହୋତା, ଛବିଳ ସେଠ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପାରମ୍ପରିକ ରୀତିନୀତିରେ ଇନ୍ଦ୍ର ପୂଜା ଅନୁଷ୍ଠିତ ହୋଇଥିଲା।

## କୁତ୍ରାରେ ଛେଳି ଚୋର ଗ୍ୟାଙ୍ଗ ସକ୍ରିୟ

**କୁତ୍ରା,୧୭।୯ (ଦେବାଶିଷ ସାହୁ)**

କୁତ୍ରା ଥାନା ଅଞ୍ଚଳରେ ଗୋଟିଏ ମାସ ହେବ ଏକ ଛେଳି ଚୋର ଗ୍ୟାଙ୍ଗ ଶତାଧିକ ଛେଳି ଚୋରି କରିସାରିଲେଣି। ଘଟଣାରୁ ଜଣାପଡିଛି, ଏହି ଛେଳି ଚୋରଙ୍କ ଏକ ଗ୍ୟାଙ୍ଗ ରହିଛି। ଯେଉଁମାନେ ଦିନବେଳା କାହା ଘରେ ଛେଳି ଅଛି ତାକୁ ନଜର ରଖନ୍ତି ଏବଂ ସନ୍ଧ୍ୟା ହେଲେ ବାଇକରେ ହେଉ କିମ୍ବା ଚାରିଚକିଆ ଗାଡିରେ ଆସି କାହାର ତାଲା ଭାଙ୍ଗି ତ କାହାର କାନ୍ଥ ଭାଙ୍ଗି ଛେଳି ଚୋରି କରୁଛନ୍ତି। ଏହି କ୍ରମରେ କୁତ୍ରା ପଶ୍ଚାପଡାର ଲାଜରୁସ ବାଙ୍କ ଘର ଭାଙ୍ଗି ୧୦ ଟି ଛେଳି ଚୋରି କରିଥିବା ବେଳେ ଭଙ୍ଗାପଡାର ଲୁଇସ ଟେଟେଙ୍କ ତାଲା ଭାଙ୍ଗି ୨୮ ଟି ଛେଳି ଚୋରି କରିଥିବା କୁତ୍ରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସେହିପରି ତୁନମୁରା ଗିର୍ଜାପଡାର ପାଉଲୁସ କେର୍କେଟାଙ୍କ ୪ ଟି ଛେଳି ଓ ବେରନାଟ କୁଲୁଙ୍କ ୪ ଟି ଛେଳି, ଗଡପୋଷ ଛକର ଜଣଙ୍କ ଘରୁ ୪ ଟି ଛେଳି ଏବଂ ବାର୍ଲା ପଡାରୁ ମଧ୍ୟ ଛେଳି ଚୋରି କରିଛନ୍ତି। ଏହି କ୍ରମରେ ପ୍ରାୟ ୩ ଲକ୍ଷ ଟାଙ୍କାରୁ ଅଧିକ ଟଙ୍କାର ଛେଳି ଚୋରି ହୋଇଥିବା କହିଛନ୍ତି ଛେଳି ମାଲିକମାନେ। କେତେକ ଲୋକ ଥାନାରେ ଅଭିଯୋଗ କରିଥିବା ବେଳେ କେତେକ କରୁନାହାନ୍ତି । ଏହି ଘଟଣା ଜଣା ପଡିବା ପରେ ବର୍ତ୍ତମାନ ଛେଳି ପାଳିଥିବା ଲୋକଙ୍କ ମନରେ ଛନକା ପଶିଛି। ପୋଲିସ ଏହି ଦିଗରେ ଦୃଷ୍ଟିଦେଇ ତୁରନ୍ତ ଚୋରଙ୍କୁ ଗିରଫ ପାଇଁ ଦାବି ହେଉଛି।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ସଫେଇ ଅଭିଯାନ

**ସୁନ୍ଦରଗଡ଼,୧୭।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧ ସ୍ଥିତ ଦୈନିକ ପରିବା ବଜାର ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ସୁନ୍ଦରଗଡ଼ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, କାଉନସିଲର, ପୌର ପରିଷଦର କର୍ମକର୍ତ୍ତା, ପରିମଳ କର୍ମୀମାନେ ଉପସ୍ଥିତ ରହି ସଫେଇ ଅଭିଯାନରେ ସାମିଲ ହୋଇ ସଫେଇ କାର୍ଯ୍ୟ କରିଥିଲେ। ଏହି ଅବସରରେ ସମସ୍ତେ ସ୍ୱଚ୍ଛତା ଶପଥ ପାଠ ମଧ୍ୟ କରିଥିଲେ। ପରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ 'ମା କେ ନାମ ଏକ ପେଡ' କାର୍ଯ୍ୟକ୍ରମ ଅନ୍ତର୍ଗତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା ଏବଂ ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ।



## ଆମେରିକାରେ ପ୍ରଦର୍ଶିତ ହେଲା ଝୁରିମାଲର ସାମୂହିକ ନୂଆଁଖାଇ

**ଏକତା,ଭାଇଚାରାର ଅନନ୍ୟ ପରମ୍ପରା ସାମୂହିକ ନୂଆଁଖାଇ**

**ସୁନ୍ଦରଗଡ,୧୭।୯(ଜୟ ନାରାୟଣ ମେଣ୍ଡୁଲି)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ହେଉଛି ମାଟି-ମଣିଷ, ଭାଇ-ଭାଇ, ପରିବାର-ପରିବାର, ଗାଁ ଗାଁ ଭିତରେ ଅନାବିଳ ସମ୍ପର୍କ, ଏକତା ଓ ଭାଇଚାରାର ବାର୍ତ୍ତା ବହନ କରୁଥିବା ଏକ ଅନନ୍ୟ ପରମ୍ପରା। ସପ୍ତାହକ ପୂର୍ବରୁ ସରିଛି ଏହି ନିଆରା ପର୍ବ ନୂଆଁଖାଇ। ହେଲେ ଏବେ ବି ସତେଜ ରହିଛି ଏହାର ବାସ୍ନା, ମହକ। ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଝୁରିମାଲ ଗ୍ରାମର ସାମୂହିକ ନୂଆଁଖାଇର ଚର୍ଚ୍ଚା ଏବେ ସବୁଆଡେ। କେବଳ ଜିଲା କିମ୍ବା ରାଜ୍ୟରେ ନୁହେଁ,ବିଦେଶରେ ମଧ୍ୟ ଝୁରିମାଲର ସାମୂହିକ ନୂଆଁଖାଇ ପ୍ରସିଦ୍ଧି ଲାଭ କରିଛି। ମଙ୍ଗଳବାର ଆମେରିକାର ଟେକ୍ସାସର ହ୍ୟୁଷ୍ଟନ ସହରରେ ପ୍ରବାସୀ ଭାରତୀୟ ସଂସ୍ଥା ଓଡ଼ିଶା କଲଚର ସେଣ୍ଟର ଦ୍ୱାରା ଆୟୋଜିତ ନୂଆଁଖାଇ ଭେଟଘାଟରେ ଝୁରିମାଲ ସାମୂହିକ ନୂଆଁଖାଇର ଏକ ଡକ୍ୟୁମେଣ୍ଟାରି ଫିଲ୍ମ ଦେଖି ଅଭିଭୂତ ହୋଇଥିଲେ ପ୍ରବାସୀ ଭାରତୀୟମାନେ। ଦୀର୍ଘ ୧୨ ବର୍ଷ ଧରି ସାମୂହିକ ନୂଆଁଖାଇ ପାଳନ କରୁଥିବା ଝୁରିମାଲ ଗାଁ ଏକ ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରସ୍ତୁତ କରିଛି। ଗତବର୍ଷ ମଧ୍ୟ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସାମୂହିକ ନୂଆଁଖାଇ ପ୍ରଦର୍ଶନ କରିଥିବା ଝୁରିମାଲ ଗ୍ରାମବାସୀଙ୍କୁ ଏକ ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରସ୍ତୁତ କରି ପଠାଇବାକୁ ଅନୁରୋଧ କରିଥିଲା ଆମେରିକାର ପ୍ରବାସୀ ଭାରତୀୟଙ୍କ ସଂସ୍ଥା ଓଡ଼ିଶା କଲଚର ସେଣ୍ଟର। ଅନୁରୋଧ ରକ୍ଷାକରି ଏହି ଫିଲ୍ମକୁ ଆମେରିକା ପଠାଯାଇଥିଲା। ଗାଁର ପ୍ରତ୍ୟେକ ପରିବାର ଦୀର୍ଘ ୧୨ ବର୍ଷ ଧରି ସାମୂହିକ ନୂଆଁଖାଇ ପାଳନ କରିବାର ଅଭିନବ ପରମ୍ପରା ପ୍ରକୃତପକ୍ଷେ ଏକ ଯୁଗାନ୍ତକାରୀ ଉପଲବ୍ଧି। ୧୫ ମିନିଟ୍‌ର ଏହି ଡକ୍ୟୁମେଣ୍ଟାରି ଫିଲ୍ମ ଦେଖି ଶେଷରେ ଝୁରିମାଲ ଗ୍ରାମବାସୀଙ୍କୁ ଭୂରି ଭୂରି ପ୍ରଶଂସା କରି ଧନ୍ୟବାଦ ଜଣାଇଥିଲେ ଆୟୋଜକମାନେ। ଆମେରିକାର ହ୍ୟୁଷ୍ଟନ ସହରର ଓଡ଼ିଶା କଲଚର ସେଣ୍ଟରର ସଭାପତି ଡ. ଗୋପାଳ ଚନ୍ଦ୍ର ମହାପାତ୍ର କହିଛନ୍ତି, ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ ଝୁରିମାଲର ସାମୂହିକ ନୂଆଁଖାଇ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି। ଯେତେଦିନ ଯାଏ ଏହି ଅନନ୍ୟ ପରମ୍ପରା ଜାରି ରହିବ ଆମେରିକାର ପ୍ରବାସୀ ଭାରତୀୟମାନେ ମଧ୍ୟ ଏହାକୁ ଅନୁସରଣ କରୁଥିବେ। ଓଡ଼ିଶା କଲଚର ସେଣ୍ଟରର ଡ. ଆଦିତ୍ୟ ସାମଲ ଝୁରିମାଲ ଗାଁର ଏହି ଅଭିନବ ପଦକ୍ଷେପରୁ ବାହାରେ ରହୁଥିବା ପ୍ରବାସୀ ଭାରତୀୟମାନେ ଏକତା ଓ ଭାଇଚାରାର ଶିକ୍ଷା ଲାଭ କରିବେ ବୋଲି କହିଥିଲେ। ଗ୍ରାମ୍ୟ ସଙ୍ଗଠନ, ଏକତା, ଭାଇଚାରା ଓ ସହଭାଗିତାର ପ୍ରତ୍ୟକ୍ଷ ଉପସ୍ଥାପନାରେ ଅଭିଭୂତ ହୋଇଥିଲେ ପ୍ରବାସୀ ଭାରତୀୟମାନେ ଏବଂ ନୂଆଁଖାଇ ଗୀତ ଆଉ କୀର୍ତ୍ତନର ତାଳେ ତାଳେ ଝୁମି ଉଠିଥିଲା ହ୍ୟୁଷ୍ଟନ ସହରରେ ଓଡ଼ିଶା ସାଂସ୍କୃତିକ କେନ୍ଦ୍ର। ପ୍ରବାସୀ ଭାରତୀୟମାନେ ଦେଖିଥିଲେ ତାଙ୍କର ପୁରାତନ ସଂସ୍କୃତି ଆଉ ପରମ୍ପରାକୁ କେତେ ସୁନ୍ଦର ଭାବରେ ବଞ୍ଚାଇ ରଖିଛି ଏକ ଛୋଟ ଗାଁ ଝୁରିମାଲ।



ଗ୍ରାମବାସୀ ଏକାଠି ନୂଆ ଖାଉଛନ୍ତି।

## ସଂକ୍ଷେପରେ

### ୧୦୦ ମହିଳାଙ୍କ ଭୁବନେଶ୍ୱର ଯାତ୍ରା

ଝାରସୁଗୁଡ଼ା,୧୭।୯(ସଞ୍ଜୟ ମାଲି)

ଭୁବନେଶରଠାରେ ଅନୁଷ୍ଠିତ ହେବାକୁ ଥିବା ସୁଭଦ୍ରା ଉନ୍ମୋଚନ ଯାତ୍ରାରେ ଅଂଶ ଗ୍ରହଣ ସକାଶେ ଝାରସୁଗୁଡ଼ା ଜିଲାରୁ ୧୦୦ ଜଣ ମହିଳା ମଙ୍ଗଳବାର ଭୋର୍ ସକାଳୁ ବସ ଯୋଗେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରୁ ଏହି ମହିଳାମାନେ ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ପରିସରରେ ଏକତ୍ରିତ ହେବା ପରେ ୨ଟି ବସ ଯୋଗେ ଏସ୍କର୍ଟ ଅଧିକାରୀଙ୍କ ସହ ଯାତ୍ରା କରିଛନ୍ତି। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରଥ, ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଖୁଣ୍ଟି, ଜିଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସ, ଓରମାସ ଡେପୁଟି ସିଇଓ ଯୁବରାଜ ସାହୁ, ଓଡ଼ିଶା ଜୀବିକା ମିଶନ ଡିପିଏମ ନିଳୀମା କୁଜୁର ପ୍ରମୁଖ ମହିଳାମାନଙ୍କୁ ଯାତ୍ରା ପାଇଁ ଶୁଭେଚ୍ଛା କରିଥିଲେ।

### ରାସ୍ତାକଡ଼ ମାର୍କେଟ କମ୍ପ୍ଲେକ୍ସରେ ପଶିଗଲା କାର୍‌: ୪ ଆହତ



ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା କଣ୍ଡଲସ୍ଥିତ ଡାଇମଣ୍ଡ ଛକ ନିକଟରେ ୪୯ ନମ୍ବର ଜାତୀୟ ରାଜପଥରେ ଏକ କାର ରାସ୍ତା ପାର୍ଶ୍ୱରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସରେ ପଶିଯାଇଛି। ଫଳରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ୪ଜଣ ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ କାର ଦେବଗଡ ପଟୁ ରାଉରକେଲା ଅଭିମୁଖେ ଯାଉଥିଲା। ଚାଳକ କଣ୍ଡଲସ୍ଥିତ ଡାଇମଣ୍ଡ ଛକ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଭାରସାମ୍ୟ ହରାଇ କାର ରାସ୍ତା କଡରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସରେ ପଶିଯାଇଥିଲା। ଫଳରେ କାର ଭାଙ୍ଗିରୁଜି ଯିବା ସହ ବସିଥିବା ୨ଜଣ ମହିଳା ଓ ୨ଜଣ ପୁରୁଷ ଆହତ ହୋଇଥିଲେ। ସ୍ୱେଚ୍ଛାସେବୀ ହୀରାଲାଲା ସାହୁ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହେବା ପରେ ସେମାନେ ସମ୍ପର୍କୀୟଙ୍କ ସହିତ ରାଉରକେଲା ଅଭିମୁଖେ ଚାଲିଯାଇଥିଲେ। ଆହତମାନେ ଦେବଗଡରେ ଚାଲିଥିବା ଗଣେଶ ମେଳା ଷ୍ଟଲରେ ବ୍ୟବସାୟ ସାରି ରାଉରଲକେଲା ଫେରୁଥିବା ବେଳେ ଏହ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଏତେ ଭୟାନକ ଥିଲା ଯେ, କାର ଧକ୍କାରେ ରସ୍ତା କଡରେ ଥିବା ଏକ ଗଛ ଭାଙ୍ଗିଯିବା ସହ ଏକ ସ୍କୁଟର ମଧ ଚୁରମାର ହୋଇଯାଇଥିଲା। ସେହିପରି ସମ୍ପୃକ୍ତ କାର ୪ଟି ଏୟାର ବ୍ୟାଗ (ବେଲୁନ) ମଧ ବାହାରି ପଡିଥିଲା।

# ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଦାବିପତ୍ର

**୩ ଦିନ ହେଲା ଗାଁ ସମ୍ପୂର୍ଣ୍ଣ ଅନ୍ଧକାର**

ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଦୁଧିଆନାଲି ପଞ୍ଚାୟତ ମୁଣ୍ଡଗୋହୀରା ଗ୍ରାମର ଆଦିବାସୀ ସାହି(ଭାଲୁହୁଲି)ର ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡିଯିବା ଯୋଗୁ ୩ ଦିନ ହେଲା ସମ୍ପୂର୍ଣ୍ଣ ଅନ୍ଧକାର ହୋଇପଡିଛି। ଏ ନେଇ ଗ୍ରାମବାସୀ ଟିପିଡବ୍ଲୁଓଡିଏଲ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭଯୋଗ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଉକ୍ତ ଗ୍ରାମର ଗ୍ରାମବାସୀ ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଦେବଗଡସ୍ଥିତ ଟିପିଡବ୍ଲୁଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ନିର୍ବାହୀ



ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଗ୍ରାମବାସୀ।

ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ମ୍ୟାନେଜର (ଏନଫୋର୍ସମେଣ୍ଟ), ଇଂ.ମନୋରଞ୍ଜନ ସାହୁଙ୍କ ନିକଟରେ ଅଭିଯୋଗ କରିବା ସହ ଏକ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରି ତୁରନ୍ତ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଆଗାମୀ ୨ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ସେମାନେ ବିଭାଗୀୟ କାର୍ଯ୍ୟାଳୟ ଘେରାଉ କରିବାକୁ ଲିଖିତ ଭାବେ ଚେତାବନୀ ଦେଇଥିବା ଜଣାପଡିଛି। ଦାବିପତ୍ର ପ୍ରଦାନ ସମୟରେ ଉକ୍ତ ଗ୍ରାମର ପଦ୍ମଲୋଚନ ପ୍ରଧାନ, ତ୍ରିଲୋଚନ ପ୍ରଧାନ, କିଶୋର ପ୍ରଧାନ, ଦୁଃଖବନ୍ଧୁ ବାଘ, ରୀନା ପ୍ରଧାନ, ଶୈଳବାଳା ଭୋଇ ଓ କୁନି ବାଘଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପରେ ଦେବଗଡ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ମୋଟ ୪୪ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ୪୪ଟି ଅଭିଯୋଗ ମଧ୍ୟରେ ୩୦ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିବା ଜଣାପଡିଛି। ସାମୁହିକ ସମସ୍ୟାଗୁଡିକ ମଧ୍ୟରେ ମୁଖ୍ୟତଃ ୪ ଡେସିମିଲ ଲେଖାଏଁ ଜମିର ପଟ୍ଟା ପ୍ରଦାନ, ଗାଁକୁ କଂକ୍ରିଟ ରାସ୍ତା ସଂଯୋଗ, ବିଦୁତ୍ ସଂଯୋଗ ଓ ନୂତନ ଗୋରୁ ଗୁହାଳ ଇତ୍ୟାଦି ରହିଥିବା ଜଣାପଡିଛି। ଶିବିରରେ ଡିଏସ୍‌ପି କୈଳାଶ ଚନ୍ଦ୍ର ବୁରୁଡା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର ଓ ରିଆମାଳ ବିଡିଓ ଉଗ୍ରସେନ ଓରାମଙ୍କ ସମେତ ପ୍ରାୟ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପ୍ରତ୍ୟକ୍ଷ ବ୍ୟାଙ୍କ ପରିଦର୍ଶନ



ଦିବ୍ୟାଙ୍ଗ ଛାତ୍ରୀଛାତ୍ର ବ୍ୟାଙ୍କ ପରିଦର୍ଶନ କରୁଛନ୍ତି।

ଝାରସୁଗୁଡ଼ା,୧୭।୯(ସଞ୍ଜୟ ମାଲି)

ସ୍ଥାନୀୟ ବୁରୋମାଲ ବୁଡାପଡା ଗ୍ରାମସ୍ଥିତ ଝାଡେଶ୍ୱରୀ ସମନ୍ୱିତ ସ୍ୱତନ୍ତ୍ର ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ବ୍ୟାଙ୍କ ବିଷୟରେ ସବିଶେଷ ପ୍ରତ୍ୟକ୍ଷ ଜ୍ଞାନ ଆହାରଣ କରିବା ପାଇଁ ସରବାହାଲ୍‌ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଟାଉନ ଶାଖାକୁ ଭ୍ରମଣ କରିଥିଲେ। ଏଥିରେ ଶାଖା ପରିଚାଳକ ତନ୍ମୟ କୁମାର ପରିଜା ସହ ପରିଚାଳକ ଧରଣୀ ଧର ଛତ୍ରିଆ ଉପସ୍ଥିତିରେ ହିସାବ ରକ୍ଷକ ମୋନାଲିସା ନାଏକ ବ୍ୟାଙ୍କର ସମସ୍ତ କାଉଣ୍ଟର ଓ ଏଟିଏମ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ ବୁଲାଇ ଦେଖେଇ ଥିବା ବେଳେ ଅଧ୍ୟକ୍ଷ ଉପେନ୍ଦ୍ର ଭଇଁସା, ସ୍ୱତନ୍ତ୍ର ପ୍ରଶିକ୍ଷକ ରସରାଜ ବଗର୍ତ୍ତି, ସାଇ ଶତୋ ଜ୍ୟୋତିଷ ଛାତ୍ରୀଛାତ୍ରମାନଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର, ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ, ବିଜୟ ସହିଗଲଙ୍କ ସମେତ ଅନ୍ୟ ପରିଚାଳନା କମିଟି ସମସ୍ତ ସଭ୍ୟ ସଭ୍ୟା ପକ୍ଷରୁ ଏଭଳି ଏକ୍ସପୋଜର ଭିଜିଟକୁ ପ୍ରଶଂସା କରାଯାଇଥିବା ବେଳେ ଏହାକୁ ବିଭିନ୍ନ ସ୍ଥାନକୁ କ୍ରମାଗତ ଭାବେ ବୁଲାଇ ଦିବ୍ୟାଙ୍ଗ ପିଲାଙ୍କ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ଧାରା ବଜାୟ ରଖିବା ପାଇଁ କମିଟି ବିଦ୍ୟାଳୟ ଅଧ୍ୟକ୍ଷଙ୍କ ପରାମର୍ଶ ଦେଇଛନ୍ତି।

# ପରିବାରଙ୍କୁ ଭେଟିଲେ ଆଦିବାସୀ ମହାସଂଘ କର୍ମକର୍ତ୍ତା

ଝାରସୁଗୁଡ଼ା,୧୭।୯(ସଞ୍ଜୟ ମାଲି)

**ଆଶ୍ରମ ସ୍କୁଲର ହଷ୍ଟେଲ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**



କୋଲାବିରା ରେଙ୍ଗାଲପାଲି ଆଶ୍ରମ ସ୍କୁଲର ହଷ୍ଟେଲ ଛାତ୍ରୀ ମୃତ୍ୟୁ ଘଟଣାରେ ମଙ୍ଗଳବାର ପଶ୍ଚିମ ଓଡିଶା ଆଦିବାସୀ ମହାସଂଘ ଝାରସୁଗୁଡ଼ା ଜିଲା ପକ୍ଷରୁ ଏକ ପ୍ରତିନିଧି ଦଳ ଛାତ୍ରୀଙ୍କ ଘରକୁ ଯାଇ ମ୍ରିୟମାଣ ପରିବାର ଓ ମାତାପିତାଙ୍କୁ ସମବେଦନା ଜଣାଇଥିଲେ। ମାତା ପିତାଙ୍କ ସହ ଆଲୋଚନା କରିବା ସମୟରେ ମାତାପିତାଙ୍କ କୋହଭରା କଣ୍ଠରେ କହିଲେ କି ସ୍କୁଲ କର୍ତ୍ତୃପକ୍ଷ ୧୪ ତାରିଖରେ ଗୋଟିଏ ସମୟରେ ଝିଅକୁ ଜ୍ୱର ହେଉଥିବା ଜାଣିଥିଲେ ମଧ ମା'ବାପାଙ୍କୁ ଜଣାଇଲେ ନାହିଁ। କିନ୍ତୁ ସିଧାସଳଖ ଝିଅର ମୃତ୍ୟୁ ହୋଇ ସାରିବା ପରେ ରାତି ୧୧ଟା ୩୩ ଓ ୧୧ଟା ୩୫ମିନିଟରେ ଦୁଇଥର ଫୋନ ମାଧ୍ୟମରେ ତୁମର ଝିଅ ସିରିୟସ ଅଛି, ଶୀଘ୍ର କୋଲାବିରା ଡାକ୍ତରଖାନାକୁ ଆସ ବୋଲି କହିଥିଲେ। ଆମେ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ମୃତ୍ୟୁ ହୋଇ ସାରିଥିଲା ବୋଲି ଜଣାଇଥିଲେ। ସେଠାରୁ ଆମ୍ଭେ ସିଧାସଳଖ କୋଲାବିରା ଥାନା ଯାଇ ଥାନାଧିକାରୀ ପ୍ରକାଶ କୁମାର କର୍ଣ୍ଣଙ୍କୁ ସାକ୍ଷାତ କରି ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା ସମ୍ପର୍କରେ ଆଲୋଚନା କଲୁ। ଥାନାଧିକାରୀ ମଧ ତଦନ୍ତ କରିଥିବା ରିପୋର୍ଟ ଉପସ୍ଥାପନ କଲେ। ଏଠାରେ ଆମ ମହାସଂଘ ପ୍ରତିନିଧି ଦଳକୁ ସନ୍ଦେହ ହୋଇଥିଲା କି ଝିଅକୁ ଜ୍ୱର ହେବା ଜାଣିବା ମାତ୍ରେ ମାତାପିତାଙ୍କୁ ନ ଜଣାଇବା ଏବଂ ମୃତ୍ୟୁ ପରେ ଜଣାଇବା କାରଣ କ'ଣ ହୋଇପାରେ। ଏଠାରୁ ସ୍ୱଷ୍ଟ ଜଣାପଡୁଛି ଯେ, ଝିଅର ମୃତ୍ୟୁ ପାଇଁ ସ୍କୁଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଦାୟୀ। ଆଦିବାସୀ ମହାସଂଘ ପ୍ରତିନିଧି ଦଳରେ ଜିଲା ସଭାପତି ପଦ୍ମଲୋଚନ ବୁଡୁଲା, ଯୁବ ଜିଲା ସଭାପତି ଲିଙ୍ଗରାଜ ପ୍ରଧାନ, କୋଷାଧକ୍ଷ ଲକ୍ଷ୍ମଣ ଟପ୍ପୋ, ସହ କୋଷାଧକ୍ଷ ନିରଞ୍ଜନ ପ୍ରଧାନ ଓ ସକ୍ରିୟ ସଦସ୍ୟ ସୁରେନ୍ଦ୍ର ମାଝି ଉପସ୍ଥିତ ଥିଲେ। ଶିକ୍ଷା ବିଭାଗ ଓ ପ୍ରଶାସନ ଏ ଦିଗରେ କି ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକି ରହିଲା।

## ବୃକ୍ଷରୋପଣ, ଗଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କୋଲାବିରା,୧୭।୯(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତ ବେଲମୁଣ୍ଡା ଗ୍ରାମରେ ନରସିଂହ ତ୍ରିପାଠୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ବୃକ୍ଷରୋପଣ ଓ ଗଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ ଶୁଭାରମ୍ଭ କରିଥିଲେ। ବିଧାୟକ ତ୍ରିପାଠୀ ଗୋଟିଏ ଲେଖାଏଁ ନିମ୍ବ, ବର ଓ ପିପଳ ଗଛ ଲଗାଇ ଥିଲେ। ଗଛ ଲଗାଇବା ଓ ଏହାକୁ ରକ୍ଷା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ। ଏଥିରେ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ତଥା ବିଧାୟକ ତ୍ରିପାଠୀଙ୍କ ସ୍ତ୍ରୀ ଗୁଡିଆ ତ୍ରିପାଠୀ ମଧ ବିଧାୟକଙ୍କ ସହ ଗଛ ଲଗାଇ ବନ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ପରେ ବେଲମୁଣ୍ଡା ତଥା ଆଖପାଖ ଗ୍ରାମର ଶତାଧିକ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦେଇ ଗୋଟିଏ ଲେଖାଏଁ ଗଛ ଲଗାଇ ଗଛର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ବେଲମୁଣ୍ଡା ଗ୍ରାମର ଛୁଇଁ ଡୁଙ୍ଗୁରୀରେ ପ୍ରାୟ ୫ ଏକରରୁ ଊର୍ଦ୍ଧ୍ୱ ଜମିରେ ଗଛ ଲଗାଯାଇଥିଲା। ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ତ୍ରିପାଠିଙ୍କ ନେତୃତ୍ୱରେ ଗଛ ଲଗାଇବା ଓ ଗଛର ସୁରକ୍ଷା କରିବା ବାର୍ତ୍ତା ନେଇ ଉପସ୍ଥିତ ଜନସାଧାରଣଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ଝିଲାପାଲି ସରପଞ୍ଚ ତିଳୋତ୍ତମା ଛତ୍ରାନ, ପରମାଣପୁର ସରପଞ୍ଚ ଜାହ୍ନବି ପ୍ରଧାନ, ଭାଜପା ଜିଲା ସାଧାରଣ ସମ୍ପାଦକ ପ୍ରେମସେନ ରାଏ, କୋଲାବିରା ମଣ୍ଡଳ ସଭାପତି ରାଜେନ୍ଦ୍ର ଦାଶ, ଉପସଭାପତି ସଞ୍ଜୟ କୁମାର ପୂଜାରୀ, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ଅରୁଣ କୁମାର ବେହେରା, ଲିଙ୍ଗନ ଟଣ୍ଡକାର, ଟୋକାରାମ ରୋହିଦାସ, କୁନା ପୃଷେଠ, ଶ୍ରୀକାନ୍ତ ବେରିହା, ଦଶରଥ ରୋହିଦାସ, ସେବକ ପ୍ରଧାନ, ସୌଦାମିନୀ କାଲୋ, ଲତିକା ସାହୁ, ସସ୍ମିତା ଗର୍ଡିଆ, ନଳିନି ଦାସ, ଲିଲି ପଟେଲ, ନିଲେନ୍ଦ୍ରି ପଟେଲ ପ୍ରମୁଖଙ୍କ ସହ ବହୁ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

# ଚତୁର୍ଥ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର)

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଜିଲାର ସମସ୍ତ ସିଆରସିସିମାନଙ୍କୁ ନେଇ ଚତୁର୍ଥ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅନୁଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ଉଦଘାଟନ କରିବା ସହ ଚତୁର୍ଥ ମାସିକ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମଗ୍ର ଶିକ୍ଷା ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ ବୈଠକରେ ଉପସ୍ଥିତ ରହି ମାସିକ ବୈଠକର ଆଭିମୁଖ୍ୟକୁ ବିଦ୍ୟାଳୟସ୍ତରରେ ଠିକ ପରିଚାଳନା ନିମନ୍ତେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ନିବେଦିତା ବେହେରା ପୂର୍ବ ବୈଠକ ବିଷୟ ବସ୍ତୁର ପୁନରାବୃତ୍ତି, ସେପ୍ଟେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର ଓ ବରିଷ୍ଠ ପ୍ରଶିକ୍ଷିକା



ବୈଠକରେ ଆଲୋଚନା କରାଯାଉଛି।

ମନ୍ଦାକିନୀ ଟୁଡୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ନମୁନା ପାଠ ଯୋଜନା, ମାନ ନିର୍ଦ୍ଧାରଣ ଟ୍ରାକର ସମ୍ପର୍କରେ ବିସ୍ତୃତ ଭାବେ ଧାରଣା ପ୍ରଦାନ କରିଥିଲେ। ସେହିପରି ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଶିକ୍ଷିକା ସୁରମା ମିର୍ଦ୍ଧା ଜାତୀୟ ଉପଲବ୍ଧି ସର୍ବେକ୍ଷଣ-୨୦୨୪, ବିଦ୍ୟାଳୟସ୍ତରୀୟ ପ୍ରସ୍ତୁତି କାର୍ଯ୍ୟ ଓ ପ୍ରଶିକ୍ଷିକା ପାର୍ଥିବି ପ୍ରିୟଦର୍ଶିନୀ ପର୍ଯ୍ୟାୟ ଭିତ୍ତିକମାନ ନିର୍ଦ୍ଧାରଣ, ଟାବଲେଟର ବ୍ୟବହାର ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ଜିଲାର ୫୦ଜଣ ସିଆରସିସି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ପ୍ରକାଶ ଥାଉ କି ଚଳିତ ମାସ ତୃତୀୟ ଶନିବାର ଜିଲାର ସମସ୍ତ କ୍ଲଷ୍ଟରରେ ପ୍ରଧାନଶିକ୍ଷକ ଓ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହେବ।

## ପ୍ରଥମ ପର୍ଯ୍ୟାୟରେ ୧୫ ହଜାର ମହିଳାଙ୍କୁ ମିଳିଲା



ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ।

ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର)

**ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ଟଙ୍କା ପ୍ରଦାନ ଶୁଭାରମ୍ଭ**

ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଟଙ୍କା ଜିଲା ଓ ବ୍ଲକର ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଦଘାଟନ କରିବା ପରେ ମହିଳାମାନେ ୫ ହଜାର ଟଙ୍କା ଲେଖାଏଁ ପାଇଛନ୍ତି। ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଡିପୋଜିଟ ହୋଇଥିବା ନେଇ ମେସେଜ ଆସିବା ପରେ ମହିଳା ହିତାଧିକରୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ଦେବଗଡ ଜିଲାର ୭୦ ହଜାର ୫୦୦ ମହିଳା ଆବେଦନକାରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୫ ହଜାର ମହିଳା ସୁଭଦ୍ରା ଯୋଜନା ସାମିଲ ହୋଇ ୭୫ ଲକ୍ଷ ଟଙ୍କା ପ୍ରଥମ ପାଇଛନ୍ତି। ଏହି ଅର୍ଥକୁ ବ୍ୟବସାୟରେ ବିନିଯୋଗ କରି ମହିଳା ଲାଭବାନ ହେବାର ଆଶା ରଖିଛନ୍ତି। ସୁଭଦ୍ରା ଯୋଜନାର ଉଦଘାଟନୀ କାର୍ଯ୍ୟକ୍ରମ ପାଇଁ ଦେବଗଡ ଜିଲାର ତିଲେଇବଣି, ରିଆମାଳ ଓ ବାରକୋଟ ୩ଟି ବ୍ଲକର ସଦର ମହକୁମାରେ ଭବ୍ୟ ଆୟୋଜନ କରାଯାଇଥିଲା। ଏଥିରେ ହଜାର ହଜାର ମହିଳା ସାମିଲ ହୋଇ ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିବା ସହ ବ୍ୟବସାୟରେ ଉକ୍ତ ଟଙ୍କା ବିନିଯୋଗ କରି ପରିବାର ପ୍ରତିପୋଷଣରେ ସହାଯ୍ୟ କରିବୁ ବୋଲି ମହିଳାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଦେବଗଡ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସିଡିପିଓ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସ୍ତନ କର୍କଟ, ଜରାୟୁ ଗ୍ରୀବା କର୍କଟ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଝରାଗୋଗୁଆ ଗ୍ରାମରେ ସ୍ୱାସ୍ଥ୍ୟ ଓ ସୁନ୍ଦର ସମାଜ ପାଇଁ ନାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ତନ କର୍କଟ ଓ ଜରାୟୁ ଗ୍ରୀବା କର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଜ୍ଞାନପ୍ରଭା ମିଶନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମହିଳା ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ତନ କର୍କଟ ଓ ଜରାୟୁ ଗ୍ରୀବା କର୍କଟ ରୋଗ ଉପରେ ସଚେତନ ହୋଇଥିଲେ। କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲ କର୍କଟ ରୋଗ ବିଶେଷଜ୍ଞ ଡା. ସୁଲଗ୍ନା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ଚିକିତ୍ସା କରିବା ସହ କର୍କଟ ରୋଗ ଉପରେ ସଚେତନ କରିଥିଲେ। ସେହିପରି ଭୁବନେଶ୍ୱର ଜ୍ଞାନପ୍ରଭା ମିଶନ ସମ୍ପାଦିକା ସ୍ୱାମୀ ସାରଦାନନ୍ଦ ଗିରି ଓ ସଦସ୍ୟା ମୀନା ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମହିଳାମାନଙ୍କ କ୍ଷେତ୍ରରେ ବ୍ୟାପୁଥିବା କର୍କଟ ରୋଗ ମଧ୍ୟରେ ସ୍ତନ କର୍କଟ ପ୍ରଥମ ହୋଇଥିବା ବେଳେ ପ୍ରାଥମିକ ଅବସ୍ଥାରେ ଜଣା ପଡିଲେ ଏହି ରୋଗର ନିରାକରଣ ସମ୍ଭବ ବୋଲି କହିଥିଲେ। ମାତ୍ର ଲଜ୍ଜା କିମ୍ବା ସଚେତନତା ଅଭାବରୁ ଶେଷ ଅବସ୍ଥାରେ ଜଣାପଡିଲେ ଏହି ରୋଗର ନିରାକରଣ ଆଉ ସହଜସାଧ୍ୟ ହୋଇ ନ ଥାଏ। ସେହିପରି କର୍କଟ ରୋଗ ମଧ୍ୟରୁ ଜରାୟୁ ଗ୍ରୀବା କର୍କଟ ମହିଳାଙ୍କ କ୍ଷେତ୍ରରେ ଦ୍ୱିତୀୟ ହୋଇଥିବା ବେଳେ ସଚେତନତା ଦ୍ୱାରା ଏହାକୁ ମଧ ଦୂରେଇ ପାରିବା ବୋଲି କହିଥିଲେ। ଆୟୋଜିତ ସଭାରେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଝରାଗୋଗୁଆ ସରପଞ୍ଚ ନଳିନୀ କିଷାନ, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ସେଠୀ, ପାରପୋଷି ପଞ୍ଚାୟତ ସମିତିସଭ୍ୟ ବିଜୟ ଠାକୁର, ଭାଜପା ନେତା ରଞ୍ଜିତ ପଟେଲ ଓ ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳାମାନେ ଏଥିପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭୂତି ପଟେଲ, ବୁଲୁ ବାବୁ, ଭିକାରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସେପ୍ଟେମ୍ବର ୨୦ରୁ ୨୨ ବିକାଶ ମେଳା

ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ବିକାଶ ମେଳା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନପାଟ ବଡ଼ ବଗିଚାଠାରେ ସେପ୍ଟେମ୍ବର ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବିଭାଗର ପ୍ରଦର୍ଶନୀ ମଣ୍ଡପ, ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ଅନୁସୁଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ/ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ/ ମିଶନ ଶକ୍ତି/ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ/ ପୂର୍ତ୍ତ ବିଭାଗ/ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ/ ମତ୍ସ୍ୟ ବିଭାଗ/ ପ୍ରାଣୀ ବିଭାଗ/ ଆଞ୍ଚଳିକ ପରିବହନ ବିଭାଗ ଓ ଜିଲାରେ ବିଭିନ୍ନ



ବିକାଶ ମେଳା କାର୍ଯ୍ୟକ୍ରମ ପାଇଁ ବୈଠକରେ ଆଲୋଚନା କରାଯାଉଛି।

**ବିକାଶ ମେଳା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ**

ବିଭାଗଗୁଡିକର ସମନ୍ୱିତ ସହଯୋଗରେ ଏହି କାର୍ଯ୍ୟଗୁଡ଼ିକ ସମାହିତ ହେବ। କାର୍ଯ୍ୟକ୍ରମ ସରସ ସୁନ୍ଦର କରିବାକୁ ବୈଠକରେ ଜିଲାପାଳ ସାହୁ ବିଭିନ୍ନ ବିଭାଗ ସହ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଡିପିଏମ ଓଏଲେମ ସ୍ମରଣିକା ମହାପାତ୍ର, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ରାମଚନ୍ଦ୍ର ସେଠୀ, ଡେପୁଟି ସିଓ ଓରମାସ ରବୀନ୍ଦ୍ର କୁମାର ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ତେରେସିଂହାରେ ଫୁଟିଲା ବ୍ରହ୍ମକମଳ

**ରିଷିଡ଼ା, ୧୭।୯ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ତେରେସିଂହା ଗ୍ରାମର ସରୋଜ କୁମାର ରଣାଙ୍କ ବାରିରେ ବ୍ରହ୍ମକମଳ ପୁଷ୍ପ ଫୁଟିଥିବା ଦେଖିବାକୁ ମିଳିଛି। ଏହାକୁ ଦେଖି ପରିବାରରେ ଆନନ୍ଦର ଲହରି ଖେଳିଯାଇଛି। ୧ ବର୍ଷ ତଳେ ସରୋଜ ଚାରା ରୋପଣ କରିଥିବାବେଳେ ଶନିବାର ରାତ୍ରିରେ ଫୁଲ ଫୁଟିଥିବା ଦେଖିଥିଲେ। ବର୍ଷକୁ ଥରଟିଏ ସୌଭାଗ୍ୟ ଓ ସମୃଦ୍ଧିର ପ୍ରତୀକ ଏହି ଦୁର୍ଲଭ ଫୁଲ ଫୁଟୁଥିବା କୁହାଯାଏ।

### ଖଡ଼ିଆଳ ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ

**ଖଡ଼ିଆଳ, ୧୭।୯ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ଜଣକ ପରେ ଜଣେ କୁକୁର କାମୁଡ଼ାର ଶିକାର ହେଉଥିଲେ ମଧ୍ୟ ଏନ୍‌ଏସି ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଅନେକ ସମୟରେ ପଡ଼ୋଶୀ ଜିଲାରୁ କେତେଜଣ ଲୋକ ଟ୍ରକ୍ ଯୋଗେ ବହୁ ସଂଖ୍ୟାରେ କୁକୁର ଆଣି ଖଡ଼ିଆଳ ସହର ତଥା ଆଖପାଖ ଅଞ୍ଚଳରେ ଛାଡ଼ି ଚାଲିଯାଉଛନ୍ତି। ଏହାଦ୍ୱାରା କୁକୁର ସଂଖ୍ୟା ବଢ଼ିଚାଲିଛି। ସହରର ମୁଖ୍ୟରାସ୍ତା ସମେତ ବୋଡ଼େନ ଯିବା ରାସ୍ତାକଡରେ ମାଛ, ମାଂସ, କୁକୁଡ଼ା ଦୋକାନ ଥିବାରୁ ବୁଲା କୁକୁର ଆଡ୍ଡା ଜମାଉଥିବା ଦେଖିବାକୁ ମିଳିଛି। ଗତ ୧୭ ତାରିଖରେ ଖଡ଼ିଆଳ ରେଭନ୍ୟୁ ଡାକବଙ୍ଗଳା ନିକଟରେ ଥିବା ନିଜ ଅଫିସ ଖୋଲୁଥିବା ସମୟରେ ହଠାତ୍ ଏକ ବୁଲାକୁକୁର ଆସି ଆଇନଜୀବୀ ବିରଜା ସିଂ ଦଳପତିଙ୍କ ସମେତ ପରେ ତହସିଲଦାରଙ୍କ ଡ୍ରାଇଭର ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ କାମୁଡିଥିଲା। ଚିକିତ୍ସିତ ହେବା ପରେ ଏମାନେ ସୁସ୍ଥ ଥିବା ଜଣାପଡିଛି। ଏହାର ପ୍ରତିକାର ପାଇଁ ଆଇନଜୀବୀ ଦଳପତି ଖଡ଼ିଆଳ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକ ସଂଘର ନୂଆଁଖାଇ ଭେଟ୍‌ଘାଟ୍

**ରିଷିଡ଼ା, ୧୭।୯ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ତେରେସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ସଂଘ ତରଫରୁ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବାଳକୃଷ୍ଣ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରିଷିଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମୁକେଶ କୁମାର ପଧାନ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ସୁବାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ। କୋଷାଧ୍ୟକ୍ଷ ମୁରଲୀଧର ରଣା ଅତିଥି ପରିଚୟ ଓ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଦିବଂଗତ ଶିକ୍ଷକମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବର୍ଷୀୟାନ ଶିକ୍ଷକ ଶ୍ୱେତକୁମାର ରଣାଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସଂଘ ସମ୍ପାଦକ ହୃଷୀକେଶ ସାହୁ ବିବରଣୀ ପାଠ କରିଥିବା ବେଳେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱକର୍ମାଙ୍କ ପୂଜୋତ୍ସବ

**ଖଡ଼ିଆଳ, ୧୭।୯ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜୋତ୍ସବ ପାଳିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖଡ଼ିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ମୁଖ୍ୟ ଅତିଥି, ଯୁବ ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ ମୁଖ୍ୟବକ୍ତା ଓ ଖଡ଼ିଆଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର କୁଳପତି ଶମ୍ଭୁ କିଶୋର ଦଣ୍ଡସେନା, ଜିଲା ଶିକ୍ଷ ଅଧିକାରୀ ଆନନ୍ଦ ବେହେରା, ଟ୍ରଷ୍ଟ ପ୍ରତିଷ୍ଠାତା ଶ୍ରୀବତ୍ସ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ପାଦକ ବ୍ରଜରାଜ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃଷିକ୍ଷେତ୍ରରେ ସଫଳତା ପାଇଁ ଚଳାନପଡ଼ା ଗ୍ରାମର ଅବସରପ୍ରାପ୍ତ କୃଷି ଅଧିକାରୀ ବଳଦେବ ରାଉତ, ଟେଲରିଂରେ ସଫଳତା ପାଇଁ ଘାସିରାମ ପାତ୍ର, ମାଟିରେ ବିଭିନ୍ନ ସାମଗ୍ରୀ ନିର୍ମାଣ କରୁଥିବା ଖଡ଼ିଆଳ ବ୍ଲକ୍ ମାଣ୍ଡୋସିଲ ଗ୍ରାମର ଛିନୁ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ବିଭୂତି ଭୂଷଣ ବିଶି ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ପୁସ୍ତକ 'ଶବ୍ଦ ସୁରଭି' ଲୋକାର୍ପିତ ହୋଇଥିଲା।

# ୧୦ରୁ ୨ରେ ପହଞ୍ଚିଲେଣି କର୍ମଚାରୀ

**ଭବାନୀପାଟଣା, ୧୭।୯ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ଭିନ୍ନକ୍ଷମମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ୨୦୦୩ ଅଗଷ୍ଟ ୧୫ରେ ଭବାନୀପାଟଣାଠାରେ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ସେତେବେଳେ ୧୦ ଜଣଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ଏବେ ମାତ୍ର ୨ଜଣ କର୍ମଚାରୀ ଅଛନ୍ତି। ଏକଦା କଳାହାଣ୍ଡି ସମେତ ପଡ଼ୋଶୀ ନୂଆପଡ଼ା ଓ ବଲାଙ୍ଗୀର ଜିଲାର ଭିନ୍ନକ୍ଷମଙ୍କୁ ସେବା ଯୋଗାଉଥିବା ଏହି କେନ୍ଦ୍ର ଏବେ ନିଜେ ଶକ୍ତିହୀନ ହୋଇଯାଇଛି।

ପ୍ରକାଶ ଯେ, ଭିନ୍ନକ୍ଷମଙ୍କ ଚିହ୍ନଟ, ସାର୍ଟିଫିକେଟ ଓ ଉପକରଣ, ଋଣ ପ୍ରଦାନ ଆଦି ପାଇଁ ୨୦୦୩ରୁ ଏଠାରେ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର କାର୍ଯ୍ୟ କରିଆସୁଛି। କେନ୍ଦ୍ର ଆରମ୍ଭ ସମୟରେ ଶାରୀରିକ ଭିନ୍ନକ୍ଷମ ବିଭାଗ ସମେତ ଶ୍ରବଣ ଓ ବାଣୀ ବିଭାଗ, ଦୃଷ୍ଟିବାଧିତ, ମାନସିକ ଅନଗ୍ରସର ଆଦି ବିଭାଗଗୁଡ଼ିକରେ ଭିନ୍ନକ୍ଷମଙ୍କ ଚିହ୍ନଟ, ପରୀକ୍ଷା, ପୁନର୍ବାସ, ନିଯୁକ୍ତି,



ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର।

**ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର**

ଫିଜିଓଥେରାପି ବା ଭୌତିକ ଚିକିତ୍ସା, କୃତ୍ରିମ ଅଙ୍ଗ ନିର୍ମାଣ, ସହାୟକ ଉପକରଣ ବଣ୍ଟନ ଆଦି ଆରମ୍ଭ ହୋଇଥିଲା। ଫଳରେ ଅବହେଳିତ ଭିନ୍ନକ୍ଷମମାନେ ଉପଯୁକ୍ତ ପ୍ରଶିକ୍ଷଣ, ସଚେତନ ତଥା ଅଧିକାର ପାଇପାରୁଥିଲେ। ଏହି କେନ୍ଦ୍ର ସହାୟତାରେ ବଙ୍କା ପାଦ ଅସ୍ତ୍ରୋପଚାର କରାଯିବା ଦ୍ୱାରା ପ୍ରାୟ ୨୫୦ ଜଣ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତି ସାଧାରଣ ଭାବେ ଚାଲିବାରେ ସକ୍ଷମ ହୋଇଥିଲେ। ଏଥିସହିତ ୧, ୨ ଓ ୧୬, ୧୭ ତାରିଖରେ ଜିଲା ଭିନ୍ନକ୍ଷମ ପ୍ରମାଣନ ବୋର୍ଡ ମାଧ୍ୟମରେ ଭିନ୍ନକ୍ଷମ ଚିହ୍ନଟ, ପ୍ରମାଣପତ୍ର ପ୍ରଦାନ, ଉପକରଣ ବଣ୍ଟନ କରାଯାଉଥିଲା। ହେଲେ ବିଭାଗୀୟ ଉଦାସୀନତା ଯୋଗୁ ଏବେ ଏହି କେନ୍ଦ୍ରର କର୍ମଚାରୀ ସଂଖ୍ୟା ୧୦ରୁ ଖସି ୨ରେ ପହଞ୍ଚିଛି। କିଛିମାସ ତଳେ ଏହି କେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଶୁଭାଶିଷ ମହାନ୍ତିଙ୍କ ଅକାଳ ବିୟୋଗ ଘଟିଥିଲା। ଅର୍ଥାଭାବ ଯୋଗୁ ଉପଯୁକ୍ତ ଚିକିତ୍ସା ଅଭାବରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏବେ ଶ୍ରବଣବାଣୀ ବିଶାରଦ ବାଦଲ ପଟ୍ଟନାୟକଙ୍କ ବଦଳି ହୋଇଛି। ଉଭୟଙ୍କ ସ୍ଥାନରେ କେହି ନୂଆ ଆସିନାହାନ୍ତି। ଫଳରେ ଏବେ କେବଳ ଦୃଷ୍ଟିବାଧିତ ଚଳନ ବିଶାରଦ, ଜଣେ କିରାଣି ଓ ଜଣେ ପିଅନ ହିଁ କେନ୍ଦ୍ର ଦାୟିତ୍ୱରେ ଅଛନ୍ତି। ୨୦୧୫ରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରର କୌଣସି ସ୍ଥାୟୀ କର୍ମଚାରୀ ନିଯୁକ୍ତି ହୋଇନାହାନ୍ତି। ଏଣୁ ଆଗକୁ ଜିଲାରେ ଭିନ୍ନକ୍ଷମ ଶିବିର କିଭଳି ପରିଚାଳନା ହେବ ଓ ଭିନ୍ନକ୍ଷମମାନେ କିଭଳି ନ୍ୟାୟ ପାଇବେ ତାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଭାଳେଣି ପଡ଼ିଲାଣି।

# ଜୁହାର ଫାଉଣ୍ଡେଶନ ପକ୍ଷରୁ ଭିଏସ୍‌ଏସ୍ ଫେଲୋଶିପ ଉଦ୍‌ଘାଟିତ

**ଭବାନୀପାଟଣା, ୧୭।୯ (ଉତ୍ତମ କୁମାର ଦାଶ)**

ମୁମ୍ବାଇ ଜୁହାର ଫାଉଣ୍ଡେଶନ ପକ୍ଷରୁ ଭିଏସ୍‌ଏସ୍ ଫେଲୋଶିପ ୨୦୨୪-୨୫ ଆଭାସି ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଫେସର ରଜନୀକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜୁହାର ଫାଉଣ୍ଡେଶନ ମୁମ୍ବାଇ ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶାର ୧୪ ଗାଁରେ ୫ ଶହରୁ ଊର୍ଦ୍ଧ୍ୱ ସ୍କୁଲରେ ପଢ଼ୁଥିବା ଗରିବ ଛାତ୍ରୀଛାତ୍ରଙ୍କୁ ଟ୍ୟୁଶନ ମାଧ୍ୟମରେ ନିଃଶୁଳ୍କ ଶିକ୍ଷା ଦିଆଯାଉଛି। ଗାଁରେ ଥିବା ଶିକ୍ଷିତ ଯୁବତୀଯୁବକ ଏହି ମହତ କାର୍ଯ୍ୟରେ ନିଯୁକ୍ତି ପାଇ ନିଜର ଅବସର ସମୟକୁ ସଦୁପଯୋଗ କରିପାରୁଛନ୍ତି। ଏହାଦ୍ୱାରା କଳାହାଣ୍ଡି ଜିଲାର ଚିଲକପୁର, କୋଟେନ ଗାଁ ସମେତ ବରଗଡ଼ର ମୂଳବାର, ବରଗାଁ, କୁସମୁଣ୍ଡା, ମାଳଦା, କାରଣ୍ଡୋଲା, ଝାରସୁଗୁଡାର ପଣ୍ଡରୀ, ଜାମଗାଁ ଆଦି ଗାଁର ଗରିବ ଛାତ୍ରୀଛାତ୍ର ଉପକୃତ ହୋଇପାରୁଛନ୍ତି। ଫାଉଣ୍ଡେଶନ ତରଫରୁ ପ୍ରତ୍ୟେକ ଫେଲୋଙ୍କୁ ଲାପ୍‌ଟପ୍ ଦିଆଯାଇ ଉନ୍ନତମାନର ଶିକ୍ଷା ପ୍ରଦାନ କରାଯାଉଥିବାବେଳେ ମେଣ୍ଟରମାନେ ଏହାର ତଦାରଖ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଗତି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଜୟ କୁମାର ପଣ୍ଡା ଯୋଗଦେଇ ଯେଉଁ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହେବେ ସେମାନଙ୍କୁ ପ୍ରଗତି ଶିକ୍ଷାନୁଷ୍ଠାନରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ବିନା ଶୁଳ୍କରେ ପଢ଼ିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଗତ ଦିନମାନଙ୍କରେ ୨ରୁ ୩ ହଜାର ଛାତ୍ରୀଛାତ୍ର ଉପକୃତ ହୋଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଉଚ୍ଚଶିକ୍ଷା ଗ୍ରହଣ କରୁଛନ୍ତି। ଏଥିମଧ୍ୟରୁ ଅନେକ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ପୁରସ୍କାର, ପଠାଣି ସାମନ୍ତ ମେଧାବୃତ୍ତି ଭଳି ପୁରସ୍କାର ପାଇଛନ୍ତି ବୋଲି ସୁଷମା ପଣ୍ଡା ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ଆବାହକ ଦୀପକ ପୂଜାରୀ ମତପ୍ରକାଶ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜୁହାର ଫାଉଣ୍ଡେଶନର ଅନ୍ୟ ବୋର୍ଡ଼ ସଦସ୍ୟ ଦୀପକ ପୂଜାରୀ, ନମିତା ପୂଜାରୀ, ସୁଷମା ପଣ୍ଡା, ମିତ୍ର ଗୁରୁ, ମୌସୁମୀ ମହାପାତ୍ର, ଅରବିନ୍ଦ ପତି, ପ୍ରଦୀପ ପଣ୍ଡା, ସମୀର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କାଣ୍ଡେଲ ରୋଡ୍ ଷ୍ଟେଶନରେ ତପସ୍ୱିନୀ ଟ୍ରେନ୍ ରହଣି ପାଇଁ ଏମ୍‌ପିଙ୍କୁ ଦାବିପତ୍ର

**କେସିଙ୍ଗା, ୧୭।୯ (ଡୁମେଶ୍ୱର ସାହୁ)**

ସମ୍ବଲପୁର ଡିଭିଜନ ଅନ୍ତର୍ଗତ କେସିଙ୍ଗା ରେଳ ଷ୍ଟେଶନରେ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ ଦ୍ରୁତଗାମୀ ଟ୍ରେନ୍‌କୁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ମାଳବିକା ଦେଓ, ସମ୍ବଲପୁର ଡିଭିଜନର ଡିଭିଜନାଲ ମ୍ୟାନେଜର ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ କାଣ୍ଡେଲ ରୋଡ୍ ରେଳ ଷ୍ଟେଶନରେ ସମ୍ବଲପୁର ରାୟଗଡା ତପସ୍ୱିନୀ ଦ୍ରୁତଗାମୀ ଟ୍ରେନ୍ ରହଣି ପାଇଁ ଅଞ୍ଚଳବାସୀ ଏମ୍‌ପିଙ୍କୁ ଲିଖିତ ଦାବି ଜଣାଇଥିଲେ। ଏଥିରେ ଦର୍ଶାଯାଇଛି, ବାଲସି, ପରଲସିଙ୍ଗା, କାଣ୍ଡେଲ, ରୁପ୍ରା, ଗିଗିନା, ରାକ୍ସି ଆଦି ଗ୍ରାମ ପଞ୍ଚାୟତର ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଲୋକ


ଏମ୍‌ପିଙ୍କୁ ଦାବିପତ୍ର ଦିଆଯାଉଛି।

କାଣ୍ଡେଲ ରୋଡ୍ ଷ୍ଟେଶନ ଉପରେ ନିର୍ଭର କରିଥାନ୍ତି। ହେଲେ ଏଠାରେ ଏକ୍ସପ୍ରେସ ଟ୍ରେନ୍ ରହଣି କରୁ ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ତେଣୁ ଏହି ଷ୍ଟେଶନରେ ତପସ୍ୱିନୀ ଟ୍ରେନ୍ ରହଣି ପାଇଁ କଳାହାଣ୍ଡି ରେଳଯାତ୍ରୀ ସଂଘ ସଭାପତି ଭବାନୀ ଶଙ୍କର ନିଆଲ, ସମ୍ପାଦକ ଭବାନୀ ସାହୁ, ଖବରଦାତା ଡୁମେଶ୍ୱର ସାହୁ ଦାବି କରିଛନ୍ତି।

### ଫସଲ ନଷ୍ଟ କରୁଛନ୍ତି ହାତୀପଲ

**ପଲମ, ୧୭।୯ (ଭିକାରି ଗଉଡ଼)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ କର୍ଲା ପଞ୍ଚାୟତ ଅଞ୍ଚଳରେ ପ୍ରାୟ ୧ସପ୍ତାହ ହେଲା ହାତୀ ଉପଦ୍ରବ ଲାଗିରହିଛି। ଗତ ରାତିରେ ହାତୀପଲ ରାଏଧୁନିପଦର ଗ୍ରାମକୁ ଆସି ଧାନ, କପା, ହରଡ଼ ଫସଲ ଖାଇ ନଷ୍ଟ କରିଛନ୍ତି। ବନ ବିଭାଗ ତତ୍ପରତା ଦେଖାଇ ଘଉଡ଼ାଉଥିଲେ ସୁଦ୍ଧା ହାତୀପଲ ଚାଷଜମିରେ ପଶି କ୍ଷତି କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ରାଏଧୁନିପଦର ଗ୍ରାମର ଗୌତମ ପାତ୍ରଙ୍କ ସମେତ ଅନ୍ୟ ଗ୍ରାମର ଚାଷୀମାନେ ଏକତ୍ରିତ ହୋଇ ବନଖଣ୍ଡ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ପ୍ରତିଭା ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ

### ନୂଆଁଖାଇ ଭେଟ୍‌ଘାଟ୍

**ଭବାନୀପାଟଣା, ୧୭।୯ (ଉତ୍ତମ କୁମାର ଦାଶ)**

ଭବାନୀପାଟଣା ଟାଉନ ହଲଠାରେ କଳାହାଣ୍ଡିର ଅଗ୍ରଣୀ ଅନୁଷ୍ଠାନ ପ୍ରତିଭାର ଆଗାମୀ ୨୦୨୫ରେ ହେବାକୁ ଥିବା ରୌପ୍ୟ ଜୟନ୍ତୀ ପାଇଁ ଲୋଗୋ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଗୁରୁ କାମଦେବ ପୂଜାରୀ, ଧର୍ମରାଜ ହଂସ, ରୁବନ ବନ୍ଧିଛୋଡ, ପଦ୍ମନାଭ ରାଜୁ, ଭଗବାନ ପୋଢ, ପୁରୁଷୋତ୍ତମ ଭୋଇ, ଈଶ୍ୱର ବାଗ ପ୍ରମୁଖଙ୍କ ସହ ହାସ୍ୟ ଅଭିନେତା କୈଳାସ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ବିଶେଷ ଅତିଥି ଭାବେ ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ଅଜୟ ମିଶ୍ର ଓ ଆର୍ନ୍ତଜାତୀୟ କବି ଡ. ଭବାନୀଶଙ୍କର ନିଆଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କବି ବିରଞ୍ଚି ନାରାୟଣ ମୁଣ୍ଡ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଷ୍ଣୁ ପ୍ରସାଦ ନାଏକ ଧନ୍ୟବାଦ ଦେଇଥିଲେ।

# ମା'ମାନଙ୍କୁ ସ୍ୱାବଲମ୍ବୀ କରିବ ସୁଭଦ୍ରା ଯୋଜନା

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ କଳାହାଣ୍ଡି ଓ ନୂଆପଡ଼ା ଜିଲାର ବିଭିନ୍ନ ବ୍ଲକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅଧିକାରୀ ଓ ଲୋକପ୍ରତିନିଧି ଯୋଗଦେଇ ସୁଭଦ୍ରା ଯୋଜନା ଦ୍ୱାରା ମା'ମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ।**



ଭବାନୀପାଟଣାଠାରେ ମହିଳା ହିତାଧିକାରୀଙ୍କୁ ପିଏମ୍‌ଏୱାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।


ନୂଆପଡ଼ାଠାରେ ହିତାଧିକାରୀଙ୍କୁ ଗୃହପ୍ରବେଶ ଚାବି ହସ୍ତାନ୍ତର କରାଯାଉଛି।

**ଭବାନୀପାଟଣା, ୧୭।୯ (ଉତ୍ତମ କୁମାର ଦାଶ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱର ଜନତା ମଇଦାନଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କଳାହାଣ୍ଡି ଜିଲାର ସମସ୍ତ ବ୍ଲକରେ ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ଭବାନୀପାଟଣା ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଆର୍‌ଏମ୍‌ସିଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ମୁଖ୍ୟଅତିଥି ଓ ଏମ୍‌ପି ପ୍ରତିନିଧି ଜୟ ଶଙ୍କର ନାଏକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଡ଼ିଓ ଚନ୍ଦନ କୁମାର ଭୋଇ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ୨୦ ଜଣ ମହିଳା ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ୩୬ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ଆଶା, ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। ତହସିଲଦାର, ଡିପିସି, ମିଶନ ଶକ୍ତି, ଡିଆଇପିଆରଓ, ବ୍ଲକର ସମସ୍ତ ଅଧିକାରୀ, ମିଶନ ଶକ୍ତିର ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

**କୋକସରା (ଦୁଷ୍ମନ୍ତ କୁମାର ପାଟଯୋଷୀ)**

ରାଜ୍ୟରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମଙ୍ଗଳବାର ସୁଭଦ୍ରା ଯୋଜନା ଲୋକାର୍ପିତ ହୋଇଛି। କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ସ୍ନେହପ୍ରଭା ମାଝି ସଭାପତିତ୍ୱ କରିଥିଲେ। ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁଭଦ୍ରା ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ତହସିଲଦାର ନବୀନ କିଶୋର ପାଢ଼ୀ ମଞ୍ଚାସୀନ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ମଞ୍ଚ ସଂଯୋଜନା କରିଥିବା ବେଳେ ଭାଜପା କର୍ମକର୍ତ୍ତା ଦୁର୍ଗା ପ୍ରଧାନୀ, ତ୍ରିନାଥ ଶବର, ଗରୁଡ଼ଧ୍ୱଜ ମାଝି, କ୍ଷେତିରାମ ପାତ୍ର, ନରେନ୍ଦ୍ର ପ୍ରଧାନି, ଶାରଳା ପ୍ରଧାନି ପ୍ରମୁଖ ଉପସ୍ଥିତ ଥିଲେ।

**ବୋଡ଼େନ (ଟିକେଶ୍ୱର ନାଗ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ ସହ ଆବାସ ଗୃହ ଲୋକାର୍ପଣ ହୋଇଯାଇଛି। ନୂଆପଡ଼ା ଜିଲା ବୋଡ଼େନ ବ୍ଲକ୍ ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ମୁଖ୍ୟ ଅତିଥି, ସାଂସଦ ପ୍ରତିନିଧି ବିଜୟ ବେହେରା, ଜିଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବ୍ଲକ ଅଧ୍ୟକ୍ଷା ପ୍ରେମଶୀଳା ନାଗ, ଉପାଧ୍ୟକ୍ଷା ସଙ୍ଗୀତା ମାଝି, ବିଡିଓ ପ୍ରିୟରଞ୍ଜନ କୁମାର, ତହସିଲଦାର ସରିତା ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ସୁପରଭାଇଜର, ଆଶା, ଅଙ୍ଗନୱାଡି କର୍ମୀ, ଏମ୍‌ବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ।

**ପିଏମ୍‌ଏୱାଇ କାର୍ଯ୍ୟାଦେଶ ପ୍ରଦାନ**

**କେସିଙ୍ଗା (ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ବିଦ୍ୟାପୀଠ ଖେଳ ପଡ଼ିଆଠାରେ ବିଡିଓ ପଦ୍ମନାଭ ପୁରୋହିତଙ୍କ ନେତୃତ୍ୱରେ ମଙ୍ଗଳବାର ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଯୋଜନାର ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ୨୬ ଗ୍ରାମ ପଞ୍ଚାୟତରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସୁଷମା ମିଶ୍ର, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଯୋଗଦାନ କରିଥିଲେ।

**ଗୋଲାମୁଣ୍ଡା (ବଟକୃଷ୍ଣ ପଣ୍ଡା)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱର ଜନତା ମଇଦାନରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ମୁଖ୍ୟ ଅତିଥି ଓ କଳାହାଣ୍ଡି ଏମ୍‌ପିଙ୍କ ପ୍ରତିନିଧି ପ୍ରସନ୍ନ ରାଉତ, ତହସିଲଦାର ଚନ୍ଦନ କୁମାର ନାୟକ, ସିଡିପିଓ ଉଷା ଲକ୍ଷ୍ମୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଡିଓ ଶ୍ରୀଧର ପଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିଏମ୍ ସୁଧାଂଶୁ ଶେଖର ବିଶ୍ୱାଳ, ଯୋଗାଣ ନିରୀକ୍ଷକ ସ୍ମୃତି ରଞ୍ଜନ ଜେନା, ଜିପିଇଓ ରମିତ ପ୍ରଧାନ, ମହିଳା ପରିଦର୍ଶିକା ଯଶୋବନ୍ତି ନାଏକ, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ପଟ୍ଟନାୟକଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଖେଳ ପଡିଆରେ ଖଡ଼ିଆଳ ବ୍ଲକ ଓ ଏନ୍‌ଏସି ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ନରସିଂହ ଗାଡ଼ବା ଏହି ଯୋଜନା ଦ୍ୱାରା ମହିଳାଙ୍କ ସାମାଜିକ ଓ ପାରିବାରିକ କ୍ଷେତ୍ରରେ ଉନ୍ନତି ଆସିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସିଡିପିଓ ମୀନା କୁମାରୀ ଅଗ୍ରୱାଲ, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାଏକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ଚେତନା ମହାରଣା ପ୍ରମୁଖ ଯୋଗଦେଇଥିଲେ।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ବାବା ଖଣ୍ଡୁଆଳ ମିନିଷ୍ଟଡିୟମଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଡିଓ ଧ୍ରୁବଚରଣ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପବିତ୍ର ନାଏକ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ଜିଲା ଭାଜପା ସମ୍ପାଦକ ବିଷ୍ଣୁ ନାଏକ, ଭାଜପା ନେତା ବିପିନ ବିହାରୀ ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା କିଆମଣୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଡିଓ ମୁଦୁଲି ବ୍ଲକରେ ପ୍ରାୟ ୧୪ ହଜାର ହିତାଧିକାରୀ ଆବେଦନ କରିଥିବା ବେଳେ କେତେଜଣଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଯୋଜନା ଟଙ୍କା ଯାଇଥିବ ସୂଚନା ଦେଇଛନ୍ତି।

**ନୂଆପଡ଼ା (ମକାରୁ ବେମାଲ)**

ନୂଆପଡା ଜିଲାର ୫ ବ୍ଲକ କାର୍ଯ୍ୟାଳୟଠାରେ ସୁଭଦ୍ରା ଯୋଜନାର ସିଧାପ୍ରସାରଣ ଓ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ନୂଆପଡା ପୋଲିସ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲାପାଳ ମଧୁସୂଦନ ଦାସ ଉଦଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଣ୍ଡେ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦନ ଶତପଥି, ବିଡିଓ ଶରତ ଭୋଇ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନଙ୍କ ସମେତ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଆବାସ ଗୃହ ସମ୍ପୂର୍ଣ୍ଣ କରିଥିବା ୨୦ ହିତାଧିକାରୀଙ୍କୁ ଗୃହ ପ୍ରବେଶ ଚାବିକାଠି ପ୍ରଦାନ ସହ ୨୦ ନୂତନ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

**ବେହେରା (ଭୂପେଶ ତିୱାରୀ)**

ପ୍ରଧାନମନ୍ତ୍ରୀଙ୍କ ଅଭାସୀ ଜରିଆରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ଅବସରରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଧର୍ମଗଡ କଳାହାଣ୍ଡି ଉତ୍ସବ ପଡ଼ିଆଠାରେ ଅନୁଷ୍ଠିତ ହୋଇଥଲା। କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟଅତିଥି ଓ ବିଡ଼ିଓ ଶରତ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଧର୍ମଗଡ ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଉପାଧ୍ୟକ୍ଷା ମନିଷା ମିଶ୍ର, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ସିଡିପିଓ ସୁଚରିତା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୧୦ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଗୃହ ପ୍ରବେଶ ହୋଇଥିଲା ଏବଂ ୫୭ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

**ଲାଞ୍ଜିଗଡ଼ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟ ଅତିଥି ଓ ପିଏଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ସହକାରୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ସିଡିପିଓ ବିଜୟଶ୍ରୀ ସିଂ ଦେଓ, ବ୍ଲକ ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

**କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ)**

କର୍ଲାମୁଣ୍ଡା ବ୍ଲକ ସଦର ପରେଡ଼ ପଡିଆଠାରେ ସୁଭଦ୍ରା ଯୋଜନା ଶୁଭାରମ୍ଭ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଡ଼ିଓ ମଣ୍ଟୁ ଖମାରୀ, ତହସିଲଦାର ଅରୁଣ ବର୍ଗେ, ବ୍ଲକ ଅଧ୍ୟକ୍ଷା କୁନି ସାହୁ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ସିଡିପିଓ କଳ୍ପଲତା ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଓ ମହେନ୍ଦ୍ର ରଣା, ଡେପୁଟି କଲେକ୍ଟର ଦୀପ୍ତି ମଣୀ ପଧାନ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

### ଉମା ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ

ଖୁଣ୍ଟିଗୋରା, ୧୭।୯ (ମକରନ୍ଦ ସାହୁ)

ବୌଦ୍ଧ ଜିଲା ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ସେପ୍ଟେମ୍ବର ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି। କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଉମା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କଷ୍ଟେଶ୍ୱର ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସ୍ୱଚ୍ଛତା ପକ୍ଷ ପାଳନର ପ୍ରଥମ ଦିବସରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶପଥ ପାଠ କରିଥିଲେ। ଦ୍ୱିତୀୟ ଦିବସରେ ସ୍ୱଚ୍ଛତା ସଚେତନତା ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇଥିଲେ। ତୃତୀୟ ଦିବସରେ ବିଦ୍ୟାଳୟର ଉନ୍ନୟନ ପରିଚାଳନା କମିଟିର ସଭ୍ୟାସଭ୍ୟଙ୍କୁ ନେଇ ବିଦ୍ୟାଳୟ ପରିସର ପରିଷ୍କାର ତଥା ଶୌଚାଳୟଗୁଡ଼ିକୁ ସାନିଟାଇଜ କରାଯାଇଥିଲା। ଚତୁର୍ଥ ଏବଂ ପଞ୍ଚମ ଦିବସରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟ ନିକଟସ୍ଥ ଗ୍ରାମକୁ ଯାଇ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଗ୍ରାମବାସୀଙ୍କୁ ବ୍ୟକ୍ତିଗତ ସ୍ୱଚ୍ଛତା ସମ୍ପର୍କରେ ତଥା ସ୍ୱଚ୍ଛ ପରିବେଶ, ସ୍ୱଚ୍ଛ ଜୀବନର ବାର୍ତ୍ତା ଦେଇଥିଲେ। ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବିଦ୍ୟାଳୟରେ ପ୍ରବନ୍ଧ ଲିଖନ, ସ୍ଲୋଗାନ, କୁଇଜ, ଭାଷଣ ଆଦି ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛତା ପକ୍ଷର ଅନ୍ତିମ ଦିବସରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ବାଉଁଶୁଣୀ ଛକରେ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭସ୍ତମ୍ଭ ପ୍ରତିଷ୍ଠା ଉତ୍ସବ

ବାଉଁଶୁଣୀ, ୧୭।୯ (ଦେବାଶିଷ ନେପାକ)

ମଙ୍ଗଳବାର ସନ୍ଧ୍ୟା ୭ରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଛକ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୧୨ତମ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭସ୍ତମ୍ଭ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଅମରେଶ ମେହେର ପୂଜାରେ ବସିଥିବା ବେଳେ ପୂଜକ ଭାବରେ ସଜିନ ପୁରୋହିତ ପୂଜାକାର୍ଯ୍ୟ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଅଶ୍ୱିନୀ ସାହୁ, ସମ୍ପାଦକ କାଳିଆ ନାଏକ, ଗୋପାଳ ମେହେର, ଦେବାଶିଷ ନେପାକ, ରାଜା ଦାସ, ଲିପୁନ ସାହୁ, ବାସୁଦେବ ମେହେର, ହିତେସ ମହାକୁଡ ଉପସ୍ଥିତ ଥିଲେ।

### ବୀରମହାରାଜପୁରରେ ଘରେ ଘରେ ସୁଭଦ୍ରା କାର୍ଯ୍ୟକ୍ରମ

ଅମରପାଲି, ୧୭।୯ (ପୀତାମ୍ବର ସାହୁ)

ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ଘରେ ଘରେ ସୁଭଦ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଡିଏମ ଅଞ୍ଜଳିନା ପ୍ରଧାନ, ତହସିଲଦାର ପୁନମ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବିଡ଼ିଓ ସୁଶ୍ରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଏବିଡ଼ିଓ ପୁରୁଷୋତ୍ତମ ଧାରୁଆ ଯୋଗଦେଇଥିଲେ। ବିଡ଼ିଓ ମିର୍ଦ୍ଧାଙ୍କ ସ୍ୱାଗତ ଭାଷଣ ପରେ ସୁଭଦ୍ରା ଯୋଜନା ଉପରେ ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ସିଡ଼ିପିଓ ମଞ୍ଜୁଲତା ସ୍ୱାଇଁ ସୁଭଦ୍ରା ଯୋଜନା ଉପରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ସୁଭଦ୍ରା ଯୋଜନା ଶୁଭାରମ୍ଭର ସିଧା ପ୍ରସାରଣ ଉପସ୍ଥିତ ମହିଳାଙ୍କୁ ପ୍ରଦର୍ଶିତ କରାଯାଇଥିଲା। ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ପାଲା ଓ ଦଣ୍ଡନୃତ୍ୟ ମାଧ୍ୟମରେ ସଚେତନ କରାଯାଇଥିଲା। ୧୦ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମିଶନ ଶକ୍ତି ବିପିସି ଶାନ୍ତନୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ମିଶନ ଶକ୍ତି ବିପିଏମ ମନୋଜ ବାଘ ଓ ଏସଡିସି ରଞ୍ଜିତ ଖମାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ତରଭା, ୧୭।୯ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବଡବନ୍ଧ ରାସ୍ତାରେ ଏକ ଭଡାଘରେ ରହୁଥିବା ତପନ ନାଏକ(୩୪)ଙ୍କ ଝୁଲନ୍ତା ମୃତଦେହ ତାଙ୍କର ମାମୁଁ ବଳରାମ ନାଏକଙ୍କ ଚାଷ ଜମିରେ ଥିବା ନିମ୍ବ ଗଛରୁ ପୋଲିସ ଜବତ କରିଛି। ଲଛିପୁର ପଞ୍ଚାୟତ ଅନ୍ତର୍ଗତ ଡ଼ୁବଲଙ୍ଗର ମୂଳ ବାସିନ୍ଦା ତପନ ତରଭାରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ଗତ ରବିବାର ଅପରାହ୍ନରୁ ସେ ଘରୁ ବାହାରି ଆଉ ଫେରି ନ ଥିଲେ। ସୋମବାର ତାଙ୍କର ପରିବାର ତରଫରୁ ପୋଲିସରେ ସୂଚନା ଦିଆଯାଇଥିଲା। ମଙ୍ଗଳବାର ସକାଳେ ତପନଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ସୋନପୁରରୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ କଲାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଶିକ୍ଷା ବ୍ୟବସ୍ଥା ବିଶ୍ୱସ୍ତରୀୟ କରିବାକୁ ହେବ

ଅମରପାଲି, ୧୭।୯ (ପୀତାମ୍ବର ସାହୁ)


ବୀରମହାରାଜପୁର କଲେଜର ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

**ବୀରମହାରାଜପୁର କଲେଜ ଶିକ୍ଷା ବିଭାଗ ଆଲୋଚନାଚକ୍ର**

ସାମ୍ପ୍ରତିକ ବିଶ୍ୱର ଶିକ୍ଷା ବ୍ୟବସ୍ଥା ସହ ତାଳଦେଇ ଚାଲିବାକୁ ହେଲେ ଭାରତର ଶିକ୍ଷାର ସ୍ତରକୁ ବିଶ୍ୱସ୍ତରୀୟ କରିବାକୁ ହେବ। ଏଥିପାଇଁ ଏକ ଭଲ ଶିକ୍ଷାନୀତିର ଆବଶ୍ୟକତା ରହିଛି। ଏହି ଆବଶ୍ୟକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ୧୯୮୬ ମସିହାରେ କାର୍ଯ୍ୟକାରୀ ହୋଇଥିବା ପୂର୍ବ ଶିକ୍ଷାନୀତିର ୩୪ ବର୍ଷପରେ ଜାତୀୟ ଶିକ୍ଷାନୀତି ୨୦୨୦ ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଛି। ପୂର୍ଣ୍ଣାଙ୍ଗ ମାନବ ସାମର୍ଥ୍ୟ ବିକାଶ ପାଇଁ ସାମଗ୍ରିକ ଶିକ୍ଷା ସହ ବହୁମୁଖୀ ଶିକ୍ଷାର ଆବଶ୍ୟକତା ରହିଛି। ସମାନ ଏବଂ ଅନ୍ତର୍ଭୁକ୍ତ ଶିକ୍ଷା ଦେଶରେ ଶିକ୍ଷାର ବିକାଶ ପାଇଁ ଜରୁରୀ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉଚ୍ଚଶିକ୍ଷାରେ ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟାନ୍ୱୟନ: ସମସ୍ୟା ଏବଂ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ନିମନ୍ତ୍ରିତ ଅତିଥିମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି। କଲେଜ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲେଜ ପରିଚାଳନା କମିଟି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିନିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ବିଜୟ କୁମାର ପ୍ରଧାନ, ଡ. ଶିଶିର ବଣିଆଁ, ଅଧ୍ୟାପିକା ହରପ୍ରିୟା ମହାପାତ୍ର, ସୀମାରାଣୀ ବେହେରା ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମମିତା ମେହେର, ପ୍ରିୟା ମେହେର, ବବିତା ଅମାତ, କାର୍ତ୍ତିକ ପ୍ରଧାନ ବିଷୟଭିତ୍ତିକ ପ୍ରବନ୍ଧ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଇପସିତା ସାହୁ, ରୁଦ୍ରପ୍ରତାପ ଥନାପତି, ପୂଜାରାଣୀ ମିଶ୍ର, ରିତୁ ପଧାନ, ମିଲି ମେହେର, ବନିସନ ବେହେରା, ଆଶୁତୋଷ ପଧାନ ଉକ୍ତ ଆଲୋଚନାଚକ୍ରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ଝରଣା ମେହେର ଓ ପ୍ରାଚୀ ପ୍ରିୟଦର୍ଶିନୀ ପାତ୍ର ସଭା ସଂଯୋଜନା କରିଥିଲେ। ଅଧ୍ୟାପିକା ହରପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧ୍ୟାପିକା ସୀମାରାଣୀ ବେହେରାଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ବାଇକ୍ ଚୋରି ରାକେଟ୍‌ର ୪ ଗିରଫ


ଚୋରି ମୋଟର ସାଇକେଲ ସହ ୪ଅଭିଯୁକ୍ତ।

ବୌଦ୍ଧ, ୧୭।୯ (ଅଜିତ କୁମାର ବାରିକ)

**୧୨ ମୋଟର ସାଇକେଲ ଜବତ**

ବୌଦ୍ଧ ଜିଲା ପୋଲିସ ବାଇକ୍ (ମୋଟର ସାଇକେଲ) ଚୋରି ରାକେଟ୍‌ର ୪ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଥାନା ତିଲେଶ୍ୱର ଗ୍ରାମର ବିଜୟ ନାୟକ, ଅନିଲ କୁମାର ସାହୁ, ଟେଭାପଦର (ବାଦିକଟା) ଗ୍ରାମର ସୁରେନ୍ଦ୍ର ଜଗଦଲା ଓ ହରଭଙ୍ଗା ଥାନା ବୁଢିକଣ ଗ୍ରାମର ଅରିନ ନାଏକ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୧୨ଟି ମୋଟର ସାଇକେଲ ଜବତ କରାଯାଇଛି।

ବୌଦ୍ଧ ଜିଲାରେ ବହୁ ସମୟରେ ମୋଟର ସାଇକେଲ ଚୋରି ହେଉଥିବାବେଳେ ଚୋରି ନେଇ ଜିଲା ପୋଲିସର ମୁଣ୍ଡବ୍ୟଥା ହୋଇପଡିଥିଲା। ଚୋରି ନେଇ ଜିଲାର ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ପୋଲିସ କିନ୍ତୁ ଚୋରଙ୍କ ଟେର ପାଇପାରୁ ନ ଥିଲା। ଏନେଇ ବୌଦ୍ଧ ଜିଲା ପୋଲିସ ପକ୍ଷରୁ ଚୋରଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ବୌଦ୍ଧ ଟାଉନ ଥାନା ପୋଲିସ ମଙ୍ଗଳବାର ୪ ଜଣ ଚୋରଙ୍କୁ ଧରିବା ସହ ୧୨ଟି ମୋଟର ସାଇକେଲ ଜବତ କରିବାରେ ସଫଳ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବୌଦ୍ଧ ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ବହୁ ସମୟରେ ମୋଟରସାଇକେଲ ଚୋରି ନେଇ ବିଭିନ୍ନ ସମୟରେ ଥାନା ଗୁଡିକରେ ଅଭିଯୋଗ ହେବା ସହ ମାମଲା ରୁଜୁ ହୋଇଛି। ଏହି ଚୋରି ନେଇ ବୌଦ୍ଧ ପୋଲିସ ୪ଜଣ ଚୋରଙ୍କୁ ଗିରଫ କରିବା ପରେ ସେମାନେ ନିଜର ଦୋଷ ସ୍ୱିକାର କରିବା ସହ ବୌଦ୍ଧ, କନ୍ଧମାଳ, ଅନୁଗୋଳ, ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ମୋଟର ସାଇକେଲ ଚୋରି କରିଥିବା ନେଇ ପୋଲିସ ସୂଚନା ଦେଇଛି। ବୌଦ୍ଧ ଥାନାରେ ଏନେଇ ମାମଲା (ନଂ.୧୫୫/୨୪) ଓ (ନଂ.୩୧୧/୨୪) ରୁଜୁ ହୋଇଥିବାବେଳେ ଏଥିରେ ସମ୍ପୃକ୍ତ ଥିବା ନେଇ ପୋଲିସ ସୂଚନା ଦେଇଛି। ପୋଲିସ ଅଭିଯୁକ୍ତମାନଙ୍କ ପାଖରୁ ହିରୋ ଗ୍ଲାମର୨ଟି, ହିରୋସ୍ପେଣ୍ଡର, ହୋଣ୍ଡା ଆକ୍ଟିଭା ସ୍କୁଟି, ବଜାଜ ଡିସକଭର ୨ଟି, ହିରୋ ପାସନପ୍ରୋ, ହୋଣ୍ଡା ଡ୍ରିମ ଯୋଗ, ବଜାଜ ପ୍ଲାଟିନା ୨ଟି, ହୋଣ୍ଡା ମୋଟର ସାଇକେଲ, ଟିଭିଏସ୍ ଷ୍ଟାର ମୋଟର ସାଇକେଲ ଜବତ କରିଛି।

# ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା

ଅମରପାଲି, ୧୭।୯ (ପୀତାମ୍ବର ସାହୁ)

ବୀରମହାରାଜପୁରସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନରେ ହରିଦ୍ୱାରର ଶାନ୍ତି କୁଞ୍ଜ ଗାୟତ୍ରୀ ପୀଠ ଦ୍ୱାରା ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୩୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତାପ ରାୟଗୁରୁ, ଭଗବନ୍ତି ରାୟଗୁରୁ, ପ୍ରଭାକର ରାୟଗୁରୁ ଅତିଥିଭାବେ ଯୋଗଦେଇଥିଲେ। ୬ଷ୍ଠରେ ବବୁନ ମେହେର ପ୍ରଥମ, ସୌମ୍ୟାରାଣୀ ବିଶ୍ୱାଳ ଓ ସ୍ୱାଗତିକା ଦାସ ଦ୍ୱିତୀୟ, ହଂସିନି କୁଅଁର ଓ ଜୟଦେବ କୁଅଁର ତୃତୀୟ, ସପ୍ତମରେ ଶୁଭଶ୍ରୀ କ୍ଷେତୀ ଓ ଜସମିନ ମେହେର ପ୍ରଥମ, ଶ୍ରାବଣୀ ମେହେର, ସାଧୀନ ମେହେର ଓ ବିଶ୍ୱନାଥ ମେହେର ଦ୍ୱିତୀୟ ଏବଂ ଇତିଶ୍ରୀ ମେଶୁଆ ତୃତୀୟ, ଅଷ୍ଟମରେ ରାଣୀ ମେହେର ପ୍ରଥମ, ପ୍ରିୟଙ୍କା ସେଠ ଓ ଶର୍ମିଷ୍ଠା କଲତା ଦ୍ୱିତୀୟ ଏବଂ ଲିପିରାଣୀ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ନବମରେ ଆୟୁଷ୍ମାନ ହୋତା ପ୍ରଥମ, ବାଦଲ ମେଣ୍ଡିଲି ଦ୍ୱିତୀୟ, କରନ ମେହେର ତୃତୀୟ ଏବଂ ଦଶମରେ ଖୁସିରାଣୀ ସାହୁ ପ୍ରଥମ, ଧନେଶ୍ୱର ସାହୁ, ମାନସ ମେହେର, ପ୍ରଭୁଦତ୍ତ କର୍ଣ୍ଣ, ଟଙ୍କଧର ମେହେର ଓ ଆଦର୍ଶ ମେହେର ଦ୍ୱିତୀୟ ଏବଂ ବବିତା ବାରିକ ତୃତୀୟ ସ୍ଥାନ ହାସଲ କରିଥିଲେ।

### କଣ୍ଟାମାଳ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ

ଘଣ୍ଟାପଡ଼ା, ୧୭।୯ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଇକୋ କ୍ଲବ ଓ ଜୁନିୟର ରେଡ୍‌କ୍ରସର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଜୁନିୟର୍ ରେଡ୍‌କ୍ରସ କାଉନସିଲର ବନମାଳୀ ମେହେର ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ୱଚ୍ଛତା ଶପଥ ପାଠ ସହ ଦୀର୍ଘ ୧୫ ଦିନ ବ୍ୟାପୀ ବିଦ୍ୟାଳୟ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା। ସବୁଜ, ସ୍ୱଚ୍ଛ ଓ ପଲିଥିନ ମୁକ୍ତ ବିଦ୍ୟାଳୟର ସ୍ୱପ୍ନ ନେଇ ସମସ୍ତଶ୍ରେଣୀ କୋଠରୀ, ଆଲମାରୀ, ପଙ୍ଖା ମଧ୍ୟ ସଫା କରାଯାଇଥିଲା। ହାତ ଧୋଇବା ପଦ୍ଧତି ତାଲିମ ଦିଆଯାଇଥିଲା। ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି କଣ୍ଟାମାଳ ଗ୍ରାମ ପରିକ୍ରମା କରିଥିଲା। ଛାତ୍ରୀଛାତ୍ର ବିଭିନ୍ନ ନାରା ଦେଇ ସହରବାସୀଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବ୍ୟକ୍ତିଗତ ପରିଚ୍ଛନ୍ନତା ଠାରୁ ଆରମ୍ଭ କରି ଆମ ପରିବେଶ ପରିଚ୍ଛନ୍ନତା ଓ ସ୍ୱଚ୍ଛ ପରିବେଶ, ସୁସ୍ଥ ଜୀବନ ଦ୍ୱାରା କିପରି ଦେଶର ବିକାଶ ହୋଇପାରିବ ଛାତ୍ରୀଛାତ୍ର ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଇକୋ କ୍ଲବ ଇନଚାର୍ଜ ସୁଜିତ କୁମାର ତରିଆ ସୂଚାରୁ ରୂପେ ସମ୍ପାଦନା ସହ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଜୁନିୟର ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଦେବୀସ୍ମିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ

ବୌଦ୍ଧ, ୧୭।୯ (ଅଜିତ କୁମାର ବାରିକ)


ସୁଭଦ୍ରା ଯୋଜନାର ଶୁଭାରମ୍ଭ ସମୟରେ ଜିଲାପାଳ ଓ ଅନ୍ୟ ଅତିଥି।

ବୌଦ୍ଧ ଜିଲାରେ ମଙ୍ଗଳବାର ଜିଲାସ୍ତରୀୟ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଛି। ଜିଲାର ୩ ବ୍ଲକ ଓ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁରୁଷୁଣ୍ଡି ଖେଳପଡ଼ିଆରେ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରାଯାଇଛି। ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ସୌମିତ୍ରି କୁମାର ନାୟକ, ଜିଲା ପରିଷଦ ସଭ୍ୟ ରାକେଶ କୁମାର ତ୍ରିପାଠୀ, ବୌଦ୍ଧ ବ୍ଲକ ଉପାଧ୍ୟକ୍ଷା ପ୍ରାଣେଶ୍ୱରୀ ଦେହୁରୀ ପ୍ରମୁଖ ଯୋଗଦେଇ ମା'ପାଇଁ ଗଛଟିଏ ପରିପ୍ରେକ୍ଷୀରେ ମୁରୁଷୁଣ୍ଡି ଖେଳ ପଡ଼ିଆରେ ବୃକ୍ଷରୋପଣ କରିଥିଲେ। ପରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ବ୍ୟାଟେରୀ ଚାଳିତ ଯାନରଶୁଭ ଉଦ୍‌ଘାଟନ କରିବା ସହ ସ୍ୱଚ୍ଛତା ଉପରେ ଶପଥ ପାଠ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସୁଭଦ୍ରା ଯୋଜନାର ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଜିଲାପାଳ ପଣ୍ଡା ସ୍ୱଚ୍ଛତା ହିଁ ସେବା, ତେଣୁ ସମସ୍ତେ ନିଜ ନିଜସ୍ତରରେ ସ୍ୱଚ୍ଛତା କରିବା ବୋଲି ପ୍ରକାଶ କରିଥିଲେ। ସୁଭଦ୍ରା ଯୋଜନାରେ ଜିଲାରେ ବର୍ତ୍ତମାନ ସୁଦ୍ଧା ୯୧ ହଜାର ଆବେଦନ ହୋଇ ସାରିଥିବାବେଳେ ଯେଉଁମାନେ କରିନାହାନ୍ତି ଶୀଘ୍ର ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ମହିଳାମାନେ ଆର୍ଥିକ ସ୍ୱାବଲମ୍ବି ହେବା ସହିତ ଅନୁଶାସନ, ସମୟାନୁବର୍ତ୍ତିତାହୋଇ ଅର୍ଥକୁ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବଲାଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମୁରୁଷୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସୁଭଦ୍ରା ଯୋଜନା ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ୧୯ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବା ସହିତ ସେପ୍ଟେମ୍ବର ମାସ ମଧ୍ୟରେ ଗୃହ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀମାନଙ୍କୁ ନୂତନ ଗୃହ ପ୍ରବେଶ କରାଯାଇଥିଲା। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଦାମ ଚରଣ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ହରଭଙ୍ଗା ବ୍ଲକଠାରେ ଆୟୋଜିତ ସୁଭଦ୍ରା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ସ୍ନେହଲତା ପ୍ରଧାନ, ବିଡିଓ ଶରତ କୁମାର ସେଠି, ତହସିଲଦାର ବିଭୂପ୍ରସାଦ ସିଂ ଓ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ ଯୋଗଦେଇ ସୁଭଦ୍ରା ଯୋଜନାର ଆଭିମୁଖ୍ୟ ନେଇ ମତବ୍ୟକ୍ତ କରିଥିଲେ।

# ରବିଚନ୍ଦ୍ର ଶ୍ରେଷ୍ଠ ଫାଷ୍ଟଏଡର ଭାବେ ସମ୍ବର୍ଦ୍ଧିତ

ସୋନପୁର, ୧୭।୯ (ମୃତ୍ୟୁଞ୍ଜୟ ଶତପଥୀ)

ଭାରତୀୟ ରେଡ୍‌କ୍ରସ ସୋସାଇଟି ଓ ଓଡ଼ିଶା ରାଜ୍ୟ ଶାଖା ତରଫରୁ ଆୟୋଜିତ ରଜ୍ୟସ୍ତରୀୟ ଉତ୍ସବରେ ରେଡ୍‌କ୍ରସ କର୍ମୀ ତଥା ସୁବର୍ଣ୍ଣପୁର ଜିଲା ଜୁନିୟର ରେଡ୍‌କ୍ରସ ଅଫିସର ରବିଚନ୍ଦ୍ର ପଶାୟତ ରାଜ୍ୟର ସର୍ବଶ୍ରେଷ୍ଠ ଫାଷ୍ଟଏଡର ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି। ଭୁବନେଶ୍ୱରଠାରେ ଓଡ଼ିଶା ରାଜ୍ୟ ଶାଖା ତରଫରୁ ଆୟୋଜିତ ହୋଇଥିବା ବିଶ୍ୱ ଫାଷ୍ଟ ଏଡ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇଥିଲେ। ଦୀର୍ଘ ଦୁଇଦଶନ୍ଧି ଧରି ପ୍ରାଥମିକ ଚିକିତ୍ସା ଅଧ୍ୟାପକ ଭାବେ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ପରାମର୍ଶଦାତା, ଗ୍ରାମ୍ୟ ସଙ୍ଗଠକ ଓ ପୋଲିସ କର୍ମଚାରୀଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରି ଜୀବନ ବଞ୍ଚାଇ ଥିବାରୁ ମୁଖ୍ୟ ଅତିଥି ଷଡ଼ଙ୍ଗୀ ମେମେଣ୍ଟୋ, ଉପଢୌକନ ତଥା ପ୍ରମାଣ ପତ୍ର ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରି ପଶାୟତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ପ୍ରାକ୍ତନ ସଚିବ ସିଟିଏମ ସୁଗୁଣା, ୟୁଥ ରେଡ୍‌କ୍ରସ ସଂଯୋଜକ ରମେଶ ଚନ୍ଦ୍ର ବେହେରା, ଜୁନିୟର ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ସଭାରେ ଉପସ୍ଥିତ ଥିଲେ। ମାୟାବର୍ହା ହାଇସ୍କୁଲର କାର୍ଯ୍ୟରତ ପ୍ରଧାନଶିକ୍ଷକ ରବିଚନ୍ଦ୍ର ପଶାୟତ ପୂର୍ବରୁ ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ରାଜ୍ୟ ଶିକ୍ଷକ ପୁରସ୍କାର ଏବଂ ଶ୍ରେଷ୍ଠ ରେଡ୍‌କ୍ରସ ପରାମର୍ଶଦାତା ଭାବେ ପୁରସ୍କୃତ ହୋଇଥିଲେ।



ରବିଚନ୍ଦ୍ର ପଶାୟତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ମହିଳାଙ୍କ ଖାତାକୁ ଗଲା ସୁଭଦ୍ରା ଯୋଜନା ପ୍ରଥମ କିସ୍ତି ଟଙ୍କା

ଡୁଙ୍ଗୁରିପାଲି, ୧୭।୯ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ପରିସରରେ ଘରେ ଘରେ ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ସମ୍ମାନୀତ ଅତିଥିଭାବେ ବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର, ସିଡିପିଓ ସୁକାନ୍ତି ବେହେରା, ସରପଞ୍ଚ ସଂଘ ସଭାପତି ମନୋଜ କୁମାର ପୁରୋହିତ, ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ, ସାଂସଦଙ୍କ ବ୍ଲକ ପ୍ରତିନିଧି ହେମନ୍ତ ବିଶ୍ୱାଳ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ଯୋଜନାଗୁଡିକକୁ ନେଇ ଅତିଥିମାନେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରିଥିଲେ। ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ସମସ୍ତେ ସ୍ୱଚ୍ଛତା ହିଁ ସେବା ପାଳନ କରିବା ପାଇଁ ସଭାରେ ଶପଥ ନେଇଥିଲେ। ଆରଏମସି ପରିସରରେ ସଫେଇ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଘରେ ଘରେ ସୁଭଦ୍ରା ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) କାର୍ଯ୍ୟାଦେଶ ବଣ୍ଟନର ଶୁଭାରମ୍ଭ କରିଥିଲେ। ଡୁଙ୍ଗୁରିପାଲି ବ୍ଲକରେ ୧୦ ଜଣ ହିତାଧିକାରୀଙ୍କୁ ଘର ତିଆରି ପାଇଁ ମଞ୍ଜୁରି ପତ୍ର ବଣ୍ଟନ କରାଯାଇଛି। ପ୍ରଥମ କିସ୍ତିରେ ୫ହଜାର ଟଙ୍କା ମହିଳାମାନଙ୍କ ଖାତାକୁ ଯାଇଥିବା ବେଳେ ବ୍ଲକରେ ୧୨ହଜାର ମହିଳାଙ୍କ ସୁଭଦ୍ରା ଯୋଜନା ପାଇଁ ଦରଖାସ୍ତ ପଞ୍ଜିକରଣ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଅତିଥିମାନେ।

# ଆଦର୍ଶ ସରକାରୀ ଉପ୍ରା ବିଦ୍ୟାଳୟରେ ଜ୍ଞାନ ବିଜ୍ଞାନ ମେଳା

ସୋନପୁର, ୧୭।୯ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସହର ସ୍ଥିତ ଆଦର୍ଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୋନପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇ ଯୋଗଦେଇ ଜ୍ଞାନ ବିଜ୍ଞାନ ମେଳା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରୁଥିବା କହିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସାହିତ୍ୟିକ ଶ୍ରୀଧର ବାଗ, ସମ୍ମାନିତ ଅତିଥି ସିଆରସିସି ଉମାଶଙ୍କର ମିଶ୍ର ଏବଂ ବିଦ୍ୟାଳୟ ଉପ ସଭାନେତ୍ରୀ ସୀମା ଭେସରା ମଞ୍ଚାସିନ ଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ କବିତା ରାଣୀ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଛାତ୍ରୀ ପମି ନାଗ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ବ୍ରତାନନ୍ଦ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସଂଗୀତା ମହାନ୍ତି, ଅନୁପମା ପାଣ୍ଡିଆ, ମାଳତୀ ଦାସ ଓ ସୁହାସିନୀ ପଟ୍ଟନାୟକ ସହଯୋଗ କରିଥିଲେ।


ଛାତ୍ରଛାତ୍ରୀମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ସ୍କୁଟି ଚାଳକଙ୍କ ଉପରେ ଚଢ଼ିଗଲା ଟ୍ରକ୍, ଯୁବକ ମୃତ

ବେଦବ୍ୟାସ,୧୭।୯(ଆଲୋକ ସ୍ୱାଇଁ)

ଜଣେ ଯୁବକ ସ୍କୁଟି ଚଳାଇ ଯାଉଥିବା ବେଳେ ମଙ୍ଗଳବାର ମଙ୍ଗଳବାର ସନ୍ଧ୍ୟା ସାଢେ ୭ଟାରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଓଭର୍ ବ୍ରିଜ ନିକଟରେ ଏକ ଗାତରେ ପଶିଯିବାରୁ ସେ ତଳେ ପଡ଼ି ଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଉକ୍ତ ଯୁବକଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ ବାସନ୍ତୀ କଲୋନୀର ରାହୁଲ ଜେଶ୍ୱାଲ। ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗହାଉସରେ ରଖିଛି। ବୁଧବାର ବ୍ୟବଚ୍ଛେଦ ହେବ। ମୃତକ ବେଦବ୍ୟାସ ଗୋଦାମରୁ ଘରକୁ ଫେରୁଥିବା ବେଳେ ଏପରି ଦୁର୍ଘଟଣାର ଶିକାର ହୋଇଥିଲେ।

# ଅସଜଡ଼ା ଭିତ୍ତିଭୂମି ପ୍ରାଣୀସମ୍ପଦ ସମୃଦ୍ଧିରେ ପ୍ରତିବନ୍ଧକ

ରାଉରକେଲା,୧୭।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପ୍ରାଣୀସମ୍ପଦ ଚିକିତ୍ସାଳୟ ହେଉଛି ରାଜ୍ୟର ୩ୟ ବୃହତ୍ ପ୍ରାଣୀସମ୍ପଦ ଚିକିତ୍ସାଳୟ। ମାତ୍ର ଦୀର୍ଘବର୍ଷ ହେଲା ଏହି ଚିକିତ୍ସାଳୟର ଭିତ୍ତିଭୂମି ଅସଜଡା ହୋଇପଡିଥିବାରୁ ସହରରେ ପ୍ରାଣୀସମ୍ପଦ ସମୃଦ୍ଧିରେ ବାଧକ ସାଜିଥିବା ଅଭିଯୋଗ ହେଉଛି।

ରାଉରକେଲା ମହାନଗର ନିଗମର ୪୦ ୱାର୍ଡରେ ପ୍ରାଣୀସମ୍ପଦ ସୁରକ୍ଷା ସହିତ ଚିକିତ୍ସା ଦାୟିତ୍ୱ ରାଉରକେଲା ପ୍ରାଣୀସମ୍ପଦ ବିଭାଗ ଉପରେ ନ୍ୟସ୍ତ। ବିଭାଗ ଦ୍ୱାରା କୁକୁର ବନ୍ଧ୍ୟାକରଣ, ଟିକାକରଣ, କୃତ୍ରିମ ପ୍ରଜନନଠୁ ଆରମ୍ଭ କରି ବିଭିନ୍ନ ସମୟରେ ବ୍ୟାପୁଥିବା ଖୁରା, ବେକଫୁଲା, ଆନ୍ଥ୍ରାକ୍ସ, ଚର୍ମବିନ୍ଧି ଆଦି ରୋଗ ନିୟନ୍ତ୍ରଣ କରିବା କାର୍ଯ୍ୟ ମଧ ଉକ୍ତ ବିଭାଗର ଦାୟତ୍ୱ। ରଘୁନାଥପାଲି, ଛେଣ୍ଡ, ବିଶ୍ରା ରୋଡ୍ ଏବଂ ସେକ୍ଟର-୧୪ ସ୍ଥିତ ପ୍ରାଣୀସମ୍ପଦ ଚିକିତ୍ସା କେନ୍ଦ୍ରରେ ୪ଜଣ ପ୍ରାଣୀ ସହାୟକ (ଏଲ୍‌ଆଇ) ପ୍ରାଣୀଙ୍କ ଚିକିତ୍ସା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ତେବେ ଦୀର୍ଘବର୍ଷ ହେଲାଣି ରଘୁନାଥପାଲି ଓ ଛେଣ୍ଡ ଏଲ୍‌ଆଇ କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ଲାଗି


ରାଉରକେଲା ସହରର ମୁଖ୍ୟ ମାର୍ଗରେ ମଇଁଷି ଯାତାୟାତ କରୁଛନ୍ତି।

ବିଭାଗକୁ ଆବଶ୍ୟକ ଜମି ମିଳୁ ନ ଥିବାରୁ ନୂତନ କେନ୍ଦ୍ର ନିର୍ମାଣ ହୋଇପାରୁନାହିଁ। ଭଡାସୂତ୍ରରେ ଦୀର୍ଘ ବର୍ଷ ହେଲା ଉଭୟ କେନ୍ଦ୍ରରେ ପ୍ରାଣୀଧନ ଚିକିତ୍ସା ଚାଲିଛି। ସେହିପରି ବିଶ୍ରା ରୋଡ୍ ଓ ସେକ୍ଟର-୧୪ ଏଲ୍‌ଆଇ କେନ୍ଦ୍ର ଦୀର୍ଘବର୍ଷ ହେଲାଣି ମରାମତି ଅଭାବରୁ ଜରାଜୀର୍ଣ୍ଣ ହେବାରେ ଲାଗିଛି । ଫଳରେ ସହରର ପ୍ରାଣୀସମ୍ପଦ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି।

ରାଉରକେଲା ପ୍ରାଣୀଧନ ବିଭାଗ ଅଧୀନରେ ଗାଈ ୭୧୦୨, ମଇଁଷି ୧୬୮୬, ମେଣ୍ଢା ୧୨୧, ଛେଳି ୪୭୧୧, ଘୁଷୁରୀ ୩୫୯, ବତକ ୨୧୯, କୁକୁର ୯୫୮୦, ବଳଦ ୫୮୦, କୁକୁଡା ୧୪୩୩୭ ଏବଂ ପୋଷାକୁକୁର ୧୫ହଜାର ରହିଛନ୍ତି। ତେବେ ଏହି ପ୍ରାଣୀଙ୍କ ଚିକିତ୍ସାରେ ସହଯୋଗ ପାଇଁ ୪ଟି ଏଲ୍‌ଆଇ କେନ୍ଦ୍ରରେ ୪ର୍ଥ କର୍ମଚାରୀ ନାହାନ୍ତି। ପ୍ରାଣୀ ସହାୟକମାନେ ସବୁକାମ ନିଜେ ତୁଲାଉଛନ୍ତି। ଦୀର୍ଘବର୍ଷ ହେଲା ରାଉରକେଲା ପ୍ରାଣୀଧନ କାର୍ଯ୍ୟାଳୟରେ ଚୌକିଦାର ନ ଥିବା ବେଳେ ଚତୁର୍ଥ କର୍ମଚାରୀ ପଦ ପୂରଣ ହେଉନାହିଁ। ୪ ପ୍ରାଣୀସମ୍ପଦ ବିଶେଷଜ୍ଞ ସ୍ଥଳେ ୩ଜଣ ଭରସାରେ ଚାଲିଛି ସହରର ପ୍ରାଣୀସମ୍ପଦ ଚିକିତ୍ସା ସେବା। ଏତଦବ୍ୟତୀତ ଆବଶ୍ୟକ ମୁତାବକ ଔଷଧପତ୍ର ମଧ ମୁଖ୍ୟକେନ୍ଦ୍ରରୁ ଆସୁନାହିଁ। ଏକମାତ୍ର ଭେଟେନାରୀ ୟୁନିଟ୍ ସହରସାରା ଭ୍ରାମ୍ୟମାଣ କ୍ୟାମ୍ପ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଭେଟେନାରୀ ୟୁନିଟ ବୃଦ୍ଧି ଦାବି ପୂରଣ ହେଉନାହିଁ। କର୍ମଚାରୀଙ୍କ ରହିବା ଲାଗି କ୍ୱାର୍ଟର ବ୍ୟବସ୍ଥା ମଧ ନାହିଁ । ବିଭାଗର ଅସଜଡା ଭିତ୍ତିଭୂମି କାରଣରୁ ସହରରେ ପ୍ରାଣୀ ସମ୍ପଦର ସାମଗ୍ରିକ ସମୃଦ୍ଧିରେ ବାଧା ସୃଷ୍ଟି ହେଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଏ ନେଇ ରାଉରକେଲା ପ୍ରାଣୀସମ୍ପଦ ବିଭାଗ ଅଧିକାରୀ ପ୍ରସନ୍ନ କୁମାର ମହାରଣାଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲା ପ୍ରାଣୀ ଚିକିତ୍ସାଳୟର ପୂର୍ବ ସମସ୍ୟା ଧୀରେ ଧୀରେ ସମାଧାନ ହେଉଛି। ଇତିମଧ୍ୟରେ ହସ୍ପିଟାଲ କ୍ୟାମ୍ପସରେ ୧ କୋଟି ୬୦ଲକ୍ଷ ବ୍ୟୟରେ ନୂତନ ହସ୍ପିଟାଲ ବିଲ୍ଡିଂ କାମ ଚାଲିଛି। ବିଲ୍ଡିଂ ହେଲା ପରେ କର୍ମଚାରୀଙ୍କ ସମସ୍ୟା ଦୂର ହେବ। ତେବେ ବହୁ ସମସ୍ୟା ରହିଛି । ଭିତ୍ତିଭୂମି ସଜଡା ଓ ପ୍ରାଣୀ ସମ୍ପଦ ସେବାରେ ଉନ୍ନତି ପାଇଁ ଆଗକୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଥିଲେ।

## ଜାତୀୟସ୍ତରୀୟ କର୍ମଶାଳା ଉଦ୍‌ଯାପିତ


କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୧୭।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ କଲେଜରେ ଚାଲିଥିବା 'ବିଜ୍ଞାନ ଓ ଆଧ୍ୟାତ୍ମିକତା: ଆଜିର ଆବଶ୍ୟକତା' ଶୀର୍ଷକ ଦ୍ୱିଦିବସୀୟ ଜାତୀୟସ୍ତରୀୟ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ କଲେଜ ଅଧ୍ୟକ୍ଷ ଡକ୍ଟର ସନାତନ ପଧାନ ସଭାପତିତ୍ୱ କରିଥିଲେ। ସମାରୋହରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଉପକୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ଓ ପାନପୋଷ ଉପ ଜିଲାପାଳ ବିଜୟ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଜାତୀୟ ସ୍ତରୀୟ କର୍ମଶାଳାରେ ୮ଟି କଳାଂଶରେ ଭାରତର ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନରୁ ୨୬ଜଣ ପତ୍ରବାଚକ ଏବଂ ୨୬୪ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ। ଦୁଇଦିନ ଧରି ଚାଲିଥିବା ପ୍ରାସଙ୍ଗିକ ତର୍କର ନିଷ୍କର୍ଷରେ ବିଜ୍ଞାନର ଆବଶ୍ୟକତା ରହିଛି କିନ୍ତୁ ଏହା ସମ୍ପୂର୍ଣ୍ଣ ନୁହେଁ। ବିଜ୍ଞାନ ସହିତ ଅଧ୍ୟାତ୍ମ ଅଧ୍ୟୟନ ଓ ଅଭ୍ୟାସ ପ୍ରତ୍ୟେକ ବ୍ୟକ୍ତି ପାଇଁ ଜରୁରୀ। ବିଜ୍ଞାନ ଭଳି ଅଧ୍ୟାତ୍ମ ପରାକାଷ୍ଠା ଲାଭ ପାଇଁ ସଂସ୍କୃତ ଭାଷା, ଆଧ୍ୟାତ୍ମିକତା, ଭାରତୀୟ ଦର୍ଶନ ଓ ସଂସ୍କୃତି ବିଶ୍ୱ କଲ୍ୟାଣକାରୀ ଓ ଏହାର ଅଧିକ ଅଧ୍ୟୟନ ଅତି ଜରୁରୀ ବୋଲି ନିଷ୍କର୍ସକୁ ସାର୍ବଜନୀନ କରାଯାଇଥିଲା। ଦୀପ୍ତି ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା, ବିଜୟଲକ୍ଷ୍ମୀ ଦେଓ ଅତିଥି ପରିଚୟ ଏବଂ ଡକ୍ଟର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ କଲେଜର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ମହିଳାଙ୍କ ସାମାଜିକ, ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ସୁଭଦ୍ରା

ରାଉରକେଲା,୧୭।୯(ଦିନେଶ ମିଶ୍ର)

**ରାଉରକେଲାରେ କାର୍ଯ୍ୟକ୍ରମର ଶୁଭାରମ୍ଭ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱର ଜନତା ମଇଦାନରେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ପକ୍ଷରୁ ସେକ୍ଟର-୧୮ ସ୍ଥିତ ଉପହାର କନ୍‌ଭେନଶନ ହଲରେ ୨୫ଶହରୁ ଉର୍ଦ୍ଧ୍ୱ ମହିଳାଙ୍କ ଉପସ୍ଥିତିରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣି, ସୁନ୍ଦରଗଡ ଏମ୍‌ପିଙ୍କ ପ୍ରତିନିଧି ପ୍ରମିଳା ଦାସ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି ଯୋଜନା ଆଗାମୀ ଦିନରେ ମହିଳାମାନଙ୍କ ସାମାଜିକ ତଥା ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନିତ କରିବା ଦିଗରେ ବିଶେଷ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ଆର୍‌ଏମ୍‌ସି ପକ୍ଷରୁ ସହରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତାକୁ ନେଇ ବ୍ୟାପକ କାର୍ଯ୍ୟକ୍ରମ କରାଯିବ ବୋଲି ଆରଏମ୍‌ସି ଯୁଗ୍ମଆୟୁକ୍ତ ପଲ୍ଲବୀ ନାୟକ ସୂଚନା ଦେଇଥିଲେ। ଏଥିସହ ସମସ୍ତ ସହରବାସୀ ବ୍ୟକ୍ତିଗତ ତଥା ସାମୂହିକ ଭାବେ ସ୍ୱଚ୍ଛତା ଆପଣେଇବାକୁ ଆହ୍ୱାନ ଦେବା ସହ ଏହି ଅଭିଯାନକୁ ସଫଳ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତ ବର୍ଷ ବିଷୟ ବସ୍ତୁ 'ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା'କୁ ଆଧାର କରି ସଭିଏଁ ଏକ ସ୍ୱଚ୍ଛ ଓ ସୁସ୍ଥ ରାଉରକେଲା ଗଠନ ଲାଗି ପ୍ରତିଶ୍ରୁତିବଦ୍ଧ ହେବାକୁ ଆରଏମ୍‌ସି ଡେପୁଟି କମିଶନର ଅନୀତା ନାଏକ ଉପସ୍ଥିତ ଅତିଥି ଓ ଜନତାଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଆରଏମ୍‌ସି ପୌରାୟୁକ୍ତ ତରୁଣକାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କାଙ୍କ ସମେତ ସମନ୍ୱିତ ଶିଶୁ ବିକାଶ ଯୋଜନାର ପ୍ରକଳ୍ପ ଅଧିକାରୀ, ଆରଏମ୍‌ସି ଅଧିକାରୀ, ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ମହିଳା, ସୁଭଦ୍ରା ଯୋଜନାର ହିତାଧିକାରୀମାନେ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।


ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ ହେଉଛନ୍ତି।

## ୪୫ରୁ ଉର୍ଦ୍ଧ୍ୱ ମୂର୍ତ୍ତି ସାମିଲ, କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ

ରାଉରକେଲା,୧୭।୯(ବିପ୍ଳବ ରଞ୍ଜନ ଦାଶ)

**ସ୍ୱରାଗିଣୀ ପକ୍ଷରୁ ମା' ଖୁଦୁରୁକୁଣୀ ମେଳଣ**

ରାଉରକେଲା ସହରର ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ସ୍ୱରାଗିଣୀର ତୃତୀୟ ମା' ଖୁଦୁରୁକୁଣୀ ମେଳଣ ପର୍ବ-୨୦୨୪ ସେକ୍ଟର-୨୦ ଡି-ବ୍ଲକ ସ୍ଥିତ ଶ୍ରୀ ଶ୍ରୀ ସୋମନାଥ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମଙ୍ଗଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳଣରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଆର୍‌ଏସ୍‌ପିର ସିଜିଏମ୍ ଡକ୍ଟର ଗିରିଜା ଶଙ୍କର ଦାସ ଏବଂ ଆର୍‌ଏସ୍‌ପି ସଞ୍ଚାର ମୁଖ୍ୟ ତଥା ଲୋକସମ୍ପର୍କ ବିଭାଗର ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ ଅତିଥି ଭାବେ ଯୋଗଦାନ କରିଥିଲେ। ମେଳଣରେ ୪୫ରୁ ଉର୍ଦ୍ଧ୍ୱ ଖୁଦୁରୁକୁଣୀ ମୂର୍ତ୍ତି ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସଙ୍ଗୀତ ଗୁରୁ ଶୁକଦେବ ଜେନା, କଥକ ନୃତ୍ୟଶିଳ୍ପୀ କେତକୀ ଭଟ୍ଟାଚାର୍ଯ୍ୟ, କ୍ରୀଡାବିତ୍ ସସ୍ମିତା ପଟ୍ଟନାୟକ ଏବଂ ସମାଜସେବୀ କାଜଲ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜ୍ୟୋସ୍ନାରାଣୀ ଉପାଧ୍ୟାୟ ଓ ସୀମା ମହନ୍ତ ବିଚାରକ ଭାବେ ଯୋଗଦାନ କରି ମୂର୍ତ୍ତିଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ରେଣୁବାଳା ବାରିକ ପ୍ରଥମ, ଦୀପଶିଖା ନାୟକ ଦ୍ୱିତୀୟ, ବର୍ଷା ସାହୁ ଓ ସିମରନ ପାଢୀ ଯୁଗ୍ମ ଭାବେ ତୃତୀୟ କୃତୀ ପ୍ରତିଯୋଗୀ ବିବେଚିତ ହୋଇଥିଲେ। ଏହାପରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନ ଅଧ୍ୟକ୍ଷ ମଙ୍ଗଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାପତି ସାଗରିକା ସାହାଣୀ, ସମ୍ପାଦିକା ମମତାଞ୍ଜଳି ଦାସ, ସାଂସ୍କୃତିକ ସମ୍ପାଦିକା ରଶ୍ମିରାଣୀ ନାୟକ ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ। ଦୀପ୍ତି ନାୟକ, ସୁନିତା ବିଶ୍ୱାଳ, ପ୍ରତିମା ବେହେରା, ବିଷ୍ଣୁପ୍ରିୟା ସାହୁ, ରିତା ସାହୁ, ପୁଷ୍ପଲତା ବିଶ୍ୱାଳ, ମୀନତି ତ୍ରିପାଠୀ, ବାସନ୍ତୀ ସେଠୀ, ସୋମା ଭଟ୍ଟାଚାର୍ଯ୍ୟ, ଉର୍ମିଳା ପରିଡା, ପଦ୍ମାରାଣୀ ବେହୁରା, ସ୍ୱର୍ଣ୍ଣଲତା ମହାନ୍ତି, ରୂପା ଜ୍ୟୋତି, ଜ୍ୟୋସ୍ନାରାଣୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସଭାପତି ସାଗରିକା ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଗବତରେ ସମାଜକୁ ଦିଗ୍‌ଦର୍ଶନ ଦେବା ଭଳି କଥା ଥାଏ

ରାଉରକେଲା,୧୭।୯(ଦିନେଶ ମିଶ୍ର)

**ତ୍ରିଦିବସୀୟ ଭାଗବତ କଥାମୃତ ଉଦ୍‌ଯାପିତ**

କୋଏଲନଗର ଏ' ବ୍ଲକ ସ୍ଥିତ ବାବା ଆଖଣ୍ଡଳମଣି ଓ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଭାଗବତ କଥାମୃତ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଆଧ୍ୟାତ୍ମିକ ପ୍ରବଚକ ଡକ୍ଟର କୃଷ୍ଣକେଶବ ଷଡଙ୍ଗୀ ଯୋଗଦେଇ ପ୍ରତି ସନ୍ଧ୍ୟା ୭ଟାରେ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ମୂଳ ସଂସ୍କୃତ ଭାଗବତ ମହାପୁରାଣ ଆଧାରିତ ଭାଗବତ କଥାମୃତ ପରିବେଷଣ କରିଥିଲେ। ଭାଗବତ କଥାମୃତର ପ୍ରଥମ ଦିନରେ କାଳୀୟଦଳନ ଲୀଳା ସମ୍ପର୍କରେ ଆଲୋଚନା କରି ପ୍ରବଚକ ଷଡଙ୍ଗୀ କହିଥିଲେ, କଥା ଓ କାହାଣୀ ମଧ୍ୟରେ ସୂକ୍ଷ୍ମ ପ୍ରଭେଦ ରହିଛି। ପ୍ରତ୍ୟେକ ପୌରାଣିକ ହେଉଛି କଥା । ଭାଗବତରେ କୌଣସି କାହାଣୀ ନ ଥାଏ, କେବଳ ସମାଜକୁ ଦିଗ୍‌ଦର୍ଶନ ଦେବା ପାଇଁ କଥା ରହିଛି। ଏହାସହ କଥାର ୩ଟି ଉତ୍ତରଣ ଶ୍ରଦ୍ଧା, ରତି ଓ ଭକ୍ତି ସମ୍ପର୍କ ତଥା କାଳୀୟଦଳନ ବିଷୟରେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିବସରେ ବଳିବାମନ ଲୀଳା ବିଷୟରେ ଡକ୍ଟର ଷଡଙ୍ଗୀ ଆଲୋଚନା କରିଥିଲେ। ସବୁ ସ୍ଥାନରେ ସତ୍ୟ ଧର୍ମ ନୁହଁ। ସ୍ତ୍ରୀ ପାଖରେ, ଥଟ୍ଟା ପରିହାସରେ, ଘଟସୂତ୍ର ବୃତ୍ତିରେ, ପ୍ରାଣ ସଙ୍କଟ ସମୟରେ, ଗାଈ ଓ ବ୍ରାହ୍ମଣଙ୍କ ସୁରକ୍ଷା ସମୟରେ ମିଥ୍ୟା କହିଲେ ଗ୍ରହଣୀୟ ବୋଲି ସେ କହିଥିଲେ। ସେହିପରି ତୃତୀୟ ଦିନରେ ଦାମୋଦର ଲୀଳା ସମ୍ପର୍କରେ ଆଲୋଚନା କରି କାର୍ତ୍ତିକ ମାସର ମାହାତ୍ମ୍ୟ, କୃଷ୍ଣଲୀଳା ମାଧ୍ୟମରେ ସମାଜରେ ଶିକ୍ଷା, ଐଶ୍ୱର୍ଯ୍ୟ ଓ ବାତ୍ସଲ୍ୟ, ଯଶୋଦା ଓ କୃଷ୍ଣଙ୍କ ସମ୍ପର୍କରେ ଆଲୋଚନା କରିବା ସହ ଭଲ କାମ କଲେ ଭଲଫଳ ଓ ମନ୍ଦ କାମ ମନ୍ଦଫଳ ମିଳିଥାଏ ବୋଲି ଡକ୍ଟର ଷଡଙ୍ଗୀ କହିଥିଲେ। ଉଦ୍‌ଯାପନୀ ଦିବସରେ ପାନପୋଷ ଉପଜିଲାପାଳ ବିଜୟ କୁମାନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଗବତ କଥାମୃତ ଶ୍ରବଣ କରିଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆଲୋକ ରଞ୍ଜନ ମଲ୍ଲିକ, ବ୍ରଜେନ୍ଦ୍ର ଦାଶ, ମହେନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପ୍ରବଚକ ଡକ୍ଟର ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ୩ ଦିନିଆ ଭାଗବତ କଥାମୃତରେ ସ୍ଥାନୀୟ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଉଭୟ ଟ୍ରଷ୍ଟର କର୍ମକର୍ତ୍ତା ସହଯୋଗ କରିଥିଲେ।


ଉଦ୍‌ଯାପନୀ ଦିବସରେ ପ୍ରବଚକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଲାଠିକଟାରେ ସୁଭଦ୍ରାର ଶୁଭାରମ୍ଭ

ରାଉରକେଲା,୧୭।୯(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଛି। ଲାଠିକଟା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଓଡିଶାର ମହିଳାମାନଙ୍କ ହାତମୁଠାକୁ ଟାଣ କରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପାନପୋଷ ଉପ ଜିଲାପାଳ ବିଜୟ କୁମାର ନାୟକ, ବିଡ଼ିଓ ମାନସ ସାହୁ, ମୁଣ୍ଡାଜୋର ସରପଞ୍ଚ ଶାକାରୀ ଓରାମ, ଅରୁଣା କିଷାନ, ଭାଜପା ନେତା ଅମୃତଲାଲ ଓରାମ, ବାସୁ ସରଦଳିଆ ଏବଂ ସଞ୍ଜୟ ଭୁମିଜ ପ୍ରମୁଖ ଉପସ୍ଥିତ ଥିଲେ।

## ନନ୍ଦଗାଁ ଥିମ୍‌ରେ ସୁସଜ୍ଜିତ ପୂଜାକ୍ଷେତ୍ର

ରାଉରକେଲା,୧୭।୯(ଦିନେଶ ମିଶ୍ର)

**ଗୃହସ୍ଥୀ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ**

ଛେଣ୍ଡ ସ୍ଥିତ ଗୃହସ୍ଥୀ କାର୍ଯ୍ୟାଳୟ ପରିସରରେ ଗୃହସ୍ଥୀ ପରିବାର ପକ୍ଷରୁ ଧୁମ୍‌ଧାମ୍‌ରେ ବିଶ୍ୱକର୍ମା ପୂଜା ଅଧ୍ୟକ୍ଷ ଗଣେଶ ବାଗେଡିଆଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ପଣ୍ଡିତ ବିନୁନାଥ ଶର୍ମାଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଘଟ ସ୍ଥାପନା କରାଯାଇଥିଲା। ପରେ ନବଗ୍ରହ, ଚତୁଃ ଦିଗପାଳ ପୂଜା କରାଯାଇ ବିଧି ଅନୁସାରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଏମ୍‌ଡି ଗୋକୁଲ ଆନନ୍ଦ ବାଗେଡିଆ ଯୋଗଦେଇ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଗୃହସ୍ଥୀ ପରିବାର ପକ୍ଷରୁ ପୂଜାକ୍ଷେତ୍ରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଓ ନନ୍ଦଗାଁ ଗୋଶାଳାର ଥିମ୍‌କୁ ନେଇ ସଜ୍ଜିତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ଦେଶ ଭାରିମାତ୍ରାରେ ପ୍ରଗତି ଆଡକୁ ଗତି କରୁଥିବାରୁ ତାଙ୍କୁ ଭାରତର ବିଶ୍ୱକର୍ମା ବୋଲି ଅଧ୍ୟକ୍ଷ ବାଗେଡିଆ ସମ୍ବୋଧନ କରିଥିଲେ। ପରେ ଗୃହସ୍ଥୀ ପରିବାର ପକ୍ଷରୁ ସ୍ଥାନୀୟ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଅମିତ ଅଗ୍ରୱାଲ, ଅବିନାଶ ମିଶ୍ର, ଟି. ପୁରୁଷୋତ୍ତମ, ଜୁଲି ମିଶ୍ର, ପ୍ରଫୁଲ, ମିଲି ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।


ପୂଜାମଣ୍ଡପକୁ ନନ୍ଦଗାଁ ଥିମ୍‌ରେ ସଜ୍ଜିତ କରାଯାଇଛି।

## ବଢୁଛି ମୂର୍ତ୍ତିପୂଜା, ବିସର୍ଜନ ପାଇଁ ସ୍ଥାନ ଅଭାବ

ରାଉରକେଲା,୧୭।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ପୂଜାପାର୍ବଣ ପ୍ରତି ଲୋକଙ୍କ ରୁଚି ବୃଦ୍ଧି ପାଇବାରେ ଲାଗିଛି। ଫଳରେ ରାଉରକେଲା ସହରାଞ୍ଚଳ ଓ ଶିଳ୍ପାଞ୍ଚଳର ପ୍ରତ୍ୟେକ ଗଳିକନ୍ଦିରେ ପୂଜାପାର୍ବଣ ସମୟରେ ଦେବଦେବୀଙ୍କ ପୂଜା ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ମାତ୍ର ଏହି ସମୟରେ ନିର୍ମିତ ହଜାର ହଜାର ମୂର୍ତ୍ତିକୁ ବିସର୍ଜନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲେ ମଧ ତାହା ପର୍ଯ୍ୟାପ୍ତ ହେଉନାହିଁ। ଫଳରେ ମୂର୍ତ୍ତି ବିସର୍ଜନ ପରେ ଉକ୍ତ ନଦୀଘାଟ ପ୍ରଦୂଷିତ ହେଉଛି।

ପାର୍ବଣ ସମୟରେ ମୂର୍ତ୍ତି ବିସର୍ଜନ ଜନିତ ପ୍ରଦୂଷଣ ରୋକିବା ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ ବାଲୁଘାଟରେ ବିସର୍ଜନ ଘାଟ ନିର୍ମିତ ହୋଇଛି। ଏହି ବିସର୍ଜନ ଘାଟ ୧କୋଟି ୬୯ଲକ୍ଷ ଟଙ୍କା ବ୍ୟୟରେ ୨୦୨୨ ସେପ୍ଟେମ୍ବରରେ ଆରମ୍ଭ ହେଲା। ବିସର୍ଜନ ଘାଟରେ ଆମ୍ଫିଥିଏଟର, ସିକ୍ୟୁରିଟି ରୁମ, ପମ୍ପ ହାଉସ, ମୂର୍ତ୍ତି ବିସର୍ଜନ ପାଇଁ ଆଡଜେଷ୍ଟ ଗାଡି ବାବଦ ୮୯ ଲକ୍ଷ ଟଙ୍କା


ବିସର୍ଜନ ଘାଟରେ ପିଲାଏ ମୂର୍ତ୍ତି ବିସର୍ଜନ ପରେ ସ୍ନାନ କରୁଛନ୍ତି।

ଓ ଗ୍ୟାଲେରୀ ପାଇଁ ୮୦ଲକ୍ଷ ଟଙ୍କା ସ୍ୱତନ୍ତ୍ର ବ୍ୟୟବରାଦ ରଖାଗଲା। ୨୦୨୩ ଅଗଷ୍ଟରେ ନିର୍ମାଣ କାମ ସମ୍ପୂର୍ଣ୍ଣ ହେଲା। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ସହରର ପୂଜା କମିଟିଗୁଡିକ ଗଣେଶ, ବିଶ୍ୱକର୍ମା ଓ ଦୁର୍ଗାପୂଜା ପରେ ଘାଟରେ ମୂର୍ତ୍ତି ବିସର୍ଜନ କରାଗଲା। ମାତ୍ର ମୂର୍ତ୍ତି ସଂଖ୍ୟା ଅନୁସାରେ ବିସର୍ଜନ ଘାଟର କ୍ଷମତା କମ୍ ଥିବା ଏବଂ ବିଷାକ୍ତ ରାସାୟନିକ ରଙ୍ଗ ଯୋଗୁ ଜଳ ପ୍ରଦୂଷିତ ହେଉଛି। ଫଳରେ ବ୍ରାହ୍ମଣୀ ନଦୀଜଳ ଜଳଜୀବ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ଘାତକ ସାଜୁଛି। ଏଥିସହ ବିସର୍ଜନ ଘାଟ ଆଖପାଖ ଅଞ୍ଚଳର ଜଳ ଓ ବାୟୁ ମଧ ଦୂଷିତ ହେଉଛି।

ରାଉରକେଲାର ପୂର୍ବତନ କେନ୍ଦ୍ରୀୟ ପୂଜା କମିଟି ସଭାପତି ସୁରେଶ ପ୍ରଧାନଙ୍କ କହିବା ଅନୁସାରେ ସହରର ପ୍ରତି ଗଳିକନ୍ଦିରେ ପୂଜାପାର୍ବଣରେ ମୂର୍ତ୍ତିପୂଜା ହେଉଛି । ଏଣୁ ମୂର୍ତ୍ତି ବିସର୍ଜନ ହେବା ସ୍ୱାଭାବିକ କଥା। ମାତ୍ର ଆରଏମ୍‌ସି ପକ୍ଷରୁ ସହରରେ ବୃଦ୍ଧି ପାଉଥିବା ପୂଜାପାର୍ବଣ ଅନୁପାତରେ ବିସର୍ଜନ ଘାଟକୁ ମଧ ଅଧିକ କ୍ଷମତାସମ୍ପନ୍ନ କରାଇବା କଥା। ମାତ୍ର ତାହା ନ ହେବାରୁ କ୍ଷମତାଠାରୁ ଅଧିକ ମୂର୍ତ୍ତି ଘାଟରେ ବିସର୍ଜିତ ହେଉଛି। ଫଳରେ ଘାଟଜଳ ପ୍ରଦୂଷଣ ହେଉଛି ବୋଲି ସେ କହିଥିଲେ। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ କହିଥିଲେ, ଖୁବଶୀଘ୍ର ବିସର୍ଜନ ଘାଟର ଅବଲୋକନ କରାଯିବ। ଏଥିସହ ସହରରେ ବିଷାକ୍ତ ରସାୟନ ପ୍ରଲେପ ମୂର୍ତ୍ତି ଉପରେ ମଧ ଅଙ୍କୁଶ ଲଗାଯିବ। ପରେ ବିସର୍ଜନ ଘାଟ ପାଣି ନମୁନା ପରୀକ୍ଷା କରାଯିବ। ଯେଉଁଭଳି ବିସର୍ଜନ ଘାଟଜଳ ଶୁଦ୍ଧ ଓ ନିର୍ମଳ ରହିବ ତା ଉପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

ପ୍ରକାଶଥାଉକି ଆଉ କେଇଦିନ ପରେ ଦଶହରା। ଦଶହରାରେ ସାରା ସହରରେ ପୂଜାର୍ଚ୍ଚନା ହେବ। ଏଣୁ ସମୟ ପୂର୍ବରୁ ବିସର୍ଜନ ଘାଟରେ ସୁବ୍ୟବସ୍ଥା କରିବା ଉପରେ ଆର୍‌ଏମ୍‌ସି ଯତ୍ନଶୀଳ ହେବା ଆବଶ୍ୟକ ବୋଲି ସହରର ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ମନ୍ଥରଗତିରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପ

କୁଚିଣ୍ଡା,୧୭।୯(ବିରଞ୍ଚି ଦର୍ଶୀ)

ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ପିଇବା ପାଣି ଯୋଗାଇ ଦେବାକୁ କେନ୍ଦ୍ର ସରକାର ହରଘର ଜଳ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ସମ୍ବଲପୁର ଜିଲା କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ୨୦୨୨-୨୩ରୁ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ଯୋଗାଣ କାମ ମନ୍ଥର ଗତିରେ ଚାଲିଛି। ୫୦ପ୍ରତିଶତ ପାଇପ ବିଛା କାମ ସରିଥିଲେ ହେଁ ଅବଶିଷ୍ଟ କାମ ଅଟକି ରହିଛି। ସେହିପରି ସିଡବ୍ଲ୍ୟୁଆର (କ୍ଲିୟର ୱାଟର ରିଜର୍ଭର), ଆଇବିପିଏସ(ଇଣ୍ଟରନାଲ ବୁଷ୍ଟିଙ୍ଗ ପମ୍ପ ସିଷ୍ଟମ), ପମ୍ପ ଡିଜାଇନ, ଜାତୀୟ ରାଜପଥ ଅନୁମତି, ବିଦ୍ୟୁତ୍ ସବଷ୍ଟେଶନ ଆଦି ଅନୁମୋଦନ ଓ ମଞ୍ଜୁରୀପ୍ରାପ୍ତ ହୋଇ ନ ଥିବାରୁ କାମ ଆଗେଇ ପାରୁ ନ ଥିବା ଟେଣ୍ଡର ପାଇଥିବା ଠିକାସଂସ୍ଥା କହୁଛି।

ବାମରା ବ୍ଲକର ୧୭ ଓ କୁଚିଣ୍ଡା ବ୍ଲକର ୧୩ ପଞ୍ଚାୟତକୁ ନେଇ ମେଗା ପାନୀୟ ଜଳ ଯୋଗାଣ ପାଇଁ କୋଲକାତାର ଲେୟର ପାୱାର ଓ ଇନଫ୍ରା ପ୍ରାଇଭେଟ ଲିଃ ନାମକ ଏକ ଠିକାସଂସ୍ଥା ଟେଣ୍ଡର ପାଇ କାମ ଆରମ୍ଭ କରିଛି। ବ୍ୟୟ ଅଟକଳ ରହିଛି ୧୬୨କୋଟି ୯୮ଲକ୍ଷ ୬୪ ହଜାର ୫୭୭ ଟଙ୍କା। ଉଭୟ ବ୍ଲକର ୨୧୭ ଗ୍ରାମର ପ୍ରତି ଘରକୁ ପାଇପ ଯୋଗେ ପିଇବା ପାଣି ସଂଯୋଗ ପ୍ରାବଧାନ ରହିଛି। ୨୦୨୨ଜୁନ ୮ରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୪ ଜୁନ ୭ରେ ଶେଷ କରିବାକୁ ଠିକାସଂସ୍ଥା ଚୁକ୍ତିନାମା କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସଂଶୋଧିତ ହୋଇ ୨୦୨୫ ଜୁନ ୭କୁ ଧାର୍ଯ୍ୟ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଝାରସୁଗୁଡ଼ା ଜିଲା ଇବ ନଦୀରୁ ଜଳ ଯୋଗାଣ ହୋଇ ଲଇକେରା ବ୍ଲକର ବରହାମୂଷା ଏବଂ କୁଚିଣ୍ଡା ବ୍ଲକର ଜୁନାନୀଠାରେ ପ୍ରାୟ ୨୦ ଇଏମଏଲଡି ସଂରକ୍ଷଣ ବିଶିଷ୍ଟ ୨ଟି ଟାଙ୍କିରୁ ଏହା ବାମରା ବ୍ଲକର ୧୭ ଏବଂ କୁଚିଣ୍ଡା ବ୍ଲକର ୧୩ଟି ପଞ୍ଚାୟତକୁ ଜଳଯୋଗାଣ ଯୋଜନା ରହିଛି। ଏଥିପାଇଁ ସମସ୍ତ ୩୦ ପଞ୍ଚାୟତରେ ଗୋଟିଏ ଲେଖାଏ ସୁଉଚ୍ଚ ଜଳ ସଂରକ୍ଷଣ ଟାଙ୍କି ନିର୍ମାଣ ଚାଲିଛି। ଏହାଛଡା ଜଳ ଯୋଗାଣ ପାଇଁ ପ୍ରତି ଗ୍ରାମରେ ପାଇପ ବିଛା କାମ ଚାଲିଛି। ଚୁକ୍ତିନାମା ମୁତାବକ ପାଇପ ଲାଇନ କାମ ୫୦ ପ୍ରତିଶତ ସରିଥିବା ବେଳେ ଆଉ ୫୦ ପ୍ରତିଶତ ବିଭାଗୀୟ ମଞ୍ଜୁରୀ ମିଳି ନ ଥିବା ଯୋଗୁ ଅଟକି ରହିଛି। ବାମରା ବ୍ଲକର ବାବୁନିକ୍ତିମାଲ, ରଙ୍ଗିଆଟିକିରା, କୁଟାରିମାଲ ଓ କୁଚିଣ୍ଡା ବ୍ଲକର କେବଳ କୁଟୁରାବୁଆଁ ପଞ୍ଚାୟତର ଟାଙ୍କି କାମ ସରିଥିବା ବେଳେ ୧୦ରୁ ୧୨ଟାଙ୍କି କାମ ବଟମ ଲେଭେଲ ଭର୍ଟିକାଲ ପର୍ଯ୍ୟନ୍ତ ଯାଇଛି। ଅଧିକାଂଶ ଟାଙ୍କି କାମ ୫୦ପ୍ରତିଶତ ତଳେ ଥିବା ବେଳେ କେତେକ ପଞ୍ଚାୟତରେ କେବଳ କଲମ ଆରମ୍ଭ ହୋଇଛି। ରବଗା, ବାଙ୍କେ ଓ କୁଲେଇଗଡ ପଞ୍ଚାୟତରେ ଏ ପର୍ଯ୍ୟନ୍ତ ଟାଙ୍କି କାମ ଆରମ୍ଭ ହୋଇନାହିଁ। ଇତିମଧ୍ୟରେ ୨ ବର୍ଷ ଅତିକ୍ରାନ୍ତ ହୋଇଥିବା ବେଳେ ୨୦୨୫ ଜୁନ ୭ରେ କାମ ସମାପନ ଅବଧି ରହିଛି। ପ୍ରାୟ ୪୦ପ୍ରତିଶତ କାମ ହୋଇଥିବା ବେଳେ ଆଉ ମାତ୍ର ୧୧ ମାସ ମଧ୍ୟରେ ଏହା କିଭଳି ସମ୍ପୂର୍ଣ୍ଣ ହେବ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ପାଇପଲାଇନ, ସିଡବ୍ଲ୍ୟୁଆର, ଆଇବିପିଏସ, ପମ୍ପ ଡିଜାଇନ, ଜାତୀୟ ରାଜପଥ ଅନୁମତି ସହ ବିଦ୍ୟୁତ୍ ସବଷ୍ଟେଶନ ପାଇଁ ଏ ପର୍ଯ୍ୟନ୍ତ ଅନୁମୋଦନ ହୋଇ ନ ପାରି ସ୍ଥଗିତ ରହିଛି। ବାରମ୍ବାର ଅନୁରୋଧ ପରେବି ଏହାର ଅନୁମୋଦନ ଓ ମଞ୍ଜୁରୀ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ଦେଖାଉ ନ ଥିବାରୁ କାମ ଅଗ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଠିକାସଂସ୍ଥା ପ୍ରୋଜେକ୍ଟ ମ୍ୟାନେଜର ସନ୍ତୋଷ କୁମାର ମିଶ୍ର କହିଛନ୍ତି।

ବରହାମୂଷାରୁ ବାମରା ବ୍ଲକ ଲରିଆପାଲି ପଞ୍ଚାୟତର ନୂଆଁଡିହି ସଂରକ୍ଷଣ ଟାଙ୍କି ମାଧ୍ୟମରେ ବାମରା ଓ କୁଚିଣ୍ଡା ବ୍ଲକର ୩୦ପଞ୍ଚାୟତକୁ ଜଳଯୋଗାଣ ନିମନ୍ତେ ଚୁକ୍ତିନାମା ହୋଇଥିଲା। ତଦଅନୁଯାଇ ଠିକାସଂସ୍ଥା ନୂଆଁଡିହିଠାରେ ଜଳସଂରକ୍ଷଣ ଟାଙ୍କି କାମ ସମ୍ପୂର୍ଣ୍ଣ କରିଥିଲା। ପରବର୍ତ୍ତୀ ସମୟରେ ଆର୍‌ଡବ୍ଲ୍ୟୁଏସ୍‌ଏସ ପକ୍ଷରୁ ଏହାର ପରିବର୍ତ୍ତନ କରି କୁଚିଣ୍ଡା ବ୍ଲକର ଜୁନାନୀଠାରେ ଏକ ନୂତନ ଜଳସଂରକ୍ଷଣ ଟାଙ୍କି ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ବରହାମୂଷା ଟାଙ୍କିରୁ ବାମରା ବ୍ଲକର ୧୭ପଞ୍ଚାୟତ ଏବଂ ନୂତନ ଭାବେ ନିର୍ମାଣ ହେବାକୁ ଥିବ ଜୁନାନୀ ଟାଙ୍କିରୁ କୁଚିଣ୍ଡାର ବ୍ଲକର ୧୩ ପଞ୍ଚାୟତକୁ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିବା ଜଣାଯାଏ। ଏପରିସ୍ଥଳେ କ୍ଷତିର ଶିକାର ହେବାକୁ ପଡିଥିବା ଠିକାସଂସ୍ଥା ପକ୍ଷରୁ କୁହାଯାଇଛି। କାମ ମନ୍ଥର ଚାଲିଥିବା ନେଇ କୁଚିଣ୍ଡା ଆରଡବ୍ଲ୍ୟୁଏସ୍ଏସ୍ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ଶତପଥୀଙ୍କୁ ପଚାରିବାରୁ ବର୍ଷା ଯୋଗୁ କାମ ଅଗ୍ରଗତିରେ ସମସ୍ୟା ହେଉଥିବା କହିଛନ୍ତି।



ଗୋବିନ୍ଦପୁରରେ ନିର୍ମାଣାଧୀନ ପାଣି ଟାଙ୍କି।

# ସୁଭଦ୍ରା ଯୋଜନା ଶୁଭାରମ୍ଭ ଅବସରରେ ସମାବେଶ



ନାକଟୀଦେଉଳ ବ୍ଲକରେ ଅତିଥି ଅଧିକାରୀଙ୍କ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନେ।

ନାକଟୀଦେଉଳ/ଜମନକିରା, ୧୭।୯
(ବୈକୁଣ୍ଠନାଥ ସାହୁ/ ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଧନାଇ ଚରଣ ଟୁଡୁ, ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ତହସିଲଦାର ଅମର ଜେ.ଡୁଙ୍ଗଡୁଙ୍ଗ, ସିଡ଼ିପିଓ ରେବତୀ ବେହେରା ଯୋଗଦେଇ ସୁଭଦ୍ରା ଯୋଜନାର ରୂପରେଖ ଏବଂ ଏହା ଦ୍ୱାରା ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସୁଭଦ୍ରା ଯୋଜନା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟ ସଂଯୋଜନା କରିଥିଲେ। ମିଶନ ଶକ୍ତି ବ୍ଲକ ସଂଯୋଜକ ସୌମ୍ୟରଞ୍ଜନ କର୍ଣ୍ଣ ଓ ଅଧିକାରୀମାନେ ଏଥିରେ ସହଯୋଗ କରିଥିଲେ।

ସୁଭଦ୍ରା ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନେଇ ଜମନକିରା ବ୍ଲକ ସଦର ମହକୁମାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ସୁଶ୍ରୀ ରୀନା ନାଏକ ସମାବେଶର ଆଭିମୁଖ୍ୟ ଉପରେ କହିବା ସହ ସ୍ୱଚ୍ଛ ଭାରତ ମିଶନ ନେଇ ଏକ କବିତା ପାଠ କରିଥିଲେ। ଗାୟକମାନେ ପାଲା ମାଧ୍ୟମରେ ସରକାରଙ୍କ ସୁଭଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଆବାସିକ ଯୋଜନା, ସ୍ୱଚ୍ଛ ଭାରତ ଆଦି ବିଭିନ୍ନ ଯୋଜନାକୁ ଗୀତ ଓ ସଙ୍ଗୀତ ମାଧ୍ୟମରେ ବୁଝାଇଥିଲେ। ନୋଡାଲ ଅଫିସର ଜିଲା ପଞ୍ଚାୟତ ଅଧିକାରୀ ଅନଙ୍ଗ ଭଞ୍ଜ ସାଗର, ଜମନକିରା ସରପଞ୍ଚ ଯାଜ୍ଞସିନି ନାଏକ, ଏବିଡିଓ ରବୀନ୍ଦ୍ର ରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାଳିନି ସିଂଙ୍କ ସମେତ ବ୍ଲକ ଓ ପଞ୍ଚାୟତସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆର୍ଥିକ ସାକ୍ଷରତା ସଚେତନତା ଶିବିର

ଜମନକିରା,୧୭।୯(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମଙ୍ଗଳବାର ଆର୍ଥିକ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ରଣୀ ଜିଲା ପ୍ରବନ୍ଧକ(ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର) ଦେବ କିଶୋର ନାଏକ, ଆର୍ଥିକ ପରାମର୍ଶଦାତା (ଫାଇନାନ୍ସିଆଲ ଲିଟେରାସୀ ସଂଯୋଜକ) ଯଦୁମଣି ପ୍ରଧାନ ଏବଂ ଜମନକିରା ଶାଖା ପରିଚାଳକ ଦିଲୀପ ଦାସ ଯୋଗଦେଇଥିଲେ। ଯୁବକମାନେ କିପରି ଆର୍ଥିକ ଦିଗରେ ସ୍ୱଚ୍ଛଳ ଓ ସଚେତନ ହୋଇପାରିବେ ତାହା ଉପରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁକ୍ତ ୩ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ନାକଟୀଦେଉଳ,୧୭।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ୧୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତ୍ରିମ ବୁଦ୍ଧିମତ୍ତା ଶୀର୍ଷକ ବିଷୟ ବସ୍ତୁ ଉପରେ ପ୍ରତିଯୋଗୀ ଛାତ୍ରୀଛାତ୍ରମାନେ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଏଥିରେ ନାକଟୀଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମନନ୍ଦ ପ୍ରଧାନ ଏବଂ ପଦାର୍ଥ ବିଜ୍ଞାନର ବିଜ୍ଞାନଗାରିକ ପୁରୁଷୋତ୍ତମ ବେହେରା ବିଚାରକଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ନାକଟୀଦେଉଳ ପେଣ୍ଟବାହାଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ର ମୁକେଶ କୁମାର ପ୍ରଧାନ ପ୍ରଥମ, ଜଗନ୍ନାଥପ୍ରସାଦ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ମଧୁସ୍ମିତା ସାହୁ ଦ୍ୱିତୀୟ ଏବଂ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ମମତା ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାହେବୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟଦେବ ସାହୁ, ସହକାରୀ ଶିକ୍ଷକ ରାଜେନ୍ଦ୍ର ବିଶି ଓ ଅନ୍ୟ ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ।

# ସଫଳତା ପାଇଁ କଠୋର ପରିଶ୍ରମ ଆବଶ୍ୟକ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ସରପଞ୍ଚ ଓ ଅଧିକାରୀମାନେ।

କୁଚିଣ୍ଡା,୧୭।୯(ବିରଞ୍ଚି ଦର୍ଶୀ)

**ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର**

ସମ୍ବଲପୁର ଜିଲା ବକ୍ସମା ହାଇସ୍କୁଲରେ ମଙ୍ଗଳବାର କୃତ୍ରିମ ବୁଦ୍ଧିମତ୍ତା ଉପରେ କୁଚିଣ୍ଡା ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ବିଇଓ ସୁଶ୍ରୀ ଗୀତା ପଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର ମୁଖ୍ୟ ଅତିଥି, ଏବିଇଓ ଲକ୍ଷ୍ମଣ ଦେହୁରୀ, କୁଟୁରାବୁଆଁ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକ, କୁନ୍ତରା ମନୋହର ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ ପଟେଲ, ପାରୁଆଭାଡି ପଞ୍ଚାୟତ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ବେହେରା, କୁ.ଜମନକିରା ହାଇସ୍କୁଲ ପ୍ରଧାନ ଶିକ୍ଷକ ବେଦବ୍ୟାସ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଫଳତା ପାଇବାକୁ ହେଲେ ଛାତ୍ରୀଛାତ୍ରଙ୍କୁ କଠୋର ପରିଶ୍ରମର ଆବଶ୍ୟକତା ଥିବା କହିଥିଲା। ଏଥିରେ ବକ୍ସମା ହାଇସ୍କୁଲ ପ୍ରଧାନ ଶିକ୍ଷକ ବ୍ରଜମୋହନ ରଣା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ମନୋଜ କୁମାର ସାହୁ, ସମୀର ପଟେଲ, ରଶ୍ମିରଞ୍ଜନ ମାଝି ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏଥିରେ କୁଚିଣ୍ଡା ସରକାରୀ ହାଇସ୍କୁଲର ହରେକୃଷ୍ଣ ସାହୁ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ବିଜ୍ଞାନ ସେମିନାରରେ ଯୋଗଦେବାପାଇଁ ମନୋନୀତ ହୋଇଥିଲେ। ଶିକ୍ଷକ ରାଜକିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବକ୍ସମା ସିଆରସିସି ଶରତ ପଶାୟତଙ୍କ ସମେତ ଅନ୍ୟ ସିଆରସିସିମାନେ ସହଯୋଗ କରିଥିଲେ।

# ବାର୍ହା ଆକ୍ରମଣରେ ଗୋରୁ ଚରାଳି ଗୁରୁତର

ରେଢାଖୋଲ,୧୭।୯(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ଚାରମାଳ ଥାନା ବଂଶାଜାଲ ପଞ୍ଚାୟତ ଅଧୀନ କୁଇଲିପଦର ଗ୍ରାମର ନୃପମଣି ପ୍ରଧାନ(୩୨)ବାର୍ହା ଆକ୍ରମଣରେ ମଙ୍ଗଳବାର ଗୁରୁତର ହୋଇଛନ୍ତି। ତାଙ୍କ ବାମ ଆଖି ଓ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ପରିବାର ଲୋକେ ତାଙ୍କୁ ରେଢାଖୋଲ ଡାକ୍ତରଖାନା ଆଣିଥିଲେ। ହେଲେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ନୃପମଣି ସକାଳେ ଗ୍ରାମ ନିକଟ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଏକ ବାର୍ହା ନୃପମଣିଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ତାଙ୍କ ପାଟି ଶୁଣି ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ବାମ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡିଛି।

# ଅସି ଚାଳନାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



ସ୍ୱର୍ଣ୍ଣ ପଦକ ବିଜେତା ସୁଲଗ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୁଚିଣ୍ଡା,୧୭।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜଲା କୁଚିଣ୍ଡା ବ୍ଲକ ଜୁନାନି ଗ୍ରାମର ସୁଲଗ୍ନା ସେଉଲ କଟକ ଇଣ୍ଡୋର ଷ୍ଟାଡିୟମରେ ହୋଇଥିବା ରାଜ୍ୟ ଅସିଚାଳନା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସୁଲଗ୍ନା ଅର୍ଦ୍ଦାବାହାଲ ସରକାରୀ ବାଳିକା ଉଚ୍ଚ ବଦ୍ୟାଳୟର ପୂର୍ବତନ ଛାତ୍ରୀ ଓ ଏବେ କୁଚିଣ୍ଡା ମହାବିଦ୍ୟାଳୟ ଯୁକ୍ତ ୨ କଳା ବିଭାଗ ପ୍ରଥମ ଶ୍ରେଣୀ ଛାତ୍ରୀ। ଏହି ସଫଳତା ପାଇଁ ମଙ୍ଗଳବାର ଅର୍ଦ୍ଦାବାହାଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଗକୁ ଜାତୀୟସ୍ତର ପ୍ରତିଯୋଗିତାରେ ମେଡାଲ ଆଣି ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିବାକୁ ଏହି ଅବସରରେ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ବୀରେନ୍ଦ୍ର ନାଏକ, ସହକାରୀ ଶିକ୍ଷକ ରଞ୍ଜନ ସାହୁ, ବିକାଶ ବିଜୟ ନାୟକ ଓ ଖେଳ ଶିକ୍ଷକ ଚନ୍ଦନ କୁମାର ମାକର ସାମିଲ ହୋଇଥିଲେ।

## ମୋଦିଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



**ସମ୍ବଲପୁର,୧୭ ।୯ (ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ଭାଜପା ଯୁବା ମୋର୍ଚ୍ଚା ପକ୍ଷରୁ ଜିଲାମୁଖ୍ୟ ଡାକ୍ତରଖାନା ସ୍ଥିତ ବ୍ଲଡ ବ୍ୟାଙ୍କରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଜାତାରାଣୀ ମିଶ୍ର, ସଦର ଏସ୍‌ଡିପିଓ ତୋଫାନ ବାଗ ମିଳିତଭାବେ ଶିବିରକୁ ଉଦଘାଟନ କରିଥିଲେ। ସମ୍ବଲପୁର ଭାଜପା ଯୁବାମୋର୍ଚ୍ଚା ସଭାପତି ଅଶ୍ୱିନୀ କୁମାର ମାଝୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଇଷ୍ଟ ଦେବୀ ମା' ସମଲେଇଙ୍କ ପୂଜାର୍ଚ୍ଚନା ସହ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଡ଼ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେବା ପରେ ରକ୍ତଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଭାଜପା ଯୁବମୋର୍ଚ୍ଚାର ୭୪ ୟୁନିଟ ଜଣ ସଦସ୍ୟ ରକ୍ତଦାନ କରିଥିଲେ। ଅତିଥିମାନେ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଦେଇ ଉତ୍ସାହିତ କରିଥିଲେ। ରକ୍ତଦାନ ଶିବିର ଆୟୋଜନରେ ସମ୍ବଲପୁର ରକ୍ତଭଣ୍ଡାର ଅଧିକାରୀ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ

ସମ୍ବଲପୁର,୧୭।୯(ବି.ଶଙ୍କର)

ହିନ୍ଦୀ ଦିବସ କାର୍ଯ୍ୟକ୍ରମ ମଙ୍ଗଳବାର ସମ୍ବଲପୁର ସହର ସ୍ଥିତ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷଠାରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁମିତା ପତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ପ୍ରଫେସର ଡ.ଦାଶରଥି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ହିନ୍ଦୀ ଦିବସର ଗୁରୁତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ହିନ୍ଦୀ ଭାଷାକୁ ରାଜଭାଷା କୁହାଯାଏ। ତେଣୁ ଏହି ଭାଷାର ବ୍ୟବହାର ଅଧିକରୁ ଅଧିକ ହେବା ଜରୁରୀ। ଏଥିସହ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟଗୁଡିକରେ ମଧ୍ୟ ହିନ୍ଦୀ ଭାଷା ବ୍ୟବହାର କରିବା ଆବଶ୍ୟକତା ରହିଛି। ଯଦ୍ୱାରା ସାଧାରଣ ନାଗରିକମାନେ ବିଭିନ୍ନ କୋର୍ଟ କଚେରୀ ସମେତ ସରକାରୀ ଆବେଦନ ଓ ନୋଟିସ୍ ବିଷୟରେ ଅବଗତ ହୋଇପାରିବେ ବୋଲି ଡ. ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ହିନ୍ଦୀ ଦିବସ ଉପଲକ୍ଷେ ଆୟୋଜିତ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଦେବଦତ୍ତ ଗଡ଼ନାୟକ, ତୁଳସୀ ସୁଆର ଏବଂ ତନୁଜା ଦାସଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।



ଆୟୋଜିତ ହିନ୍ଦୀ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଦୁବାଇରେ ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁର,୧୭।୯(ବି.ଶଙ୍କର)

ବିଦେଶ ମାଟି ତଥା ସୁଦୂର ଦୁବାଇରେ ନୂଆଁଖାଇ ପରିବାର ୟୁଏଇ ପକ୍ଷରୁ ନୂଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି। ଦୁବାଇସ୍ଥିତ ଏସଇଇ ଇନଷ୍ଟିଚ୍ୟୁଟରେ ଆୟୋଜିତ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଭାରତୀୟ କନସୁଲେଟ ଜେନେରାଲ ସତୀଶ କୁମାର ଶିୱାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ପଶ୍ଚିମ ଓଡ଼ିଶାର ପ୍ରତିଷ୍ଠିତ କଳାକାର ଅର୍ଚ୍ଚନା ପାଢ଼ୀ ଓ କଳାକାର ଶାଶ୍ୱତ ତ୍ରିପାଠୀ ଭେଟ୍‌ଘାଟ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ। ସମ୍ବଲପୁରୀ ନୃତ୍ୟ ଓ ଗୀତରେ ଏସଇଇ ଇନଷ୍ଟିଚ୍ୟୁଟ ଝୁମି ଉଠିଥିଲା। ଦର୍ଶକମାନେ ଅର୍ଚ୍ଚନାଙ୍କ ଗୀତରେ ଝୁମି ଉଠିଥିଲେ। ଏହି ଅବସରରେ ବାଲୁକା କଳାରେ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ କଳାର ନିଦର୍ଶନ ସମସ୍ତଙ୍କ ମନ ଜିଣି ଥିଲା। ଏହି ଅବସରରେ ତାଙ୍କୁ ଜୁହାର ସମ୍ମାନ ୟୁଏଇ- ୨୪ରେ ସମ୍ମାନିତ କରାଯାଇଥିଲା। ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସର୍ବଦା ପ୍ରୟାସ କରିଆସୁଛି ନୂଆଁଖାଇ ପରିବାର ୟୁଏଇ ପ୍ରକୃତରେ ଧନ୍ୟବାଦର ପାତ୍ର। ପ୍ରତିବର୍ଷ ପଶ୍ଚିମ ଓଡ଼ିଶାର କଳାକାରଙ୍କୁ ଅତିଥି କରାଯାଇ ସମ୍ମାନୀତ କରାଯାଉଛି। ନୂଆଁଖାଇ ଆସିଲେ ସଭିଙ୍କ ମୁହଁରେ ହସ ଫୁଟି ଉଠେ। ନୂଆଁ ଖାଇମା, ନୂଆଁ ପିନ୍ଧମାର ଲକ୍ଷ୍ୟ ରହିଥାଏ। ଜନ୍ମମାଟିଠାରୁ ସହସ୍ରାଧିକ କିଲୋମିଟର ଦୂରରେ ଥିଲେ ମଧ୍ୟ ନିଜ ସଂସ୍କୃତି ଓ ପରମ୍ପରାକୁ ଭୁଲି ନାହାନ୍ତି। ନୂଆଁଖାଇ ପାଳନ ଅବସରରେ ପ୍ରଥମେ ମା' ସମଲେଇଙ୍କୁ ପୂଜାର୍ଚ୍ଚନା କରି ନବାନ୍ନ ଲଗାଇ ସଭିଏ ଏକାଠି ନବାନ୍ନ ଖାଇଛନ୍ତି। ଆଉ ସଭିଏଁ ସମ୍ବଲପୁରୀ ପୋଷାକ ପିନ୍ଧି ଏକାଠି ପାଳନ କରିଛନ୍ତି ନୂଆଁଖାଇ। କୁନି ପିଲାଠାରୁ ଆରମ୍ଭ କରି ମହିଳାମାନେ ସମସ୍ତେ ସମ୍ବଲପୁରୀ ନାଚରେ ମସଗୁଲ ହୋଇଥିଲେ। ଏହା ଅନନ୍ୟ ପରମ୍ପରା ବୋଲି ଅତିଥି ଓ କଳାକାରମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆବୁଧାବିରୁ ଓଷା (ଓଏସଏ)ର ଏକ ସ୍ୱତନ୍ତ୍ର ଦଳ ସମ୍ବଲପୁରୀ ପୋଷାକ ପରିଧାନ କରି ଫ୍ୟାଶନ ଶୋ ପ୍ରଦର୍ଶନ କରିଛନ୍ତି। ନୂଆଁଖାଇରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ପିଠାପଣା ଓ ବ୍ୟଞ୍ଜନରେ ଉତ୍ସବସ୍ଥଳ ମହକି ଉଠିଥିଲା। ଏଥିସହ ୟୁଏଇରେ ନୂଆଁଖାଇ ପାଳନର ୧୦ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ୟୁଏଇର କୋଣ ଅନୁକୋଣରେ ରହୁଥିବା ପ୍ରାୟ ୬ଶହ ନୂଆଁଖାଇ ପରିବାରର ସଦସ୍ୟ ଏଥିରେ ସାମିଲ ହୋଇଥିଲେ।



ନୂଆଁଖାଇ ଭେଟ୍‌ଘାଟରେ ଅତିଥି, କଳାକାର ଏବଂ କର୍ମକର୍ତ୍ତାମାନେ।

**ପଶ୍ଚିମ ଓଡ଼ିଶାର ପାରମ୍ପରିକ ପିଠାପଣାରେ ମହାକିଲା ଦୁବାଇ**

# ରାଜ୍ୟର ବିକାଶରେ କେନ୍ଦ୍ର ଅବହେଳା କରିଛି: ବିଜେଡି

ଭୁବନେଶ୍ୱର,୧୭।୯(ଅନିଲ ଦାସ)

କେନ୍ଦ୍ର ଗତ ୧୦ ବର୍ଷରେ ଓଡ଼ିଶାର ବିକାଶକୁ ଅଗ୍ରାଧିକାର ନୁହେଁ, ଅବହେଳା କରିଥିବା ବିଜେଡି ଅଭିଯୋଗ କରିଛି। ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଏବଂ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଜନତା ମଇଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶାସନ କାଳରେ ଓଡ଼ିଶାର ବିକାଶକୁ ଅଗ୍ରାଧିକାର ଦେଇଥିବା ବକ୍ତବ୍ୟକୁ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଦାସବର୍ମା କହିଛନ୍ତି, ଓଡ଼ିଶାରୁ ଭାଜପା ସରକାର ୨୧ରୁ ୨୦ ଏମ୍‌ପି ହାସଲ କରିଥିବା ବେଳେ ଚଳିତ ବଜେଟରେ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଆଭିମୁଖ୍ୟ ନୈରାଶ୍ୟଜନକ। ବିହାରକୁ ୨୬ ହଜାର କୋଟି ଓ ଆନ୍ଧ୍ର ପ୍ରଦେଶକୁ ୧୬ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଦେଇଥିବା ବେଳେ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳା ସ୍ପଷ୍ଟ ଦେଖାଯାଉଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ ପୂର୍ବାଞ୍ଚଳ କାଉନସିଲ୍ ବୈଠକରେ କୋଇଲା ରୟାଲଟି ସଂଶୋଧନ କରି



ଖବରଦାତା ସମ୍ମିଳନୀରେ ବିଜେଡି ନେତା ସଞ୍ଜୟ ଦାସବର୍ମା ଓ ସ୍ନେହାଙ୍ଗିନୀ ଛୁରିଆ।

୧୪%ରୁ ୨୦% କରିବା ପାଇଁ ଦାବି କରିଆସିଛନ୍ତି। କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ୩ ବର୍ଷରେ ରୟାଲଟି ସଂଶୋଧନ ହେବାର ଥିଲା ବେଳେ ଏହାକୁ ଅଣଦେଖା କରାଯାଇଛି। ସୁପ୍ରିମକୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠ ଚଳିତ ବର୍ଷ ଜୁଲାଇ ୨୫ରେ ଏକ ଐତିହାସିକ ନିଷ୍ପତ୍ତି ଶୁଣାଇଥିଲେ। ଏହି ନିଷ୍ପତ୍ତି ଅନୁଯାୟୀ, ରାଜ୍ୟ ସରକାର ରାଜ୍ୟର ଖଣିଜ ଅଞ୍ଚଳ ଓ ଖଣିଜ ସମ୍ପଦ ଉପରେ ସେସ୍ ଓ ଟିକସ ଲଗାଇ ପାରିବେ ଏବଂ ୨୦୦୫ଠାରୁ ଏ ପର୍ଯ୍ୟନ୍ତ ବକେୟା ରାଜସ୍ୱ ଖଣି ମାଲିକଙ୍କଠାରୁ ବିନା ସୁଧରେ ଆଦାୟ କରିପାରିବେ। ଓଡ଼ିଶାରେ ଦେଶର ସମୁଦାୟ ଖଣିଜ ଉତ୍ପାଦନର ୫୦ ଭାଗରୁ ଉର୍ଦ୍ଧ୍ୱ ଥିଲାବେଳେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲେ ଓଡ଼ିଶା ସରକାର ବକେୟା ଦେୟ ବାବଦରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ପାଇବା ସଙ୍ଗେ ସଙ୍ଗେ ପ୍ରତିବର୍ଷ ଖଣିଜ ସେସ୍‌ରୁ ଅତିକମ୍‌ରେ ୫୦ ହଜାର କୋଟି ଟଙ୍କା ପାଇପାରିବେ। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧରେ କେନ୍ଦ୍ର ସରକାର ପୁନର୍ବିଚାର ସକାଶେ ଆବେଦନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି

## ଲେଖିଲେ ୫୦ ହଜାର, ଦେଲେ ୫ ହଜାର

ଆଭିମୁଖ୍ୟ ଯୋଗୁ ଓଡ଼ିଶା ସବୁଠାରୁ ଅଧିକ କ୍ଷତି ସହିବ। ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ଭାଜପା ଏମ୍‌ପି ତୁରନ୍ତ ପ୍ରଧାନମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରି କେନ୍ଦ୍ର ସୁପ୍ରିମକୋର୍ଟରେ ଦାଖଲ କରିଥିବା ରିଭ୍ୟୁ ପିଟିଶନକୁ ପ୍ରତ୍ୟାହାର କରନ୍ତୁ ଏବଂ ଓଡ଼ିଶାର ଦୀର୍ଘ ଦିନର ଦାବି ପୂରଣରେ ସହାୟକ ହୁଅନ୍ତୁ ବୋଲି ଦାସବର୍ମା କହିଛନ୍ତି।

ସେହିପରି ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ପ୍ରଧାନମନ୍ତ୍ରୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ପ୍ରଦାନ କରିଥିବା ଚେକ୍‌ରେ ବଡ଼ ବଡ଼ ଅକ୍ଷରରେ ୫୦ ହଜାର ଟଙ୍କା ଲେଖା ଯାଇଥିବା ବେଳେ ତଳେ ଛୋଟ ଅକ୍ଷରରେ ୫ ବର୍ଷରେ ପାଇବେ ବୋଲି ଲେଖାଯାଇଛି। ଦେଲେ ୫ ହଜାର, ଲେଖିଲେ ୫୦ ହଜାର। ୫ ହଜାର ଦେଇ ୫୦ ହଜାର ଲେଖିବାର ଅଭିପ୍ରାୟ ପ୍ରତାରଣା ନୁହେଁ ତ ଆଉ କ'ଣ ବୋଲି ଛୁରିଆ ପ୍ରଶ୍ନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ସୁଭଦ୍ରା ଯୋଜନାରେ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ଲାଭବାନ ହେବେ ବୋଲି କହିଛନ୍ତି, ଯାହାର ଅର୍ଥ ରାଜ୍ୟର ପ୍ରାୟ ୨ କୋଟି ମହିଳାଙ୍କ ଭିତରୁ ଅଧିକାଂଶ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେବେ ବୋଲି ସ୍ପଷ୍ଟ ହୋଇଯାଇଛି। ସେହିପରି ଅଙ୍ଗନୱାଡ଼ି, ଆଶାକର୍ମୀ, ସିଆର୍‌ପି, ଏମ୍‌ବିକେ ଭାବେ କାର୍ଯ୍ୟରତ ମହିଳାମାନେ ଏହି ଯୋଜନାରୁ ସୁଫଳ ପାଇବେ କି ନାହିଁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଗୋଟିଏ ପଟେ ଏହି ମହିଳାମାନେ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ବୋଲି ସରକାରଙ୍କ ତରଫରୁ ସ୍ପଷ୍ଟୀକରଣ ଦିଆଯାଇ ଥିଲେ ହେଁ ସୁଭଦ୍ରାର ନିର୍ଦ୍ଦେଶାବଳୀରେ ମାସିକ ୧୫୦୦ ଟଙ୍କାରୁ ଉର୍ଦ୍ଧ୍ୱ ରୋଜଗାରକ୍ଷମ ମହିଳାମାନେ ଯୋଗ୍ୟ ନୁହନ୍ତି ବୋଲି ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ଏମାନଙ୍କର ଭୂମିକା ରହିଛି। ତେଣୁ ଯଦି ସେମାନେ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହୁଅନ୍ତି, ତା'ହେଲେ ଏହା ତାଙ୍କ ପ୍ରତି ପ୍ରତାରଣା ସଦୃଶ। ସରକାର ଏ ବିଷୟକୁ ତୁରନ୍ତ ସ୍ପଷ୍ଟ କରନ୍ତୁ। ନଚେତ୍ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ରାଜପଥ କଡ଼ରେ ପକୁଡ଼ି ବିକିଲେ ଯୁବକଂଗ୍ରେସ କର୍ମକର୍ତ୍ତା

ରାୟଗଡ଼ା,୧୭।୯(ଆଶିଷ ରଞ୍ଜନ ପଣ୍ଡା)

କେନ୍ଦ୍ରରେ ପ୍ରଥମ ଥର ଭାଜପା ସରକାର ଆସିବା ପୂର୍ବରୁ ଦେଶରେ ୨ କୋଟି ବେକାର ଯୁବତୀଯୁବକଙ୍କୁ ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ଅଦ୍ୟାବଧି ପୂରଣ ହୋଇପାରିଲା ନାହିଁ । ଏହା ପ୍ରହସନ ପାଲଟିଛି। ଏହାର ପ୍ରତିବାଦରେ ମଙ୍ଗଳବାର ରାୟଗଡ଼ା ଜିଲା ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ବେରୋଜଗାର ଦିବସ ପାଳନ କରାଯାଇ ୩୨୬ ନଂ. ଜାତୀୟ ରାଜପଥ କଡ଼ରେ ପକୁଡ଼ି ବିକ୍ରି କରାଯାଇଥିଲା। ଜିଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ

## ୨ କୋଟି ରୋଜଗାର ପ୍ରତିଶ୍ରୁତି ପ୍ରହସନ

ଭାଜପା ଶାସିତ କେନ୍ଦ୍ର ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ଅଦ୍ୟାବଧି ନିଜ ପ୍ରତିଶ୍ରୁତି ପୂରଣ କରିପାରିନାହିଁ ବୋଲି କହିଥିଲେ । ତେଣୁ ଭାଜପା ଦେଇଥିବା ପ୍ରତିଶ୍ରୁତି ପୂରଣ ନ କଲେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଏକ ବିଶାଳ ଆନ୍ଦୋଳନ କରାଯିବ ବୋଲି ଯୁବ କଂଗ୍ରେସ କହିଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ତଥା ସରପଞ୍ଚ ଅଶୋକ ପୁଆଲା, ଜିଲା ଯୁବ କଂଗ୍ରେସ ଉପସଭାପତି ଅସଲମ ଖାନ୍, ସତ୍ୟବାନ ମାଣ୍ଡାଙ୍ଗି, ରାଜେନ୍ଦ୍ର ପାଲକା ଓ ସୟଦ ଜିନଉଲ୍ ହକ୍, କେ.ଗାନ୍ଧୀ, ହରିଶ ପଟ୍ଟନାୟକ ଓ ବହୁ ଦଳୀୟ ଯୁବକର୍ମୀ ଉପସ୍ଥିତ ଥିଲେ।



ପ୍ରତିବାଦ କାର୍ଯ୍ୟକ୍ରମରେ ବିଧାୟକ ଆପଲସ୍ୱାମୀ କାଡ୍ରାକା ପକୁଡ଼ି ଛାଣି ବିକ୍ରି କରୁଛନ୍ତି।

# ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଅନାସ୍ଥା ନିର୍ବାଚନ ବାତିଲ


ଅନାସ୍ଥା ଭୋଟ ବାତିଲ ପରେ ଖଣ୍ଡପଡ଼ା ଏନ୍‌ଏସି ସମ୍ମୁଖରେ ବସି ବିଜେଡି କାଉନସିଲରମାନେ ସ୍ଲୋଗାନ୍ ଦେଉଛନ୍ତି।

ନୟାଗଡ଼/ଖଣ୍ଡପଡ଼ା,୧୭।୯(ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)

■ଅତିରିକ୍ତ ଜିଲାପାଳଙ୍କ ଅନୁପସ୍ଥିତି ଯୋଗୁ ବନ୍ଦ

■୨୭ରେ ଅନାସ୍ଥା ଭୋଟ ପାଇଁ ଜିଲାପାଳଙ୍କ ଘୋଷଣା

ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ମଙ୍ଗଳବାର ବାତିଲ୍ ହୋଇଯାଇଛି। ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ରୋଜିନା ଦାସ ଅନୁପସ୍ଥିତ ରହିବାରୁ ନିର୍ବାଚନ ବନ୍ଦ ରହିଛି। ଭୋଟ ଗ୍ରହଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା । ଏ ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପକ୍ଷରୁ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ତେବେ ଅନାସ୍ଥା ଭୋଟ ପରିଚାଳନା ଦାୟିତ୍ୱରେ ଥିବା ନୟାଗଡ଼ ଅତିରିକ୍ତ ଜିଲାପାଳ ଦାସ ସରକାରୀ କାର୍ଯ୍ୟକ୍ରମରେ ନିୟୋଜିତ ରହିଥିବାରୁ ଅନାସ୍ଥା ଭୋଟକୁ ବାତିଲ କରାଗଲା ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ସମେତ ବିଜେଡିର ୭ ଜଣ କାଉନସିଲର ଏନ୍‌ଏସି କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ଅନାସ୍ଥା ଭୋଟ ବାତିଲ ଘୋଷଣା ପରେ ବିଜେଡି କାଉନସିଲରମାନେ ଏନ୍‌ଏସି ଉପାଧ୍ୟକ୍ଷ ମିହିର କୁମାର ମିଶ୍ରଙ୍କ ନେତୃତ୍ୱରେ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ପାଇଁ ନାରାବାଜି କରିବା ଯୋଗୁ ଉତ୍ତେଜନା ପ୍ରକାଶ ପାଇଥିଲା। କାର୍ଯ୍ୟାଳୟ ନିକଟରେ ଉପସ୍ଥିତ ଥିବା ପୋଲିସ ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସମସ୍ତଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅପରପକ୍ଷେ ଚଳିତ ମାସ ୨୭ ତାରିଖ ପୂର୍ବାହ୍ନ ୧୧ଟାରେ ଖଣ୍ଡପଡ଼ା ଏନ୍‌ଏସି କନ୍‌ଫେରେନ୍ସ ହଲରେ ଅନାସ୍ଥା ପ୍ରସ୍ତାବ ପାଇଁ ଭୋଟ ହେବ ବୋଲି ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ଏନ୍‌ଏସିର ୧୩ କାଉନସିଲରଙ୍କ ମଧ୍ୟରୁ ୮ଜଣ କାଉନସିଲର ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

# କର୍ଣ୍ଣାଟକ ମଡେଲ ସରକାର ଆପଣାନ୍ତୁ: ରାମଚନ୍ଦ୍ର କାଡ଼ାମ

କୋରାପୁଟ,୧୭।୯(ଅମିତାଭ ବେହେରା)

ସୁଭଦ୍ରା ଯୋଜନା ମଙ୍ଗଳବାର ଶୁଭାରମ୍ଭ ହୋଇଛି। ହିତାଧିକାରୀଙ୍କ ପାଖକୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇଛି । ଏହି ଯୋଜନାରେ ମହିଳାମାନେ କେତେ ଉପକାର ପାଇବେ ତାହା ସମୟ ହିଁ କହିବ ବୋଲି ପଟ୍ଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି। ସେହିପରି ମହିଳାଙ୍କ ସମୃଦ୍ଧି ହେବା ଆମେ ଚାହୁଁ ବୋଲି ସେ କହିଛନ୍ତି । ଓଡ଼ିଶା ସରକାର ସୁଭଦ୍ରା ଯୋଜନା ମାଧ୍ୟମରେ ଦିନକୁ ମାତ୍ର ୨୭ ଟଙ୍କା ଦେଉଛନ୍ତି । ଏହି ଟଙ୍କା ମା' ଭଉଣୀଙ୍କ କେଉଁ କାମରେ ଲାଗିବ ? ଯଦି ଓଡ଼ିଶାର ମହିଳାଙ୍କୁ ପ୍ରକୃତରେ ସରକାର ସଶକ୍ତ କରିବାକୁ ଚାହୁଁଛନ୍ତି, ତେବେ କର୍ଣ୍ଣାଟକ ସରକାରଙ୍କ ମଡେଲ ଆପଣାନ୍ତୁ । କର୍ଣ୍ଣାଟକରେ ସରକାର ମାସିକ ୨ହଜାର ଟଙ୍କା ଲେଖାଏ ମହିଳାମାନଙ୍କୁ ନିୟମିତ ପ୍ରଦାନ କରୁଛନ୍ତି। ଅନୁରୂପ ଭାବେ ମହିଳାମାନେ କର୍ଣ୍ଣାଟକ ରାଜ୍ୟରେ ବିନା ମୂଲ୍ୟରେ ବସ୍‌ଯାତ୍ରା କରିପାରୁଛନ୍ତି । ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଛାଡ଼ ମଧ୍ୟ କରାଯାଇଛି। ତେଣୁ କର୍ଣ୍ଣାଟକ ଆର୍ଥିକ ସ୍ଥିତି ଓ ଆମ ରାଜ୍ୟର ସ୍ଥିତିକୁ ଯଦି ତୁଳନା କରାଯାଏ, ତେବେ ମହିଳାଙ୍କୁ ମାସିକ ଅନ୍ୟୂନ ୪ହଜାର ଟଙ୍କା ମିଳିବା କଥା । ସେମାନଙ୍କୁ ବସ୍‌ଯାତ୍ରା ସମ୍ପୂର୍ଣ୍ଣ ମାଗଣା କରାଯିବା ଉଚିତ । ମାସିକ ଯଦି ୨୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ କରାଯାଇପାରନ୍ତା, ତେବେ ମହିଳାମାନେ ଉପକୃତ ହୋଇପାରନ୍ତେ । ପ୍ରଚାରରେ ବହୁ କୋଟି ଟଙ୍କା ଖର୍ଚ୍ଚକରି ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ହୁଏନାହିଁ ବୋଲି ବିଧାନସଭାରେ କଂଗ୍ରେସର ମୁଖ୍ୟ ସଚେତକ କାଡାମ ପ୍ରକାଶ କରିଛନ୍ତି।

# ତାରାଙ୍କ ଭାଷଣକୁ ନେଇ ଭାଜପା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ

ଜୟପୁର,୧୭।୯(ପବନ ପାଣିଗ୍ରାହୀ)

ସୁଭଦ୍ରା ଯୋଜନାର ମଙ୍ଗଳବାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ କୋରାପୁଟ ଜିଲା ଜୟପୁର ସହରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଭାଷଣକୁ ନେଇ ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟ ଓ କେତେଜଣ କର୍ମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଧାୟକ ବାହିନୀପତି ତାଙ୍କ ଭାଷଣରେ କହିଥିଲେ, ନିର୍ବାଚନ ପୂର୍ବରୁ ଓଡ଼ିଶାର ସମସ୍ତ ମହିଳାଙ୍କୁ ୫୦ ହଜାର ଟଙ୍କା ଦେବାକୁ ଭାଜପା ଇସ୍ତାହାରରେ କହିଥିଲା। କିନ୍ତୁ ନିର୍ବାଚନ ସରିଗଲା ପରେ ସରକାର ଯେଉଁ ଇସ୍ତାହାର ଦେଇଥିଲେ ସେହି ଆଧାରରେ ତାହା ପୂରଣ କରିପାରିଲେ ନାହିଁ। ଯେଉଁ ବିଧବା ମା' ଓ ଭଉଣୀମାନେ ରହିଛନ୍ତି ସେମାନଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା ନାହିଁ। ଏହା ଦୁର୍ଭାଗ୍ୟର କଥା, କାରଣ କମ୍ ବୟସର ମା' ଓ ଭଉଣୀମାନେ ବିଧବା ହୋଇ ରହିଛନ୍ତି। ସେମାନେ ହାତରେ ଗୋଟିଏ ଆଉ କାଖରେ ଗୋଟିଏ ପିଲା ଧରି ଖଟି ଖାଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ଗୋଟିଏ କଥା କହିଥିଲେ କିନ୍ତୁ ଆଜି ତାହା ପୂରଣ କରିବାରେ ଅସଫଳ ହୋଇଛନ୍ତି। ତେଣୁ ଯେଉଁ ବିଧବା ମା' ଓ ଭଉଣୀମାନେ ଏଥିରୁ ବଞ୍ଚିତ ରହିଛନ୍ତି ସେମାନଙ୍କୁ ମଧ୍ୟ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାରା ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ବିଧାନସଭାରେ ମଧ୍ୟ ଏକଥା ଉଠାଇବେ ବୋଲି ସେ କହିଥିଲେ।

ତାରା ପୁଣି କହିଛନ୍ତି, ୨ କିସ୍ତିରେ ସରକାର ଯଦି ମା', ଭଉଣୀଙ୍କୁ ସୁଭଦ୍ରା ଯୋଜନା ଟଙ୍କା ଦେଇଥାନ୍ତେ ତେବେ ସେମାନେ ସ୍ୱାବଲମ୍ବୀ ହୋଇପାରିଥାନ୍ତେ। ୫ ବର୍ଷ ଭିତରେ ୫୦ ହଜାର ଟଙ୍କା ସରକାର ଦେବେ, ଏ ପଦକ୍ଷେପକୁ ଆମେ ସ୍ୱାଗତ କରୁଛୁ । କିନ୍ତୁ ୨ କିସ୍ତିରେ ଟଙ୍କା ପ୍ରଦାନ କରାଯାଇଥିଲେ ସେମାନେ ସ୍ୱାବଲମ୍ବୀ ହେବା ସହଜ ହୋଇପାରିଥାନ୍ତା ବୋଲି ସେ କହିଥିଲେ। ଏହାକୁ ମଞ୍ଚ ତଳେ ବସିଥିବା ଭାଜପା ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟ ବିରୋଧ କରିବା ସହ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ ଯୁକ୍ତି କରିଥିଲେ। ଆଗାମୀ କୌଣସି କାର୍ଯ୍ୟକ୍ରମରେ ଆମେ ଯାହା ପଢ଼ିବାକୁ ଦେବୁ ତାହା ବିଧାୟକ ପଢ଼ିବେ, ନ ହେଲେ ହାତଧରି ମଞ୍ଚରୁ ଓହ୍ଲାଇ ଦେବୁ ବୋଲି ଗୌତମ କହିଥିଲେ। ତାଙ୍କ ସମର୍ଥକମାନେ ମଧ୍ୟ ଜୟପୁର ବିଡିଓ ଶକ୍ତି ମହାପାତ୍ର ଏବଂ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜୟପୁରରୁ ବଦଳିକରିବା ପାଇଁ ଚେତାବନୀ ଦେଇଥିଲେ। ଏହି ଘଟଣାକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା କେତେକ ମହିଳା ବିଧାୟକ ବାହିନୀପତି ଯାହା କହିଲେ ତାହା ସତ୍ୟ ବୋଲି କହିଛନ୍ତି।

ଘଟଣା ସମ୍ପର୍କରେ ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ପଚାରିବାରୁ ଆମକୁ ଭାଜପା କର୍ମୀମାନେ ଦେଇଥିବା ଧମକ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିଛୁ ଓ ସେ ଯାହା ନିଷ୍ପତ୍ତି ନେବେ ତାହାକୁ ମାନିନେବୁ ବୋଲି କହିଛନ୍ତି। ସେହିପରି ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ମଧ୍ୟ ସମାନ କଥା କହିଛନ୍ତି । ତେବେ ଏ ନେଇ ବିଡିଓ ଜୟପୁର ଟାଉନ ଥାନାରେ ଅଭିଯୋଗ କରିବା ପରେ ଭାଜପା ନେତା ଗୌତମ ସାମନ୍ତରାୟଙ୍କ ବିରୋଧରେ ୨୮୪/୨୪ରେ ମାମଲା ରୁଜୁ କରାଯାଇଛି।

# ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କରାଇଛନ୍ତି ପ୍ରଶାସକ

କୁନ୍ଦୁରା,୧୭।୯(ସନ୍ତୋଷ ପ୍ରହରାଜ)

## କୋରାପୁଟ ଜିଲା ବିଜେଡିର ଅଭିଯୋଗ

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦରସ୍ଥିତ ଶାସ୍ତ୍ରୀ ମୈଦାନରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ ମଙ୍ଗଳବାର ହୋଇଥିଲା। ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ସରକାରୀ ହୋଇଥିବା ବେଳେ ବିଡିଓ କପିଳେଶ୍ୱର ତାଣ୍ଡି ଏଠାରେ କେତେକ ଦଳୀୟ ଲୋକଙ୍କୁ ମଞ୍ଚ ଉପରକୁ ଡାକିବା ଯୋଗୁ ଏହା ସରକାରୀ ବଦଳରେ ଦଳୀୟ ଭଳି ଲାଗୁଥିବା ଅନୁଭବ କରି ବିଜେଡି ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ଏହାକୁ ନିନ୍ଦା କରିଥିଲେ। କିନ୍ତୁ ଏହାକୁ ନେଇ ବିଡିଓ ତାଣ୍ଡିଙ୍କୁ ପଚାରିବାରୁ ଏହି ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ଯୋଜନା। ଯେଉଁଥିରେ ସବୁ ଦଳର ଲୋକପ୍ରତିନିଧିଙ୍କୁ ନିମନ୍ତ୍ରିତ କରାଯାଇଥିଲା ଏବଂ ସମସ୍ତେ ଯୋଗ ଦେଇଥିଲେ ବୋଲି ସେ କହିଛନ୍ତି।

# କେନ୍ଦୁଝରରେ ଯୁବ କଂଗ୍ରେସ ପାଳିଲା ବେରୋଜଗାର ଦିବସ

କେନ୍ଦୁଝର,୧୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଧୂମଧାମରେ ପାଳନ କରାଯାଉଥିବା ବେଳେ ଯୁବ କଂଗ୍ରେସ ଏହାକୁ ବିରୋଧ କରି ଜାତୀୟ ବେରୋଜଗାର ଦିବସ ଭାବେ ପାଳନ କରିଛି। ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଭି. ଶ୍ରୀନିବାସଙ୍କ ଆହ୍ୱାନ ଓ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଯୁବ କଂଗ୍ରେସ କର୍ମୀମାନେ କଳା ପତାକା ଦେଖାଇବା ସହ ଚା' ତିଆରି କରି ବିକିଥିଲେ। ମୋଦି ବିରୋଧୀ ସ୍ଲୋଗାନ ଦେଇ ଶିକ୍ଷିତ ଯୁବତୀ ଓ ଯୁବକ ଚାକିରି କିମ୍ବା ରୋଜଗାର ନ ପାଇ ଶେଷରେ ଚା' ବିକ୍ରି କରି ଆତ୍ମ ନିର୍ଭରଶୀଳ ହେବେ ବୋଲି ମୋଦି ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଏଥିରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ମହିଳା କଂଗ୍ରେସ ରାଜ୍ୟ ଉପସଭାନେତ୍ରୀ ସଂଗୀତା ସିଂହ, ପୂର୍ବତନ କଂଗ୍ରେସ ଏମପି ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ପୂର୍ବତନ ତେଲକୋଇ କଂଗ୍ରେସ ବିଧାୟକ ନିର୍ମଳ ଚନ୍ଦ୍ର ନାଏକ, ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଛାତ୍ର କଂଗ୍ରେସ ନେତା ଆଶିଷ କୁମାର ପାତ୍ର, ଯୁବ କଂଗ୍ରେସ ନେତା ମାନସ ବେହେରା, ସୌମ୍ୟରଞ୍ଜନ ପଲେଇ, ଆକାଶ ବେହେରା, ଅଭିଜିତ୍ ବେହେରା, ସଂଗ୍ରାମ ବେହେରା, ସଞ୍ଜୟ ପରିହାଳ ପ୍ରମୁଖ ସାମିଲ ଥିଲେ।



କେନ୍ଦୁଝର ଯୁବ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଯୁବ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ପ୍ରତିବାଦ କରୁଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧକରି ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)

ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଶତାଧିକ କର୍ମୀ କଂଗ୍ରେସ ଭବନରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ ବିରୋଧ କରିଛନ୍ତି। କଂଗ୍ରେସ ଭବନରୁ ଯୁବକର୍ମୀମାନେ ବାହାରି ଲୋୟର ପିଏମ୍‌ଜି ଦେଇ ଯିବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ନିକଟରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଏହାପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ବିକ୍ଷୋଭ କରିଥିଲେ। ପୋଲିସ ସହ ଏହି ସମୟରେ ଯୁବକଂଗ୍ରେସ କର୍ମୀଙ୍କ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ରଣଜିତ ଏବଂ ଶତାଧିକ କର୍ମୀଙ୍କୁ ଘଟଣାସ୍ଥଳରୁ ପୋଲିସ ଉଠାଇନେଇ ଅଟକ ରଖିଛି। ଏହି ପରିପ୍ରେକ୍ଷୀରେ ରଣଜିତ କହିଛନ୍ତି, ପ୍ରଧାନମନ୍ତ୍ରୀ ଏହି ରାଜ୍ୟ ଓ ଦେଶର ବେକାର ଯୁବତୀଯୁବକଙ୍କୁ ପ୍ରତାରିତ କରିଛନ୍ତି। ବର୍ଷକୁ ୨ କୋଟି ନିଯୁକ୍ତି ଦେବେ ବୋଲି ନିର୍ବାଚନୀ ଇସ୍ତାହରରେ ପ୍ରତିଶ୍ରୁତି ଦେବା ପରେ ୧୧ ବର୍ଷ ଧରି ପ୍ରତାରିତ



କଂଗ୍ରେସ ଭବନରୁ ଯୁବକର୍ମୀମାନେ ବାହାରି ଲୋୟର ପିଏମ୍‌ଜି ଦେଇ ଯିବା ସମୟରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ସେମାନଙ୍କୁ ପୋଲିସ ଅଟକାଉଛି।

କରିଚାଲିଛନ୍ତି। ଏବେ କେନ୍ଦ୍ର ସରକାରଙ୍କ ୧୦ ଲକ୍ଷ ପଦବୀ ଖାଲି ପଡ଼ିଛି, ତାହାକୁ ପୂରଣ କରିବାରେ ମୋଦି ଅସମର୍ଥ। ତାଙ୍କ ପ୍ରତିଶ୍ରୁତି ଅନୁଯାୟୀ ୧୧ ବର୍ଷରେ ୨୨ କୋଟି ନିଯୁକ୍ତି ଦେବା କଥା, କିନ୍ତୁ ତାହା ପାଳନ କଲେନାହିଁ। ନିଯୁକ୍ତି ପ୍ରସଙ୍ଗରେ ପ୍ରଶ୍ନ କଲେ ବେକାର ଯୁବତୀଯୁବକଙ୍କ ଦୁରବସ୍ଥାକୁ ଉପହାସ କରି 'ପକୋଡ଼ା ବିକ୍ରି' ନିଯୁକ୍ତିର ଅଂଶବିଶେଷ ବୋଲି କହୁଛନ୍ତି। ପ୍ରଧାନମନ୍ତ୍ରୀ ଯେଉଁ ଅଚ୍ଛେଦିନ୍‌ର ସ୍ୱପ୍ନ ଦେଖାଇଥିଲେ ତାହା ବାସ୍ତବ ରୂପକୁ ଏ ଦେଶ ଓ ରାଜ୍ୟବାସୀ ଅନୁଭବ କଲେଣି। ଉକ୍ତ ମହଙ୍ଗା ମାଡ଼ରେ ସାଧାରଣ ଖାଉଟି ହନ୍ତସନ୍ତ। ନିକଟରେ ଖାଇବାତେଲ ଦର ବଢ଼େଇ ଦିଆଯାଇଛି। ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟରେ ଜିଏସ୍‌ଟି ଲାଗୁ କରାଯିବା ଫଳରେ ଏହାର ଦର ଆକାଶଛୁଆଁ ହୋଇଛି। ୭୦ ବର୍ଷ ଧରି କଂଗ୍ରେସ ଦେଶର ଯେଉଁ ସମ୍ପତ୍ତି ସୃଷ୍ଟି କରିଥିଲା ତାହାକୁ ମୋଦି ତାଙ୍କ ପ୍ରିୟ ଅସାଧୁ କମ୍ପାନୀଗୁଡ଼ିକୁ ଦାନକରି ଚାଲିଛନ୍ତି। ରେଳପଥ, ବନ୍ଦର, ଏଲ୍‌ଆଇସି, ବ୍ୟାଙ୍କ, ଖଣି ପ୍ରଭୃତି ସମସ୍ତ ରାଷ୍ଟ୍ରାୟତ୍ତ ସମ୍ପତ୍ତିକୁ ଆଦାନୀ ଆଦି କିଛି କମ୍ପାନୀ ହାତକୁ ବିକିଦିଆଯାଉଛି। ଓଡ଼ିଶାରେ ଯେଉଁ ସୁଭଦ୍ରା ଯୋଜନା ଅର୍ଥ ରାଶି ବଣ୍ଟନ ଏବଂ ଜନ୍ମଦିନ ପାଳନ ପାଇଁ ମୋଦି ଆସିଛନ୍ତି ତାହା କେବଳ ଡ୍ରାମାବାଜି। ସୁଭଦ୍ରା ଯୋଜନାରେ ହାତୀ ଦେବି, ଘୋଡ଼ା ଦେବି କହି ବର୍ଷକୁ ମାତ୍ର ୧୦ ହଜାର ଟଙ୍କା ଦେଇ ମହିଳା ସଶକ୍ତୀକରଣର ଯେଉଁ ରଚନା ସୃଷ୍ଟି କରାଯାଉଛି ତାହା କେବଳ ଏ ରାଜ୍ୟର ମହିଳାଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ ବୋଲି ଯୁବକଂଗ୍ରେସ ପକ୍ଷରୁ କୁହାଯାଇଛି।

# ୩୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ଆର୍‌ଆଇ

■ଜମି କିସମ ପରିବର୍ତ୍ତନ ପାଇଁ ଲାଞ୍ଚ ନେଉଥିଲେ

■ନିଜକୁ ପିଅନ ପରିଚୟ ଦେଉଥିବା ସହଯୋଗୀ ଗିରଫ


ବରୁଣ ଜେନା


ବଳରାମ ସାହୁ

ଢେଙ୍କାନାଳ,୧୭।୯(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ କୁଞ୍ଜକାନ୍ତଠାରେ ଥିବା ସଦର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଏକ ଜମି କିସମ ପରିବର୍ତ୍ତନ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରାଜସ୍ୱ ନିରୀକ୍ଷକ (ଆରଆଇ) ବରୁଣ ଜେନା ମଙ୍ଗଳବାର ଭିଜିଲାନ୍ସ ବିଭାଗ ହାତରେ ଧରାପଡିଛନ୍ତି । ଏହି ଘଟଣାରେ ତାଙ୍କୁ ସହଯୋଗ କରୁଥିବା ଏବଂ ନିଜକୁ କାର୍ଯ୍ୟାଳୟର ପିଅନ ଭାବେ ସମସ୍ତଙ୍କୁ ପରିଚୟ ଦେଉଥିବା ବଳରାମ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଭିଜିଲାନ୍ସ ବିଭାଗ ଧରିଛନ୍ତି। ଢେଙ୍କାନାଳ ସହର ମହିଷାପାଟ ଅଞ୍ଚଳରେ ୮ ଡିସିମିଲ ଚାଷଜମିକୁ ଅଣଚାଷ ଜମି କରି ଘରବାରିରେ ପରିବର୍ତ୍ତନ କରିବା ପାଇଁ ମ୍ୟୁଟେସନ କେଶ୍‌କୁ ନେଇ ମହିଷାପାଟ ଅଞ୍ଚଳର ମହେଶ୍ୱର ସାମଲ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଢେଙ୍କାନାଳ ସଦର ଆରଆଇ ବରୁଣ ଜେନା ୫୬ ହଜାର ଟଙ୍କା ମାଗିଥିଲେ। ତନ୍ମଧ୍ୟରୁ ୨୬ହଜାର ଟଙ୍କା କାର୍ଯ୍ୟ ପାଇଁ ଡିପୋଜିଟ୍ ହେବ ବୋଲି କହି ଆଉ ୩୦ହଜାର ଟଙ୍କା ତାଙ୍କ ପାଇଁ ମାଗିଥିଲେ। ଏହାପରେ ମହେଶ୍ୱର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ତଦନୁଯାୟୀ ମଙ୍ଗଳବାର ଅପରାହ୍ନରେ ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ କାର୍ଯ୍ୟାଳୟରେ ମହେଶ୍ୱରଙ୍କଠାରୁ ଆର୍‌ଆଇ ବରୁଣ ଜେନା ୩୦ହଜାର ଟଙ୍କା ଲାଞ୍ଚ ନେଇ ନିଜର ସହଯୋଗୀ ବଳରାମଙ୍କୁ ଦେଇଦେଇଥିଲେ। ବଳରାମ ଟଙ୍କାକୁ ବାଇକ୍‌ରେ ନେଇ ପଳାଇବାକୁ ବାହାରୁଥିବା ବେଳେ ଢେଙ୍କାନାଳ ଭିଜିଲାନ୍ସ ବିଭାଗ ତାଙ୍କୁ ମାଡ଼ି ବସିଥିଲା। ଏହାପରେ ଉଭୟଙ୍କୁ ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରାଯାଇଥିଲା। ଉକ୍ତ ଜମିଜମା ସମ୍ପର୍କିତ ରେକର୍ଡ ପତ୍ରକୁ ଭିଜିଲାନ୍ସ ବିଭାଗ ଜବତ କରିବା ପରେ ଏ ସଂକ୍ରାନ୍ତରେ ଢେଙ୍କାନାଳ ଭିଜିଲାନ୍ସ ଡିଏସ୍‌ପି ଅନୁସୟା ସେନାପତି ସଦର ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଭିଜିଲାନ୍ସ ବିଭାଗ ସହରସ୍ଥିତ ହାଡ଼ରୋଡ଼ରେ ଥିବା ଆରଆଇ ବରୁଣଙ୍କ ଘର ସହିତ ତାଙ୍କର ସରକାରୀ କାର୍ଯ୍ୟାଳୟ ଏବଂ ଗଁଦିଆସ୍ଥିତ ପୈତୃକ ଗୃହରେ ଚଢାଉ କରିଛନ୍ତି। ସେହିପରି ନକଲି ପିଅନ ବଳରାମଙ୍କ ଢେଙ୍କାନାଳସ୍ଥିତ ଭଗବାନପୁର ଘରେ ମଧ୍ୟ ଚଢ଼ାଉ କରାଯାଇଛି। ଭିଜିଲାନ୍ସ ଢେଙ୍କାନାଳ ଶାଖା ଡିଏସ୍‌ପି ଅନୁସୟା ସେନାପତି, କଟକ ଶାଖା ଡିଏସ୍‌ପି ସନ୍ତକ ଜେନା, ଇନ୍ସପେକ୍ଟର ଜ୍ୟୋତିଶଙ୍କର ସାହୁ ଓ ରୀତାରାଣୀ ପ୍ରଧାନ ପ୍ରମୁଖ ଚଢ଼ାଉ କରିଥିଲେ। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ କେସ୍ ନଂ. ୨୬/୨୦୨୪ରେ ଏକ ମାମଲା ରୁଜୁ କରାଯାଇଛି। ଆର୍‌ଆଇଙ୍କ କାର୍ଯ୍ୟାଳୟରେ ଦୀର୍ଘବର୍ଷ ହେବ ନିଜକୁ ପିଅନ ବୋଲି ପରିଚୟ ଦେଇ କାର୍ଯ୍ୟ କରୁଥିବା ବଳରାମଙ୍କ ସଂପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି।

# ପୁରୀରେ ବୋମାମାଡ଼, ୨ ଗୁରୁତର

ପୁରୀ,୧୭।୯(ଅଜିତ୍ କୁମାର ମହାନ୍ତି)



କିଛିଦିନର ବ୍ୟବଧାନ ପରେ ମଙ୍ଗଳବାର ଶ୍ରୀକ୍ଷେତ୍ର ପୁଣି ରକ୍ତରଞ୍ଜିତ ହୋଇଛି। ଦୁର୍ବୃତ୍ତଙ୍କ ବୋମାମାଡ଼ ଓ ଆକ୍ରମଣରେ ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ହେଲେ ବଳିଆପଣ୍ଡା ଥାନା ଅନ୍ତର୍ଗତ ବିଜୟନଗର ବସ୍ତିର ସନ୍ଦୀପ ସାନିୟଲ ଓ ମୃତ୍ୟୁଞ୍ଜୟ ସାନିୟଲ।

ବଳିଆପଣ୍ଡା ଥାନା ଅନ୍ତର୍ଗତ ନାଳିଫିଲ୍ଡ ପଡ଼ିଆସ୍ଥିତ ଜନମଙ୍ଗଳ ସମିତିଠାରେ ସନ୍ଦୀପ ସାନିୟଲ ତାଙ୍କ ପରିବାର ସହ ରହୁଛନ୍ତି। ସେହିପରି ତାଙ୍କ ପଡ଼ୋଶୀ ଭାବେ ମାନସ ସେନାପତି ପରିବାର ସହ ରହୁଛନ୍ତି। ଦୁଇ ପରିବାର ମଧ୍ୟରେ ପୂର୍ବରୁ ବିବାଦ ରହିଛି। ମଙ୍ଗଳବାର ସକାଳ ୯ଟାରେ ମୃତ୍ୟୁଞ୍ଜୟ ତାଙ୍କ ବ୍ୟାଟେରିଚାଳିତ ଅଟୋ (ଟୋଟୋ)ରେ ବସିଥିଲେ। ହଠାତ୍ ତାଙ୍କ ପଡ଼ୋଶୀ ମାନସ ଦୁଇ ତିନୋଟି ବୋମା ମୃତ୍ୟୁଞ୍ଜୟଙ୍କ ଘର ଓ ଗାଡ଼ି ଉପରକୁ ମାଡ଼ କରିଥିଲେ। ଫଳରେ ପ୍ରଚଣ୍ଡ ଶବ୍ଦରେ ଟୋଟୋ ବ୍ୟାଟେରି ଫାଟିଯାଇଥିଲା। ଏହି ଶବ୍ଦ ଶୁଣି ସନ୍ଦୀପ ଘରୁ ବାହାରି ଆସିଥିଲେ। ଏହି ସମୟରେ ମାନସ ତାଙ୍କୁ ଖଣ୍ଡାରେ ହାଣି ସେଠାରୁ ପଳାଇଥିଲେ। ସେପଟେ ଟୋଟୋ ପାଖରେ ମୃତ୍ୟୁଞ୍ଜୟ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ଉଭୟଙ୍କୁ ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସନ୍ଦୀପ ସାନିୟଲଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ ବଳିଆ ପଣ୍ଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ମାନସଙ୍କୁ ଗିରଫ କରି ଥାନାକୁ ଆଣି ୨୦୩/୨୪ରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ଅପରପକ୍ଷରେ ମାନସଙ୍କ ନାମରେ ପୂର୍ବରୁ ଅନେକ ମାମଲା ରହିଥିବା ପୋଲିସ କହିଛି।

# ପାଣିରେ ବୁଡ଼ିଗଲେ ୨ ଯୁବକ

ଜଗନ୍ନାଥପ୍ରସାଦ/ଶେରଗଡ଼,୧୭।୯ (ବିଭୁ ପ୍ରସାଦ ପଟ୍ଟନାୟକ/ ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଓ ଶେରଗଡ଼ରେ ମଙ୍ଗଳବାର ନଦୀ ଓ ପୋଖରୀରେ ବୁଡି ୨ ଯୁବକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଅନିଲ ପ୍ରଧାନ (୨୮) ଓ ବାୟା ସେଠୀ (୨୪)। ଜଗନ୍ନାଥପ୍ରସାଦ ନିକଟ ଦେଇ ଯାଇଥିବା ବୋଡ଼ା ନଦୀକୁ ଆଜ୍ଞାପ୍ରସାଦ ଗ୍ରାମର ଅନିଲ ସନ୍ଧ୍ୟାରେ ସ୍ନାନ, ଶୌଚ ପାଇଁ ଯାଇଥିବା ବେଳେ ଅସାବଧାନତାରୁ ବୁଡ଼ି ଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଯାଇ ଖୋଜାଖୋଜି କରିଥିଲେ। ନଦୀ ମଧ୍ୟରେ ଥିବା ଅମରିବୁଦା ପଙ୍କରୁ ଅନିଲଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ସେହିପରି ଶେରଗଡ ବ୍ଲକ ଧନନ୍ତର ଗ୍ରାମ ଗୁଡିବନ୍ଧକୁ ଗାଧୋଇ ଯାଇଥିବା ବେଳେ ବୁଡ଼ିଯାଇ ଦିବ୍ୟାଙ୍ଗ ବାୟାଙ୍କ ମୃତ୍ୟୁ ହୋଇଛି। ବାୟା ପ୍ରତିଦିନଭଳି ଭୋରରେ ବନ୍ଧକୁ ଗାଧୋଇ ଯାଇଥିବା ବେଳେ ବୁଡି ଯାଇଥିଲେ। ସେ ସମୟରେ ପୋଖରୀରେ କେହି ନ ଥିଲେ। କିଛି ସମୟ ପରେ ସେଠାକୁ ଗାଧୋଇ ଯାଇଥିବା କିଛି ଲୋକ ପାଣିରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଶେରଗଡ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ.୧୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବୌଲାଣି ଯାତ୍ରାରେ ଗୋଷ୍ଠୀ ସଂଘର୍ଷ: ୧୧ ଆହତ, ୬ ଗୁରୁତର

କୋରାପୁଟ/ଲକ୍ଷ୍ମୀପୁର,୧୭।୯ (ଅମିତାଭ ବେହେରା/ ଅନନ୍ତ ନାୟକ)


ଗୋଷ୍ଠୀ ସଂଘର୍ଷରେ ଗୁରୁତର ବ୍ୟକ୍ତିମାନେ।

କୋରାପୁଟ ଜିଲା କାକିରିଗୁମା ଥାନା ଅନ୍ତର୍ଗତ ତୁନପାର ସଦର ପଞ୍ଚାୟତରେ ହେଉଥିବା ବୌଲାଣି ଯାତ୍ରାରେ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ହୋଇଛି। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଅନ୍ୟ ଗୋଷ୍ଠୀର ୧୧ ଆହତ ହୋଇଥିବା ବେଳେ ୬ ଗୁରୁତର ହୋଇଛନ୍ତି। କୋରାପୁଟ ଚିକିତ୍ସାଳୟରେ ଦଳିତ ସାହିର ରାନୁ କନ୍ଦପାନ, ପ୍ରତାପ କନ୍ଦପାନ, ସଞ୍ଜୟ କନ୍ଦପାନ, ଅନୁ କନ୍ଦପାନ ଓ କୁମାରୀ ଗରଡ଼ା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେହିପରି ଆଦିବାସୀ ସାହିର ଶିବ ମୁଦୁଲି ମଧ୍ୟ ଚିକିତ୍ସିତ ହେଉଛନ୍ତି । କାକିରିଗୁମା ପୋଲିସ ଉଭୟ ପକ୍ଷର ଏକାଧିକ ବ୍ୟକ୍ତିଙ୍କୁ ଅଟକ ରଖିଛି। ଏହାକୁ ନେଇ ନଂ. ୮୩/୨୪ ଓ ୮୪/୨୪ରେ ଦୁଇଟି ମାମଲା ରୁଜୁ ହେବାସହ ପରିସ୍ଥିତି ନିୟନ୍ତ୍ରଣ ପାଇଁ ଗ୍ରାମରେ ଫୋର୍ସ ମୁତୟନ କରାଯାଇଛି ।

ସୂଚନା ଅନୁଯାୟୀ, ତୁନାପୁର ଗ୍ରାମର ଆଦିବାସୀ ସାହିରେ ବୌଲାଣି ଯାତ୍ରା ଯୋଗୁ ସୋମବାର ରାତିରେ ନାଚଗୀତ ହେଉଥିଲା। ଏଠାରେ ଆଦିବାସୀଙ୍କ ସହ ଦଳିତସାହିର ଯୁବକମାନେ ସାମିଲ ହୋଇଥିଲେ । ଉଭୟ ଗୋଷ୍ଠୀର ଯୁବକମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହାପରେ ଉଭୟ ଗୋଷ୍ଠୀ ଆଲୋଚନାକରି ସୋମବାର ରାତିରେ ଆପୋଷ ବୁଝାମଣା କରାଯାଇଥିଲା। କିନ୍ତୁ ମଙ୍ଗଳବାର ସକାଳେ ଘଟଣାଟି ଉଗ୍ରରୂପ ନେବାସହ ଉଭୟ ଗୋଷ୍ଠୀର କେତେକ ମହିଳାଙ୍କ ପାଟି ଶୁଭିଥିଲା । ଏହାପରେ ଉତ୍ତ୍ୟକ୍ତ ହୋଇ ଆଦିବାସୀ ସାହି ଲୋକେ ଅସ୍ତ୍ରଶସ୍ତ୍ର ସହିତ ଦଳିତ ସାହିରେ ପଶି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଅନେକ ଆହତ ହୋଇଛନ୍ତି। ଦଳିତ ସାହିର ୧୦ ଜଣ କାକିରିଗୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲା ବେଳେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ କାକିରିଗୁମା ଥାନାଧିକାରୀ ଡମ୍ବରୁଧର ବାତ୍ରିୟାଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି। ପ୍ରକୃତ ଆକ୍ରମଣକାରୀଙ୍କୁ ଚିହ୍ନଟ କରି ଗିରଫ କରାଯିବ ବୋଲି ସେ କହିଛନ୍ତି।

# ଘରୁ ଡାକି ନେଇ ଯୁବକଙ୍କୁ ହତ୍ୟା

ପୋଖରୀରୁ ମୃତଦେହ ଜବତ

ବ୍ରହ୍ମପୁର,୧୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଜଣେ ଯୁବକଙ୍କୁ ସୋମବାର ରାତିରେ ଘରୁ ଡାକିନେଇ ହତ୍ୟା କରାଯାଇଛି। ମୃତକ ହେଲେ ରାମକୃଷ୍ଣ ଚୌଧୁରୀଙ୍କ ପୁଅ ଶିବାଶିଷ ଚୌଧୁରୀ ଓରଫ ଶିବା (୨୫)। ଶିବାଙ୍କୁ ଘରଠାରୁ ୫କି.ମି. ଦୂର ଡେଙ୍ଗାପଦରରେ ହତ୍ୟାପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଅଭିଯୁକ୍ତମାନେ ନିକଟସ୍ଥ ପୋଖରୀରେ ଫିଙ୍ଗି ଦେଇଥିଲେ। ପୋଲିସ ମଙ୍ଗଳବାର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ସନ୍ଦେହରେ କେତେଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ସୋମବାର ରାତି ପ୍ରାୟ ସାଢ଼େ ୧୧ଟାରେ କେତେଜଣ ସାଙ୍ଗ ଶିବାଙ୍କ ଘରକୁ ଆସି କୌଣସି କାମରେ ତାଙ୍କୁ ଡାକି ନେଇଥିଲେ। ଶିବା ରାତିରେ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳେ ଡେଙ୍ଗାପଦର ଗାଁ ନିକଟସ୍ଥ ପୋଖରୀରେ ଏକ ମୃତଦେହ ଭାସୁଥିବା ଖବର ମିଳିଥିଲା। ଶିବାଙ୍କ ବାପା ରାମକୃଷ୍ଣ ସେଠାରେ ପହଞ୍ଚି ପୋଲିସ ଉପସ୍ଥିତିରେ ମୃତକ ତାଙ୍କ ପୁଅ ବୋଲି ଚିହ୍ନଟ କରିଥିଲେ। ପରେ ସେ ପୋଲିସ ନିକଟରେ ଘଟଣା ସମ୍ପର୍କରେ କହିବା ସହ ଯେଉଁମାନେ ପୁଅକୁ ଘରୁ ଡାକିନେଇଥିଲେ ସେମାନେ ହିଁ ତାକୁ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୨୯୬/୨୪ ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ସଦର ଏସଡ଼ିପିଓ ଶୁଭ୍ରାଂଶୁ ପରିଡା କହିଛନ୍ତି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଘଟଣାର ତଦନ୍ତ କରୁଛି। ପୋଖରୀ ନିକଟରୁ ଏକ ରକ୍ତଭିଜା କାତି ଜବତ ହୋଇଛି। ଶିବାଙ୍କ ମୁଣ୍ଡ, ବେକ ଓ ମୁହଁରେ ମାରଣାସ୍ତ୍ରରେ ଏକାଧିକ ଗଭୀର ଆଘାତ ଯୋଗୁ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ବେଳେ ଜଣାପଡ଼ିଛି ବୋଲି ଏଫଏମଟି ବିଭାଗ ମୁଖ୍ୟ ଡା. ସୁଚିତ୍ରା ଦାଶ କହିଛନ୍ତି।

# ବାଇକ୍ ଧକ୍କା: ୨ ମୃତ, ୨ ଗୁରୁତର

ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ଅନ୍ତର୍ଗତ କୁଶପଙ୍ଗା ନିକଟସ୍ଥ ରାଞ୍ଚି-ବିଜୟୱାଡା କରିଡୋର ରାସ୍ତାରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହୋଇ ୨ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ୨ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତକ ଦ୍ୱୟ ଫୁଲଝରୀ ଗ୍ରାମର ଜୟକୃଷ୍ଣ ଉଦାବର ଓ ଖିଲେଇ ଗ୍ରାମର ନନ୍ଦ ବାଘ। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ବୃନ୍ଦାବନପୁର ଗ୍ରାମର ଝସକେତନ ଖିଲାର, କରଲଗା ଗ୍ରାମରେ ବିବାହ କରିଥିବା ଝସକେତନଙ୍କ ଝିଅ ରୀନା ଖିଲାର ଓ ଖିଲେଇ ଗ୍ରାମର ନନ୍ଦ ବାଘ ଏକ ବାଇକ୍ ଯୋଗେ ଦେବଗଡ଼ ଅଭିମୁଖେ ଆସୁଥିଲେ। କୁଶପଙ୍ଗା ନିକଟରେ ଅନ୍ୟ ଏକ ବାଇକ୍‌ରେ ଯାଉଥିବା ଫୁଲଝରି ଗ୍ରାମର ଜୟକୃଷ୍ଣ ଉଦାବରଙ୍କ ସହିତ ଧକ୍କା ହେବାରୁ ଘଟଣା ସ୍ଥଳରେ ଜୟକୃଷ୍ଣଙ୍କ ମୃତ୍ୟୁ ଘଟିଥିବା ବେଳେ ଝସକେତନ, ରୀନା ଓ ନନ୍ଦ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଦ୍ୱାରା ଆହତଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନନ୍ଦଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ଆମ୍ବୁଲାନ୍ସରେ ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା।

# ଦାଦାବଟି ନ ଦେବାରୁ ଦୋକାନରେ ନିଆଁ ଲଗାଇଲେ

ଭୁବନେଶ୍ୱର,୧୭।୯(ସତ୍ୟଜିତ୍ ରାଉତ)


ଅଭିଯୁକ୍ତ ମୁରଲୀଧର ପଣ୍ଡା।

ପ୍ରଥମେ ଦାଦା ବଟି ମାଗିଲେ। ନ ଦେବାରୁ ପାନ ଦୋକାନରୁ ଚୋରି କରି ନିଆଁ ଲଗାଇଦେଲେ। ଏଭଳି ଏକ ଘଟଣାରେ ଲକ୍ଷ୍ମୀସାଗର ପୋଲିସ ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ମୁରଲୀଧର ପଣ୍ଡାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ନବକିଶୋର ନାୟକ ପ୍ରଜାପତି ମଣ୍ଡପ ନିକଟରେ ଏକ କ୍ୟାବିନ୍‌ରେ ପାନ ଓ ଚା' ଆଦି ବିକ୍ରି କରୁଛନ୍ତି। ରବିବାର ଅପରାହ୍ନ ପ୍ରାୟ ୪ଟା ବେଳେ ନବକିଶୋରଙ୍କ ଦୋକାନକୁ ଆସି ମୁରଲୀଧର ଦାଦାବଟି ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ମୁରଲୀଧର ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ଦୋକାନରେ ନିଆଁ ଲଗାଇଦେବାକୁ ଧମକ ଦେଇଥିଲେ। ଏହାର ପରଦିନ ସୋମବାର ଭୋର ପ୍ରାୟ ୪ଟା ସମୟରେ ମୁରଲୀଧର ଉକ୍ତ ଦୋକାନରୁ କିଛି ସାମଗ୍ରୀ ଚୋରି କରିବା ସହ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ଦୋକାନରେ ନିଆଁ ଲାଗିଥିବା ଜାଣି ନବକିଶୋର ତୁରନ୍ତ ଆସି ନିଆଁକୁ ଲିଭାଇ ଦେଇଥିଲେ। ଏନେଇ ନବକିଶୋରଙ୍କ ପକ୍ଷରୁ ଥାନାରେ ଏତଲା ହେବା ପରେ ପୋଲିସ ଏକ ମାମଲା (ନଂ.୫୦୦/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଟିମ୍ ଅଭିଯୁକ୍ତ ମୁରଲୀଧରଙ୍କୁ ଝାରପଡ଼ା ଓଭରବ୍ରିଜ ଅଞ୍ଚଳରୁ ଗିରଫ କରିଥିଲା। ମୁରଲୀଧରଙ୍କ ନାମରେ ପୂର୍ବରୁ ଏୟାରଫିଲ୍ଡ ଏବଂ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ଲେଖାଏ ମାମଲା ଥିବା ଜଣାପଡ଼ିଛି।

# ଗଛରେ ପିଟି ହେଲା ବାଇକ୍, ୨ ମୃତ

ମୃତକ ଲକ୍ଷ୍ମୀ ବସ୍ ଅପରେଟର ଓ ସୁପରଭାଇଜର

ନୟାଗଡ଼/ଦଶପଲ୍ଲା,୧୭।୯ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ବଲାଙ୍ଗୀର ଖୋର୍ଦ୍ଧା ୫୭ନଂ.ଜାତୀୟ ରାଜପଥର ନୟାଗଡ଼ ଜିଲା ଦଶପଲ୍ଲା ଥାନା ନଛିପୁର ରାଇସ୍ ମିଲ୍ ବୁଲାଣି ନିକଟରେ ମଙ୍ଗଳବାର ଅପରାହ୍ନ ରେ ବାଇକ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲକ୍ଷ୍ମୀବସ ତଥା ମୁଖ୍ୟମନ୍ତ୍ରୀ ବସ ଯୋଜନା ଅପରେଟର ସୂର୍ଯ୍ୟକାନ୍ତ ବେହେରା(୨୪) ଓ ଦଶପଲ୍ଲା ସୁପରଭାଇଜର ଜ୍ଞାନ ରଞ୍ଜନ ସାହୁ (୨୧)। ସୂର୍ଯ୍ୟକାନ୍ତଙ୍କର ଘର ଓଡ଼ଗାଁ ଥାନା ଦଲକରେ ହୋଇଥିବାବେଳେ ଜ୍ଞାନଙ୍କ ଘର ଦଶପଲ୍ଲା ଥାନା ଅଧୀନ ମଧ୍ୟଖଣ୍ଡ ଗାଁରେ। ଲକ୍ଷ୍ମୀବସ ଅଚଳ ହୋଇ ଯିବାରୁ ସୂର୍ଯ୍ୟକାନ୍ତ ଓ ଜ୍ଞାନ ବାଇକ୍‌ରେ ଘୁଗୁଡିପଡ଼ାକୁ ଯାଇଥିଲେ। ସେଠାରେ ଲକ୍ଷ୍ମୀବସର ମରାମତି ସାରି ଫେରୁଥିବାବେଳେ ନଛିପୁର ରାଇସ୍ ମିଲ୍ ବୁଲାଣି ନିକଟରେ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇ ବିଲ ଭିତରକୁ ଖସି ପଡିଥିଲା। ଦଶପଲ୍ଲା ଥାନା ପୋଲିସ ଉଭୟଙ୍କୁ ଉଦ୍ଧାର କରି ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆକାଶ କଇଁଆ ଚିଲିକା ମାଛ
କେତେ କରୁଅଛୁ ଅପାଞ୍ଚ ପାଞ୍ଚ ।**

କଇଁଆ କୋଳି ଖଟା। କିନ୍ତୁ ମାଛ ତରକାରିରେ ଖଟା ପଡ଼ିଲେ ତରକାରି ଭଲ ଲାଗେ। ଚିଲିକା ହ୍ରଦରେ ମାଛ ବହୁତ। ଗଛରୁ କଇଁଆ ତୋଳା ହବ, ଚିଲିକାରୁ ମାଛ ଆସିବ ତା'ପରେ ତରକାରି ହେବ। କାହିଁ କେତେଦୂରର କଥା। ଅସମ୍ଭବ ବା ଅନିଶ୍ଚିତ କଥା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଳୁ ବାରପଳ ସାରୁ ବାରପଳ
ବାର ବାର ପଳ ଚବିଶ ପଳ ।**

ସାଧାରଣତଃ ପିଲାଙ୍କ ଓଡ଼ିଆ ଅକ୍ଷର ଉଚ୍ଚାରଣରେ କେତେ ଶୁଦ୍ଧତା ଓ ପାରଦର୍ଶିତା ଆସିଲାଣି, ତାହା ଜାଣିବା ପାଇଁ ପିଲାମାନଙ୍କୁ ଏହା ଶୀଘ୍ର ଶୀଘ୍ର କହିବାକୁ କୁହାଯାଏ। ଏପରି ତରତର ହୋଇ କହିବା ବେଳେ ଗୋଟିଏ ଅକ୍ଷର ଜାଗାରେ ଆଉ ଗୋଟିଏ ଅକ୍ଷରର ଉଚ୍ଚାରଣ ବାହାରି ପଡ଼ିଲେ ଏକ ହାସ୍ୟାତ୍ମକ ପରିସ୍ଥିତି ଉପୁଜିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଗ୍ୟାସ୍ ସିଲିଣ୍ଡର ଚୋରି ପଛରେ ଗୋଦାମ ମ୍ୟାନେଜର

■୧୩୩ ସିଲିଣ୍ଡର ଜବତ, ୪ ଗିରଫ

■ଗ୍ୟାସ୍ ସିଲିଣ୍ଡର ଚୋରି ରାକେଟ୍‌ର ପର୍ଦ୍ଦାଫାଶ

ବଲାଙ୍ଗୀର, ୧୭।୯ (ବୀରେନ୍ଦ୍ର କୁମାର ଝାଙ୍କର)


ଗ୍ୟାସ ସିଲିଣ୍ଡର ଚୋରି ଘଟଣାରେ ଗିରଫ ୪ ଅଭିଯୁକ୍ତ।

ବଲାଙ୍ଗୀର ଜିଲାର ବିଭିନ୍ନ ଗ୍ୟାସ ଗୋଦାମରୁ ଗ୍ୟାସ ସିଲିଣ୍ଡର ଚୋରି କରୁଥିବା ଏକ ରାକେଟ୍‌କୁ ପୋଲିସ ଧରିବାରେ ସଫଳ ହୋଇଛି। ଏହି ସିଲିଣ୍ଡର ରାକେଟ୍‌ର ମାଷ୍ଟର ମାଇଣ୍ଡ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୧୩୩ ଗ୍ୟାସ ସିଲିଣ୍ଡର ଏବଂ ଏକ ଟାଟା ଏସିଇ ଗାଡି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁଇଁତଲା ଥାନା ବୁଢେଲ ଗାଁର ସତ୍ୟ ଓରଫ୍ ସତ୍ୟନାରାୟଣ ନାଏକ (୫୨), ରଣ୍ଡା ଗାଁର ଟୁନୁ ନନ୍ଦ (୫୦), ଦେଓଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗାଁର ପ୍ରେମରାଜ ପୁରୋହିତ (୫୨) ଓ ବଲାଙ୍ଗୀର ଟାଉନ୍ ଥାନା ଇନ୍ଦିରାନଗରର କ୍ଷମା ସାଗର ଭୁଏ (୪୬)। ବଲାଙ୍ଗୀର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ମଙ୍ଗଳବାର ପୁଇଁତଲା ଥାନାରେ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଥିଲେ।

ପୁଇଁତଲା ଥାନା ଅନ୍ତର୍ଗତ ସାଉନ୍ତପୁର-ଲସ୍ତଲା ଗାଁ ରାସ୍ତା କଡରେ ଥିବା ଭାରତ ଗ୍ୟାସ ଗୋଦାମରୁ ଗତ ସେପ୍ଟେମ୍ବର ୧୩ ତାରିଖ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଗ୍ୟାସ ଗୋଦାମର କବାଟ ଭାଙ୍ଗି ଗ୍ୟାସ ସିଲିଣ୍ଡର ଚୋରି କରୁଥିଲେ। ଚୋରମାନେ ଏକ ଟାଟା ଏସିଇ ଗାଡ଼ିରେ ଗ୍ୟାସ ସିଲିଣ୍ଡର ଲଦୁ ଥିବାବେଳେ ସ୍ଥାନୀୟ ଲୋକେ ଜାଣିପାରି ଚୋରମାନଙ୍କ ଉପରେ ଚଢ଼ାଉ କରିଥିଲେ। ତେବେ ଚୋରମାନେ ଫେରାର ହୋଇଯାଇଥିଲେ ମଧ୍ୟ ସ୍ଥାନୀୟ ଲୋକେ ଟାଟା ଏସିଇ ଗାଡି ଓଡି ୦୩ ଡି ୮୪୫୬ ଓ ତା'ର ଡ୍ରାଇଭର ପ୍ରେମରାଜ ପୁରୋହିତଙ୍କୁ ଧରି ପୋଲିସରେ ଜିମା ଦେଇଥିଲେ। ପୋଲିସ ଉକ୍ତ ଟାଟା ଏସିଇ ଗାଡିରୁ ୨୨ଟି ସିଲିଣ୍ଡର ଏବଂ ଗୋଦାମ ଘର ବାହାରୁ ୨୯ଟି ସିଲିଣ୍ଡର ଜବତ କରିଥିଲା। ତେବେ ଗୋଦାମରୁ ୨୩ଟି ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଥିବା ଅଭିଯୋଗ କରାଯାଇଥିଲା। ଏହି ଗୋଦାମରୁ କିଛି ମାସ ପୂର୍ବରୁ ମଧ୍ୟ ସମାନ ଢ଼ଙ୍ଗରେ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହା ସହିତ ସଦର ଥାନା ଅନ୍ତର୍ଗତ ଝାଙ୍କରପାଲି ଗାଁରେ ଥିବା ଭାରତ ଗ୍ୟାସ ଗୋଦାମରୁ ମଧ୍ୟ ସମାନ ଢ଼ଙ୍ଗରେ ଦୁଇ ଥର ସିଲିଣ୍ଡର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ଗ୍ୟାସ ଗୋଦାମରୁ ସମାନ ଢ଼ଙ୍ଗରେ ଚୋରି ହେବା ପରେ ପୋଲିସ ଏନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଦ୍ୱାରା ଗିରଫ ହୋଇଥିବା ବୁଢେଲ ଗାଁର ସତ୍ୟନାରାୟଣ ନାଏକଙ୍କୁ ଏହି ସିଲିଣ୍ଡର ଚୋରି ରାକେଟ୍‌ର ମୁଖ୍ୟ ବୋଲି ଏସ୍‌ଡିପିଓ ସାହୁ ସୂଚନା ଦେଇଛନ୍ତି। ସେ ଏକ ଗ୍ୟାସ ଗୋଦାମରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ ଏବଂ ଏଭଳି ଚୋରି ଯୋଜନା କରୁଥିବା ସୂଚନା ଦେଇଛନ୍ତି। ଚୋରି ସିଲିଣ୍ଡର ସବୁକୁ ପୁଣି ଥରେ ଗ୍ୟାସ ଗୋଦାମରେ ସାମିଲ କରି ବେପାର ଚଳାଉଥିଲେ। ସାଉନ୍ତପୁର, ଝାଙ୍କରପାଲି ଗୋଦାମରେ ବାରମ୍ବାର ଚୋରି ପଛରେ ଏହି ରାକେଟ ସାମିଲ ଥିବା ଏସ୍‌ଡିପିଓ ସାହୁ ସୂଚନା ଦେଇଛନ୍ତି। ଗିରଫ ୪ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଅନେକ ମାମଲା ରହିଥିବା ଏସ୍‌ଡିପିଓ କହିଛନ୍ତି।

# ଆଲମିରା ଭାଙ୍ଗି ସୁନାଗହଣା ଚୋରି

ବୈଶିଙ୍ଗା,୧୭।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ନଛିପୁରିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗ୍ରାମର ଶ୍ରୀନିବାସ ପାଣି ସବୁଦିନ ପରି ସୋମବାର ରାତିରେ ଖାଇ ସାରି ଘରେ ଶୋଇବା ପାଇଁ ଯାଇଥିଲେ। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ କୌଶଳ କ୍ରମେ ମୁଖ୍ୟ କବାଟ ଖୋଲି ତାଙ୍କ ଘର ଭିତରେ ପଶି ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଏବଂ ମୋବାଇଲ ଚୋରି କରିନେଇଥିଲେ। ବୈଶିଙ୍ଗା ଥାନାଧିକାରୀ ତପନ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ସବ୍ ଇନ୍ସପେକ୍ଟର ବୋଇତ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।



# ଖାଇବା ତେଲ ଉପରେ ମୌଳିକ କଷ୍ଟମ୍ସ ଶୁଳ୍କ ବୃଦ୍ଧି

## ଏମ୍ଆର୍ପି ଅପରିବର୍ତ୍ତିତ ରଖିବାକୁ ତୈଳ ସଙ୍ଗଠନକୁ ପରାମର୍ଶ



ଭୁବନେଶ୍ୱର,୧୭।୯ (ଅନୁରାଧା ମହାରଣା)

ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ (ଡିଏଫ୍ପିଡି) ସଚିବ, ସଲ୍ଭେଣ୍ଟ ଏକ୍ସଟ୍ରାକସନ ଆସୋସିଏସନ ଅଫ୍ ଇଣ୍ଡିଆ (ଏସ୍ଇଏଆଇ), ଇଣ୍ଡିଆନ ଭେଜିଟେବୁଲ ଅଏଲ ଉତ୍ପାଦକ ସଂଘ (ଆଇଭିପିଏ) ଏବଂ ସୋୟାବିନ ତୈଳ ଉତ୍ପାଦକ ସଂଘ (ସୋପା)ର ପ୍ରତିନିଧିଙ୍କ ସହ ଦରଦାମ ନିୟନ୍ତ୍ରଣ ରଣନୀତି ଉପରେ ଆଲୋଚନା କରିଛନ୍ତି। ଅଗ୍ରଣୀ ଖାଇବା ତେଲ ସଙ୍ଗଠନଗୁଡିକ ଆମଦାନୀ ହେଉଥିବା ଖାଇବା ତେଲ ଷ୍ଟକ୍ଗୁଡିକ ଶୂନ ଏବଂ ୧୨.୫ ପ୍ରତିଶତ ମୌଳିକ କଷ୍ଟମ୍ସ ଡ୍ୟୁଟି(ବିସିଡି) ଉପଲବ୍ଧ ନ ହେବା ପର୍ଯ୍ୟନ୍ତ ଖାଇବା ତେଲର ଏମ୍ଆର୍ପି ଅପରିବର୍ତ୍ତିତ ରଖିବାକୁ ପରାମର୍ଶ ଦିଆଯାଇଛି।

ଏହା ପୂର୍ବରୁ ଅଗ୍ରଣୀ ଖାଇବା ତେଲ ସଙ୍ଗଠନ ସହ ବିଭାଗର ବୈଠକରେ ଶିଳ୍ପ ଦ୍ୱାରା ସୂର୍ଯ୍ୟମୁଖୀ, ସୋୟାବିନ ଏବଂ ସୋରିଷ ତେଲ ଭଳି ଖାଇବା ତେଲର ଏମ୍ଆର୍ପି ହ୍ରାସ ପାଇଥିଲା। ଅନ୍ତର୍ଜାତୀୟ ବଜାରରେ ମୂଲ୍ୟ ହ୍ରାସ ଏବଂ ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ହ୍ରାସ ହେତୁ ତୈଳ ମୂଲ୍ୟ ହ୍ରାସ ପାଇଛି। ସମୟ ସମୟରେ, ଶିଳ୍ପ ଉପରେ ଘରୋଇ ମୂଲ୍ୟକୁ ଅନ୍ତର୍ଜାତୀୟ ମୂଲ୍ୟ ସହ ସମାନ କରିବାକୁ ପରାମର୍ଶ ଦିଆଯାଇଛି ଯାହା ଦ୍ୱାରା ଗ୍ରାହକଙ୍କ ଉପରେ କୌଣସି ବୋଝ ପଡ଼ିବ ନାହିଁ।

ଘରୋଇ ତୈଳବୀଜ ମୂଲ୍ୟକୁ ସମର୍ଥନ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ଖାଇବା ତେଲ ଉପରେ ମୌଳିକ କଷ୍ଟମ୍ସ ଶୁଳ୍କ ବୃଦ୍ଧି କରିଛନ୍ତି। ଅଶୋଧିତ ସୋୟାବିନ ତେଲ, ଅଶୋଧିତ ପାମ୍ ତେଲ ଏବଂ ଅଶୋଧିତ ସୂର୍ଯ୍ୟମୁଖୀ ତେଲ ଉପରେ ମୌଳିକ କଷ୍ଟମସ୍ ଶୁଳ୍କ ଶୂନରୁ ୨୦ ପ୍ରତିଶତକୁ ବୃଦ୍ଧି କରାଯାଇ ସେପ୍ଟେମ୍ବର ୧୪ରୁ ଅଶୋଧିତ ତୈଳ ଉପରେ ପ୍ରଭାବଶାଳୀ ଶୁଳ୍କ ୨୭.୫ ପ୍ରତିଶତକୁ ନିଆଯାଇଛି। ଏଥିସହ ବିଶୋଧିତ ପାମ୍ ତେଲ, ବିଶୋଧିତ ସୂର୍ଯ୍ୟମୁଖୀ ତେଲ ଏବଂ ବିଶୋଧିତ ସୋୟାବିନ ତେଲ ଉପରେ ମୌଳିକ କଷ୍ଟମ୍ସ ଶୁଳ୍କ ୧୨.୫ ପ୍ରତିଶତରୁ ୩୨.୫ ପ୍ରତିଶତକୁ ବୃଦ୍ଧି କରାଯାଇ ବିଶୋଧିତ ତେଲ ଉପରେ ପ୍ରଭାବଶାଳୀ ଶୁଳ୍କ ୩୫.୭୫ ପ୍ରତିଶତକୁ ନିଆଯାଇଛି। ଘରୋଇ ତୈଳବୀଜ ଚାଷୀଙ୍କୁ ସହାୟତା କରିବା ପାଇଁ ସରକାର ପ୍ରୟାସ କରୁଥିବା କୁହାଯାଇଥିବାବେଳେ ଅକ୍ଟୋବରରୁ ନୂଆ ସୋୟାବିନ ଏବଂ ବାଦାମ ଫସଲ ବଜାରରେ ପହଞ୍ଚିବ ବୋଲି ଆଶା କରାଯାଉଛି।

ସୋୟାବିନ, ତେଲ, ପାମ୍ ଅଏଲ୍ ଏବଂ ଅନ୍ୟାନ୍ୟ ତୈଳବୀଜର ବିଶ୍ୱ ଉତ୍ପାଦନରେ ବୃଦ୍ଧି ହୋଇଛି। ଗତ ବର୍ଷ ତୁଳନାରେ ଅଧିକ ଷ୍ଟକ୍ ଏବଂ ବିଶ୍ୱରେ ଅଧିକ ଉତ୍ପାଦନ ହେତୁ ଖାଇବା ତେଲର ବିଶ୍ୱ ମୂଲ୍ୟରେ ହ୍ରାସ ଏହି ପରିସ୍ଥିତିରେ ଶସ୍ତା ତେଲ ଆମଦାନୀରେ ବୃଦ୍ଧି ଘଟିଛି। ଆମଦାନୀ ହେଉଥିବା ଖାଇବା ତେଲର ମୂଲ୍ୟ ବୃଦ୍ଧି , ଏହି ପଦକ୍ଷେପଗୁଡିକ ଘରୋଇ ତୈଳବୀଜ ମୂଲ୍ୟ ବୃଦ୍ଧି, ଉତ୍ପାଦନକୁ ସମର୍ଥନ କରିବା ଏବଂ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଯଥେଷ୍ଟ କ୍ଷତିପୂରଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୩୦ ଏଲ୍ଏମ୍ଟି ଷ୍ଟକ୍ ଖାଇବା ତେଲ ଘରୋଇ ବ୍ୟବହାରର ୪୫ ରୁ ୫୦ ଦିନ ପାଇଁ ଯଥେଷ୍ଟ ବୋଲି ସରକାରୀସ୍ତରରେ ଆକଳନ କରାଯାଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୭।୯(ଅଭୟ ଦାଶ)

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୯୧ (୯୦.୮୮) ପଏଣ୍ଟ ବଢ଼ି ୮୩,୦୮୦ (୮୩,୦୭୯.୬୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୫ (୩୪.୮୦) ପଏଣ୍ଟ ବୃଦ୍ଧି ଘଟି ୨୫,୪୧୯ (୨୫,୪୧୮.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଟାଟା ପାୱାରର ଦକ୍ଷତା ବିକାଶ ଅଭିଯାନ



ଭୁବନେଶ୍ୱର,୧୭।୯(ଅଭୟ ଦାଶ)

ଟାଟା ପାୱାରର ବହୁ ପ୍ରତୀକ୍ଷିତ ଯୋଜନା 'ଟାଟା ପାୱାର ଦକ୍ଷତା ବିକାଶ ଅଭିଯାନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା ହୋଇଯାଇଛି। ଏପରିକି ନିକଟରେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ସ୍ଥାପନ ହୋଇଛି। ଉଭୟ ସଂସ୍ଥାଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହେବା ପରେ ଏହି ବ୍ୟାପକ ଦକ୍ଷତା ବିକାଶ ଅଭିଯାନ ଆଇଟିଆଇ ଛାତ୍ରୀଛାତ୍ରମାନଙ୍କୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି, ଏହା ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଲାଗି ଆବଶ୍ୟକ ଦକ୍ଷତା ପ୍ରଦାନ କରି ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି।

ସ୍କିଲ୍ଡ ଇନ୍ ଓଡ଼ିଶା'ର ଏକ ଅଂଶସ୍ୱରୂପ,ଟାଟା ପାୱାରର ଏହି ସହଯୋଗିତା ସାରା ରାଜ୍ୟର ଅନେକ ଆଇଟିଆଇ ପାଖରେ ପହଞ୍ଚିଥିବା ବେଳେ ଶହ ଶହ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପ ଲାଗି ଉପଯୋଗୀ ଦକ୍ଷତା ଓ ଶକ୍ତି ଶିଳ୍ପର ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରିବା ଲାଗି ଏହି ଅଭିଯାନ ପ୍ରସ୍ତୁତ କରାଯାଇଛି। ଶ୍ରେଣୀ ଗୃହ ଶିକ୍ଷା ଓ ବାସ୍ତବ ଦୁନିଆର ପ୍ରୟୋଗ ମଧ୍ୟରେ ରହିଥିବା ଅନ୍ତରକୁ ଦୂର କରି ଏହା ଓଡ଼ିଶାର ଯୁବବର୍ଗଙ୍କ ନିଯୁକ୍ତି ହାସଲ କ୍ଷମତାରେ ଉଲ୍ଲେଖନୀୟ ଉନ୍ନତି ଆଣିପାରିଛି।

ଉଭୟ ବର୍ତ୍ତମାନ ଓ ଭବିଷ୍ୟତର ଶିଳ୍ପ ଆବଶ୍ୟକତା ପୂରଣ କରିବା ଲାଗି ଏହି କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଛନ୍ତି। ଯେଉଁଥିରେ ଇଲେକ୍ଟ୍ରିକାଲ ଓ ଲଘୁ ଦକ୍ଷତା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରାଯାଇଛି। ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱର୍କ (ଏନଏସକ୍ୟୁଏଫ) ସହିତ ଏହି ମଡ୍ୟୁଲଗୁଡ଼ିକ ସମନ୍ୱିତ ରହିଛି,ଯାହା ଉଚ୍ଚମାନର ତାଲିମ ସୁନିଶ୍ଚିତ କରୁଛି। ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୨୦୦୦ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯିବ ଏବଂ ପାଠ୍ୟ ଉପକରଣରେ ବିଦ୍ୟୁତ ସୁରକ୍ଷା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ,ରାଜ୍ୟରେ ସୁରକ୍ଷିତ ଓ ଉନ୍ନତ ବିଦ୍ୟୁତ ସ୍ଥାପନାରେ ଉନ୍ନତି ଆଣିବ।

କଟକ, ଭୁବନେଶ୍ୱର, ଢେଙ୍କାନାଳ, ପଟ୍ଟାମୁଣ୍ଡାଇ ଓ ବାଲେଶ୍ୱର ଆଇଟିଆଇରେ ସଫଳତାର ସହ ପ୍ରାରମ୍ଭିକ ଅଧିବେଶନ ଆୟୋଜନ କରାଯାଇଛି। ଟାଟା ପାୱାରର ଅଭିଜ୍ଞ ପ୍ରଫେସନାଲମାନେ ପ୍ରାକ୍ଟିକାଲ୍ ତାଲିମ ଅଧିବେଶନ ଆୟୋଜନ କରି ଛାତ୍ରୀଛାତ୍ରମାନଙ୍କୁ ମୂଲ୍ୟବାନ ମେଣ୍ଟରଶିପ ପ୍ରଦାନ କରୁଥିବାବେଳେ ସେମାନଙ୍କୁ ଶିଳ୍ପର ଶ୍ରେଷ୍ଠ ଅଭ୍ୟାସ ଓ ଶକ୍ତି କ୍ଷେତ୍ରର ଉନ୍ନତ ପ୍ରଯୁକ୍ତି ବିଷୟରେ ଜଣାଉଛନ୍ତି। ଶ୍ରେଣୀ ଗୃହ ଶିକ୍ଷା ସହିତ ଛାତ୍ରୀଛାତ୍ରମାନେ ଟାଟା ପାୱାରର ଡିସ୍କମ୍ଗୁଡ଼ିକର ଅତ୍ୟାଧୁନିକ ବ୍ୟବସ୍ଥା ଯଥା ନେଟୱର୍କ କଂଟ୍ରୋଲ ସେଣ୍ଟର, ସ୍ମାର୍ଟ ମିଟର ଲ୍ୟାବ, ୩୩/୧୧କେଭି ସବଷ୍ଟେଶନ ପରିଦର୍ଶନ କରିବେ। ଯେଉଁଠାରେ ସେମାନେ ଦୈନନ୍ଦିନ ପରିଚାଳନା ଓ ସୁରକ୍ଷା ପେଟ୍ରୋକଲ୍ର ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିପାରିବେ।

# ଏଆର୍ଆଇର ଆକର୍ଷଣୀୟ ପାର୍ବଣ ଅଫର



ନୂଆଦିଲ୍ଲୀ,୧୭।୯(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଅଟୋମୋବାଇଲ କମ୍ପାନୀ ତଥା ସୁପରବାଇକ୍ ବ୍ରାଣ୍ଡ ଆଦିଶ୍ୱର ଅଟୋ ରାଇଡ୍ ଇଣ୍ଡିଆ(ଏଆରଆଇ)ର ବହୁ ପ୍ରତୀକ୍ଷିତ ପାର୍ବଣ ଅଫର (ଆକର୍ଷଣୀୟ ପାର୍ବଣ ଅଫର)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡର ବେନେଲି ଏବଂ ଜୋଣ୍ଟସ୍ ଭଳି ସୁପରବାଇକ୍ କିଣିବା ଉପରେ ସ୍ୱତନ୍ତ୍ର ସର୍ଭିସ୍ ସୁବିଧା ପ୍ରଦାନ କରୁଛି। ସେହିଭଳି ଚଳିତ ଉତ୍ସବ ଋତୁରେ ବେନେଲିର ଆଇକନିକ୍ ଟିଆର୍କେ ମଡେଲ ରେଞ୍ଜ ସହ ୨ବର୍ଷର ୩୦,୦୦୦ଟଙ୍କା ମୂଲ୍ୟର କମ୍ପ୍ଲିମେଣ୍ଟାରି ସର୍ଭିସ୍ ଜିତିବାର ସୁଯୋଗ ମଧ୍ୟ ରହିଛି। ଏହାର ମୂଲ୍ୟ ୫.୮୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଅପରପକ୍ଷରେ ଗ୍ରାହକମାନେ ବର୍ତ୍ତମାନ ୩୫୦ ଆର୍, ୩୫୦ଏକ୍ସ, ଜିକେ ୩୫୦, ୩୫୦ଟି ଏବଂ ୩୫୦ଟି ଏଡିଭି ସହିତ ଜୋଣ୍ଟସ୍ର ୩୫୦ସିସି ମଡେଲ ଉପରେ ୨୦,୦୦୦ ଟଙ୍କା ମୂଲ୍ୟର ୨ବର୍ଷର କମ୍ପ୍ଲିମେଣ୍ଟାରି ସର୍ଭିସ୍ ପାଇପାରିବେ। ଏହାର ମୂଲ୍ୟ ୨.୭୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

# ସେପ୍ଟେମ୍ବର ୨୭ରୁ ଏଜିଆଇଏଫ୍

ନୂଆଦିଲ୍ଲୀ,୧୭।୯(ଅଭୟ ଦାଶ)

ଦେଶର ପ୍ରମୁଖ ଇ କର୍ମସ ପ୍ଲାଟ୍ଫର୍ମ ତଥା ଆମାଜନ.ଇନ୍ର ବହୁ ପ୍ରତୀକ୍ଷିତ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ (ଏଜିଆଇଏଫ୍) ସେଲର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସେଲ୍ ୨୦୨୪ ସେପ୍ଟେମ୍ବର ୨୭ରୁ ଆରମ୍ଭ ହେଉଛି। ଏଥିରେ ପ୍ରାଇମ୍ ସଦସ୍ୟମାନଙ୍କ ପାଇଁ ୨୪ଘଣ୍ଟାର ଆଗୁଆ ଆକ୍ସେସ୍ ରହିବ। ଭାରତର ପସନ୍ଦ ଏବଂ ବିଶ୍ୱସ୍ତ ଅନ୍ଲାଇନ ମାର୍କେଟ ପ୍ଲେସ୍ରେ ଦ୍ରୁତ ଏବଂ ବିଶ୍ୱସନୀୟ ଡେଲିଭରି ସୁବିଧା ସହ ଗ୍ରାହକମାନେ ଉତ୍ପାଦଗୁଡ଼ିକର ବ୍ୟାପକ ଚୟନ ଉପରେ ଆକର୍ଷଣୀୟ ଡିଲ୍ ଉପଭୋଗ କରିପାରିବେ। ଆମାଜନ୍ ଇଣ୍ଡିଆର ଉପାଧ୍ୟକ୍ଷ ସୌରଭ ଶ୍ରୀବାସ୍ତବ କହିଛନ୍ତି, ଏଜିଆଇଏଫ୍ ୨୦୨୪ରେ ଗ୍ରାହକଙ୍କୁ ବ୍ୟାପକ ଚୟନ,ନୂତନ ପ୍ରଡକ୍ଟ ଲଞ୍ଚ, ଆକର୍ଷଣୀୟ ଡିଲ୍, ସୁବିଧାଜନକ ଶପିଂ ଅଭିଜ୍ଞତା, ଦ୍ରୁତ ଏବଂ ବିଶ୍ୱସନୀୟ ଡେଲିଭରି, ସହଜ ତଥା ନମନୀୟ ଦେୟ ବିକଳ୍ପ ଏବଂ ଆହୁରି ଅନେକ କିଛି ପ୍ରଦାନ କରିବ। ଆମେ ଆମର ବିକ୍ରେତା, ବ୍ରାଣ୍ଡ ପାର୍ଟନର, ଡେଲିଭରି ସହଯୋଗୀଙ୍କ ସହିତ ଉତ୍ସବର ଭାବନା ବୃଦ୍ଧି କରିବାକୁ ଉତ୍ସାହିତ ଏବଂ ମିଳିତ ଭାବେ ଆମେ ସମଗ୍ର ଭାରତରେ ଲକ୍ଷ ଲକ୍ଷ ପରିବାର ପାଇଁ ପର୍ବ ପ୍ରସ୍ତୁତିରେ ଉତ୍ସାହ ବିସ୍ତାର କରିବୁ। ଚଳିତ ପାର୍ବଣ ଋତୁରେ ଗ୍ରାହକମାନେ ଅଗ୍ରଣୀ ପାର୍ଟନର ବ୍ୟାଙ୍କରୁ ଆକର୍ଷଣୀୟ ଅଫର ମଧ୍ୟ ପାଇପାରିବେ। ଏହାବ୍ୟତୀତ ସେମାନେ ଏସ୍ବିଆଇ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ଏବଂ କ୍ରେଡିଟ୍ ଇଏମ୍ଆଇ ସହ ୧୦% ତୁରନ୍ତ ରିହାତି ପାଇପାରିବେ।

# ଏଏମ୍ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ




ଭୁବନେଶ୍ୱର,୧୭।୯(ଅଭୟ ଦାଶ)

ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍(ଏଏମ୍ଏନ୍ଏସ୍) ଇଣ୍ଡିଆର କାର୍ଯ୍ୟ ପରିସରଗୁଡ଼ିକରେ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଏପରିକି କମ୍ପାନୀ କାର୍ଯ୍ୟ ପରିସର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ଏକ ଅଂଶ ଭାବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜାତୀୟ ପୋଷଣ ସପ୍ତାହ ପାଳନ କରାଯାଇଥିଲା।

ଜାତିସଂଘର ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସମାନ୍ତରାଳ ଭାବେ ଚଳିତ ବର୍ଷର ବିଷୟ ବସ୍ତୁ ସମସ୍ତଙ୍କ ପାଇଁ ପୁଷ୍ଟିକର ଖାଦ୍ୟକୁ ନେଇ ଏହି ସପ୍ତାହ ପାଳନ କରାଯାଇଛି,ଯାହାକି ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ବ୍ୟକ୍ତିର ପୁଷ୍ଟିକର ଆବଶ୍ୟକତା ପୂରଣ କରୁଥିବା ଖାଦ୍ୟ ଉପରେ ଗୁରୁତ୍ୱାରୋପ କରୁଛି।

ସେହିଭଳି କେନ୍ଦୁଝର ଜିଲା ଠାକୁରାଣୀ ମାଇନ୍ସ ଅନ୍ତର୍ଗତ ଡାଲକି ଗ୍ରାମର ମୁଣ୍ଡାସାହି ଅଙ୍ଗନୱାଡି କେନ୍ଦ୍ରଠାରେ ସନ୍ତୁଳିତ ଏବଂ ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୪୨ ଜଣ ମହିଳା ଓ ଶିଶୁ ଅଂଶ ଗ୍ରହଣ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଏଏମ୍ଏନ୍ଏସ୍ ଇଣ୍ଡିଆ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ଟିମ୍ର ଡ. ବରୁଣ କୁମାର ସାମଲ ଓ ଡ. ସୁବ୍ରତ ଧଳ ବିଭିନ୍ନ ପ୍ରକାର ଖାଦ୍ୟ ଓ ଏହାର ପୋଷକତତ୍ତ୍ୱ ବିଷୟରେ ବର୍ଣ୍ଣନାକରି ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଉପରେ ଏହି ଖାଦ୍ୟଗୁଡିକର ଉତ୍ତମ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ।

ଅପରପକ୍ଷରେ ଏଏମ୍ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଜଗତ୍ସିଂହପୁର ଜିଲା ଟିବି କାର୍ଯ୍ୟାଳୟ ସହଯୋଗରେ ପାରାଦୀପଠାରେ ଏକ ପୋଷଣ ଖାଦ୍ୟ ପ୍ୟାକେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯକ୍ଷ୍ମା (ଟିବି) ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ଅବସରରେ ଯକ୍ଷ୍ମା ରୋଗୀଙ୍କୁ ଚିକିତ୍ସା ସମୟରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ସହିତ ବାୟୁବାହିତ ସଂକ୍ରମଣ ନିୟନ୍ତ୍ରଣ କିଟ୍ ଯଥା ଫିନାଇଲ, ମାସ୍କ ଏବଂ ସ୍ପିଟୁନ୍ ପ୍ରଦାନ କରାଯାଇଥିଲା, ଯାହା ସଂକ୍ରମଣ ବ୍ୟାପିବାରୁ ରୋକିପାରିବ।

ଏପରିକି ଯକ୍ଷ୍ମା ରୋଗରୁ ଆରୋଗ୍ୟ ଲାଭ କରିଥିବା ନିତ୍ୟାନନ୍ଦ ବର୍ମନ ଏହି ରୋଗରେ ପୀଡ଼ିତ ଥିବା ସମୟର ବ୍ୟକ୍ତିଗତ ଅଭିଜ୍ଞତା ଏବଂ ତାଙ୍କ ଆରୋଗ୍ୟରେ ଉପଯୁକ୍ତ ପୋଷଣର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଏହା ସହିତ ଯକ୍ଷ୍ମା ରୋଗରୁ ଆରୋଗ୍ୟ ଲାଭ କରିଥିବା ତଥା କୁଜଙ୍ଗ ବ୍ଲକ୍ରେ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରୁଥିବା ଅନ୍ୟ କେତେଜଣ ବ୍ୟକ୍ତି ଏହି ରୋଗ ବିରୋଧରେ ଲଢ଼େଇରେ ସହାୟତା କରିଥିବାରୁ ଏଏମ୍ଏନ୍ଏସ୍ ଇଣ୍ଡିଆକୁ କୃତଜ୍ଞତା ଜଣାଇଥିଲେ।

ଏହି ପରିପ୍ରେକ୍ଷୀରେ ବିଜୁ ମେମୋରିଆଲ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ବସନ୍ତ କୁମାର ରାଉତ, ମେଡିକାଲ ଅଫିସର ଡା. ପ୍ରସନ୍ନ ସାମଲ, ଜିଲା ପିପିଏମ୍ ସଂଯୋଜକ ଡ. ୱାକାର ଅଲ୍ଲୀ, ପାରାଦୀପ ଟିବି କାଉନସେଲର ସୌମିତ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଯକ୍ଷ୍ମା ରୋଗର ମୁକାବିଲା ସମ୍ପର୍କରେ ଉପଯୁକ୍ତ ପୋଷକତତ୍ତ୍ୱର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଏମ୍ଏସ୍ଇଗୁଡ଼ିକୁ ସଶକ୍ତ କରାଇବ ସହଭାଗିତା

ଭୁବନେଶ୍ୱର,୧୭।୯(ଅଭୟ ଦାଶ)

ଦେଶର ଅଗ୍ରଣୀ ଅଣବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ ଓ ମାଇକ୍ରୋଫାଇନାନ୍ସ ଇନ୍ଷ୍ଟିଚ୍ୟୁଶନ (ଏନ୍ବିଏଫ୍ସି-ଏମ୍ଏଫ୍ଆଇ) ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ବ୍ରିଟିଶ ଇଣ୍ଟରନ୍ୟାଶନାଲ ଇନ୍ଭେଷ୍ଟମେଣ୍ଟ (ବିଆଇଆଇ) ଓ ଫିନ୍ରିଚ୍ ସଲ୍ୟୁଶନ୍ସ ସହ ନିକଟରେ ଏକ ସହଭାଗିତା କରାଯାଇଛି। ଏହି ରଣନୈତିକ ସହଭାଗିତା ବିଶେଷ କରି ଭାରତର ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ବା ଏମ୍ଏସ୍ଇଗୁଡିକୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ସହଭାଗିତା ନିର୍ଦ୍ଦିଷ୍ଟ ରୂପେ ଗୁରୁତ୍ୱପୂର୍ଣ୍ଣ ଅଟେ,କାରଣ ଏକ ଡେଭ୍ଲପମେଣ୍ଟ ଫାଇନାନ୍ସ ଇନ୍ଷ୍ଟିଚ୍ୟୁଶନ (ଡିଏଫ୍ଆଇ) ପ୍ରଥମ ଥର ପାଇଁ ଭାରତରେ ଏକ ଏନ୍ବିଏଫସି-ଏମ୍ଏଫ୍ଆଇକୁ କ୍ରେଡିଟ ଗ୍ୟାରେଣ୍ଟି ପ୍ରଦାନ କରିଛି। ସେହିଭଳି ବିଆଇଆଇ ଅନ୍ନପୂର୍ଣ୍ଣା ଫାଇନାନ୍ସକୁ ପ୍ରଥମ ଧରଣର କ୍ରେଡିଟ ଗ୍ୟାରେଣ୍ଟି ପ୍ରଦାନ କରିବା ପାଇଁ ପୂର୍ଣ୍ଣ ଅଧିକାର ଦେଉଥିବାବେଳେ ଫିନ୍ରିଚ୍ ସଲ୍ୟୁଶନ୍ସ ଏଥିରେ ପ୍ରମୁଖ ସକ୍ଷମକାରୀ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି କ୍ରେଡିଟ ଗ୍ୟାରେଣ୍ଟି ଅନ୍ନପୂର୍ଣ୍ଣା ଫାଇନାନ୍ସର ଲୋନ୍ ବୁକ୍ରେ ୧୦୦କୋଟି ଟଙ୍କା ବୃଦ୍ଧି କରିବ ବୋଲି ଆଶା କରାଯାଉଛି, ଯାହା ବିଶେଷ କରି ପୂର୍ବାଞ୍ଚଳ ଭାରତ ଭଳି ସୀମିତ ଆର୍ଥିକ ସେବା ଉପଲବ୍ଧ ଥିବା ଅଞ୍ଚଳଗୁଡିକରେ ୪୦୦୦ରୁ ଅଧିକ ଅଣସଂରକ୍ଷିତ ଏମ୍ଏସ୍ଇଗୁଡ଼ିକୁ ଆର୍ଥିକ ସେବା ଯୋଗାଇବା ପାଇଁ ଏହାର କ୍ଷମତାକୁ ବୃଦ୍ଧି କରିବ।

ପ୍ରଥମ ପୃଷ୍ଠାରୁ...

## ମହିଳାଙ୍କ ସାମର୍ଥ୍ୟ...

୭୦ ବର୍ଷରୁ ଅଧିକ ସମସ୍ତ ବୟସ୍କଙ୍କୁ ଆୟୁଷ୍ମାନ ଭାରତ ସୁବିଧା ମିଳିବ। ମୋଦି ଗ୍ୟାରେଣ୍ଟି ପୂରା କରି ଦେଖାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ଓଡ଼ିଶାର ସାମର୍ଥ୍ୟ ବନାଇବୁ। ୫ ବର୍ଷରେ ଓଡ଼ିଶାକୁ ନୂଆ ସୋପାନକୁ ନେବୁ। ବିଭିନ୍ନ ପ୍ରକଳ୍ପ ଯୋଗୁ ଓଡ଼ିଶାର ଯୁବକଙ୍କୁ ରୋଜଗାର ମିଳିବ। ଏନ୍ଡିଏ ସରକାରର ତୃତୀୟ ପାଳିର ଶହେ ଦିନ ପୂରଣ ହୋଇଛି। ଚାଷୀ, ମହିଳା, ଗରିବଙ୍କ ବିକାଶ ପାଇଁ ବଡ଼ ବଡ଼ ନିଷ୍ପତ୍ତି ନିଆଯାଇଛି। ଗରିବଙ୍କୁ ପକ୍କା ଘର, ଯୁବବର୍ଗଙ୍କ ପାଇଁ ପ୍ୟାକେଜ ଘୋଷଣା ହୋଇଛି। ଓଡ଼ିଶା ସହ ଅନ୍ୟ ରାଜ୍ୟରେ ୭୫ ହଜାର ମେଡିକାଲ ସିଟ୍ ଯୋଡ଼ାଯିବ। ବଜେଟରେ ଜନଜାତିଙ୍କ ପାଇଁ ଅର୍ଥରାଶି ୨ ଗୁଣା ବୃଦ୍ଧି କରାଯାଇଛି। ଖରିଫ ଫସଲ ପାଇଁ ଏମ୍ଏସ୍ପି ବୃଦ୍ଧି କରାଯାଇଛି। ୧୦୦ ଦିନ ଭିତରେ ଓଡ଼ିଶା ସମେତ ଦେଶରେ ୧୧ ଲକ୍ଷ ନୂଆ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି। ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବାସୁମତି ଚାଉଳ ରପ୍ତାନି ଉପରୁ ଶୁଳ୍କ ହ୍ରାସ କରାଯାଇଛି। ବିଭିନ୍ନ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଯାଇଛି।

ଜନ୍ମଦିନରେ ମୋଦି ନିଜ ମା'ଙ୍କୁ ମନେ ପକାଇଛନ୍ତି। ଗାଡ଼କଣରେ ଖିରି ଖାଇବା କଥା ଉଲ୍ଲେଖ କରି ସେ କହିଛନ୍ତି, ଏଠାକୁ ଆସିବା ପୂର୍ବରୁ ମୁଁ ଏକ ଆଦିବାସୀ ପରିବାରକୁ ଯାଇଥିଲି। ଆବାସ ଗୃହ ପ୍ରବେଶ କରାଇବାକୁ ସେଠାକୁ ଯାଇଥିଲି। ସେଠାରେ ଆଦିବାସୀ ମା' ଜଣକ ମୋତେ ଖିରି ଖୁଆଇଲେ। ଖିରି ଖାଇବାବେଳେ ମୋ ମା' କଥା ମନେପଡ଼ିଲା। ମୋ ଜନ୍ମଦିନରେ ସବୁ ବର୍ଷ ମା'ଙ୍କ ନିକଟକୁ ଯାଇଥାଏ। ସେ ମୋତେ ଗୁଡ଼ ଖୁଆଇଦେଇଥାନ୍ତି। କିନ୍ତୁ ଏବେ ଆଉ ମୋ ମା' ନାହାନ୍ତି। ହେଲେ ଆଜି ଜଣେ ଆଦିବାସୀ ମା' ମୋତେ ଖିରି ଖୁଆଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ■ ୨୮୦୦ କୋଟିର ରେଳ ପ୍ରକଳ୍ପ, ୧ ହଜାର କୋଟିର ଜାତୀୟ ରାଜପଥ ପ୍ରକଳ୍ପ, ଆବାସ ପ୍ଲସ୍ ଆପ୍ର ଶୁଭାରମ୍ଭ
## ■ ଆବାସ ଯୋଜନା ହିତାଧିକାରୀଙ୍କ ସହ ଭାବ ବିନିମୟ କଲେ ପ୍ରଧାନମନ୍ତ୍ରୀ

ଏହି ଅବସରରେ ପ୍ରଧାନମନ୍ତ୍ରୀ ସୁଇଚ୍ ଟିପି ରାଜ୍ୟର ୨୫ ଲକ୍ଷ ୧୧ ଜଣ ମହିଳାଙ୍କ ଖାତାକୁ ପ୍ରଥମ କିସ୍ତି ସୁଭଦ୍ରା ସହାୟତା ରାଶି ପ୍ରଦାନ କରିଛନ୍ତି। ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହିତ ପ୍ରଧାନମନ୍ତ୍ରୀ ଅନେକ ଜନକଲ୍ୟାଣ ଯୋଜନାର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଓଡ଼ିଶାରେ ୨,୮୦୦ କୋଟି ଟଙ୍କାର ରେଳ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୪ଟି ପ୍ରକଳ୍ପ ପାଇଁ ଭିତ୍ତି ରଖିଥିବା ବେଳେ ଆଉ ୪ଟି ପ୍ରକଳ୍ପର ଉଦ୍ଘାଟନ ମଧ୍ୟ କରିଛନ୍ତି। ଉଦ୍ଘାଟିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ଲାଞ୍ଜିଗଡ଼ ରୋଡ୍-ଅମ୍ବାଦୋଳା- ଦହିକାଲୁ ତୃତୀୟ ଲାଇନ୍, ଲକ୍ଷ୍ମୀପୁର ରୋଡ୍- ସିଙ୍ଗାରାମ- ଟିକିରି ଦୋହରୀକରଣ, ବାଙ୍ଗୁରକେଲା- ନୂଆଗାଁ ଦୋହରୀକରଣ ଏବଂ ଢେଙ୍କାନାଳ- ସଦାଶିବପୁର- ହିନ୍ଦୋଳ ରୋଡର ତୃତୀୟ ଓ ଚତୁର୍ଥ ଲାଇନ। ସେହିପରି ପାରାଦୀପ- ବଡ଼ବନ୍ଧ ତୃତୀୟ ଓ ଚତୁର୍ଥ ଲାଇନ୍, ଏମ୍ସିଆର୍ଏଲ୍ ଭିତର କରିଡର ପ୍ରଥମ ପର୍ଯ୍ୟାୟର ଦୋହରୀକରଣ, ଜୟପୁର- ନବରଙ୍ଗପୁର ନୂତନ ଲାଇନ୍ ଓ ସିଜୁ ଏବଂ ପାରାଦୀପ କୋଟିଙ୍ଗ ୟାର୍ଡ ମଧ୍ୟରେ ଫ୍ଲାଏଓଭର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହିସବୁ ପ୍ରକଳ୍ପ ଦ୍ୱାରା ଆଞ୍ଚଳିକ ଅର୍ଥନୀତିରେ ଉନ୍ନତି ଆସିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ୧,୦୦୦ କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ୧୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ପାଇଁ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ୧୫ ଲକ୍ଷ ଆବାସ ପାଇଁ ସ୍ୱୀକୃତିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଆବାସ ପ୍ଲସ ୨୦୨୪ ମୋବାଇଲ ଆପ୍ର ମଧ୍ୟ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି।

ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବା ପରେ ପ୍ରଥମେ ଗାଡ଼କଣ ଯାଇ ଆବାସ ଯୋଜନାର ହିତାଧିକାରୀମାନଙ୍କୁ ଭେଟି ସେମାନଙ୍କ ସହିତ କିଛି ସମୟ ବିତାଇଥିଲେ। ଗାଡ଼କଣସ୍ଥିତ ଶବର ସାହିରେ ସେ ଆବାସ ଯୋଜନା(ସହରୀ)ର ହିତାଧିକାରୀମାନଙ୍କୁ ବାସଗୃହର ଚାବି ହସ୍ତାନ୍ତର କରିଥିଲେ। ହିତାଧିକାରୀ ଅନ୍ତର୍ଯ୍ୟାମୀ ନାୟକଙ୍କ ନୂତନ ବାସଗୃହରେ ପ୍ରଧାନମନ୍ତ୍ରୀ କିଛି ସମୟ ବିତାଇଥିଲେ। ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ମହିଳାମାନେ ଫୁଲ ଓ ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ପୂଜାର୍ଚ୍ଚନା ମଧ୍ୟ କରିଥିଲେ ଏବଂ ଜଣେ ହିତାଧିକାରୀଙ୍କ ଠାରୁ ଖିରି ଖାଇଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ସୁଭଦ୍ରା ହିତାଧିକାରୀ କେନ୍ଦୁଝରର ଅଞ୍ଜଳି ବାରିକ, ରାୟଗଡ଼ାର ହୁଣ୍ଡାଡି ୱାଡକା, ବଲାଙ୍ଗୀରର ଅହଲ୍ୟା ବନଛୋର, ମୟୂରଭଞ୍ଜର ଭାରତୀ ମୁଣ୍ଡାଙ୍କୁ ସୁଭଦ୍ରା ଯୋଜନାର ସହାୟତା ରାଶି ପ୍ରଦାନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ସହରାଞ୍ଚଳ ପାଇଁ ଭୁବନେଶ୍ୱରର ଦୁର୍ଗାବତୀ ଭୋଇ ଓ ଶୁଭଶ୍ରୀ ମହାରଣା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ପାଇଁ କୋରାପୁଟର ବିଶ୍ୱନାଥ ପ୍ରଧାନୀ ଓ ସମ୍ବଲପୁରର ସୁରୁବାଲି କିଷାନଙ୍କୁ ଘରର ଚାବି ହସ୍ତାନ୍ତର କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀ କେବଳ ଦେଶର ନୁହନ୍ତି, ସାରା ବିଶ୍ୱର ସବୁଠାରୁ ଅଧିକ ଲୋକପ୍ରିୟ ନେତା। ଆଜିର ଏହି ସ୍ୱତନ୍ତ୍ର ଦିନରେ ଯେତେବେଳେ ସାରା ବିଶ୍ୱରୁ ପ୍ରଧାନମନ୍ତ୍ରୀଙ୍କ ପାଇଁ ଜନ୍ମଦିନର ଶୁଭେଚ୍ଛା ଆସୁଛି, ସେତେବେଳେ ସେ ଆଜି ଆମ ଗହଣରେ ଉପସ୍ଥିତ ହୋଇ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରୁଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ। ନିର୍ବାଚନ ପୂର୍ବରୁ ଆମେ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ତାକୁ ଆଜି ୧୦୦ ଦିନ ମଧ୍ୟରେ ପୂରଣ କରିଛୁ। ସୁଭଦ୍ରା ଯୋଜନା ଆମ ରାଜ୍ୟ ପାଇଁ ସବୁଠାରୁ ବଡ଼ ଜନହିତକାରୀ ଯୋଜନା ବୋଲି ସେ କହିଥିଲେ। ଆମ ସରକାର କ୍ଷମତାକୁ ଆସିବା ପୂର୍ବରୁ ମା'ମାନଙ୍କ ପାଇଁ 'ସୁଭଦ୍ରା' ଯୋଜନାର ପ୍ରତିଶ୍ରୁତି ଦେଇଥିଲେ। ଜଗନ୍ନାଥ ସଂସ୍କୃତିରେ ମା' ସୁଭଦ୍ରା ହେଉଛନ୍ତି ଶକ୍ତି ସ୍ୱରୂପିଣୀ ଓ ସମାନତାର ପ୍ରତୀକ। କଥା ଅଛି, ମା' ହେଲେ ପାଠୋଇ, ଦେଶ ଯିବ ଆଗେଇ। ଠିକ୍ ସେହିପରି ଜଣେ ମହିଳା ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ, ପରିବାରର ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ସୁଦୃଢ଼ ହୋଇଥାଏ। ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଏବଂ ଅର୍ଥନୈତିକ ପ୍ରଗତି ପାଇଁ ସୁଯୋଗ ପ୍ରଦାନ କରିବାକୁ ଓଡ଼ିଶା ସରକାର ଏହି ପ୍ରଗତିଶୀଳ ତଥା ବୈପ୍ଳବିକ ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି। ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଖୁସିର କଥା ଯେ 'ସୁଭଦ୍ରା'ର ଶୁଭାରମ୍ଭ ପାଇଁ ଭାରତର ପ୍ରଧାନମନ୍ତ୍ରୀ ଆଜି ଆମ ସହିତ ଅଛନ୍ତି। ପ୍ରଧାନମନ୍ତ୍ରୀଙ୍କର ତାଙ୍କ ମା'ଙ୍କ ପ୍ରତି ଭକ୍ତି ଓ ସମ୍ମାନକୁ ଆମେ ସମସ୍ତେ ଅନୁଭବ କରିଛେ। ତାଙ୍କ ମା' ହିଁ ଥିଲେ ଅଭିନବ 'ଉଜ୍ଜ୍ୱଳା' ଯୋଜନାର ପ୍ରେରଣା। ମା' ଙ୍କ ଦୁଃଖ, କଷ୍ଟକୁ ଅନୁଭବ କରିଥିବା ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲା ପରେ ଆରମ୍ଭ କରିଥିଲେ ଦେଶର ସମସ୍ତ ଗରିବ ମା' ମାନଙ୍କୁ ଗ୍ୟାସ୍ ଯୋଗାଇ ଦେବାର ମହତ୍ତ୍ୱାକାଂକ୍ଷୀ ଉଜ୍ଜ୍ୱଳା ଯୋଜନା। ଏହି ଯୋଜନା ବିଶ୍ୱର ଅନ୍ୟତମ ବୃହତ ଲୋକ-କଲ୍ୟାଣକାରୀ ଯୋଜନା। ଓଡ଼ିଶାରେ ପ୍ରାୟ ୫୩ ଲକ୍ଷ ୨୦ ହଜାର ମହିଳା ହିତାଧିକାରୀ ଏବଂ ଦେଶରେ ୧୦ କୋଟି ୩୫ ଲକ୍ଷ ଗରିବ ମହିଳା ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି। ଏହି ଯୋଜନାରେ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି)ମାଧ୍ୟମରେ ଓଡ଼ିଶାର ମା'ମାନଙ୍କ ବ୍ୟାଙ୍କ୍ ଖାତାକୁ ସିଧାସଳଖ ଅର୍ଥ ପ୍ରଦାନ କରାଯିବ, ଯାହାକୁ ସେମାନେ ନିଜ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରିପାରିବେ। ଏହି ଅର୍ଥକୁ ସେମାନେ କ୍ଷୁଦ୍ର ବ୍ୟବସାୟ, ଘରୋଇ ଉଦ୍ୟୋଗ ତଥା ପିଲାଙ୍କ ଶିକ୍ଷା ପାଇଁ ବିନିଯୋଗ କରିପାରିବେ। ଏହି ଯୋଜନା ପ୍ରତି ମା'ମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳୁଛି। ସୁଭଦ୍ରା ଯୋଜନା ମା' ମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ସାହାଯ୍ୟ କରିବ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମରେ ଆରମ୍ଭ ହୋଇଥିବା 'ସ୍ୱଚ୍ଛ ଭାରତ ମିଶନ' ଚଳିତ ବର୍ଷ ଏକ ଦଶନ୍ଧି ପୂରଣ କରୁଛି। ଏହି ଅବସରରେ ସାରା ଦେଶରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ କାର୍ଯ୍ୟକାରୀ କରାଯାଉଛି। ଏହା ୧୫ ଦିନ ପାଇଁ ଚାଲିବ। ଏହି ଅଭିଯାନରେ ନିଜକୁ ସାମିଲ କରି ଓଡ଼ିଶାକୁ ସାରା ଦେଶରେ ଏକ ନମ୍ବର କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶାକୁ ଭାରତର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାର ଲକ୍ଷ୍ୟ ପୂରଣ ଦିଗରେ ଏହି ଯୋଜନା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ରାଜ୍ୟରେ ହେଉଥିବା ବିକାଶ କାମ ପ୍ରମାଣିତ କରୁଛି ଯେ, ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ବିକାଶର ଗତି କ୍ଷିପ୍ର ହେଉଛି। ୨୦୩୬ରେ ଯେତେବେଳେ ସ୍ୱତନ୍ତ୍ର ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ପାଳନ ହେବ, ସେତେବେଳେ ଆମର ଜିଏସ୍ଡିପି ୫୦୦ ବିଲିୟନ ଡଲାରରେ ପହଞ୍ଚିବ ଏବଂ ୨୦୪୭ ମସିହାରେ ଏହା ୧.୫ ଟ୍ରିଲିଅନ ଡଲାରରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟରେ ଆଜି ସୁଦ୍ଧା ସୁଭଦ୍ରା ଯୋଜନାରେ ୭୨ଲକ୍ଷ ମହିଳା ପଞ୍ଜୀକୃତ ହେଲେଣି। ଓଡ଼ିଶାର ମହିଳାମାନଙ୍କ ବିକାଶ ପାଇଁ ସୁଭଦ୍ରା ହେଉଛି ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି। ବିକଶିତ ଓଡ଼ିଶାର ମୂଳପିଣ୍ଡ ସୁଭଦ୍ରା ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଏବଂ ଅନେକ ଏମ୍ପି, ବିଧାୟକ ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଆଦ୍ୟା ଅସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହିଳା, ପୁରୁଷଙ୍କ ପୁରସ୍କାର ରାଶି ସମାନ

**ଦୁବାଇ, ୧୭।୯ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଙ୍ଗଳବାର ଏକ ଐତିହାସିକ ନିଷ୍ପତ୍ତି ନେଇଛି। ବିଶ୍ୱକପ୍ ଲାଗି ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ଲାଗି ସମାନ ପୁରସ୍କାର ରାଶି ଘୋଷଣା କରିଛି। ଆସନ୍ତା ମାସରେ ହେବାକୁଥିବା ମହିଳା ଟି୨୦ ବିଶ୍ୱକପ୍‌ରେ ଏହା ଲାଗୁ କରାଯିବ। ପୁରସ୍କାର ରାଶିରେ ୨୨୫ ପ୍ରତିଶତ ବୃଦ୍ଧି କରାଯାଇଛି, ଅର୍ଥାତ ମୋଟ ପୁରସ୍କାର ରାଶି ୭.୯୫ ଆମେରିକୀୟ ଡଲାରକୁ ବୃଦ୍ଧି କରାଯାଇଛି। ଏଣିକି ଟି୨୦ ବିଶ୍ୱକପ୍ ବିଜେତା ମହିଳା ଦଳ ପାଣ୍ଠିର ସିଂହଭାଗ ୨.୩୪ ନିୟୁତ ଡଲାର ପାଇବ। ୨୦୨୩ରେ ଦକ୍ଷିଣ ଆଫ୍ରିକାରେ ବିଜେତା ଅଷ୍ଟ୍ରେଲିଆ ମହିଳା ଦଳ ୧ ନିୟୁତ ଆମେରିକୀୟ ଡଲାର ପାଇଥିଲା। ତା'ଠାରୁ ଏହା ୧୩୪ ପ୍ରତିଶତ ଅଧିକ ବୋଲି ଆଇସିସି କହିଛି। ଚଳିତବର୍ଷ ପୁରୁଷ ଟି୨୦ ବିଶ୍ୱକପ୍ ବିଜେତା ଭାରତୀୟ ପୁରୁଷ ଦଳ ୨.୪୫ ଆମେରିକୀୟ ଡଲାର ପାଇଥିଲା। ଆଇସିସି ମହିଳା ଟି୨୦ ବିଶ୍ୱକପ୍ ୨୦୨୪ ହେବ ଆଇସିସିର ପ୍ରଥମ ଇଭେଣ୍ଟ, ଯେଉଁଥିରେ ମହିଳାମାନେ ପୁରୁଷଙ୍କ ସହ ସମାନ ପୁରସ୍କାର ପାଇବେ। ଖେଳର ଇତିହାସରେ ଏହା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ବୋଲି ଆଇସିସି କହିଛି। ଆସନ୍ତା ମାସରେ ହେବାକୁଥିବା ଇଭେଣ୍ଟରେ ରନରଅପ୍ ଦଳ ୧.୧୭ ନିୟୁତ ଡଲାର ପାଇବ। ଘରୋଇ ମାଟି ନ୍ୟୁଲାଣ୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଫାଇନାଲରେ ପ୍ରବେଶ କରି ଦକ୍ଷିଣ ଆଫ୍ରିକାରେ ୫୦୦,୦୦୦ ଡଲାର ପୁରସ୍କାର ପାଇଥିଲା। ସେ ତୁଳନାରେ ଏହା ୧୩୪ ପ୍ରତିଶତ ଅଧିକ। ଏଥର ଦୁଇ ପରାଜିତ ସେମିଫାଇନାଲିଷ୍ଟ ୬୭୫,୦୦୦ ଡଲାର (୨୦୨୩ରେ ୨୧୦,୦୦୦ ଡଲାର) ଲେଖାଏଁ ପାଇବେ। ଇଭେଣ୍ଟର ମୋଟ ପୁରସ୍କାର ରାଶି ୭.୯୫୮,୦୮୦ ଆମେରିକୀୟ ଡଲାର କରାଯାଇଛି। ଅର୍ଥାତ ଗତବର୍ଷର ମୋଟ ପୁରସ୍କାର ରାଶି ୨.୪୫ ନିୟୁତ ଡଲାର ତୁଳନାରେ୨୨୫ ପ୍ରତିଶତ ଅଧିକ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତିଟି ବିଜୟରେ ଦଳ ୩୧, ୧୫୪ ଡଲାର ଲେଖାଏଁ ପାଇବେ। ସେମିଫାଇନାଲ ପ୍ରବେଶ କରି ପାରି ନ ଥିବା ଦଳଗୁଡ଼ିକ ଗ୍ରୁପ୍‌ରେ ସେମାନଙ୍କ ପୋଜିଶନ ଅନୁସାରେ ୧.୩୫ ନିୟୁତ ଡଲାରକୁ ବାଣ୍ଟିକରି ନେବେ। ସେମାନଙ୍କ ଗ୍ରୁପ୍‌ରେ ତୃତୀୟ କିମ୍ବା ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ପ୍ରତ୍ୟେକ ୨୭୦,୦୦୦ ଡଲାର ଲେଖାଏଁ ପାଇବେ। ସେହିପରି ଉଭୟ ଗ୍ରୁପ୍‌ରେ ୫ମ ସ୍ଥାନ ଅଧିକାର କରିଥିବା ଦଳ ୧୩୫,୦୦୦ ଲେଖାଏଁ ପାଇବେ। ଟୁର୍ନାମେଣ୍ଟର ୯ମ ସଂସ୍କରଣ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁଇଟି ଭେନ୍ୟୁ ଦୁବାଇ ଓ ଶାରଜାଠାରେ ଅକ୍ଟୋବର ୩ରୁ ୨୦ ପର୍ଯ୍ୟନ୍ତ ହେବ। ଅକ୍ଟୋବର ୧୫ ପୂର୍ବରୁ ସମସ୍ତ ଗ୍ରୁପ୍ ମ୍ୟାଚ ଶେଷ ହେବ। ସେମିଫାଇନାଲ ଅକ୍ଟୋବର ୧୭ ଓ ୧୮ରେ ଏବଂ ଫାଇନାଲ ଅକ୍ଟୋବର ୨୦ରେ ଖେଳାଯିବ।




## ଟି୨୦ ବିଶ୍ୱକପ୍

# କରାଚୀରେ ଆଇସିସି ପ୍ରତିନିଧି ଦଳ

**କରାଚୀ, ୧୭।୯ (ପି.ଟି.)**

ଆସନ୍ତା ବର୍ଷ ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ହେବ। ଦେଶର ସାମ୍ପ୍ରତିକ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଏକ ୫ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର କରାଚୀରେ ପହଞ୍ଚିଛି। ପ୍ରତିନିଧି ଦଳରେ ଆଇସିସିର ଇଭେଣ୍ଟ ଓ ସୁରକ୍ଷା ବିଭାଗ ଏବଂ ଜେନେରାଲ କ୍ରିକେଟ ଓ ପ୍ରଡକ୍ସନ ମ୍ୟାନେଜରର ଟପ୍ ଅଫିସିଆଲ ରହିଛନ୍ତି। ଆଇସିସିର ପିଚ୍ ପରାମର୍ଶଦାତା ଆଣ୍ଡି ଆଟ୍‌କିନ୍‌ସନ ଏପ୍ରିଲ ପରଠାରୁ ୩ଥର ଭିନ୍ନ ଭିନ୍ନ ସମୟରେ ପାକିସ୍ତାନ ପରିଦର୍ଶନରେ ଆସିଛନ୍ତି। ଖବର ଅନୁସାରେ କିଛିମାସ ପୂର୍ବେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦ୍ୱାରା ପ୍ରସ୍ତୁତ କରାଯାଇ ପଠାଯାଇଥିବା ଟୁର୍ନାମେଣ୍ଟର କାର୍ଯ୍ୟସୂଚୀକୁ ନେଇ ଆଲୋଚନା କରିବାକୁ ଆଇସିସି ପ୍ରତିନିଧି ଦଳ ଆସିଛି। ଟୁର୍ନାମେଣ୍ଟରେ ଭାରତର ସମସ୍ତ ମ୍ୟାଚ ଲାହୋରରେ ଅୟୋଜନ କରିବା ଲାଗି ବ୍ୟବସ୍ଥା କରିଥିଲା। କିନ୍ତୁ ଭାରତ ସରକାର ଭାରତୀୟ ଦଳକୁ ପାକିସ୍ତାନ ଯିବା ଲାଗି ଅନୁମତି ଦେବ ନାହିଁ। ଏପରି ସ୍ଥଳେ ବିକଳ୍ପ ବ୍ୟବସ୍ଥାକୁ ନେଇ ଆଲୋଚନା ହେବ। ପ୍ରତିନିଧି ଦଳ ଇସ୍‌ଲାମାବାଦ ଓ ଲାହୋର ଗସ୍ତ କରିବା ପୂର୍ବରୁ ଆହୁରି ମଧ୍ୟ କରାଚୀରେ ନିର୍ମାଣ କାର୍ଯ୍ୟ ଏବଂ ହୋଟେଲ ବ୍ୟବସ୍ଥା ବୁଲି କରି ଦେଖିବ। ପ୍ରତିନିଧି ଦଳରେ ଆଇସିସି ସିକ୍ୟୁରିଟି ମ୍ୟାନେଜର ରହିଛନ୍ତି। ସେ ପାକିସ୍ତାନ ସିକ୍ୟୁରିଟି ଅଫିସିଆଲଙ୍କ ସହ ଆଲୋଚନା କରିବେ। ଖବର ଅନୁସାରେ ଆଇସିସି ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଚୂଡ଼ାନ୍ତ କରିବ।

## ସୁରକ୍ଷା ବ୍ୟବସ୍ଥା ସମୀକ୍ଷା


## ଷଷ୍ଠ ଜନ୍ମ ଦିବସ ଶୁଭେଚ୍ଛା



### ଆଦ୍ୟା ଅସ୍ମିତା ସାହୁ

ଆଜି ଆଦ୍ୟାର ଷଷ୍ଠ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଆଦ୍ୟାକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏବଂ ଚଳାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ ଏତିକି ହିଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୁଭେଚ୍ଛା ସହ- ହର୍ଷିତା, ହଂସିତା, ପାପା, ମାମା, ଅଜା, ଆଈ, ଜେଜେବାପା, ଜେଜେମାଆ, ମାମୁ, ମାଇଁ, ଲକିମାମୁ, ବିକିମାମୁ, ତଳଆଇ ଓ ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ ।

ଧ-୧୩୭୨


# ହକି ଷ୍ଟାର୍ସ ପୁରସ୍କାର ଦୌଡ଼ରେ ହରମନ୍‌ପ୍ରୀତ୍, ଶ୍ରୀଜେଶ୍

**ଲାଉସାନେ, ୧୭।୯ (ପି.ଟି.):** ଭାରତୀୟ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ୍ ସିଂ ଓ ପୂର୍ବତନ ଗୋଲ୍‌କିପର ପି.ଆର. ଶ୍ରୀଜେଶ ହକି ଷ୍ଟାର୍ସ ପୁରସ୍କାର ଦୌଡରେ ସାମିଲ ହୋଇଛନ୍ତି। ମଙ୍ଗଳବାର ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ଶର୍ଟ ଲିଷ୍ଟ ତାଲିକା ପ୍ରକାଶ ପାଇଛି। ଉଭୟ ହରମନ୍‌ପ୍ରୀତ୍ ଓ ଶ୍ରୀଜେଶ ଭାରତକୁ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ହରମନ୍‌ପ୍ରୀତ୍ ୧୦ ଗୋଲ୍ ସହ ପ୍ୟାରିସ୍‌ରେ ସର୍ବାଧିକ ଗୋଲ୍‌ର ରେକର୍ଡ କରିଥିଲେ। ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦୌଡରେ ଥିଏରୀ ବ୍ରିଙ୍କମାନ୍ (ନେଦରଲାଣ୍ଡ୍ସ), ଜୋଏପ୍ ଡି ନୋଏଲ୍ (ନଦରଲାଣ୍ଡ୍ସ), ହାନ୍ସ ମୁଲେର (ଜର୍ମାନୀ) ଓ ଜ୍ୟାକ୍ ୱାଲେସ୍ (ଇଂଲଣ୍ଡ)ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ ହରମନପ୍ରୀତ୍। ଅନ୍ୟ ପକ୍ଷରେ ଭାରତ ପାଇଁ ଅଲିମ୍ପିକ୍ସରେ ଅନ୍ତିମ ଥର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଶ୍ରୀଜେଶ୍। ଚମତ୍କାର ଡିଫେନ୍ସର ପ୍ରଦର୍ଶନ କରିବା ସହିତ ଗ୍ରେଟ୍ ବ୍ରିଟେନ୍ ବିପକ୍ଷରେ ଭାରତକୁ ବିଜୟୀ କରିଥିଲେ ଶ୍ରୀଜେଶ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲେ ମଧ୍ୟ ପେନାଲ୍ଟି ଶୁଟ୍‌ଆଉଟରେ ବିଜୟୀ ହୋଇଥିଲା। ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଭାରତ ୨-୧ରେ ସ୍ପେନ୍‌କୁ ପରାସ୍ତ କରିଥିଲା। ଏହି ପୁରସ୍କାର ଦୌଡରେ ପିରମିନ୍ ବ୍ଲାକ୍(ନେଦରଲାଣ୍ଡ୍ସ), ଲୁଇସ୍ କାଲଜାଡୋ (ସ୍ପେନ୍), ଜିନ୍ ପଲ ଡାନେବର୍ଗ(ଜର୍ମାନୀ) ଓ ଟୋମାସ ସାଣ୍ଟିଆଗୋ (ଆର୍ଜେଣ୍ଟିନା)ଙ୍କ ସହିତ ମୁକାବିଲା କରିବେ ଶ୍ରୀଜେଶ୍।



ପି.ଆର ଶ୍ରୀଜେଶ ଓ ହରମନପ୍ରୀତ ସିଂ।


# Classified Everyday

0674-2580101, 2549949



MATRIMONIAL

## BRIDE WANTED

Publish free matrimony Ads in www.happylifehappybazar.com.Send to 9668072655. D-1339

କଟକ ଏବଂ ଜଗତପୁରରେ ନିଜର ବାସଗୃହ ଥିବା 30 ବର୍ଷର ଖଣ୍ଡାୟତ ପାତ୍ର (Law Officer) ପାଇଁ ଗ୍ରାଜୁଏଟ୍ ପାତ୍ରୀ ଆବଶ୍ୟକ। 9938520432. D-1344

## GROOM WANTED

Brahmin Bride, Age-31yrs, 5'7" MO in ICMR, Father Businessman, Mother on Job, Bomikhal Bhubaneswar. Contact: 9337826934, 9337826935. D-75568

62 ବୟସ୍କ Govt. Retd. ବିଧବା ମହିଳାଙ୍କୁ anycaste ବରପାତ୍ର ଆବଶ୍ୟକ। 7077871702. D-1331



REAL ESTATE

## SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437192512, 9937846404. D-1368

Mouza Malipada (Near Sum Hospital 2.5K.M.) ସ୍ଥିତିବାନ୍ ଗୃହୋପଯୋଗୀ ଘରବାରି ପଟ୍ଟା, Electricity, Road ଥାଇ 2200sqft. ଏରିଆ ବିକ୍ରିହେବ। Price- 2650/- per sqft. (Negotiable). Mobile-9937939683. D-75567

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-1369

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot ବିକ୍ରୟ। 6372851880. D-71076

6000sqft. land with house at Mahanadi Vihar, Cuttack. Mobile-8917242678. D-1317




Newly open Jyoti SPA positively health benefits (Expert therapist). 8458067955. D-76151

Newly open health benefits SPA special offer @ 999 Bapuji Nagar. 8018429809. D-76153

**Full body massage experience, good looking therapist @ 999 (Bhubaneswar). 9078484455.** D-1347

Newly open health benefits SPA by expert therapist. Contact-9938843929. D-76155


## LEGAL NOTICE

ପୁରୀ ମୁକାମ ସିଭିଲ୍ ଜଜ୍, ସିନିୟର ଡିଭିଜନଙ୍କ ଅଦାଲତ, ପୁରୀ
ସି.ଏସ୍.ନ୨୩୨ମ୍ବର ସନ ୨୦୨୦
(ଏଫ୍.ଡି.)
ସନ୍ତୋଷ କୁମାର ଦାସ ଓଗେର
.....ବାଦୀମାନେ
ବନାମ
ସ୍ୱଦେଶ ଦାସ ଓଗେର
....ପ୍ରତିବାଦୀମାନେ
ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର-୫, ରୁଲ୍ ୨୦ ମତେ

ଏହିକି ଯେ, ଉପରୋକ୍ତ ନମ୍ବର ମୋକଦ୍ଦମାରେ ତୁମ୍ଭେ ପ୍ରତିବାଦୀ (୪) ତୃପ୍ତି ପଟ୍ଟନାୟକ, ବ୪୫ର୍ଷ, ସ୍ୱାମୀ- ପ୍ରଶାନ୍ତ କୁମାର ପଟ୍ଟନାୟକ, ସାକିନ୍- ଲୋକନାଥ ରୋଡ୍, ସାମିଲି ଦାମୋଦର ଲେନ୍, ପୋଷ୍ଟ/ଥାନା/ଜିଲ୍ଲା- ପୁରୀ। (୫) କବିତା ମହାନ୍ତି, ବ୪୨ର୍ଷ, ସ୍ୱାମୀ- ବୀରେନ୍ଦ୍ର ମହାନ୍ତି, ସାକିନ୍- ବିମାନବନ୍ଦ୍ର ସାହି, ପୋଷ୍ଟ/ଥାନା/ଜିଲ୍ଲା- ପୁରୀ। (୬) ବବିତା ରାଉତରାୟ, ବ୪୦ର୍ଷ, ସ୍ୱାମୀ- ସନ୍ତୋଷ କୁମାର ରାଉତରାୟ, ସାକିନ୍/ପୋଷ୍ଟ- ମଦନପୁର, ଥାନା- ଯାଆଁଳା, ଜିଲ୍ଲା- ଖୋର୍ଦ୍ଧା, ବାରମ୍ବାର ଉପରୋକ୍ତ ଠିକଣାରେ ସମନ ଦିଆଗଲେ ମଧ୍ୟ ତୁମ୍ଭେମାନେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତେଣୁ ତୁମ୍ଭଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ତା 08.10.24ରିଖ ଦିବା ୧୦ ଘଣ୍ଟା ୩୦ ମିନିଟ୍ ସମୟରେ ଉପରବର୍ଣ୍ଣିତ ମୋକଦ୍ଦମାରେ ତୁମ୍ଭେମାନେ କିମ୍ବା ତୁମ୍ଭର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ତୁମ୍ଭର ପକ୍ଷ ରଖିବ। ନଚେତ୍ ମୋକଦ୍ଦମାଟି ଆଇନ ଅନୁସାରେ ବିଚାର କରାଯିବ।

ତଫସିଲ ସମ୍ପତ୍ତି

ଜିଲ୍ଲା- ପୁରୀ, ଥାନା- ପୁରୀ ଟାଉନ, ତହସିଲ- ପୁରୀ ସ.ରେ. ପୁରୀ ସଦର, ମୌଜା- ମାର୍କଣ୍ଡେଶ୍ୱର ସାହି-୧, ସ୍ଥିତିବାନ୍ ଖାତା ନ ୪୦୫ମ୍ବର, ପ୍ଲଟ୍ ନ୯୧୪ମ୍ବର, କିସମ- ଘରବାରି, ପକ୍କା ଘର, ଏରିଆ ଏ୦.୦୩୩ ଡିସିମିଲି। ଏହାର ସାବକ ମୌଜା- ଚୂଡ଼ଙ୍ଗ ସାହି, ସାବକ ଖାତା ନ୧୪୧/୧୧ମ୍ବର, ସାବକ ପ୍ଲଟ୍ ନ୨୮୨ମ୍ବର, ଏରିଆ ଏ୦.୦୮୦ଡି. ସମ୍ପନ୍ଧ ଏ୦.୦୪୦ଡି.। ଏହାର ମ୍ୟୁନିସିପାଲିଟି ହୋଲ୍‌ଡିଂ ନ୫୮୪ମ୍ବର।

ସ୍ୱା./-ସିଭିଲ୍ ଜଜ୍, ସିନିୟର ଡିଭିଜନ, ପୁରୀ
ଧ-୧୩୬୬

ଭୁବନେଶ୍ୱର ମୁକାମ, ସିଭିଲ ଜଜ୍ ସିନିୟର ଡିଭିଜନ, ଅଦାଲତ-୧, ଭୁବନେଶ୍ୱର
ସି.ଏସ୍ ନଂ.-୨୫୬/୨୦୧୭
ବନ୍ଦନା କୁମାରୀ ସ୍ୱାଇଁ
....ବାଦୀ/ଦରଖାସ୍ତକାରୀ
ବନାମ
ଗଣେଶ କୁମାର ମହାପାତ୍ର, ଓଗେର
...ପ୍ରତିବାଦୀ/ଅପରପକ୍ଷମାନେ
ନୋଟିସ
ଦେୱାନୀ କାର୍ଯ୍ୟବିଧି ଅର୍ଡର-୫, ରୁଲ୍-୨୦ ମତେ-

୧. ଗଣେଶ କୁମାର ମହାପାତ୍ର, ବୟସ ୪୮ ବର୍ଷ, ପି- ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସା- ଦୁମୁରାପୁଟ ଶାସନ, ପୋଷ୍ଟ/ଥାନା- ବାଣପୁର, ଜିଲ୍ଲା- ଖୋର୍ଦ୍ଧା, ୨. ବ୍ରହ୍ମଚାରୀ ନୀଲେଶ, ବୟସ ୩୫ ବର୍ଷ, ପି- ଭାସ୍କର ପଟ୍ଟନାୟକ, ଗ୍ରାମ/ପୋଷ୍ଟ/ଥାନା- ଉମରକୋଟ, ଜିଲ୍ଲା- ନବରଙ୍ଗପୁର, ୩. ରବୀନ୍ଦ୍ର ନାୟକ, ବୟସ ୪୪ ବର୍ଷ, ପି- ଅର୍ଜୁନ ନାୟକ, ଗ୍ରାମ- ଈଶ୍ୱରପୁର, ଥାନା- ନୀଳଗିରି, ଜିଲ୍ଲା- ବାଲେଶ୍ୱର, ୫. ସୌମ୍ୟ ରଞ୍ଜନ ସାମନ୍ତରାୟ, ବୟସ ୩୦ ବର୍ଷ, ପି- ମନୋରଞ୍ଜନ ସାମନ୍ତରାୟ, ଗ୍ରାମ- ନରସିଂହପୁର (ନାପୁଟ), ପୋଷ୍ଟ- ରେଡଙ୍ଗ, ଥାନା- ତମାଣ୍ଡୋ, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ବାଦୀ ଆପଣଙ୍କ ବିରୋଧରେ ଏକ ସ୍ୱତ୍ୱ ସାବ୍ୟସ୍ତ ଓ ଚିରସ୍ଥାୟୀ ନିଷେଧାଜ୍ଞା ମୋକଦ୍ଦମା ଆଗତ କରିଅଛନ୍ତି। ଏତଦ୍‌ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଛି କି ଧାର୍ଯ୍ୟ ତା ୦୫।୧୧।୨୦୨୪ରିଖରେ ଦିବା ୧୦ଟା ସମୟରେ ଆପଣ ସ୍ୱୟମ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଜବାବ ଦାଖଲ କରିବେ ନଚେତ୍ ମୋକଦ୍ଦମା ଏକତରଫା ବିଚାର କରାଯିବ।

ତଫସିଲ ବୃତ୍ତି- "କ"

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା- ବଡ଼ରଘୁନାଥପୁର, ଖାତା- ୨୭୦/୧୨୧୧, ପ୍ଲଟ୍- ୬୫୨/୨୦୬୧, ଏରିଆ- ଏ୦.୦୨୦ଡି ଏବଂ ଖାତା- ୨୭୦/୧୨୧୨, ପ୍ଲଟ୍- ୬୨୪/୨୦୬୨, ଏରିଆ- ଏ୦.୦୨୬ଡି., ସବ୍ ପ୍ଲଟ୍- ୫୮୮, ଶାବକ ପ୍ଲଟ୍-୬୫୨, ଖାତା- ୭୧ ଏବଂ ଖାତା- ୧୮୬ ଓ ପ୍ଲଟ୍- ୬୨୪, ଏରିଆ- ଏ୦.୦୦୫ଡି.।

ତଫସିଲ ବୃତ୍ତି- "ଖ"

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା- ବଡ଼ରଘୁନାଥପୁର, ଖାତା- ୭୧, ପ୍ଲଟ୍- ୬୫୨, ଖାତା- ୨୦୮/୧୫୦, ପ୍ଲଟ୍-୬୨୩, ଖାତା- ୨୦୮/୧୫୦, ପ୍ଲଟ୍-୬୨୧ର ନିକଟତର କିଛି ଅଂଶ।

ଅଦାଲତଙ୍କ ସହି ମୋହର କ୍ରମେ,
ଅଦ୍ୟ ତାରିଖ ୨୪।୦୮।୨୪
ସା- ବରିଷ୍ଠ ସିଭିଲ ଜଜ୍ ସିନିୟର
1st Addl. Senior Civil Judge,
Bhubaneswar, Date- 24.08.24
D-1355

ଭୁବନେଶ୍ୱର ମୁକାମ, ସିଭିଲ ଜଜ୍, ସିନିୟର ଡିଭିଜନ ଅଦାଲତ-୧, ଭୁବନେଶ୍ୱର
ସି.ଏସ୍. ନଂ.-୨୫୭/୨୦୧୭
ସସ୍ମିତା ପଣ୍ଡା
.....ବାଦୀ/ଦରଖାସ୍ତକାରୀ
ବନାମ
ଗଣେଶ କୁମାର ମହାପାତ୍ର, ଓଗେର
...ପ୍ରତିବାଦୀ/ଅପରପକ୍ଷମାନେ
ନୋଟିସ
ଦେୱାନୀ କାର୍ଯ୍ୟବିଧି ଅର୍ଡର-୫, ରୁଲ୍-୨୦ ମତେ-

୧. ଗଣେଶ କୁମାର ମହାପାତ୍ର, ବୟସ ୪୮ ବର୍ଷ, ପି- ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସା- ଦୁମୁରାପୁଟ ଶାସନ, ପୋଷ୍ଟ/ଥାନା- ବାଣପୁର, ଜିଲ୍ଲା- ଖୋର୍ଦ୍ଧା, ୨. ବ୍ରହ୍ମଚାରୀ ନୀଲେଶ, ବୟସ ୩୫ବର୍ଷ, ପି- ଭାସ୍କର ପଟ୍ଟନାୟକ, ଗ୍ରାମ/ପୋଷ୍ଟ/ଥାନା- ଉମରକୋଟ, ଜିଲ୍ଲା- ନବରଙ୍ଗପୁର। ଉପରୋକ୍ତ ବାଦୀ ଆପଣଙ୍କ ବିରୋଧରେ ଏକ ସ୍ୱତ୍ୱ ସାବ୍ୟସ୍ତ ଓ ଚିରସ୍ଥାୟୀ ନିଷେଧାଜ୍ଞା ମୋକଦ୍ଦମା ଆଗତ କରିଅଛନ୍ତି। ଏତଦ୍‌ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଛି କି ଧାର୍ଯ୍ୟ ତା ୩୦।୧୦।୨୪ରିଖରେ ଦିବା ୧୦ଟା ସମୟରେ ଆପଣ ସ୍ୱୟମ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ହାଜରହୋଇ ଜବାବ ଦାଖଲ କରିବେ ନଚେତ୍ ମୋକଦ୍ଦମା ଏକତରଫା ବିଚାର କରାଯିବ।

ତଫସିଲ ବୃତ୍ତି- "କ"

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା- ବଡ଼ରଘୁନାଥପୁର, ଖାତା- ୨୭୦/୧୩୩୭, ପ୍ଲଟ୍- ୬୫୨/୨୧୯୩, ଏରିଆ- ଏ୦.୦୩୫ଡି ଏବଂ ଖାତା- ୨୭୦/୧୩୩୬, ପ୍ଲଟ୍- ୬୫୧/୨୧୯୨, ଏରିଆ- ଏ୦.୦୦୫ଡି., ସବ୍ ପ୍ଲଟ୍-୫୭୬, ଶାବକ ପ୍ଲଟ୍-୬୫୨, ଖାତା- ୭୧ ଏବଂ ଖାତା- ୧୦୬ ଓ ପ୍ଲଟ୍-୬୫୧, ଏରିଆ ଏ୦.୦୦୫ଡି।

ତଫସିଲ ବୃତ୍ତି-"ଖ"

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା- ବଡ଼ରଘୁନାଥପୁର, ଖାତା-୭୧, ପ୍ଲଟ୍- ୬୫୨, ଖାତା- ୨୦୮/୧୫୦, ପ୍ଲଟ୍- ୬୨୩, ଖାତା- ୨୦୮/୧୫୦, ପ୍ଲଟ୍-୬୨୧ର ନିକଟତର କିଛି ଅଂଶ।

ଅଦାଲତଙ୍କ ସହି ମୋହର କ୍ରମେ
ଅଦ୍ୟ ତାରିଖ: ୨୯।୦୮।୨୪
1st Addl. Senior Civil Judge,
Bhubaneswar, Dt. 29.08.24
ଧ-୧୩୫୪

# ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷ୍ୟେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



**ସ୍ୱର୍ଗତ ସନାତନ ଦାଶ**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
•ଧରାବତରଣ - ୨୬.୦୫.୧୯୪୬ •ସ୍ୱର୍ଗାରୋହଣ - ୦୬.୦୯.୨୦୨୪

**ସ୍ୱର୍ଗତା ଉର୍ବଶୀ କୁମାରୀ ମିଶ୍ର**
ମାର୍ଥାପୁର ଶାସନ, ଢେଙ୍କାନାଳ
•ଧରାବତରଣ - ୨୦.୦୬.୧୯୫୧ •ସ୍ୱର୍ଗାରୋହଣ - ୧୫.୦୯.୨୦୨୪

ଆପଣଦ୍ୱୟଙ୍କର ଅନାବିଳସ୍ନେହ, ସମାଜସେବା କର୍ତ୍ତବ୍ୟପରାୟଣତା ତଥା ପରୋପକାରିତା ଆମମାନଙ୍କ ଜୀବନରେ ପାଥେୟ ହେଉ। ଆପଣ ସବୁଦିନ ପାଇଁ ଆମ ଗହଣରୁ ବିଦାୟ ନେଇ ମହାପ୍ରଭୁଙ୍କ ହୃଦୟରେ ଚିରକାଳ ବିଦ୍ୟମାନ ରୁହନ୍ତୁ। ଦ୍ୱାଦଶାହ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହିତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୧୩୭୧

### ଏକାଦଶାହ ଉପଲକ୍ଷେ



**୰ସୁବାସିନୀ ପଣ୍ଡା**
ସ୍ଥାନ: ବୋଇତବାଙ୍କ, ଧାରାଗଞ୍ଜ, ବାଲେଶ୍ୱର
ଆବିର୍ଭାବ-୦୮।୦୭।୧୯୫୧
ତିରୋଧାନ- ୦୮।୦୯।୨୦୨୪

॥ ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନଶୋଷୟତି ମାରୁତଃ॥

ଆପଣଙ୍କ କର୍ମମୟ ଜୀବନ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଚିରସ୍ମରଣୀୟ । ଆପଣଙ୍କ ବିୟୋଗ ପରିବାର ଓ ପ୍ରିୟଜନଙ୍କୁ ଗଭୀର ଆଘାତ ଦେଇଛି। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ସ୍ୱାମୀ- ହରିଶ୍ଚର ପଣ୍ଡା, ପୁଅ- ଗୋବିନ୍ଦ ଚନ୍ଦ୍ର, ଗିରିଶ ଚନ୍ଦ୍ର, ଶିର୍ଶାନନ୍ଦ, ଦିଅର- ଶ୍ୟାମସୁନ୍ଦର ।
ଧ-୧୩୭୦

### ଏକାଦଶ ଶ୍ରାଦ୍ଧ ଉପଲକ୍ଷେ



**ସ୍ୱର୍ଗତ ଦେବେନ୍ଦ୍ର ନାଥ ମଲ୍ଲିକ (ଜଟିଆ)**
ପୂର୍ବତନ ସରପଞ୍ଚ (ବଡ଼ କାଏମା ଗ୍ରାମ ପଞ୍ଚାୟତ)
କାଏମା, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୨୨।୦୯।୧୯୪୮
ତିରୋଧାନ: ୦୮।୦୯।୨୦୨୪

ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶ୍ରଦ୍ଧାଞ୍ଜଳି ସହ: ମଲ୍ଲିକ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୩୬୭


ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫଳଚାଷ



**ଅ**ମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲି ଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।

# କପାରେ ପତ୍ରଡିଆଁ ପୋକ ଲାଗିଲେ...



**କ**ପାରେ ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପାଚାଷ କରିଥିଲେ କୋଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।

# ଔଷଧୀୟ ଛତୁଚାଷ



ଡ. ବିକ୍ରମ କେଶରୀ ପାଣି

**ପ୍ର**କୃତିରେ ଦେଖାଯାଉଥିବା ଅନେକ ଛତୁ ଔଷଧୀୟ ଗୁଣରେ ପରିପୂର୍ଣ୍ଣ । ଏଗୁଡ଼ିକ ମଧ୍ୟରେ ଗାନୋଡର୍ମା ଛତୁ ସର୍ବାଧିକ ଲୋକପ୍ରିୟ। ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ବିଶେଷକରି ଚାଇନା, ଜାପାନ ଓ କୋରିଆରେ ପ୍ରାଚୀନ କାଳରୁ ଏହାକୁ ବିଭିନ୍ନ ରୋଗର ଉପଚାର ଓ ଉପଶମ ପାଇଁ ବ୍ୟବହାର ହୋଇ ଆସୁଛି। ଚାଇନା ଓ ଜାପାନରେ ଏହାର ଆଞ୍ଚଳିକ ନାମ ଯଥାକ୍ରମେ 'ଲିଙ୍ଝି' ଓ 'ରଷି'। ଚମତ୍କାର ଔଷଧୀୟ ଗୁଣ ପାଇଁ ଜାପାନରେ ଏହାକୁ ଅମରତ୍ୱ ପ୍ରଦାନକାରୀ ଛତୁ ଓ କୋରିଆରେ ଏହି ଛତୁକୁ ଶରୀରର ରକ୍ଷା କବଚ ପ୍ରଭୃତି ନାମରେ ଅଭିହିତ କରାଯାଏ। ପୃଥିବୀରେ ଉତ୍ପାଦିତ ହେଉଥିବା ସମୁଦାୟ ଗାନୋଡର୍ମା ଛତୁର ୭୦ ପ୍ରତିଶତ କେବଳ ଚାଇନାରୁ ହିଁ ମିଳିଥାଏ ।

ଗାନୋଡର୍ମା ଛତୁର ଔଷଧୀୟ ଗୁଣ ଖୁବ୍ ବ୍ୟାପକ । ଏଥିରେ ୨୦୦ରୁ ଅଧିକ ଔଷଧୀୟ ଗୁଣ ରହିଛି ବୋଲି ଜଣାଯାଏ । ଏହାକୁ ଖାଇବା ଦ୍ୱାରା ଆମ ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତି ବୃଦ୍ଧି ପାଇଥାଏ। ସାମ୍ପ୍ରତିକ ଜୀବନଶୈଳୀ ହେତୁ ଆମ ଶରୀରରେ ଜମି ରହୁଥିବା ବିଷାକ୍ତ ପଦାର୍ଥର ନିଷ୍କାସନ ପ୍ରକ୍ରିୟାକୁ ଏହା ତ୍ୱରାନ୍ୱିତ କରିଥାଏ। ଶରୀରର ବିଭିନ୍ନ ପ୍ରକ୍ରିୟା ସନ୍ତୁଳିତ ହୁଏ । ଫଳରେ ମନ ଓ ଶରୀରରେ ଅପୂର୍ବ ଆନନ୍ଦ ଓ ସ୍ଫୂର୍ତ୍ତି ପରିଲକ୍ଷିତ ହୁଏ । ମାନସିକ ଚାପରୁ ରକ୍ଷାପାଇବା ପାଇଁ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏହାକୁ ମହାକାଶଚାରୀଙ୍କ ଉଦ୍ଦିଷ୍ଟ ତାଲିମ କାର୍ଯ୍ୟକ୍ରମରେ ଉପଯୋଗ କରାଗଲାଣି । ରକ୍ତରେ କୋଲେଷ୍ଟରଲ, ଶର୍କରା ଓ ଚର୍ବି ହ୍ରାସ କରିବାରେ ଗାନୋଡର୍ମା ସାହାଯ୍ୟକରେ। ଏଥିରୁ ପ୍ରସ୍ତୁତ ଔଷଧ ସେବନ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣକାରୀ ଔଷଧ ତଥା ଅନ୍ୟାନ୍ୟ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ହ୍ରାସ ପାଇଥାଏ। ବୈଜ୍ଞାନିକ ଓ ଗବେଷକଙ୍କ ମତରେ ଦୁରାରୋଗ୍ୟ ବ୍ୟାଧି କ୍ୟାନ୍ସର ଓ ଏଡ୍ସର ଚିକିତ୍ସାରେ ଗାନୋଡର୍ମାକୁ ଫଳପ୍ରଦ ଭାବରେ ବ୍ୟବହାର କରାଯାଇପାରିବ। ହୃଦ୍‌ରୋଗ, ମଧୁମେହ, କାମଳ, ପାକସ୍ଥଳୀ ଓ ବୃହଦନ୍ତ୍ରର ଘା, ନପୁଂସକତା, ଶ୍ୱାସ ଓ କାଶ, ତରଳଝାଡ଼ା ବା କୋଷ୍ଠକାଠିନ୍ୟ, କାନ୍ଧ ଯନ୍ତ୍ରଣା, ଗଳଗଣ୍ଡ, ଅନିୟମିତ ଋତୁସ୍ରାବ, ରକ୍ତ ସଞ୍ଚାଳନରେ ଅସୁବିଧା, ମାନସିକ ବିଷାଦ ଓ ସ୍ନାୟୁଗତ ଦୁର୍ବଳତା, କେଶ ପତନ, ମୋଟା ରୋଗ, କାନ୍ତିହୀନ ତ୍ୱଚା, କେତେକ ପ୍ରକାର ବଂଶଗତ ରୋଗ, ନିଦ୍ରାହୀନତା ଇତ୍ୟାଦିର ଉଭୟ ନିରାକରଣ ଓ ଚିକିତ୍ସାରେ ଏହି ଔଷଧୀୟ ଛତୁକୁ ବ୍ୟବହାର କରାଯାଇପାରିବ ।

ଗାନୋଡର୍ମା ଛତୁର ଉପଯୋଗିତା, ଅପେକ୍ଷାକୃତ ଅଧିକ ଆୟ ଓ ଦ୍ରୁତ ବ୍ୟବସାୟ କାରଣକୁ ଦୃଷ୍ଟିରେ ରଖି ତଥା ଓଡ଼ିଶା ଛତୁଚାଷୀଙ୍କ ଲାଭ ବହୁଗୁଣିତ କରିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ନିର୍ଦ୍ଦେଶରେ ବିଶ୍ୱବିଦ୍ୟାଳୟ ଅଧୀନ ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପରେ ଚାଲିଛି ଗବେଷଣା। ଏଥିରୁ ଆଶାନୁରୂପ ସଫଳତା ମଧ ମିଳିଛି। ଏହି ଛତୁ ସାଧାରଣତଃ ୨୫ରୁ ୩୨ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ଚାଷ କରାଯାଏ । ଫିମ୍ପିର ବିସ୍ତାର ପାଇଁ ୨୮ ରୁ ୩୨ ଡିଗ୍ରୀ ଓ ଛତୁ ଫୁଟିବା ପାଇଁ ୨୫ ରୁ ୨୮ ଡିଗ୍ରୀ ସେଲ୍‌ସିୟସ

"ଗାନୋଡର୍ମା ଛତୁର ଉପଯୋଗିତା, ଅପେକ୍ଷାକୃତ ଅଧିକ ଆୟ ଓ ଦ୍ରୁତ ବ୍ୟବସାୟ କାରଣକୁ ଦୃଷ୍ଟିରେ ରଖି ତଥା ଓଡ଼ିଶା ଛତୁଚାଷୀଙ୍କ ଲାଭ ବହୁଗୁଣିତ କରିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ନିର୍ଦ୍ଦେଶରେ ବିଶ୍ୱବିଦ୍ୟାଳୟ ଅଧୀନ ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପରେ ଚାଲିଛି ଗବେଷଣା। ଏଥିରୁ ଆଶାନୁରୂପ ସଫଳତା ମଧ ମିଳିଛି।"



ଉତ୍ତାପ ଆବଶ୍ୟକ । ସ୍ୱଳ୍ପ ବ୍ୟୟଯୁକ୍ତ ପଲିଥିନ ନିର୍ମିତ ଘରେ ଆଂଶିକ ନିୟନ୍ତ୍ରିତ ପାଣିପାଗରେ ଏହାକୁ ସହଜରେ ଚାଷ କରାଯାଇପାରିବ । ଚାଷ ପ୍ରଣାଳୀରେ ଆବଶ୍ୟକ ପରିବର୍ତ୍ତନ କରି ଓ ତାପମାତ୍ରାକୁ ନିୟନ୍ତ୍ରଣକରି ଗାନୋଡର୍ମା ଛତୁକୁ ବର୍ଷ ସାରା ଚାଷ କରା ଯାଇପାରେ । ୧୦ ସେଣ୍ଟି ମିଟର x ୩୦ ସେଣ୍ଟି ମିଟର କିମ୍ବା ୧୬ ସେଣ୍ଟି ମିଟର x ୩୦ ସେଣ୍ଟି ମିଟର ଗୋଲାକାର ଉଚ୍ଚ ତାପ ସହଣି ପଲିପ୍ରୋପିଲିନ ବ୍ୟାଗ୍‌ରେ ଏହି ଛତୁ ଚାଷକରାଯାଏ । ପ୍ରାୟ ୪୫ରୁ ୫୦ ଦିନରେ ଛତୁ ଅମଳ ହୁଏ। ୨ ବା ୩ ପର୍ଯ୍ୟାୟରେ ଛତୁ ଅମଳ କରାଯାଏ । ଓୟୁଏଟିରେ ଚାଷ କରାଯାଉଥିବା ଗାନୋଡର୍ମାର ଜୈବିକ ଦକ୍ଷତା ପ୍ରାୟ ୨୫ ପ୍ରତିଶତ ଯାହାକି ଖୁବ୍ ସନ୍ତୋଷଜନକ। ଅନ୍ୟାନ୍ୟ ସ୍ଥାନରେ କାଠଗଣ୍ଡି ବା କରତଗୁଣ୍ଡରେ ଏହି ଛତୁ ଉତ୍ପାଦନ କରାଯାଉଥିବା ବେଳେ ଧାନ ନଡ଼ା ବ୍ୟବହାରକରି ଉତ୍ପାଦନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି ଓୟୁଏଟି କର୍ତ୍ତୃପକ୍ଷ। ବିଶୋଧିତ ଧାନ ନଡ଼ା କିମ୍ବା ନଡ଼ା ସହ କରତଗୁଣ୍ଡକୁ ସମାନ ଅନୁପାତରେ ମିଶାଇ ତାକୁ ଛତୁଚାଷର ମାଧ୍ୟମ ଭାବରେ ବ୍ୟବହାର କରାଯାଉଛି । ଏହି ଛତୁ ଟାଣ ଏବଂ ତିକ୍ତ ହୋଇଥିବାରୁ ସିଧାସଳଖ ଖାଇବା ଅପେକ୍ଷା ସେଥିରୁ ଔଷଧ ପ୍ରସ୍ତୁତି ପାଇଁ ପ୍ରାଧାନ୍ୟ ଦିଆଯାଇଥାଏ । ଅନ୍ତର୍ଜାତୀୟ ବଜାରରେ ଏହାର କାରବାର ପ୍ରାୟ ୨ ନିୟୁତ ଆମେରିକୀୟ ଡଲାରରୁ ଅଧିକ। ଭାରତରେ ଏହି ଛତୁର ବ୍ୟବସାୟ ୧୦୦ କୋଟି ଟଙ୍କାରୁ ଅଧିକ । ତଟକା ଛତୁର କିଲୋଗ୍ରାମ ପ୍ରତି ଦର ୪୦୦୦ ଟଙ୍କା ରହିଛି। ମାତ୍ର ଏହା ଶୁଖିଯିବା ପରେ ଏହାର ମୂଲ୍ୟ ବୃଦ୍ଧି ପାଇଥାଏ। ଶୁଖିଲା ଛତୁର କିଲୋ ପ୍ରତି ମୂଲ୍ୟ ପ୍ରାୟ ୨୪,୦୦୦ ଟଙ୍କାରୁ ଅଧିକ। ପାଳ ଛତୁ ତୁଳନାରେ ଏହି ଛତୁର ବଜାର ମୂଲ୍ୟ ପ୍ରାୟ ୧୦ ଗୁଣରୁ ଅଧିକ। ତେଣୁ ଏହି ଛତୁ ଓଡ଼ିଶାରେ ଚାଷ ହେଲେ ବଜାରକୁ ରପ୍ତାନିକରି ଆମ ଚାଷୀମାନେ ବେଶ୍ ଲାଭବାନ୍ ହେବେ ବୋଲି ଓୟୁଏଟି ପକ୍ଷରୁ ଆକଳନ କରାଯାଇଛି ।

ଦେଶରେ ହାତଗଣତି କେତୋଟି ସ୍ଥାନରେ ଏହି ଛତୁ ପରୀକ୍ଷାମୂଳକ ଭାବରେ ଚାଷ କରାଯାଇଛି । ଓଡ଼ିଶାରେ ପ୍ରଥମକରି ଓୟୁଏଟି ପକ୍ଷରୁ ଏହି ଛତୁର ଉତ୍ପାଦନ ଆରମ୍ଭ କରାଯାଇଛି ଓ ଛତୁଚାଷର ଅନ୍ୟାନ୍ୟ ଦିଗ ଉପରେ ଉଚ୍ଚତର ଗବେଷଣା ଅବ୍ୟାହତ ରହିଛି । ଆଗାମୀ ଦିନରେ ଏହି ଛତୁ ବ୍ୟାପକ ଭାବରେ ଚାଷ ହେବ । ରାଜ୍ୟ ସରକାର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ଅଗଣିତ ଛତୁଚାଷୀ ତଥା ଛତୁଚାଷ ସହ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମିଳିତ ସହଯୋଗ ଓ ଉଦ୍ୟମରେ ଓଡ଼ିଶାରୁ ପ୍ରଚୁର ପରିମାଣରେ ଗାନୋଡର୍ମା ଛତୁ ବିଦେଶକୁ ରପ୍ତାନି କରି ଆମ ରାଜ୍ୟ ସୁନାମ ଅର୍ଜନ କରୁ, ଏତିକି କାମନା କରାଯାଇପାରେ ।

- ମୁଖ୍ୟ ବୈଜ୍ଞାନିକ, ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପ, ଗବେଷଣା ନିର୍ଦ୍ଦେଶାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୩
ମୋ : ୯୪୩୭୬୯୭୩୬୩

## ଟମାଟୋ ତଳି ଲଗାଇବା ସମୟରେ..



**ଟ**ମାଟୋ ତଳି ଲଗାଉଥିଲେ ୧ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫-୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବରଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

## ଆଖୁରେ ରୋଗପୋକ ନିୟନ୍ତ୍ରଣ



**ଆ**ଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଏଥିରେ ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍‌ସି ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆପୋକ ଲାଗିବା ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ। ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମିପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଳିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟକରିଦିଅନ୍ତୁ ।

## ଧାନ ତଳି ବୁଢ଼ା ହୋଇଯାଇଥିଲେ ...



**ଯେ**ଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହକରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ନୂଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ତୃତୀୟ ସପ୍ତାହ ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା, ଖଣ୍ଡଗିରି, ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ ୧୩୦ଦିନିଆ କିସମ ଯଥା-ଲଲାଟ, ସୁରେନ୍ଦ୍ର ଆଦି କିସମ ସଂଗ୍ରହକରି କାଦୁଆ ତଳି ଘରାରେ ଧାନ ଗଜାକରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ଅନ୍ୟପକ୍ଷରେ ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦା ପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡ଼ିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡ଼ିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲରେ ଘାସ ଦମନ

**ମୁ**ଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛିଦିଅନ୍ତୁ କିମ୍ବା କୁଇନାଲଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ। ଜମିକୁ ନିଗିଡ଼ା ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ। ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟହୋଇଯିବ। ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।



## ଚିନାବାଦାମ ଚାଷ କରିଥିଲେ...



**ଚି**ନାବାଦାମ ଜମିରୁ ପାଣି କାଟିଦିଅନ୍ତୁ। ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ। ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ , ଯେପରିକି ମାଟି ଭଲ ଭାବରେ ଭିଜିପାରିବ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୮/୨୦୨୪ Bhubaneswar, Wednesday, September 18/ 2024

# ଜ୍ୟୋତ୍ସ୍ନା, ମୀନାଙ୍କୁ ସ୍ୱର୍ଣ୍ଣ ପଦକ

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୭।୯ (ତପନ ସ୍ୱାଇଁ)

ଫିଜିର ସୁଭାରେ ମଙ୍ଗଳବାର ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜ୍ୟୋତ୍ସ୍ନା ଶବର ଓ ମୀନା ସାନ୍ତା ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। କେବଳ ମୀନାଙ୍କୁ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ମିଳିଛି। ୟୁଥ୍ ବର୍ଗରେ ଜ୍ୟୋତ୍ସ୍ନା ସ୍ନାଚ୍‌ରେ ୫୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୬୫ ଏହିପରି ମୋଟ ୧୨୩ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିପରି ମୀନା ୟୁଥ୍ ଓ ଜୁନିୟର ବର୍ଗରେ ୨ ସ୍ୱର୍ଣ୍ଣ ଓ ସିନିୟର ବିଭାଗରେ ରୌପ୍ୟ ପଦକ ଜିତିଛନ୍ତି। ସେ ମୋଟ ୧୮୦ (ସ୍ନାଚ୍-୮୧, କ୍ଲିନ୍ ଆଣ୍ଡ ଜର୍କ-୯୯ କେଜି) କେଜି ଉତ୍ତୋଳନ କରିଛନ୍ତି। ଜ୍ୟୋତ୍ସ୍ନା ୪୦ କେଜି ଓ ମୀନା ୫୫ କେଜିରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାକୁ ମୋଟ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ମିଳିଛି। ଉଭୟ ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ଓଡ଼ିଶା ଟେନ୍‌ଭିକ୍ ଭାରୋତ୍ତୋଳନ ଏଚ୍‌ପିସିରେ ଟ୍ରେନିଂ ନେଉଛନ୍ତି ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ରେ +୨ରେ ଅଧ୍ୟୟନ କରୁଛନ୍ତି। ପ୍ରତିଯୋଗିତାରେ ୨୫ ଦେଶର ୨୧୦ ଭାରୋତ୍ତୋଳକ ଅଂଶଗ୍ରହଣ କରିଛନ୍ତି। ଏହି ସଫଳତା ପାଇଁ ଜ୍ୟୋତ୍ସ୍ନା ଓ ମୀନା କିସ୍, ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନ, ଭାରତୀୟ ଭାରୋତ୍ତୋଳନ ଫେଡେରେଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ପ୍ରତିଯୋଗିତା ପୂର୍ବରୁ ଦୁହେଁ ପଟିଆଲାସ୍ଥିତ ସାଇ ଏନଏସ୍‌ଏନ୍‌ଆଇଏସ୍ ଜାତୀୟ କ୍ୟାମ୍ପରେ ଟ୍ରେନିଂ ନେଉଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଭୟ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ପଦକ ସହ ମୀନା ସାନ୍ତା ଓ ଜ୍ୟୋତ୍ସ୍ନା ଶବର।

## ଆଣ୍ଡରସନଙ୍କ ପାଇଁ ଏମ୍‌ଏଲ୍‌ସି ଫ୍ରାଞ୍ଚାଇଜ ଆଗ୍ରହୀ

**ଲଣ୍ଡନ, ୧୭।୯ (ପି.ଟି.):** ପୂର୍ବତନ ଇଂଲଣ୍ଡ ପେସ୍ ବୋଲର ଜେମ୍ସ ଆଣ୍ଡରସନ ପ୍ରାୟ ଏକ ଦଶନ୍ଧି ପରେ ଟି୨୦ କ୍ରିକେଟ ଲିଗ୍‌କୁ ଫେରିପାରନ୍ତି। ଏକ ମେଜର ଲିଗ୍ କ୍ରିକେଟ (ଏମ୍‌ଏଲ୍‌ସି) ଟିମ୍ ୨୦୨୫ ସିଜନ ପାଇଁ ତାଙ୍କୁ ଦଳରେ ନେବାକୁ ଆଗ୍ରହ ପ୍ରକାଶ କରିଛି। ୪୨ବର୍ଷୀୟ ଆଣ୍ଡରସନ ଗତ ଜୁଲାଇରେ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୨୦୧୯ ପରଠାରୁ ସେ ହ୍ୱାଇଟ ବଲ୍ କ୍ରିକେଟ ଖେଳି ନାହାନ୍ତି। ୨୦୧୪ରେ ଲାଙ୍କାଶାୟାର ତରଫରୁ ସେ ତାଙ୍କ ଶେଷ ଟି୨୦ ମ୍ୟାଚ ନାଟୱେଷ୍ଟ ବ୍ଲାଷ୍ଟ ଫାଇନାଲ ଖେଳିଥିଲେ। ଇଂଲଣ୍ଡ ତରଫରୁ ସେ ତାଙ୍କ ଶେଷ ଟି୨୦ ମ୍ୟାଚ ୨୦୦୯ରେ ଖେଳିଥିଲେ। ଆସନ୍ତାବର୍ଷ ଆମେରିକାରେ ଏମ୍‌ଏଲ୍‌ସିର ତୃତୀୟ ସଂସ୍କରଣ ଖେଳାଯିବ। ଆଗ୍ରହୀ ଫ୍ରାଞ୍ଚାଇଜ୍ ଇଂଲଣ୍ଡର ସର୍ବକାଳୀନ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲରଙ୍କୁ ଦଳରେ ନେବା ଲାଗି ମନସ୍ଥ କରିଛନ୍ତି। ଇଂଲଣ୍ଡ ତରଫରୁ ୧୮୮ଟେଷ୍ଟ ଖେଳି ୭୦୪ ଉଇକେଟ ନେଇଥିବା ଆଣ୍ଡରସନଙ୍କୁ ଫ୍ରାଞ୍ଚାଇଜ୍ ୧୩୫,୦୦୦ ପାଉଣ୍ଡ ଦେବେ। ଆଣ୍ଡରସନ ଗତମାସରେ କହିଥିଲେ, ସେ ତାଙ୍କ କ୍ରିକେଟ କ୍ୟାରିୟର ଜାରି ରଖିବା ଲାଗି ଏବେ ସୁଦ୍ଧା ଫିଟ୍ ଅଛନ୍ତି।

## କାର୍ତ୍ତିକଙ୍କ ପ୍ରଭାବୀ ବ୍ୟାଟିଂ: ମ୍ୟାଚ ଟାଇ

ଭୁବନେଶ୍ୱର, ୧୭।୯ (ତପନ ସ୍ୱାଇଁ)

କର୍ନାଟକ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ କ୍ୟାପ୍‌ଟେନ କେ. ଥିମ୍ମାଇପ୍ପା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମହୀଶୂରର ଏସଜେସିଇ ଗ୍ରାଉଣ୍ଡରେ ମଙ୍ଗଳବାର ଶେଷ ହୋଇଥିବା ଓଡ଼ିଶା ଓ ଡିୱାଇ ପାଟିଲ କ୍ରିକେଟ ଏକାଡେମୀ ମ୍ୟାଚ ଟାଇ ରହିଛି। ୨ଟି ଲେଖାଏ ଇନିଂସରେ ଉଭୟ ଦଳ ୫୭୦ ରନ ସଂଗ୍ରହ କରିଛନ୍ତି। ଦ୍ୱିତୀୟ ଇନିଂସରେ କାର୍ତ୍ତିକ ବିଶ୍ୱାଳଙ୍କ ପ୍ରଭାବୀ ବ୍ୟାଟିଂ ଓଡ଼ିଶାର ସମ୍ମାନ ରଖିଛି। ଡିୱାଇ ପାଟିଲ କ୍ରିକେଟ ଏକାଡେମୀ ପ୍ରଥମ ଇନିଂସରେ ୨୬୨ ଓ ଦ୍ୱିତୀୟ ଇନିଂସରେ ୩୦୮ ରନ ସ୍କୋର କରିଥିଲା। ସେହିପରି ପ୍ରଥମ ଇନିଂସରେ ୨୮୩ ରନ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୮୭ ରନକରି ସମସ୍ତ ଉଇକେଟ ହରାଇଥିଲା। କାର୍ତ୍ତିକ ବିଶ୍ୱାଳ ଲଢୁଆ ବ୍ୟାଟିଂ କରି ଦଳ ପକ୍ଷରୁ ସର୍ବାଧିକ ୯୦ ରନ ସଂଗ୍ରହ କରିଥିଲେ। ଶାନ୍ତନୁ ମିଶ୍ର ୪୪ ରନ ସ୍କୋର କରିଥିଲେ। ବିପକ୍ଷ ଦଳର କର୍ଷ କୋଠାରି ଓ ଉମର ଖାଁ ୪ଟି ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ଓଡ଼ିଶାର ପ୍ରଥମ ଇନିଂସରେ ଶତକ ହାସଲ କରିଥିଲେ ସନ୍ଦିପ ପଟ୍ଟନାୟକ। ସେ ୧୫୮ ଓ ଆଶୀର୍ବାଦ ସ୍ୱାଇଁ ୫୫ ରନ କରିଥିଲେ।



କାର୍ତ୍ତିକ ବିଶ୍ୱାଳ

## ଆଇପିଏଲ୍ ରିଟେନ୍‌ସନ୍

## ଖେଳାଳି ସଂଖ୍ୟା ବଢ଼ାଇବା ପକ୍ଷରେ ରାଇନା, ରାୟୁଡୁ

**ନୂଆଦିଲ୍ଲୀ, ୧୭।୯(ପି.ଟି.):** ଇଣ୍ଡିଆନ ପ୍ରିମିୟର୍ ଲିଗ(ଆଇପିଏଲ)ରେ ରିଟେନ୍ କରା ଯାଉଥିବା ଖେଳାଳିଙ୍କ ସଂଖ୍ୟା ବୃଦ୍ଧି କରିବା ସପକ୍ଷରେ ମତ ରଖିଛନ୍ତି ପୂର୍ବତନ ଖେଳାଳି ସୁରେଶ ରାଇନା ଓ ଅମ୍ବାତି ରାୟୁଡୁ। ଆଇପିଏଲ୍ ୨୦୨୫ର ନିଲାମୀ ପୂର୍ବରୁ ଏହି ନିୟମ ଲାଗୁ କରିବା ପାଇଁ ଉଭୟ ଖେଳାଳ କହିଛନ୍ତି। ଆଇପିଏଲର ଗଭର୍ଣ୍ଣିଂ କାଉନସିଲ୍ ଏହି ମାମଲାରେ ଏଯାଏ କୌଣସି ଚୂଡାନ୍ତ ନିଷ୍ପତ୍ତି ନେଇନାହିଁ। ୨୦୨୨ରେ ପରିବର୍ତ୍ତିତ ନିୟମ ଅନୁସାରେ ମେଗା ଅକ୍ସନରେ କୌଣସି ଦଳ ଚାହିଁଲେ ୪ ଜଣ ଖେଳାଳିଙ୍କୁ ରିଟେନ୍ କରି ପାରିବ। ୩ ବର୍ଷ ସମାପ୍ତ ହୋଇଥିବା ବେଳେ କିଛି ଦଳ ରିଟେନ୍ ଖେଳାଳିଙ୍କ ସଂଖ୍ୟା ୮କୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ପ୍ରତ୍ୟେକ ଫ୍ରାଞ୍ଚାଇଜ ଖେଳାଳିଙ୍କ ଉପରେ ନିବେଶ କରିଥାନ୍ତି। ତେଣୁ ଖେଳାଳିଙ୍କୁ ରିଟେନ୍ କରିବାର ବିକଳ୍ପ ବୃଦ୍ଧି ପାଇବା ଆବଶ୍ୟକ ବୋଲି କହିଛନ୍ତି ରାୟୁଡୁ। ଅନ୍ୟ ପକ୍ଷରେ ରାୟୁଡୁଙ୍କ ସହ ସହମତି ବ୍ୟକ୍ତ କରିଛନ୍ତି ମିଷ୍ଟର ଆଇପିଏଲ ସୁରେଶ ରାଇନା। ଏହା ସହ ଭବିଷ୍ୟତକୁ ଦୃଷ୍ଟିରେ ରଖି ଶୁବମାନ ଗିଲ୍‌ଙ୍କୁ ଟି୨୦ ଦଳର ଅଧିନାୟକ କରାଯିବା ଉଚିତ ବୋଲି ରାଇନା କହିଛନ୍ତି।

## ମଧ୍ୟପ୍ରଦେଶ ଚାମ୍ପିୟନ, ଓଡ଼ିଶା ରନରଅପ୍

**ଜାତୀୟ ସବ୍ ଜୁନିୟର ବାଳିକା ଫୁଟବଲ୍**




ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୭।୯(ସରୋଜ ଜେନା)

ମଧ୍ୟପ୍ରଦେଶର ନୀମଚରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ବାଳିକା ଫୁଟବଲ୍ ଟୁର୍ନାମେଣ୍ଟରେ ଓଡ଼ିଶାକୁ ୨-୧ରେ ପରାସ୍ତ କରି ମଧ୍ୟପ୍ରଦେଶ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ମଙ୍ଗଳବାର ଡ. ରାଜେନ୍ଦ୍ର ପ୍ରସାଦ ଷ୍ଟାଡିୟମରେ ଘରୋଇ ଦଳ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ମଧ୍ୟପ୍ରଦେଶ ପକ୍ଷରୁ ସୋମିନି ଧୁରବେ(୩୩ ମିନିଟ)ରେ ଗୋଲ ଦେଇଥିବା ବେଳେ ଓଡ଼ିଶା ପକ୍ଷରୁ ୬୯ ତମ ମିନିଟରେ ଖୁଣ୍ଡୋଙ୍ଗବାମ୍ ଅମ୍ବାଳିକା ଏକମାତ୍ର ଗୋଲ ଦେଇଥିଲେ। ୧୨ ତମ ମିନିଟରେ ଓଡ଼ିଶାର ପୂଜା ଓରାମ ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ମଧ୍ୟପ୍ରଦେଶ ୨-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଅମ୍ବାଳିକାଙ୍କ ଗୋଲ ବଳରେ ବ୍ୟବଧାନ କମିଥିଲେ ମଧ ଓଏଫ୍‌ସି ବିଜୟୀ ହୋଇ ପାରି ନ ଥିଲା।

## ପିକଲ୍‌ବଲ୍ ବିଶ୍ୱକପ୍: ଭାରତରୁ ଭାଗନେବେ ୨ ଦଳ

**ନୂଆଦିଲ୍ଲୀ, ୧୭।୯ (ପି.ଟି.):** ପେରୁରେ ଅନୁଷ୍ଠିତ ପିକଲ୍‌ବଲ୍ ବିଶ୍ୱକପରେ ଭାରତରୁ ୨ ଦଳ ଭାଗ ନେବାକୁ ଯାଉଛନ୍ତି। ପେରୁର ଲିମାରେ ଅକ୍ଟୋବର ୨୨-୨୭ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ଭାରତ ଏହି ବିଶ୍ୱକପରେ ଅଂଶଗ୍ରହଣ କରିବାକୁ ଯାଉଛି। ଭାରତୀୟ ପିକଲବଲ୍ ଆସୋସିଏଶନ(ଆଇପିଏ)କୁ ଆମନ୍ତ୍ରଣ ମିଳିଥିବା ବେଳେ ଏହା ୯ ଜଣ ଖେଳାଳିଙ୍କୁ ୨ ଟି ଦଳରେ ସାମିଲ କରି ପ୍ରେରଣ କରିବ ବୋଲି ଘୋଷଣା କରିଛି। ଅହମଦାବାଦରେ ନିକଟରେ ଆଇପିଏର ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇ ଯାଇଛି। ଏହି ଚୟନ ପ୍ରକ୍ରିୟାରେ ୯ ଜଣ ଖେଳାଳିଙ୍କୁ ଚୟନ କରଯାଇଥିବା ଜଣାପଡିଛି। ଓପନ ବର୍ଗରେ ଧୀରେନ ପଟେଲ ଭାରତର ନେତୃତ୍ୱ ନେଉଥିବା ବେଳେ ଏହି ଦଳରେ ହିମାଂଶ ମେହଟା, ସୁରଜ ଦେଶାଇ, ରକ୍ଷିକା ରବି ଓ ଅଂଶୀ ସେଠୀ ଏହି ଦଳରେ ସାମିଲ ଅଛନ୍ତି। ଅନ୍ୟ ପକ୍ଷରେ ୫୦ ବର୍ଷରୁ ଅଧିକ ବୟସ ବର୍ଗରେ ନୋଜେର ଅମଲସିଡ୍ଡିୱାଲା, କିରଣ ସାଇଲାନ, ବେଲା କୋଟୱାନି ଓ ସୁଜୟ ପାରେଖ ସାମିଲ ଅଛନ୍ତି।

ପିକଲ ବଲ୍ ଟେନିସ୍ ପରି ଏକ ଖେଳ ହୋଇଥିବା ବେଳେ ଏଥିରେ ର୍‍ୟାକେଟ ପରିବର୍ତ୍ତେ ପ୍ୟାଡଲ ବ୍ୟବହାର କରାଯାଏ। ଡବଲ୍ସ ବ୍ୟାଡମିଣ୍ଟନ ସାଇଜର କୋର୍ଟରେ ଏହା ଖେଳା ଯାଉଥିବା ବେଳେ ନେଟ୍‌ର ଉଚ୍ଚତା ୩୬ ଇଞ୍ଚ ରହିଥାଏ।

## ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଲିଗ୍

ଭୁବନେଶ୍ୱର, ୧୭।୯ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍ ଅକ୍ଟୋବର ୩ୟ ସପ୍ତାହରେ ଆରମ୍ଭ ହେବ। ଭୁବନେଶ୍ୱର ଅଞ୍ଚଳର ଫୁଟବଲ କ୍ଲବ ଗୁଡ଼ିକ ଏଥିରେ ଅଂଶଗ୍ରହଣ କରିପାରିବେ। ଆଗ୍ରହୀ କ୍ଲବ ଗୁଡ଼ିକ ଚଳିତ ମାସ ୩୦ ପୂର୍ବରୁ ୧୦୦୦ ଟଙ୍କା ଏଣ୍ଟ୍ରି ଫିଁ ଦେଇ ନାମ ପଞ୍ଜୀକରଣ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ ଫୁଟବଲ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି।

## ଚମକ ସୃଷ୍ଟି ପାଇଁ କୋଣାର୍କ ସୂର୍ଯ୍ୟସ ପ୍ରସ୍ତୁତ

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

**ଓଡ଼ିଶାର ନଟରାଜ ବେହେରା ସାମିଲ**



ନୂଆଦିଲ୍ଲୀରେ ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ଅମ୍ବାତି ରାୟୁଡୁ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୭।୯ (ତପନ ସ୍ୱାଇଁ)

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ସଂସ୍କରଣ ଚଳିତ ମାସ ୨୦ ତାରିଖରୁ ଆରମ୍ଭ ହେବ। ଏଥିରେ ପ୍ରଥମଥରପାଇଁ ଯୋଗ ଦେଇଥିବା ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ 'କୋଣାର୍କ ସୂର୍ଯ୍ୟସ ଓଡ଼ିଶା' ଏହାର ପ୍ରଥମ ମ୍ୟାଚ ରାଜସ୍ଥାନର ଯୋଧପୁରରେ ମନିପାଲ ଟାଇଗର୍ସ ବିପକ୍ଷରେ ଖେଳିବ। ନିଜର ପ୍ରଥମ ପଦାର୍ପଣରେ ପ୍ରଭାବୀ ପ୍ରଦର୍ଶନ କରି ଚମକ ସୃଷ୍ଟି ପାଇଁ କୋଣାର୍କ ସୂର୍ଯ୍ୟସ ପ୍ରସ୍ତୁତ। ମଙ୍ଗଳବାର ନୂଆଦିଲ୍ଲୀର ଗ୍ରାଣ୍ଡ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲିଜେଣ୍ଡ୍ସ ଲିଗ୍-୨୦୨୪ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଅବସରରେ ଉପସ୍ଥିତ ରହି ସୂର୍ଯ୍ୟସ ଟିମ୍‌ର ପ୍ରମୁଖ ସଦସ୍ୟ ଅମ୍ବାତି ରାୟୁଡୁ ଓଡ଼ିଶା ସହ ତାଙ୍କର ସମ୍ପର୍କ ଏବଂ ଏହି ରାଜ୍ୟରେ କ୍ରିକେଟକୁ ପ୍ରୋତ୍ସାହିତ କରିବାକୁ ସେ ଆଗ୍ରହୀ ଥିବା ସମ୍ପର୍କରେ ପ୍ରକାଶ କରିଛନ୍ତି। ଓଡ଼ିଶାର ନଟରାଜ ବେହେରା ଦଳରେ ସାମିଲ ହୋଇଛନ୍ତି।

ଇରଫାନ ପଠାନଙ୍କ ନେତୃତ୍ୱରେ ଗଠିତ କୋଣାର୍କ ସୂର୍ଯ୍ୟସ ଦଳରେ ୟୁସୁଫ ପଠାନ, ବିନୟ କୁମାର, ରାଜେଶ ବିଷ୍ଣୋଇ, ଶାହବାଜ ନଦୀମ, ପ୍ରବୀଣ ଟାମ୍ବେ, ଦିବେଶ ପଠାନିଆ, କେ.ପି. ଅପନ୍ନା, ନଟରାଜ ବେହେରା, ରସ୍ ଟେଲର (ନ୍ୟୁଜିଲାଣ୍ଡ), କେଭିନ ଓ'ବ୍ରାଏନ (ଆୟର୍ଲାଣ୍ଡ), ବେନ୍ ଲାଫଲିନ (ଅଷ୍ଟ୍ରେଲିଆ), ରିଚାର୍ଡ ଲେଭି (ଦକ୍ଷିଣ ଆଫ୍ରିକା), ନଭିନ ଷ୍ଟିୱାର୍ଟ, ଫିଦେଲ ଏଡୱାର୍ଡ୍ସ (ଉଭୟେ ୱେଷ୍ଟଇଣ୍ଡିଜ) ଓ ଦିଲସାନ ମୁନାୱିରା (ଶ୍ରୀଲଙ୍କା) ପ୍ରମୁଖ ସାମିଲ ଅଛନ୍ତି। ''କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦଳରେ ସାମିଲ ହେବା ମୋ ପାଇଁ ଏକ ସମ୍ମାନ ସଦୃଶ। ଓଡ଼ିଶାରେ କ୍ରୀଡ଼ାପ୍ରତି ଆଗ୍ରହ ବଢୁଛି। ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଆମକୁ ଏହି ରାଜ୍ୟରେ କ୍ରିକେଟର ଉନ୍ନତି, ଯୁବ ପ୍ରତିଭା ମାନଙ୍କୁ ଉତ୍ସାହିତ କରିବା ଏବଂ ପରବର୍ତ୍ତୀ ପୀଢ଼ି ଖେଳାଳିଙ୍କୁ ପ୍ରେରଣା ପ୍ରଦାନ କରିବାକୁ ଏକ ଆକର୍ଷଣୀୟ ପ୍ଲାଟଫର୍ମ ପ୍ରସ୍ତୁତ କରିଛି। ଓଡ଼ିଶା ବାସୀଙ୍କ ଭଲପାଇବା ଓ ସମର୍ଥନରେ ଆମେ ପଡ଼ିଆ ଭିତରେ ଓ ବାହାରେ ପ୍ରଭାବ ପକାଇବା ନେଇ ମୋର ଆଶା ରହିଛି'' ବୋଲି ରାୟୁଡୁ ପ୍ରକାଶ କରିଛନ୍ତି। ସନ୍‌ପ୍ରିୟା ଗ୍ରୁପ୍ ଏହି ପଦକ୍ଷେପକୁ ସମର୍ଥନ କରିଥିବାରୁ ମୁଁ ଆନନ୍ଦିତ। କ୍ରୀଡ଼ା ଭିତ୍ତିଭୂମୀର ଉନ୍ନତି ଓ ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟିଲାଗି ଓଡ଼ିଶାରେ ସେମାନଙ୍କର ନିରନ୍ତର ପ୍ରୟାସ ପ୍ରଶଂସନୀୟ। ସମସ୍ତେ ମିଶି ଆମେ ଓଡ଼ିଶାରେ କ୍ରିକେଟକୁ ଆଗେଇ ନେବା ଦିଗରେ କାର୍ଯ୍ୟ କରିବୁ ବୋଲି ରାୟୁଡୁ କହିଛନ୍ତି। ସନ୍‌ପ୍ରିୟା ଗ୍ରୁପ୍‌ର ସିଓଓ ଇନାକ୍ଷୀ ପ୍ରିୟମ କହିଛନ୍ତି ଯେ, ''ଓଡ଼ିଶାର କ୍ରୀଡ଼ା ଓ ପ୍ରତିଭାର ସମୃଦ୍ଧ ଇତିହାସ ରହିଛି। ଇରଫାନ ପଠାନ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦଳର ନେତୃତ୍ୱ ନେଉଥିବାବେଳେ ଅମ୍ବାତି ରାୟୁଡୁ ଓ ଅନ୍ୟ ଦକ୍ଷ ଖେଳାଳିମାନେ ଏହି ଲିଗ୍ ମାଧ୍ୟମରେ ରାଜ୍ୟରେ କ୍ରିକେଟ ଓ କ୍ରୀଡ଼ା ଭିତ୍ତିଭୂମୀକୁ ଅଧିକ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆମେ କେବଳ କ୍ରିକେଟ ନୁହେଁ ଏକ ସୁସ୍ଥ, ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବାକୁ ଚାହୁଁଛୁ''।




ଚେନ୍ନାଇରେ ମଙ୍ଗଳବାର ଭାରତୀୟ ଦଳର ଅଭ୍ୟାସ ସେସନରେ କୁଲଦୀପ ଯାଦବ ଓ ରିଷଭ ପନ୍ତ।

## ଜାମ୍‌ସେଦ୍‌ପୁର ଏଫ୍‌ସିର ଚମତ୍କାର ବିଜୟ

ପଣଜୀ, ୧୭।୯

ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ରେ ଏଫ୍‌ସି ଗୋଆକୁ ୨-୧ରେ ପରାସ୍ତ କରିଛି ଜାମସେଦପୁର ଏଫ୍‌ସି। ଇଞ୍ଜୁରୀ ଟାଇମରେ ଜୋର୍ଡାନ ମୁରେଙ୍କ ଗୋଲ ବଳରେ ଜାମସେଦପୁର ଚମତ୍କାର ବିଜୟ ହାସଲ କରିଥିଲା। ଫତୋର୍ଦା ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଗୋଆ ପକ୍ଷରୁ ଆମାଣ୍ଡୋ ସାଦିକୁ(୪୫+୩) ମିନିଟରେ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଜାମସେଦପୁର ପକ୍ଷରୁ ଜାଭିଏର ସିଭେରିଓ(୭୪ ମିନିଟ) ଓ ଜୋର୍ଡାନ ମୁରେ (୯୦+୩ ମିନିଟରେ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏଫ୍‌ସି ଗୋଆ ସମ୍ପୂର୍ଣ୍ଣ ମ୍ୟାଚ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ୬୩ ପ୍ରତିଶତ ସମୟ ବଲ ନିୟନ୍ତ୍ରଣରେ ରଖିଥିଲା। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ସାଦିକୁ ଗୋଆକୁ ଅଗ୍ରଣୀ କରିଥିଲେ। ୭୪ ତମ ମିନିଟରେ ସିଭେରିଓ ଗୋଲଟିକୁ ପରିଶୋଧ କରିଥିଲେ। ଇଞ୍ଜୁରୀ ଟାଇମରେ ମ୍ୟାଚ୍ ଡ୍ର ଆଡକୁ ଯାଉଥିବା ବେଳେ ଜୋର୍ଡାନ ମୁରେ ଏକ ଚମତ୍କାର ଶଟ ଜରିଆରେ ଗୋଲ ସ୍କୋର କରିଥିଲେ। ଡି ବାହାରୁ ଏକ ଶକ୍ତିଶାଳୀ ଶଟ୍ ଜରିଆରେ ଗୋଆର ଡିଫେଣ୍ଡର ଓ ଗୋଲ କିପରଙ୍କୁ ପରାସ୍ତ କରି ଗୋଲ କରିଥିଲେ ଜୋର୍ଡାନ।



ବିଜୟ ପରେ ଉଲ୍ଲସିତ ଜାମ୍‌ସେଦପୁର ଏଫ୍‌ସିର ଖେଳାଳି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ